# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜୁନ୍ ୨୩/୨୦୧୯ (୨୦ ପୃଷ୍ଠା+ ଛୁଟିଦିନ) | Sambalpur, Sunday, June 23 / 2019 | ★★

୧୫ଶ ଭାଗ ୧୮୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-





**ଗୁରଜିତ୍‌ଙ୍କ ଡବଲ ଗୋଲ୍**

ଗୁରଜିତ୍ କୌର୍‌ଙ୍କ ଡବଲ ଗୋଲ ସହାୟତାରେ ଚିଲିକୁ ପରାସ୍ତ କରି ଭାରତ ମହିଳା ହକି ଅଲିମ୍ପିକ କ୍ୱାଲିଫାୟର୍ସ ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛି।

୧୯

୧୪

**'କବିର ସିଂ'ରେ ଶାହିଦ୍‌ଙ୍କୁ ବଡ଼ ସଫଳତା**

'କବିର ସିଂ' ରିଲିଜର ପ୍ରଥମ ଦିନରେ ହିଁ ୨୦କୋଟି ଅର୍ଜନ କରିଛି। ଏହାର ଅଭିନେତା ଶାହିଦ କପୁର ନିଜ କ୍ୟାରିୟରରେ ସବୁଠୁ ବଡ଼ ସଫଳତା ଅର୍ଜନ କରିପାରିଛନ୍ତି।



## ଓଡ଼ିଶାରୁ ଅଶ୍ୱିନୀ ବୈଷ୍ଣବଙ୍କ ପ୍ରାର୍ଥିତ୍ୱ

# ଅସମାହିତ ପ୍ରଶ୍ନର ସମାହାର

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

ରାଜନୀତିରେ ସବୁକିଛି ସମ୍ଭବ। ଏଠି କେହି କାହାର ଚିର ଶତ୍ରୁ କିମ୍ବା ମିତ୍ର ନୁହନ୍ତି। ରାଜ୍ୟରେ ଖାଲିଥିବା ୩ଟି ରାଜ୍ୟ ସଭା ଆସନ ପ୍ରାର୍ଥୀ ଘୋଷଣା ପରେ ଏହା ପ୍ରମାଣିତ ହୋଇଥିବା କୁହାଗଲାଣି । ସଂଖ୍ୟାଗରିଷ୍ଠ ଥାଇ ବିଜେଡି ଯେଉଁଭଳି ଭାବେ ଭାଜପା ରାଜ୍ୟ ସଭା ପ୍ରାର୍ଥୀଙ୍କୁ ସମର୍ଥନ କଲା, ତାହା ରାଜ୍ୟ ରାଜନୈତିକ ମହଲରେ ଚର୍ଚ୍ଚାର କାରଣ ହୋଇଛି। ସଦ୍ୟ ସମାପ୍ତ ନିର୍ବାଚନରେ ପରସ୍ପର ବିରୋଧରେ ସର୍ବାଧିକ ରାଜନୈତିକ ଆକ୍ରମଣ କରିଥିବା ଦୁଇ ଦଳ ନିର୍ଦ୍ଦିଷ୍ଟ ପ୍ରଶାସନିକ ଅଧିକାରୀଙ୍କୁ ରାଜ୍ୟ ସଭା ପଠାଇବା ପାଇଁ ସହମତ ହେଲେ। ଏହା ଶାସକ ବିଜେଡି ମଧ୍ୟରେ ଥିବା ନେତା, କର୍ମୀ ଓ ରାଜ୍ୟ ସଭା ଆଶାୟୀଙ୍କୁ ହତୋତ୍ସାହିତ କରିଛି। ଅନୁରୂପ ଭାବେ ଏବେ ମଧ୍ୟ ମିଶନ୍-୧୨୦ ଆସନର ଲକ୍ଷ୍ୟ ରଖୁଥିବା ଭାଜପାର ତୃଣମୂଳ କର୍ମୀଙ୍କୁ ଅଶ୍ୱିନୀଙ୍କ ପ୍ରାର୍ଥୀତ୍ୱ ଅଡୁଆରେ ପକାଇଛି। ବିଜେଡିର ୧୯ ବର୍ଷର ଶାସନକୁ ସମାଲୋଚନା କରିଆସୁଥିଲେ , ଭାଜପା ଶେଷରେ ସେହି ଦଳର ସାହାଯ୍ୟ ନେଇ ରାଜ୍ୟ ସଭା ସିଟ୍ ହାତକୁ ନେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗୋଟିଏ ଫୋନ୍ କଲ୍‌ରେ ଯଦି ଜଣେ ପୂର୍ବ ପ୍ରଶାସକକୁ ରାଜ୍ୟ ସଭା ପଠାଯାଇପାରୁଛି। ତେବେ ଦୀର୍ଘଦିନ ଧରି ବିତର୍କରେ ରହିଥିବା ସ୍ୱତନ୍ତ୍ର ରାଜ୍ୟପାହ୍ୟା, କୋଇଲା ରୟାଲ୍‌ଟି ସଂଶୋଧନ, ମହାନଦୀ ଏବଂ ପୋଲାଭରମ୍ ପ୍ରସଙ୍ଗ ସମାଧାନ ରାସ୍ତା କାହିଁକି ବାହାରି ପାରୁନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଲାଣି। ଏଭଳି ସ୍ଥଳେ ପାଟକୁରା ଓ ବିଜେପୁର ବିଧାନସଭା ରାଜନୈତିକ ଗୁରୁତ୍ୱ ହରାଇଥିବା ରାଜନୈତିକ ବିଶ୍ଲେଷକମାନେ ମତ ଦେଲେଣି, ଏସବୁ ପରେ ରାଜ୍ୟ ସଭା ପାଇଁ ମନୋନୀତ କରାଯାଇଥିବା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କ ପ୍ରାର୍ଥିତ୍ୱ ପଛରେ କର୍ପୋରେଟ ଲବି ଥିବା କୁହାଯାଉଛି।

ଅଶ୍ୱିନୀ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ରହିଥିଲେ। ହେଲେ ସେହି ପରିଚୟ ଯେ କେବଳ ତାଙ୍କୁ ରାଜ୍ୟ ସଭା ପର୍ଯ୍ୟନ୍ତ ପହଞ୍ଚାଇଦେଲା, ଏ କଥା ସାଧାରଣ ବୁଦ୍ଧିରେ ହଜମ ହେଉନାହିଁ। ପ୍ରଶାସନିକ ଅଧିକାରୀ ଭାବେ ପରିଚୟକୁ ବାଦ୍ ଦେଲା ପରେ ଅଶ୍ୱିନୀ ବୃହତ୍ କମ୍ପାନୀ ସହ ଜଡ଼ିତ ଥିବା ଆଲୋଚନା ହେଉଛି। ଏହି କମ୍ପାନୀ ଓଡ଼ିଶାରେ ଖଣି କାରବାର କରି ସର୍ବୋଚ୍ଚ ମୁନାଫା ଅର୍ଜନ କରୁଛି। ରାଜ୍ୟର ଖଣି ନୀତି କ'ଣ ହେବ, ତାହା ନିର୍ଦ୍ଧାରଣ କରୁଛି। ସେହିପରି ଚଳିତ ନିର୍ବାଚନରେ ଏହି କମ୍ପାନୀ ରାଜ୍ୟର ସବୁ ପ୍ରମୁଖ ରାଜନୈତିକ ଦଳକୁ ବୃହତ୍ ଆକାରର ଚାନ୍ଦା ପ୍ରଦାନ କରିଛି। ସାଧାରଣତଃ କୌଣସି ସରକାର କ୍ଷମତାକୁ ଆସିଲେ ଜନମଙ୍ଗଳକାରୀ ଯୋଜନା ଘୋଷଣା କରିଥାନ୍ତି, ଅଥବା ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ☞ ପୃଷ୍ଠା-୪




# ଭାରତ ବିଜୟୀ

**କୋହଲିଙ୍କ ହ୍ୟାଟ୍ରିକ ଅର୍ଦ୍ଧଶତକ**

**ସାଉଥାମ୍ପଟନ,୨୨।୬(ପି.ଟି.)**

ଆଇସିସି ବିଶ୍ୱକପ୍‌ରେ ଶନିବାର ଖେଳାଯାଇଥିବା ଆଫଗାନିସ୍ତାନ ବିପକ୍ଷ ଲୋ ସ୍କୋରିଂ ମ୍ୟାଚ୍‌ରେ ଭାରତ ସଂଘର୍ଷ କରି ୧୧ ରନରେ ବିଜୟୀ ହୋଇଛି। ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ଆଫଗାନିସ୍ତାନର ଅନ୍ତିମ ୩ଟି ଉଇକେଟ କ୍ରମାଗତ ୩ଟି ବଲ୍‌ରେ ଅକ୍ତିଆର କରି ହ୍ୟାଟ୍ରିକ ଅର୍ଜନ କରିବା ସହ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏହି ବିଜୟ ସହ ଭାରତ ୫ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ଗୋଟିଏ ବିନା ଫଳଫଳ ସହ ୯ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନକୁ ଉଠିଛି। ତେବେ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଦୁର୍ବଳ ବ୍ୟାଟିଂ କରି ଭାରତ ୫୦ ଓଭରରେ ୮ ଉଇକେଟ ହରାଇ ୨୨୪ ରନରେ ସୀମିତର ରହିଥିଲା। ଜବାବରେ ଆଫଗାନିସ୍ତାନ ୪୯.୫ ଓଭରରେ ୨୧୩ ରନ କରି ଅଲଆଉଟ ହୋଇଯାଇଥିଲା। ଭାରତ ଅଧିନାୟକ କୋହଲି ଦମ୍‌ଦାର ବ୍ୟାଟିଂ କରି ୬୩ ବଲରୁ ୫ ଚୌକା ସହ ୬୭ ରନ କରିଥିଲେ। ଏହି କ୍ରମରେ କୋହଲି ଏକ ରେକର୍ଡର ସମକକ୍ଷ ହୋଇଛନ୍ତି। ବିଶ୍ୱକପ୍‌ରେ ସେ ଦ୍ୱିତୀୟ ଭାରତୀୟ ଅଧିନାୟକ ଭାବେ କ୍ରମାଗତ ୩ଟି ଅର୍ଦ୍ଧଶତକ ହାସଲ କରି ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। କୋହଲି ଏଥିସହିତ କ୍ୟାରିୟରର ୫୨ତମ ଦିନିକିଆ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ବିଶ୍ୱକପ୍‌ର ପ୍ରଥମ ମ୍ୟାଚରେ କୋହଲି ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୮ ରନ କରିଥିଲେ। ପରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ୮୨, ପାକିସ୍ତାନ ବିପକ୍ଷରେ ୭୭ ରନ କରିଥିଲେ।

(ଅଧିକ ରିପୋର୍ଟ ଖେଳ ପୃଷ୍ଠାରେ)

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

# ୬ ଖଣି ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

**କେନ୍ଦୁଝର, ୨୨।୬ (ସ୍ୱ.ପ୍ର.)**

**ସାର୍ଟିଫିକେଟ ମାମଲାରେ ୱାରେଣ୍ଟ ଜାରି**

କେନ୍ଦୁଝର ଜିଲାରେ ବିପୁଳ ଖଣିଜ ସମ୍ପଦ ଲୁଟ କରିଥିବା ୩୧ ଖଣିର ୨୩ ଲିଜଧାରୀଙ୍କଠାରୁ ୬୩୫୦ କୋଟି ଟଙ୍କା ଜରିମାନା ଆଦାୟ ଲାଗି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାମଧ୍ୟରେ ବର୍ଷାଧିକ ସମୟ ବିତିଲାଣି। କିନ୍ତୁ ସମ୍ପୃକ୍ତ ସବୁ ଖଣି ସଂସ୍ଥାଠାରୁ ମାତ୍ର ୫୨୦ କୋଟି ଟଙ୍କା ଆଦାୟ ହୋଇଛି। ଅବଶିଷ୍ଟ ଜରିମାନା ଅର୍ଥ ପୈଠ କରି ନ ଥିବା ୩୧ ଖଣି ସଂସ୍ଥା ବିରୋଧରେ କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ୨୦୧୮ ମେ ୨୪ ତାରିଖରୁ ସାର୍ଟିଫିକେଟ ମାମଲା ଚାଲିଛି। ଶନିବାର ଏହି ମାମଲାର ଶୁଣାଣି ବେଳେ ଜରିମାନା ଦାଖଲ କରି ନ ଥିବା ୬ ଖଣି ସଂସ୍ଥାର ସମ୍ପତ୍ତି ବାଜ୍ୟାପ୍ତି ଲାଗି ୱାରେଣ୍ଟ ଜାରି କରାଯାଇଛି। ଏସବୁ ଖଣି ସଂସ୍ଥା ହେଲେ ଏସଡି ଶର୍ମା, ବିପିଏମଇ, ବାସୁଦେବ ଅଗ୍ରୱାଲ, ବି.କେ.ମହାନ୍ତି, ବି.ଡି.ପଟ୍ଟନାୟକ ଓ ନାରାୟଣୀ ଆଣ୍ଡ ସନ୍ସ। ଅନ୍ୟ ଖଣି ସଂସ୍ଥାଗୁଡ଼ିକ ଆଗାମୀ ୭ ଦିନ ମଧ୍ୟରେ ଜରିମାନା ପୈଠ ନ କଲେ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି ହେବ ବୋଲି କୋର୍ଟ ପକ୍ଷରୁ ଆଦେଶ ହୋଇଛି।

କେନ୍ଦୁଝର ଜିଲାରେ ମହା ଖଣି ଦୁର୍ନୀତି ପଦାକୁ ଆସିବା ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶାହ କମିଶନ ଏହାର ତଦନ୍ତ କରି ରିପୋର୍ଟ ଦେଇଥିଲେ। ଏହି ରିପୋର୍ଟ ଭିତ୍ତିରେ ୩୧ ଖଣି ସଂସ୍ଥାରେ ବେଆଇନ କାର୍ଯ୍ୟ ହୋଇଥିବା ଜଣାପଡ଼ିବାରୁ ସୁପ୍ରିମକୋର୍ଟ ଜରିମାନା ଆଦାୟ ଲାଗି ନିର୍ଦ୍ଦେଶ ଦେଇଥିଲେ। ଜରିମାନା ପୈଠ ନ କଲେ ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି (ଓପିଡିଆର) ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆମେରିକା- ଇରାନ ସମ୍ପର୍କ**

**ଆଜିର ମନ୍ତବ୍ୟ**

"ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାର ସୁନାମିରେ କଂଗ୍ରେସ ଛଡ଼ା କେହି ନିଜ ଅସ୍ତିତ୍ୱ ବଞ୍ଚାଇପାରିନାହାନ୍ତି।

–ସଲମାନ୍ ଖୁର୍ସିଦ୍, ବରିଷ୍ଠ କଂଗ୍ରେସ ନେତା

## ୪ର୍ଥ ଶନିବାର ସରକାରୀ ଅଫିସ ଛୁଟି

# କାର୍ଯ୍ୟ ସମୟ ଅଧଘଣ୍ଟା ବଢ଼ିଲା

**ଭୁବନେଶ୍ୱର,୨୨।୬(ବ୍ୟୁରୋ)**

ରାଜ୍ୟ ସରକାର ସରକାରୀ କର୍ମଚାରୀଙ୍କ କାର୍ଯ୍ୟ କରିବା ସମୟସୀମା ବୃଦ୍ଧି କରିଛନ୍ତି। ଏଣିକି ସମସ୍ତ କର୍ମଚାରୀ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ୩୦ ମିନିଟ୍ ଯାଏ ଅଫିସରେ ରହିବାକୁ ବାଧ୍ୟ। ମଧ୍ୟାହ୍ନଭୋଜନ ପାଇଁ ଅଧଘଣ୍ଟା ସମୟ ମିଳିବ। ଏଥିସହିତ ପ୍ରତ୍ୟେକ ମାସର ୪ର୍ଥ ଶନିବାରକୁ ସରକାରୀ ଛୁଟି ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହାକୁ ତୁରନ୍ତ ଲାଗୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶନିବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ବିଜ୍ଞପ୍ତି ଅନୁଯାୟୀ ସରକାରୀ କର୍ମଚାରୀଙ୍କ ପାଇଁ ପ୍ରତ୍ୟେକ ମାସର ଚତୁର୍ଥ ଶନିବାର ଛୁଟି ରହିବ। ଏହି ଦିବସ ଛୁଟି ରହୁଥିଲେ ମଧ୍ୟ ପ୍ରତ୍ୟେକ ବିଭାଗୀୟ ଦପ୍ତର ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ୩୦ ମିନିଟ୍ ଯାଏ ଖୋଲା ରହିବ। ଏହି ସମୟରେ ପ୍ରଶାସନିକ କାର୍ଯ୍ୟରେ ୫-ଟି (ଟେକ୍ନୋଲୋଜି, ଟିମ୍‌ୱାର୍କ, ଟ୍ରାନ୍ସପାରେନ୍ସି, ଟାଇମ୍ ଓ ଟ୍ରାନ୍ସଫରମେଶନ)କୁ କର୍ମଚାରୀମାନେ କିଭଳି ପାଳନ କରୁଛନ୍ତି ସେ ନେଇ ପ୍ରଶିକ୍ଷଣ ଶିବିର ଓ କର୍ମଶାଳା ଆୟୋଜନ କରାଯିବ। ରାଜ୍ୟର ବିକାଶ କ୍ଷେତ୍ରରେ କର୍ମଚାରୀମାନେ ଏହି କର୍ମଶାଳାରେ ନିଜର ସୁଚିନ୍ତିତ ମତାମତ ଦେଇପାରିବେ। ପ୍ରଶାସନିକ କାର୍ଯ୍ୟକୁ ଚଳଚଞ୍ଚଳ କରିବାକୁ ଏଭଳି କରାଯାଇଛି।

ସୂଚନାଯୋଗ୍ୟ ଯେ, ପୂର୍ବରୁ ସରକାରୀ କର୍ମଚାରୀଙ୍କ କାର୍ଯ୍ୟ କରିବା ସମୟ ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ମଧ୍ୟାହ୍ନଭୋଜନ ଛୁଟି ଘଣ୍ଟାଏ ରଖାଯାଇଥିଲା। ଏଥିସହିତ ପ୍ରତ୍ୟେକ ମାସର ଦ୍ୱିତୀୟ ଶନିବାର ଛୁଟି ଘୋଷଣା କରାଯାଇଥିଲା।


AIMS COLLEGE
SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission: College Code- 28085307
(JHARSUGUDA HIGHWAY)
PARDHIAPALI, SAMBALPUR
For Admission please Contact:
7873006705, 7873006725, 7978326206, 7873006711, 7381026700
E-mail: aims.sambalpur@gmail.com
website: www.aimscollegesambalpur.com



NECC NATIONAL EGG CO-ORDINATION COMMITTEE | 22.06.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 109 | 170 | 180 |
| CTC | 109 | 170 | 180 |
| DKL | 107 | 167 | 177 |
| BDK | 106 | 166 | 176 |
| BLS | 107 | 167 | 177 |
| ANG | 105 | 165 | 175 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers







"କଶ୍ମୀର ଉପତ୍ୟକାରେ ପରିସ୍ଥିତି ସୁଧୁରିଲାଣି। ହୁରିୟାତ୍ କନ୍‌ଫରେନ୍ସ ନେତା ଏବେ ସରକାରଙ୍କ ସହ ଆଲୋଚନା ଲାଗି ରାଜି ଅଛନ୍ତି।

-ସତ୍ୟପାଳ ମଲିକ
ଜମ୍ମୁ-କଶ୍ମୀର ରାଜ୍ୟପାଳ

# ଥମୁନି ଲଜ୍ଜା, ବର୍ବରତା

## ଉନ୍ନାଓରେ ନାବାଳିକାଙ୍କୁ ବଳାତ୍କାର ପରେ ଇଟାରେ ଛେଚି ହତ୍ୟା

**ଲକ୍ଷ୍ନୌ,୨୨।୬(ପି.ଟି./ ଆଇଏଏନ୍‌ଏସ୍)**

ଉତ୍ତରପ୍ରଦେଶ(ୟୁପି)ରେ ମହିଳା ବିରୋଧୀ ହିଂସା ବଢ଼ିବାରେ ଲାଗିଛି। ଉନ୍ନାଓ ଜିଲାରେ ଜଣେ ନାବାଳିକାଙ୍କୁ ବଳାତ୍କାର ପରେ ଇଟାରେ ଛେଚି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସାଫିପୁର ଥାନା ଅଞ୍ଚଳରେ ଶୁକ୍ରବାର ଘଟିଥିବା ଏହି ଘଟଣାକୁ ନେଇ ଉନ୍ନାଓ ପୁଣିଥରେ ବଦନାମ ମୁଣ୍ଡାଇଛି।

୧୧ ବର୍ଷୀୟା ଝିଅ ଶୁକ୍ରବାର ରାତିରେ ତାଙ୍କ ଘର ବାହାରେ ଶୋଇଥିଲେ। ତାଙ୍କ ବାପା ମଧ୍ୟରାତ୍ରିରେ ଉଠି ଦେଖିଲା ବେଳକୁ ଖଟରେ ଝିଅ ନ ଥିଲେ। ସେ ପାଖ ପଡ଼ିଆକୁ ଝାଡ଼ା ଯାଇଥିବେ ଭାବି ବାପା ଅପେକ୍ଷା କରିଥିଲେ। ହେଲେ ଦୀର୍ଘସମୟ ପରେ ବି ନ ଫେରିବାରୁ ବାପାଙ୍କ ମନରେ ସନ୍ଦେହ ହେଲା। ପରିବାର ସଦସ୍ୟ ଓ ପଡ଼ୋଶୀଙ୍କୁ ଜଣାଇବା ପରେ ଝିଅଙ୍କୁ ସମସ୍ତେ ଖୋଜାଖୋଜି କରିଥିଲେ। ଶେଷରେ ଏକ ବଗିଚାରେ ଝିଅଙ୍କ ଅନାବୃତ ମୃତଦେହ ପଡ଼ିଥିବା ସେମାନେ ଦେଖିବାକୁ ପାଇଲେ।



ତାଙ୍କୁ ଇଟାରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। କେବଳ ଏତିକି ନୁହେଁ, ତାଙ୍କ ଗୁପ୍ତାଙ୍ଗ ଓ ବେକରେ ଅନେକ କ୍ଷତଚିହ୍ନ ମଧ୍ୟ ଥିଲା। ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ପୋଲିସ ଏକ ବଳାତ୍କାର ମାମଲା ରୁଜୁ କରିଛି। ପୀଡ଼ିତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇ ତନାଘନା ଚଳାଇଛି ବୋଲି ଉନ୍ନାଓ ଏସ୍‌ପି ପି.ଏମ୍. ବର୍ମା ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୟୁପିରେ ଦିନକୁ ଦିନ ବଳାତ୍କାର ଘଟଣା ବଢ଼ିବାରେ ଲାଗିଛି। ୨୦୧୭ ଜୁନ୍ ୪ରେ ଉନ୍ନାଓର ଜଣେ ୧୭ ବର୍ଷୀୟା ଝିଅଙ୍କୁ ଗଣବଳାତ୍କାର କରାଯାଇଥିଲା। ଭାଜପା ବିଧାୟକ କୁଲଦୀପ ସିଂ ସେନ୍‌ଗାର, ତାଙ୍କ ଭାଇ, ୩ ପୋଲିସ କର୍ମୀ ଓ ଅନ୍ୟ ୫ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ୨୦୧୮ ଏପ୍ରିଲ ୮ରେ ନାବାଳିକା ଜଣକ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବାସଭବନ ଆଗରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ନାବାଳିକାଙ୍କ ବାପାଙ୍କୁ ହାଜତକୁ ନେଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣା ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା।

## ଟ୍ରମ୍ପ୍‌ଙ୍କ ବିରୋଧରେ ବଳାତ୍କାର ଅଭିଯୋଗ

**ୱାଶିଂଟନ,୨୨।୬**



ଇ. ଜିନ୍ କାରୋଲ ଡୋନାଲ୍ଡ ଟ୍ରମ୍ପ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ନ୍ୟୁୟର୍କର ଜଣେ ଲେଖିକା ତଥା ସ୍ତମ୍ଭକାର ବଳାତ୍କାର ଅଭିଯୋଗ ଆଣିଛନ୍ତି। ଦୁଇ ଦଶନ୍ଧି ତଳେ ଟ୍ରମ୍ପ ମାନ୍‌ହାଟାନର ଏକ ଡିପାର୍ଟମେଣ୍ଟ ଷ୍ଟୋର ଡ୍ରେସିଂ ରୁମ୍‌ରେ ତାଙ୍କୁ ବଳାତ୍କାର କରିଥିଲେ ବୋଲି ଇ. ଜିନ୍ କାରୋଲ କହିଛନ୍ତି। ଅନ୍ୟପକ୍ଷରେ ଏହାକୁ ମିଥ୍ୟା ଖବର କହି ଟ୍ରମ୍ପ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ୧୯୯୫ ଶେଷ ଭାଗ କିମ୍ବା ୧୯୯୬ ପ୍ରଥମ ଭାଗରେ ଏହି ଘଟଣା ଘଟିଥିଲା। ସେତେବେଳେ ଟ୍ରମ୍ପ୍ ରିଅଲ ଇଷ୍ଟେଟ୍ ଡେଭେଲପର ଥିଲେ। ସେ ବର୍ଗଡର୍ଫ ଗୁଡ୍‌ମ୍ୟାନ ଷ୍ଟୋରର କାନ୍ଥରେ ଲେଖିକାଙ୍କ ମୁଣ୍ଡକୁ ବାଡେଇ ଦେବା ସହ ପୋଷାକ ଖୋଲିଥିଲେ ବୋଲି କାରୋଲ ଅଭିଯୋଗ କରିଛନ୍ତି। ସେତେବେଳେ ସେ ନୀରବ ରହିଥିବାରୁ ନିଜକୁ ଦୋଷୀ ମଣୁଥିବା କହିଛନ୍ତି। ଏବେ ସେ ନିଜ କାହାଣୀ କହିବା ଦ୍ୱାରା ଅନ୍ୟ ମହିଳାମାନେ ଆଗକୁ ଆସିବାକୁ ସାହସ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

## ବିମାନ ଦୁର୍ଘଟଣାରେ ୯ ମୃତ

**ହୋନୋଲୁଲୁ,୨୨।୬**

ହାୱାଇ ନିକଟରେ ଏକ କ୍ଷୁଦ୍ର ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୯ ଜଣଙ୍କ ମୃତ୍ୟୁ ଘଟିଛି। ସ୍କାଏ ଡାଇଭିଂ ଅପରେଶନ ବେଳେ ଏହି ଦୁର୍ଘଟଣା ହୋଇଥିଲା। ଡିଲିଙ୍ଗହାମ୍ ଏୟାରଫିଲ୍ଡ ନିକଟରେ ଦୁଇ ଇଞ୍ଜିନ ବିଶିଷ୍ଟ କିଙ୍ଗ୍ ଏୟାର ବିମାନଟି ଖସିପଡି ଜଳିଯାଇଥିଲା। ସଂଘୀୟ ବିମାନ ଚଳାଚଳ ପ୍ରଶାସନ ଦୁର୍ଘଟଣାର ତଦନ୍ତ କରୁଛି।

## ପ୍ରେମୀ ଯୁଗଳଙ୍କୁ ଖୁଣ୍ଟରେ ବାନ୍ଧି ପିଟିଲେ

**ଭୋପାଳ,୨୨।୬**

ଯୁବତୀ ଧନୀ ପରିବାରର ଓ ଯୁବକ ଜଣକ ଗରିବ। ଦୁହେଁ ପରସ୍ପରକୁ ଭଲପାଇ ବାହାହେବାକୁ ଚାହାନ୍ତି। ଭିଲାଲା ଜାତିର ଏହି ପ୍ରେମୀ ଯୁଗଳଙ୍କ ସମ୍ପର୍କ ସାମ୍ନାକୁ ଆସିବା ପରେ ଉଭୟଙ୍କୁ ନିର୍ଯାତନାର ଶିକାର ହେବାକୁ ପଡ଼ିଛି। ୨୦ ବର୍ଷୀୟା ଯୁବତୀଙ୍କ ପରିବାର ଲୋକେ ତାଙ୍କ ସହ ୨୨ ବର୍ଷୀୟ ଯୁବକଙ୍କୁ ଗୋରୁଙ୍କୁ ବନ୍ଧାଯାଉଥିବା ଦୁଇଟି ଖୁଣ୍ଟରେ ବାନ୍ଧି



ମାଡ଼ ମାରି ଲହୁଲୁହାଣ କରିଦେଇଛନ୍ତି। ମଧ୍ୟପ୍ରଦେଶର ଅଲିରାଜପୁର ଜିଲା ଅମ୍ବୁଆ ଥାନା ଅଧୀନ କୁଣ୍ଡ ଗ୍ରାମରେ ଗତ ୧୬ ତାରିଖରେ ଘଟିଥିବା ଏହି କାଣ୍ଡର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୋଲିସ ନିଜଆଡ଼ୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗ୍ରାମବାସୀ ସେମାନଙ୍କ ପ୍ରେମ ସମ୍ପର୍କ ଓ ପରେ ନିର୍ଯାତନା ନେଇ ଜାଣିବା ପରେ ବିବାଦ ସମାଧାନ କରିବାକୁ ଯୁବକଙ୍କ ବାପାଙ୍କୁ ୯୦ ହଜାର ଟଙ୍କା ମାଗିଥିଲେ। ସେ ପଞ୍ଚାୟତକୁ ୪୦ ହଜାର ଟଙ୍କା ଜରିମାନା ଦେଇଛନ୍ତି। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ବଳାତ୍କାର ଅଭିଯୁକ୍ତ ଏମ୍‌ପିଙ୍କ ଆତ୍ମସମର୍ପଣ

**ବାରାଣସୀ,୨୨।୬(ପି.ଟି.):** ବଳାତ୍କାର ଅଭିଯୁକ୍ତ ବିଏସ୍‌ପିର ନବନିର୍ବାଚିତ ଏମ୍‌ପି ଅତୁଲ ରାଏ ଶନିବାର ଉତ୍ତରପ୍ରଦେଶର ବାରାଣସୀସ୍ଥିତ ଏକ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଛନ୍ତି। ଘୋସି ଏମ୍‌ପି ଅତୁଲ ଜଣେ କଲେଜ ଛାତ୍ରୀଙ୍କ ତାଙ୍କ ସ୍ତ୍ରୀଙ୍କ ସହ ଭେଟ କରାଇବା ବାହାନାରେ ଘରକୁ ନେଇ ବଳାତ୍କାର କରିଥିଲେ। ଏନେଇ



ପୀଡ଼ିତା ଛାତ୍ରୀ ମେ ୧ରେ ଅଭିଯୋଗ ଆଣିଥିଲେ। ଏହାକୁ ଅସ୍ୱୀକାର କରୁଥିବା ଅତୁଲ ମାମଲା ରୁଜୁହେବା ପରଠୁ ଫେରାର ହୋଇଯିବା ପରେ କୋର୍ଟ ତାଙ୍କୁ ପଳାତକ ଘୋଷଣା କରିଥିଲେ। ମେ ୨୭ରେ ସୁପ୍ରିମକୋର୍ଟ ତାଙ୍କୁ ଗିରଫଦାରିରୁ ସୁରକ୍ଷା ଦେବାକୁ ମନାକରିଦେଇଥିଲେ। ଅତୁଲଙ୍କ ବିରୋଧରେ ଅନ୍ୟ ୧୬ଟି ଆପରାଧିକ ମାମଲା ରହିଛି।

## ଭଉଣୀଙ୍କୁ ଗୁଳିକଲେ ସାନଭାଇ

**ଇନ୍ଦୋର,୨୨।୬(ପି.ଟି.)**

ଇନ୍ଦୋରରେ ଅନର୍‌କିଲିଂ

ମଧ୍ୟପ୍ରଦେଶର ଇନ୍ଦୋରରେ ଶନିବାର ଏକ ଅନରକିଲିଂ ଘଟଣା ସାମ୍ନାକୁ ଆସିଛି। ଅନ୍ୟ ଜାତିରେ ବିବାହ କରିଥିବା ଜଣେ ୨୧ ବର୍ଷୀୟା ଯୁବତୀଙ୍କୁ ତାଙ୍କ ସାନଭାଇ ଗୁଳିକରି ହତ୍ୟା କରିଛନ୍ତି। ବୁଲ୍‌ବୁଲ୍ ନାମ୍ନୀ ଯୁବତୀ ଜଣକ ପରିବାରର ବିରୋଧ ସତ୍ତ୍ୱେ ୬ ମାସ ତଳେ ରାଓ୍ୱଡ୍ ଗ୍ରାମର କୁଳଦୀପଙ୍କୁ ବିବାହ କରିଥିଲେ। ବିବାହ ପରେ ସେମାନେ ବୁଲବୁଲଙ୍କ ଗାଁକୁ ପ୍ରଥମଥର ପାଇଁ ଆସିଥିଲେ। ବୁଲ୍‌ବୁଲ୍‌ଙ୍କ ନାବାଳକ ଭାଇ ତାଙ୍କୁ ଗୁଳିକରି ହତ୍ୟା କରିବା ପରେ ବେଟ୍‌ମା ଥାନାରେ ଆତ୍ମସମର୍ପଣ କରିଛନ୍ତି।

## ବାଥ୍‌ରୁମ୍‌ରୁ ମିଳିଲା ଛାତ୍ରୀଙ୍କ ମୃତଦେହ

**କୋଲକାତା,୨୨।୬:** କୋଲକାତାର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନରୁ ଜଣେ ଛାତ୍ରୀଙ୍କ ମୃତଦେହ ମିଳିବା ପରେ ପଶ୍ଚିମବଙ୍ଗରେ ଚାଞ୍ଚଲ୍ୟ ଖେଳିଯାଇଛି। ରାଣୀକୁଠି ଅଞ୍ଚଳରେ ଥିବା ସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଜଣକ ଶୁକ୍ରବାର ଅପରାହ୍ନ ୧ଟା ୩୦ରେ ଶ୍ରେଣୀଗୃହରୁ ୱାଶ୍‌ରୁମ୍‌କୁ ଯାଇଥିଲେ। ଘଣ୍ଟାଏ ପରେ ସେ ନ ଫେରିବାରୁ ସ୍କୁଲର ଜଣେ ଶିକ୍ଷକ ୱାଶରୁମ୍‌ରେ ତାଙ୍କର ମୃତଦେହ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ଛାତ୍ରୀଙ୍କ ହାତ କଟାଯାଇଥିବାବେଳେ ମୁଣ୍ଡରେ ପ୍ଲାଷ୍ଟିକ୍ ଗୁଡ଼ାହୋଇଥିଲା। ମୁହଁରେ ପ୍ଲାଷ୍ଟିକ୍ ଗୁଡ଼ାଯାଇଥିବାରୁ ଅଣନିଃଶ୍ୱାସୀ ହୋଇ ତାଙ୍କର ମୃତ୍ୟୁ ଘଟିଥିବା ଯୁଗ୍ମ କମିଶନର ପୋଲିସ ମୁରଲୀଧର ଶର୍ମା ସୂଚନା ଦେଇଛନ୍ତି। ଏହାକୁ ଏକ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଥିଲେ ହେଁ ପୋଲିସ ବିଭିନ୍ନ ଦିଗକୁ ନେଇ ମୃତ୍ୟୁର କାରଣ ଖୋଜୁଛି।

## ମୁଜାଫର୍‌ପୁର: ପିଛା ଛାଡୁନି ବିବାଦ
## ହସ୍ପିଟାଲ ନିକଟରେ ମାନବ କଙ୍କାଳ

**ମୁଜାଫରପୁର,୨୨।୬**

ବିହାରର ମୁଜାଫର୍‌ପୁରସ୍ଥିତ ଶ୍ରୀକ୍ରିଷ୍ଣ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ନିକଟରୁ ଏକାଧିକ ମାନବ କଙ୍କାଳ ଉଦ୍ଧାର କରାଯାଇଛି। ଏଗୁଡ଼ିକ ନିକଟସ୍ଥ ଏକ ଜଙ୍ଗଲରେ ପଡ଼ିଥିଲା। ଏନ୍‌ସେଫାଲିଟିସ୍‌ରେ ଦେଢ଼ଶହରୁ ଊର୍ଦ୍ଧ୍ୱ ଶିଶୁ ଏଠାରେ ମୃତ୍ୟୁବରଣ କରି ଚର୍ଚ୍ଚାକୁ ଆସିଥିବାବେଳେ ଏବେ ମାନବ କଙ୍କାଳ ମିଳିବା ମୁଜାଫରପୁରକୁ ପୁଣି ବିବାଦ ଘେରକୁ ନେଇଯାଇଛି। ପୋଲିସ ଓ ହସ୍ପିଟାଲ କର୍ମକର୍ତ୍ତାଙ୍କ ସହ ତଦନ୍ତକାରୀ ଟିମ୍ ଜଙ୍ଗଲରେ ପହଞ୍ଚି କେତେକ ମରଶରୀର ଅଧାପୋଡ଼ା ଅବସ୍ଥାରେ ଉଦ୍ଧାର କରିଛନ୍ତି। ଆଉ କେତେକ କଙ୍କାଳ ବିକ୍ଷିପ୍ତ ହୋଇ ପଡ଼ିଥିଲା। ସାଧାରଣତଃ ହସ୍ପିଟାଲ ମୃତଦେହ ପାଇଲେ ନିକଟସ୍ଥ ପୋଲିସ ଷ୍ଟେଶନକୁ ଖବର ଦିଆଯାଇଥାଏ ଓ ଏହାପରେ ରିପୋର୍ଟ ଫାଇଲ୍ କରାଯାଇଥାଏ। ପୋଷ୍ଟମର୍ଟମ ପରେ ଶବଗୁଡ଼ିକୁ ହସ୍ପିଟାଲ ନିକଟରେ ଫୋପାଡ଼ିଦେବା ଘଟଣା ଆଶ୍ଚର୍ଯ୍ୟର ବିଷୟ। ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟ ୭୨ ଘଣ୍ଟା ମଧ୍ୟରେ ଶବ ନ ନେଲେ ପୋଷ୍ଟମର୍ଟମ ବିଭାଗ ଏହାକୁ ପୋଡ଼ିବା କଥା। ହେଲେ ଏଥିରେ ବ୍ୟାପକ ଅବହେଳା କରାଯାଇଥିବା କୁହାଯାଉଛି। ଏ ନେଇ ତଦନ୍ତ କରାଯିବ ବୋଲି ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଏସ.କେ ଶଶୀ କହିଛନ୍ତି।

Ranjita Institute of Hotel Management & Catering Technology
(Affiliated to NCHMCT, Noida, Ministry of Tourism, Govt. of India)
Bidyanagar, Mahura, Janla, Bhubaneswar, Odisha. Pin - 752054
NCHMCT

Career in **Hotel Management**

Ranjita Institute of Hotel Management & Catering Technology under the affiliation of **"National Council for Hotel Management & Catering Technology, Noida"**, calls for application, from the eligible candidates to get admission into 1st year of **3years B.Sc. (HHA) program** (NCHMCT & IGNOU collaborative regular classroom program) under the permissible direct recruitment quota of the institute with the following eligibility criteria.

1. Candidate must have passed 12th Exam with minimum 50% marks in aggregate, in 10+2 system from a recognised board, in any stream (Science/Arts/Commerce/Vocational)
2. English should be one of the compulsory subjects in 12th level.
3. Age should not be more than **25years** as on 1st July 2019.

Interested candidates must apply to the institute by attaching the copies of testimonials latest by ***31st July, 2019***. A merit list will be drawn by the institute on the basis of marks obtained by the candidate in 12th exam, and the admission will be offered strictly on the basis of merit list only.

**PG Diploma in Accommodation Operation & Management**
Duration: 1 ½ year; Eligibility : Graduate (Any Stream); Age : 18 to 25 year

**Diploma course in :**
Food Production, Food & Beverage Service
Front Office Operation, Housekeeping Operation
Duration: 1 ½ year; Eligibility : 12 th pass(Any Stream)

Web: www.rihmct.edu.in E-mail : admission@rihmct.edu.in YouTube : www.rihmct.tv
For Admission Information, Contact : 0674-6636555; Mob.: -91-9040 021 100/101/102/103

C. V. Raman College of Engineering
(CAMPUS : Bidyanagar, Mahura, Janla, Bhubaneswar, Odisha. Pin - 752054)
Declared Autonomous Engineering College by UGC u/s 2(f) of UGC Act, 1956
Ranked among *Top 100* Engineering Institutions in India by NIRF, MHRD, Govt. of India (Consecutively for last **FOUR** years)

Career in ***Marine Engineering***

**DG Shipping Approved STCW courses**
**BASIC STCW & MODULAR COURSES**
01) Personal Safety and Social Responsibilities (PSSR)
02) Elementary First Aid (EFA)
03) Personal Survival Techniques (PST)
04) Fire Fighting and Fire Preservation (FPFF)
05 Basic Safety Training (PSSR+EFA+PST+FPFF)
06) Security Training for Seafarers with Designated Security Duties
07) Refresher Training for Proficiency in FPFF
08) Refresher Training for Proficiency in PST
09) Basic Training for OIL & Chemical Tanker Cargo Operation (OCTO)
**ADVANCED STCW & MODULAR COURSES**
10) Ship Security Officer (SSO)
11) Medical First Aid (MFA)
12) Advance Fire Fighting (AFF)
13) Proficiency in Survival Craft and Rescue Boat (PSCRB)
14) Refresher Training for Proficiency in MFA
15) Refresher Training for Proficiency in AFF
16) Refresher Training for Proficiency in PSCRB

*Admission for all the courses from Sl. No. 01 to 16 shall be done online. Interested candidates are advised to do online payment and registration through our portal : http://marine.cvrce.edu.in for all STCW & Modular courses.*

**Marine Engineering Pre-sea courses**
- **1 Yr. Graduate Marine Engg.**
B.E./B.Tech (Mech/Naval Architecture) with 50% marks and must have 50% marks in English at 10th/12th standard
- **4 Yrs. Degree in Marine Engg.**
10+2 OR equivalent with a PCM average of 60% and must have 50% marks in English at 10th/12th standard (Rank in **AIEEE/OJEE** required)
- **LATERAL ENTRY ADMISSION IN MARINE ENGG**
QUALIFICATION : 3Yrs. Diploma in Mech./ Marine Engg with at least 60% marks and must have 50% marks in English at 10th/12th standard (5% relaxation for SC/ST candidates)
Age : 18Yrs. to 25Yrs. (5Yrs. relaxation for SC/ST candidates)

Have a digital tour with : www.cvrgi.tv

For Admission Information, Contact : E-mail : admissionmarine@cvrce.edu.in
Ph.: 0674-6636555 +91-9040 021 100/101/102/103

### ଇତିହାସର ଆଇନାରେ
### ଜୁନ୍ ୨୩ର ପ୍ରମୁଖ ଘଟଣା

୧୯୮୫ ଜୁନ୍ ୨୩ରେ ଟୋକିଓ ନିକଟବର୍ତ୍ତୀ ନାରିଟା ଅନ୍ତର୍ଜାତୀୟ ବିମାନବନ୍ଦରରେ ଆତଙ୍କବାଦୀ ବିସ୍ଫୋରଣ ଘଟାଇଥିଲେ।

୨୦୧୩ ଜୁନ୍ ୨୩ରେ ନିକ୍ ୱାଲେଣ୍ଡା ପ୍ରଥମକରି ଗ୍ରାଣ୍ଡ କାନିୟନ୍ ଉପରେ ସୁଦୃଢ଼ ଭାବେ ବନ୍ଧାଯାଇଥିବା ଏକ ରଶି ଉପରେ ସଫଳତାର ସହ ଚାଲିଥିଲେ। ୧୯୭୯ ଜାନୁୟାରୀ ୨୪ରେ ଆମେରିକାରେ ଜନ୍ମିତ ୱାଲେଣ୍ଡା ଜଣେ ଆକ୍ରୋବାଟ୍, ଏରିୟଲିଷ୍ଟ, ଡେୟାରଡେଭିଲ, ଉଚ୍ଚରେ କଳାକୌଶଳ ପ୍ରଦର୍ଶନକାରୀ ଏବଂ ଲେଖକ।



ଅମରନାଥ ଯାତ୍ରା ପୂର୍ବରୁ ଶନିବାର ଜମ୍ମୁ-କଶ୍ମୀର ଜାତୀୟ ରାଜପଥରେ ପଟ୍ରୋଲିଂ କରୁଛନ୍ତି ସିଆର୍‌ପିଏଫ୍ ଯବାନ।

## ପିଲାଟସ୍ ବିମାନ କିଣାରେ ୩୩୯ କୋଟି ଦୁର୍ନୀତି
# ପ୍ରତିରକ୍ଷା ଅଧିକାରୀଙ୍କ ବିରୋଧରେ ମାମଲା

**ନୂଆଦିଲ୍ଲୀ,୨୨।୬**





ପ୍ରତିରକ୍ଷା ମନ୍ତ୍ରଣାଳୟ ୨୦୦୯ରେ ୭୫ଟି ପିଲାଟସ୍ ପ୍ରଶିକ୍ଷଣ ବିମାନ କିଣିଥିଲା, ଯେଉଁଥିରେ ଦୁର୍ନୀତି ଅଭିଯୋଗ ହୋଇଛି। ଏହି ଘଟଣାରେ ସିବିଆଇ ଭାରତୀୟ ବାୟୁସେନା ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟର କେତେଜଣ ଅଧିକାରୀଙ୍କ ସମେତ ବିବାଦୀୟ ଅସ୍ତ୍ର ବ୍ୟବସାୟୀ ସଞ୍ଜୟ ଭଣ୍ଡାରୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏଥିସହିତ ସିବିଆଇ ଭଣ୍ଡାରୀଙ୍କ ଘର ଓ କାର୍ଯ୍ୟାଳୟ ଉପରେ ଶନିବାର ଚଢ଼ାଉ କରିଛି। ସ୍ୱିଜରଲାଣ୍ଡର ପିଲାଟସ୍ ଏୟାରକ୍ରାଫ୍ଟ ଲିଂକୁ ମଧ୍ୟ ଅଭିଯୁକ୍ତ କରାଯାଇଛି। ଏହି ବିମାନ କିଣାରେ ୩୩୯ କୋଟି ଟଙ୍କା ଲାଞ୍ଚ କାରବାର ଅଭିଯୋଗ ହୋଇଛି।

ବାୟୁସେନା ପାଇଁ ୨୮୯୫ କୋଟି ଟଙ୍କାରେ ୭୫ଟି ପିଲାଟସ୍ ବେସିକ୍ ଟ୍ରେନର୍ ବିମାନ କିଣିବା ଲାଗି ୨୦୦୯ରେ ସ୍ୱିଜରଲାଣ୍ଡ କମ୍ପାନୀ ସହ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ସିବିଆଇ ତିନିବର୍ଷ ଧରି ତଦନ୍ତ ଚଳାଇବା ପରେ ଦୁର୍ନୀତି ଅଭିଯୋଗର ସତ୍ୟତା ଥିବା ଜାଣିବାକୁ ପାଇଛି। ଅଫସେଟ ଇଣ୍ଡିଆ ସଲ୍ୟୁଶନ୍ସ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଭଣ୍ଡାରୀ ଏବଂ ବିମଳ ସରିନ୍‌ଙ୍କ ସହ ସୁଇସ୍ କମ୍ପାନୀ ଅପରାଧ ଷଡଯନ୍ତ୍ରରେ ସାମିଲ ଥିବା ସିବିଆଇ ଅଭିଯୋଗ କରିଛି। ଉକ୍ତ କମ୍ପାନୀ ୨୦୧୦ ଜୁନ୍‌ରେ ଭଣ୍ଡାରୀଙ୍କ ସହ ଅସାଧୁ ଭାବେ ସେବା ପ୍ରଦାନକାରୀ ରାଜିନାମା ସ୍ୱାକ୍ଷର କରିଥିଲା, ଯାହା ପ୍ରତିରକ୍ଷା ସାମଗ୍ରୀ କିଣା ପ୍ରକ୍ରିୟା,୨୦୦୮ର ଉଲ୍ଲଂଘନ। ପ୍ରଶିକ୍ଷଣ ବିମାନ ଯୋଗାଣ ଠିକା ପାଇବା ପାଇଁ ସୁଇସ୍ କମ୍ପାନୀ ଏଭଳି କରିଥିବା ଅଭିଯୋଗ ହୋଇଛି। କମ୍ପାନୀ ୨୦୧୦ ଅଗଷ୍ଟ ଓ ଅକ୍ଟୋବରରେ ଦୁଇଟି କିସ୍ତିରେ ନୂଆଦିଲ୍ଲୀର ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ଜରିଆରେ ଅଫସେଟ୍ ଇଣ୍ଡିଆ ସଲ୍ୟୁଶନ ପ୍ରାଇଭେଟ ଲିମିଟେଡର ଆକାଉଣ୍ଟକୁ ୧୦ ଲକ୍ଷ ସୁଇସ୍ ଫ୍ରାଙ୍କ୍ ପଠାଇଥିଲା। ଏହା ବ୍ୟତୀତ ୨୦୧୧ରୁ ୨୦୧୫ ମଧ୍ୟରେ ଭଣ୍ଡାରୀଙ୍କର ଦୁବାଇସ୍ଥିତ ଅଫସେଟ୍ ଇଣ୍ଡିଆ ସଲ୍ୟୁଶନ୍ସ ଏଫ୍‌ଜେଡସିକୁ ୩୫୦ କୋଟି ଟଙ୍କା ପଠାଯାଇଥିଲା। ଜାଣିଶୁଣି ଭଣ୍ଡାରୀଙ୍କ ସହ ସେବା ପ୍ରଦାନକାରୀ ଚୁକ୍ତିନାମାକୁ ଲୁଚାଇବା ଲାଗି ପିଲାଟସ୍ ଅସାଧୁ ତଥା ଜାଲିଆତି କରି ୨୦୧୦ ନଭେମ୍ବର ୧୨ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ସହ ପ୍ରାକ୍ ଠିକା ଚୁକ୍ତିନାମା ସ୍ୱାକ୍ଷର କରିଥିଲା ବୋଲି ସିବିଆଇ କହିଛି। ଭାରତ ଓ ଦୁବାଇରେ ଥିବା ଭଣ୍ଡାରୀଙ୍କ କମ୍ପାନୀକୁ ପିଲାଟସ୍ ଟଙ୍କା ପୈଠ କରିଥିଲେ ହେଁ ଏହାକୁ ଲୁଚାଇଥିବା ତଦନ୍ତରୁ ଜଣାପଡିଥିଲା। ତେଣୁ ବିମାନ କିଣା କାରବାରରେ ସମ୍ପୃକ୍ତ ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ବାୟୁସେନା ଅଧିକାରୀଙ୍କୁ ପ୍ରଭାବିତ କରିବା ଲାଗି ଏହି ଅର୍ଥ କମିଶନି ଦିଆଯାଇଥିବା ସନ୍ଦେହ କରାଯାଉଛି। ପିଲାଟସ୍ ୨୦୧୨ ମେ ୨୪ରେ ୨୮୨୯.୬୩ କୋଟି ଟଙ୍କାର ଉକ୍ତ ଠିକା ପାଇଥିଲା। ଭଣ୍ଡାରୀ ଓ ତାଙ୍କ ସ୍ତ୍ରୀ ସୋନିଆ ଭଣ୍ଡାରୀଙ୍କ ନାଁରେ ଥିବା କମ୍ପାନୀ ୨୦୧୨ ଜୁନରୁ ୨୦୧୫ ମାର୍ଚ୍ଚ ମଧ୍ୟରେ ୨୫.୫ କୋଟି ଟଙ୍କା ଦୀପକ ଅଗ୍ରୱାଲଙ୍କ ବିଭିନ୍ନ କମ୍ପାନୀ ମାଧ୍ୟମରେ ପାଇଥିଲେ। ଏହି କାରବାରରେ ଅଗ୍ରୱାଲଙ୍କ ସହ ହିମାଂଶୁ ବର୍ମାଙ୍କ କମ୍ପାନୀ ମଧ୍ୟ ସାମିଲ ଥିବା ଅଭିଯୋଗ ହୋଇଛି।

**ଅସ୍ତ୍ର ବ୍ୟବସାୟୀ ସଞ୍ଜୟ ଭଣ୍ଡାରୀଙ୍କ ଘରେ ସିବିଆଇ ଚଢ଼ାଉ**



କୃପଣ ହେଉଛି ପ୍ରକୃତରେ ଦରିଦ୍ର, କାରଣ ପ୍ରାଚୁର୍ଯ୍ୟ ଭିତରେ ବି ସେ ଅନାହାରରେ ଥାଏ।
-ଜନ୍ ଡ୍ରାଇଡେନ୍

ରାଜ୍ୟରେ ବନ୍ଦ ହେବ ୯୬୬ ସ୍କୁଲ




# ବାଇକ୍ ଡିକିରୁ ଚେକ୍ ସହ ୬୯ହଜାର ଟଙ୍କା ଚୋରି

ସୁନ୍ଦରଗଡ, ୨୨।୬ (ଡି.ଏନ୍.ଏ)

ସ୍ଥାନୀୟ ଡିଆରସିଏସ ଅଫିସ ସମ୍ମୁଖରେ ଗତ ୨୦ତାରିଖରେ ହେମଗିର ,ଗୋପାଲପୁର ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକଙ୍କ ବାଇକ୍ ଡିକିରୁ ଚେକସହ ନଗଦ ୬୯ହଜାର ଟଙ୍କା ଚୋରି ହୋଇଥିବା ନେଇ ଶୁକ୍ରବାର ରାତିରେ ଟାଉନ ଥାନାରେ ରିପୋର୍ଟ ହୋଇଛି। ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଶ୍ରବଣ କୁମାର ଗର୍ଡିଆ ଅଫିସ କାମରେ ସୁନ୍ଦରଗଡ ଆସିଥିଲେ। ତାଙ୍କ ଲ୍ୟାମ୍ପସର ତୁମୁଲିଆ ଗ୍ରାମର ଜଣେ ଋଣୀଚାଷୀ ଜୀବର୍ଦ୍ଧନ ପଟେଲ ଋଣପଇଠ ପାଇଁ ତାଙ୍କୁ ୨ଟି ଚେକ ଦେଇଥିଲେ। ସେଥିରୁ ଗୋଟିଏ ଚେକ୍‌ରେ ୬୯ହଜାର ଟଙ୍କା ସୁନ୍ଦରଗଡ କେନ୍ଦ୍ର ସମବାୟ ବ୍ୟାଙ୍କରୁ ଉଠାଇ ଥିବା ବେଳେ ଅନ୍ୟ ଏକ ଚେକ୍ ରେ ଥିବା ୨ଲକ୍ଷ ୧୫ହଜାର ୭୩୧ଟଙ୍କା ଉଠାଇ ପାରି ନ ଥିଲେ। ଉଭୟ ଟଙ୍କା ଓ ଚେକ୍ ସହ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଗର୍ଡିଆ ବାଇକ୍ ଯୋଗେ ସୁନ୍ଦରଗଡ ଡିଆରସିଏସ ଅଫିସକୁ ଯାଇଥିଲେ । ଅପରାହ୍ଣ ପ୍ରାୟ ୪ଟା ୧୫ରେ ଅଫିସ ଭିତରୁ ଫେରି ବାଇକ୍ ଡିକି ଖୋଲାଥିବା ନେଇ ହତବାକ ହୋଇ ଖୋଜାଖୋଜି କରିଥିଲେ। ହେଲେ ଡିକିରେ ଟଙ୍କା ବ୍ୟାଗ ଓ ଚେକ୍ ନ ଥିଲା। ଏନେଇ ସୁନ୍ଦରଗଡ ଟାଉନଥାନାରେ ରିପୋର୍ଟ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।




■ ଆମେରିକାର ପଛଘୁଞ୍ଚା ପରେ ଇରାନର ଧମକ

# ଆକ୍ରମଣ କଲେ ଭୟାବହ ପରିଣତି

ତେହେରାନ,୨୨।୬

ଆମେରିକାର ଗୋଇନ୍ଦା ଡ୍ରୋନ୍‌କୁ ଗୁରୁବାର ଇରାନ ସେନା ଖସାଇଦେବା ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଉଭୟ ଦେଶ ଏବେ ଯୁଦ୍ଧମୁହାଁ ହୋଇଥିବା କୁହାଯାଉଛି। ଇରାନ ଉପରେ ଆକ୍ରମଣ ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିର୍ଦ୍ଦେଶ ଦେଇସାରିଥିବାବେଳେ ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ବଦଳାଇଥିଲେ। ପ୍ରତିଶୋଧ ସ୍ୱରୂପ ଇରାନର ତିନୋଟି ସ୍ଥାନରେ ଆକ୍ରମଣ ଲାଗି ଆମେରିକା ପ୍ରସ୍ତୁତ ଥିଲା। ତେବେ ଏହି ଆକ୍ରମଣରେ ଅନେକ ନିରୀହ ଲୋକଙ୍କ ଜୀବନ ଯିବ ବୋଲି ଜାଣିବା ପରେ ଆକ୍ରମଣ ଯୋଜନାକୁ ପ୍ରତ୍ୟାହାର କରିନିଆଗଲା ବୋଲି ଟ୍ରମ୍ପ ଟୁଇଟ୍ କରିଥିଲେ।

ଅନ୍ୟପକ୍ଷରେ ଇସ୍‌ଲାମୀୟ ସାଧାରଣତନ୍ତ୍ର ଇରାନ ଉପରେ କୌଣସିପ୍ରକାର ଆକ୍ରମଣର ପରିଣତି ମଧ୍ୟପ୍ରାଚ୍ୟରେ ଆମେରିକାର ସ୍ୱାର୍ଥ ପାଇଁ ଗୁରୁତର ହେବ ବୋଲି ତେହେରାନ ଚେତାବନୀ ଦେଇଛି। ଇରାନ ଉପରକୁ ଗୋଟିଏ ଗୁଳି ମାରିଲେ ଆମେରିକା ଓ ଏହାର ମିତ୍ର ରାଷ୍ଟ୍ରର ସ୍ୱାର୍ଥରେ ନିଆଁ ଲଗାଇଦେବୁ ବୋଲି ଇରାନ ସୈନ୍ୟବାହିନୀ ମୁଖପାତ୍ର ବ୍ରିଗେଡିୟର ଜେନେରାଲ ଅବୋଲଫାଜଲ୍ ଶେକାର୍ଚି କହିଛନ୍ତି। ତେବେ ଯୁଦ୍ଧ କରିବାକୁ ଚାହାନ୍ତି ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଯଦି ଯୁଦ୍ଧ ହୁଏ ଇରାନ ସମ୍ପୂର୍ଣ୍ଣ ବିଲୋପ ହୋଇଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଆଲୋଚନା ପାଇଁ ଆମେରିକା ଦ୍ୱାର ଉନ୍ମୁକ୍ତ ରଖିଛି। କୌଣସି ପରିସ୍ଥିତିରେ ମଧ ଇରାନକୁ ଅଣୁଅସ୍ତ୍ର ପ୍ରସ୍ତୁତ କରିବାକୁ ଦିଆଯିବ ନାହିଁ ବୋଲି ଟ୍ରମ୍ପ ଏକ ଗଣମାଧ୍ୟମକୁ କହିଛନ୍ତି।

■ ଯୁଦ୍ଧ ହେଲେ ଇରାନ ବିଲୁପ୍ତ ହୋଇଯିବ: ଟ୍ରମ୍ପ
■ ବିଶ୍ୱଯୁଦ୍ଧ ଆଶଙ୍କା କଲା ମାଲେସିଆ

ଆମେରିକା ଇରାନକୁ ଉତ୍ତେଜିତ କରୁଛି। ଏହାକୁ ନେଇ ଭୁଲ୍ ଆକଳନ ହେବାର ବିପଦ ରହିଛି ଯାହା ବିଶ୍ୱଯୁଦ୍ଧ ସୃଷ୍ଟି କରିପାରେ ବୋଲି ମାଲେସିଆ ପ୍ରଧାନମନ୍ତ୍ରୀ ମହାଥିର ମହମ୍ମଦ କହିଛନ୍ତି। ଭୁଲ୍ ଆକଳନ ପାଇଁ କାହାକୁ ଦାୟୀ କରାଯିବ ବୋଲି ପ୍ରଶ୍ନ କରାଯିବାରୁ ମହମ୍ମଦ କହିଥିଲେ, ସେ ଯାହା ଦେଖିପାରୁଛନ୍ତି, ଏପର୍ଯ୍ୟନ୍ତ ସବୁ ଉତ୍ତେଜନା ଆମେରିକା ସୃଷ୍ଟି କରିଛି। ପ୍ରଥମେ ଆଣବିକ ସନ୍ଧିରୁ ଆମେରିକା ଓହରିଗଲା। ଏବେ ଉପସାଗରୀୟ ଅଞ୍ଚଳକୁ ଯୁଦ୍ଧଜାହାଜ ପଠାଉଛି ଏବଂ ଇରାନକୁ ଉତ୍ତେଜିତ କରୁଛି ବୋଲି ମହାଥିର୍ ଏକ ଅନ୍ତର୍ଜାତୀୟ ଗଣମାଧ୍ୟମକୁ କହିଛନ୍ତି।

ତେହେରାନର ଆଣବିକ କାର୍ଯ୍ୟକ୍ରମ ରୋକିବା ଲାଗି ବହୁପାକ୍ଷିକ ଚୁକ୍ତିନାମାରୁ ଗତବର୍ଷ ଟ୍ରମ୍ପ ଓହରିଯିବା ପରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ଲାଗିରହିଛି। ଗତ ସପ୍ତାହରେ ଉପସାଗରୀୟ ଅଞ୍ଚଳରେ ୬ଟି ବ୍ୟବସାୟିକ ତୈଳବାହୀ ଜାହାଜ ଉପରେ ଆକ୍ରମଣକୁ ନେଇ ଆମେରିକା ଇରାନକୁ ଦାୟୀ କରିବା ଏବଂ ଗୁରୁବାର ଇରାନ ସେନା ଆମେରିକା ଡ୍ରୋନ୍‌କୁ ଖସାଇବା ପରେ ଏହି ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଡ୍ରୋନ୍ ଇରାନ ବାୟୁସୀମା ଅତିକ୍ରମ କରିଥିବା ତେହେରାନ ଅଭିଯୋଗ କରୁଥିବାବେଳେ ଏହା ଅନ୍ତର୍ଜାତୀୟ ଜଳରାଶି ଉପରେ ଉଡୁଥିଲା ବୋଲି ଆମେରିକା ଦାବି କରିଛି।

## ଇରାନ ଆକାଶରେ ଉଡ଼ିବନି ଭାରତୀୟ ବିମାନ

ନୂଆଦିଲ୍ଲୀ,୨୨।୬(ପି.ଟି.)

ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି। ଏପରିକି ଯେକୌଣସି ମୁହୂର୍ତ୍ତରେ ଆମେରିକା ଇରାନ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ସୁରକ୍ଷା ଦୃଷ୍ଟିରୁ ଭାରତୀୟ ଏୟାରଲାଇନ୍ସଗୁଡିକୁ ଇରାନ ଆକାଶ ମାର୍ଗ ପରିବର୍ତ୍ତେ ଅନ୍ୟ ରୁଟ୍‌ରେ ଯାତ୍ରା କରିବା ଲାଗି ବିମାନ ଚଳାଚଳ ନିୟନ୍ତ୍ରକ ଡିଜିସିଏ ଶନିବାର ପରାମର୍ଶ ଦେଇଛି। ଭାରତର ସମସ୍ତ ଏୟାରଲାଇନ୍ସ ଡିଜିସିଏ ସହ ପରାମର୍ଶ କରି ଯାତ୍ରୀମାନଙ୍କ ନିରାପତ୍ତା ପାଇଁ ଇରାନ ବାୟୁସୀମାର ପ୍ରଭାବିତ ଅଞ୍ଚଳରେ ବିମାନ ଚଳାଚଳ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସାମରିକ କାର୍ଯ୍ୟକଳାପ ଓ ରାଜନୈତିକ ଉତ୍ତେଜନା ବୃଦ୍ଧି ପାଉଥିବାରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ତେହେରାନ ବିମାନ ଚଳାଚଳ ସୂଚନା ଅଞ୍ଚଳ ଉପର ଦେଇ ଆମେରିକା ପଞ୍ଜୀକୃତ ବିମାନ ଚଳାଚଳ ନ କରିବା ଲାଗି ୱାଶିଂଟନ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ଜାରି କରାଯାଇଥିଲା।


ଲୁକମାନ-ଏ-ହୟାତ୍ ତେଲ®
ଆୟୁର୍ବେଦିକ ଔଷଧ
ପୋଡ଼ା, କ୍ଷତ, ଆଘାତ, ମକଚା, ପୀଡ଼ା, ଫୁଲା, ଘା', ଅର୍ଶ ବା ମଳକଣ୍ଟକ, ମାଲିସ୍ ଇତ୍ୟାଦିରେ ଗୁଣକାରୀ।
ସମସ୍ତ ଷ୍ଟୋର୍ ଏବଂ କେମିଷ୍ଟ ଦୋକାନରେ ଉପଲବ୍ଧ
Mfg. By: M.U. Amrelia, MUMBAI. Tel.: 022-23441456



DAYANAND INSTITUTE
Dhanupali,Sambalpur-768005
Helpline-8763032587[O] 9938895475, 9437158817[Principal]
ADMISSION NOTICE
NTT - 1year regular and correspondence course
Eligibility- +2 & Above (Only Ladies)
B.Ed- NCTE Approved (2years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
PLEASE VISIT US– 8 TO 11AM (OFFICE) EVERYDAY


# ଗୁଳିକାଣ୍ଡ: ମାମୁଘରେ ଭଣଜା ମୃତ

ବରଗଡ଼ ଅଫିସ/ ଅମ୍ବାଭୋନା, ୨୨।୬ (ଡି.ଏନ.ଏ.)

ବରଗଡ଼ ଜିଲ ଅମ୍ବାଭୋନା ଥାନା ଅନ୍ତର୍ଗତ କଲମୀ ଗ୍ରାମରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୯ଟାରେ ଏକ ଗୁଳିକାଣ୍ଡ ଘଟିଛି । ଗୁଳିକାଣ୍ଡରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ହେଲେ ଅମ୍ବାଭୋନା ବସ୍‌ଷ୍ଟାଣ୍ଡ ପଡ଼ାର ରାକେଶ ବେହେରା(୨୪)। ଶନିବାର ପୋଲିସ ମୃତଦେହ ଜବତ କରି ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି । ତେବେ କେଉଁ ପରିସ୍ଥିତିରେ ଗୁଳିକାଣ୍ଡ ଘଟିଲା ଏବଂ ଯୁବକଙ୍କ ମୃତ୍ୟୁ ହେଲା, ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ସେହିପରି ଯୁବକ ଜଣକ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ କେହି ଗୁଳିମାଡ଼ କରି ହତ୍ୟା କରିଛନ୍ତି, ତାହା ଜଣାପଡିନାହିଁ । ମୃତ ଯୁବକଙ୍କ ମୁଣ୍ଡରେ ଗୁଳି ମାଡ଼ ହୋଇଥିବାବେଳେ ପୋଲିସ ଏକ ଖୋକାକୁ ଜବତ କରିଛି। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ(ରାତ୍ରି ୭ଟା) ବନ୍ଧୁକ ମିଳି ନ ଥିବାରୁ ଘଟଣାଟି ରହସ୍ୟଜନକ ହୋଇ ପଡ଼ିଛି। ଅନ୍ୟପକ୍ଷେ ଏହି ଗୁଳିକାଣ୍ଡକୁ ନେଇ ନାନା କଳ୍ପନାଜଳ୍ପନା ଚାଲିଛି । ସୂଚନାଯୋଗ୍ୟ, ମୃତ ଯୁବକ ପୂର୍ବରୁ ବିଭିନ୍ନ ଅପରାଧିକ ମାମଲାରେ ସମ୍ପୃକ୍ତ ଥିଲେ । ସେ ଅବିବାହିତ ଏବଂ ଗାଡ଼ି ଡ୍ରାଇଭର ଭାବେ କାମ କରୁଥିଲେ । ସେ ଶୁକ୍ରବାର ସନ୍ଧ୍ୟାରେ ଘରକୁ ଆସିଥିଲେ । ରାତ୍ରି ପ୍ରାୟ ସାଢ଼େ ୯ଟାରେ ଏପରି ଘଟିଥିବା ତାଙ୍କ ମାମୁ ଶ୍ୟାମଲାଲ ଜାମୁଡ଼ାଲିଆ କହିଛନ୍ତି। ତେବେ କେଉଁ ପରିସ୍ଥିତିରେ ଗୁଳିକାଣ୍ଡ ଘଟିଲା, ସମସ୍ତେ ଶୋଇଥିବା ଯୋଗୁ ତାହା ଜାଣି ପାରି ନାହାନ୍ତି ବୋଲି ଜାମୁଡ଼ାଲିଆ ପ୍ରକାଶ କରିଛନ୍ତି ।

# ଓଡ଼ିଶାର ବନ୍ୟା ବିପତ୍ତି ଆଟ୍‌ଲାସ ଉନ୍ମୋଚିତ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବନ୍ୟା ବିପତ୍ତି ଆଟ୍‌ଲାସକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ଏଣିକି ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳକୁ ରାଜ୍ୟ ସରକାର ସ୍ୱତନ୍ତ୍ର ଧ୍ୟାନ ଦେବେ। ୨୦୦୦ରୁ ୨୦୧୮ ପର୍ଯ୍ୟନ୍ତ ଓଡ଼ିଶାରେ ହୋଇଥିବା ବନ୍ୟା ସମ୍ପର୍କିତ ବିଭିନ୍ନ ତଥ୍ୟକୁ ସଂଗ୍ରହ କରାଯାଇ ଏକ ରାଜ୍ୟ ବନ୍ୟା ବିପତ୍ତି ମାନଚିତ୍ର(ଫ୍ଲଡ୍ ହାଜାର୍ଡ ଆଟ୍‌ଲାସ ଅଫ୍ ଓଡ଼ିଶା)ପ୍ରସ୍ତୁତ କରାଯାଇଛି। ଏହାକୁ ଶନିବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି। ରାଜ୍ୟରେ ବର୍ଷକୁ ପ୍ରାୟ ୧୪ ଲକ୍ଷ ହେକ୍ଟର ଚାଷଜମି ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ହେଉଛି। ଉକ୍ତ ଆଟ୍‌ଲାସ ସହାୟତାରେ ଅଧିକ କ୍ଷତିଗ୍ରସ୍ତ ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇପାରିବ। ଇସ୍ରୋ ଅଧୀନରେ ଥିବା ନ୍ୟାଶନାଲ ରିମୋଟ ସେନସିଂ ସେଣ୍ଟର (ଏନ୍‌ଆରଏସ୍‌ସି) ଏବଂ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ଦ୍ୱାରା ମିଳିତ ପ୍ରୟାସରେ ଏହି ଆଟ୍‌ଲାସ ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାରେ ବନ୍ୟା ନିୟମିତ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଦେଖାଦେଉଛି। ଏହାଦ୍ୱାରା ପ୍ରତିବର୍ଷ ଅନେକ ଧନଜୀବନ ଓ ଜୀବିକା ନଷ୍ଟ ହେଉଛି। ଏହି ବନ୍ୟା ବିପତ୍ତି ମାନଚିତ୍ର ଦ୍ୱାରା ରାଜ୍ୟର ସ୍ୱତନ୍ତ୍ର ବିପତ୍ତି ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇ ଏହାର ମୁକାବିଲା କରିବା ପାଇଁ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରାଯାଇପାରିବ। ବନ୍ୟା ପରିଚାଳନାରେ ଏହି ଆଟ୍‌ଲାସ ବିଶେଷ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ବାତ୍ୟା ଅଞ୍ଚଳକୁ ସ୍ୱତନ୍ତ୍ର ଧ୍ୟାନ

■ ରାଜ୍ୟରେ ବର୍ଷକୁ ୧୪ ଲକ୍ଷ ହେକ୍ଟର ଜମି କ୍ଷତିଗ୍ରସ୍ତ ହେଉଛି
■ ମିଳିତ ଉଦ୍ୟମ କରିବାକୁ ସମସ୍ତ ବିଭାଗକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଓଡ଼ିଶା ବହୁମୁଖୀ ପ୍ରାକୃତିକ ବିପର୍ଯ୍ୟୟକୁ ସମ୍ମୁଖୀନ ହେଉଛି। ସାମୁଦ୍ରିକ ଝଡ଼ ଫାଇଲିନ୍, ତିତ୍‌ଲି, ହୁଦ୍‌ହୁଦ୍, ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ରାଜ୍ୟ ସରକାର ଉଚିତ ଢଙ୍ଗରେ ମୁକାବିଲା କରିବାକୁ ପ୍ରସ୍ତୁତି କରିଥିଲେ। ବିଶ୍ୱସ୍ତରୀୟ ବିପର୍ଯ୍ୟୟ ପରିଚାଳନା କରିବାରେ ଓଡ଼ିଶା ସଫଳ ହୋଇପାରିଛି। ମୌସୁମୀ ଆଗମନ ହୋଇଥିବାରୁ ଆଗାମୀ ଦିନରେ ରାଜ୍ୟରେ ବନ୍ୟା ଭଳି ପ୍ରାକୃତିକ ବିପତ୍ତି ହେବାର ସମ୍ଭାବନା ରହିଛି। ଏହି ବିପତ୍ତିକୁ ମୁକାବିଲା କରିବାକୁ ପ୍ରତ୍ୟେକ ସ୍ତରରେ ଉଦ୍ୟମ ହେବା ଦରକାର। ମରୁଡ଼ି ଭଳି ପ୍ରାକୃତିକ ବିପତ୍ତିକୁ ମୁକାବିଲା କରିବାକୁ ପ୍ରସ୍ତୁତ ରହିବାକୁ ହେବ। ଜଳସମ୍ପଦ ବିଭାଗ ନଦୀବନ୍ଧଗୁଡ଼ିକର ସୁରକ୍ଷାକୁ ନିଶ୍ଚିତ କରିବା ଆବଶ୍ୟକ। ଓଡ଼ିଶା ଡିଜାଷ୍ଟର ରାପିଡ୍ ଆକ୍ସନ ଫୋର୍ସ ଏବଂ ଅଗ୍ନିଶମ ବିଭାଗ ଡଙ୍ଗା ଓ ଅନ୍ୟାନ୍ୟ ଉପକରଣ ସହିତ ପ୍ରସ୍ତୁତ ରହିବା ଦରକାର। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଖାଦ୍ୟସାମଗ୍ରୀ କିପରି ସମସ୍ତ ଅଞ୍ଚଳରେ ପହଞ୍ଚିପାରିବ ସେ ନେଇ ସଜାଗ ରହିବାକୁ ସଚିବାଳୟଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ପରାମର୍ଶ ଦିଆଯାଇଛି। ସେହିପରି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସହରାଞ୍ଚଳକୁ ନିରାପଦ ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବନ୍ୟା ସମୟରେ ପ୍ରଭାବିତ ଅଞ୍ଚଳରେ କିପରି ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇପାରିବ ସେ ନେଇ ଯତ୍ନବାନ ହେବାକୁ କୁହାଯାଇଛି। ପ୍ରାକୃତିକ ବିପର୍ଯ୍ୟୟକୁ କିପରି ମୁକାବିଲା କରାଯାଇପାରିବ ସେ ନେଇ ପରାମର୍ଶ ଦେବାକୁ କମିଟିର ସଦସ୍ୟମାନଙ୍କଠାରୁ ମତାମତ ମଗାଯାଇଛି।

ଏହି କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ଅରୁଣ ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି, ସୂଚନା ଓ ଲୋକସମ୍ପର୍କ ଏବଂ ଜଳସେଚନ ମନ୍ତ୍ରୀ ରଘୁନନ୍ଦନ ଦାଶ, ଏନ୍‌ଆର୍‌ଏସ୍‌ସିର ନିର୍ଦ୍ଦେଶକ ଡ. ଦିବାକର, ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଉନ୍ନୟନ କମିଶନର ଅସୀତ୍ ତ୍ରିପାଠୀ, ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ଜୁନ୍ ୨୩/୨୦୧୯



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।
- ମହାବୀର




**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଦେବାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ଭୁବନେଶ୍ୱର କାର୍ଯ୍ୟାଳୟରେ ପାସ୍‌ପୋର୍ଟ କେଲେଙ୍କାରୀ

# ନକଲି ପାସ୍‌ପୋର୍ଟରେ ସୌଦି ପଳାଇଛନ୍ତି ସନ୍ଦିଗ୍ଧ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

ଅସଲି ନମ୍ବରରେ ନକଲି ପାସ୍‌ପୋର୍ଟ। ଭୁବନେଶ୍ୱର ପାସ୍‌ପୋର୍ଟ ଅଫିସରେ ହୋଇଛି ଏଭଳି କେଲେଙ୍କାରୀ। ଉକ୍ତ ନକଲି ପାସ୍‌ପୋର୍ଟରେ ଉତ୍ତର ପ୍ରଦେଶର ଜଣେ ମୁସଲିମ୍ ବ୍ୟକ୍ତି ସୌଦି ଆରବ ପଳାଇଥିବାବେଳେ ଅସଲ ପାସ୍‌ପୋର୍ଟଧାରୀ ଭୁବନେଶ୍ୱରର ବିମ୍ବାଧର ସାହୁ ରିନ୍ୟୁ ପାଇଁ ବାରମ୍ବାର ପାସ୍‌ପୋର୍ଟ ଅଫିସ୍ ଦୌଡୁଛନ୍ତି। ତାଙ୍କ ପାସ୍‌ପୋର୍ଟ ନମ୍ବରରେ ଅନ୍ୟ ଏକ ପାସ୍‌ପୋର୍ଟ ଇସ୍ୟୁ ହୋଇଛି। ଉକ୍ତ ପାସ୍‌ପୋର୍ଟ ହାତେଇଥିବା ବ୍ୟକ୍ତି ଜଣକ ସୌଦି ଆରବ ଚାଲିଯାଇଛନ୍ତି। ଏ ସଂକ୍ରାନ୍ତରେ ସୌଦି ଦୂତାବାସକୁ ଚିଠି କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ଆସି ନ ଥିବା ପାସ୍‌ପୋର୍ଟ କାର୍ଯ୍ୟାଳୟ ପକ୍ଷରୁ କୁହାଯାଉଥିବା ବିମ୍ବାଧର କହିଛନ୍ତି। ଏହି ଘଟଣା ଏବେ ପଦାକୁ ଆସିବା ପରେ ଭୁବନେଶ୍ୱର ଅଫିସରେ ହୋଇଥିବା ପାସ୍‌ପୋର୍ଟ ଜାଲିଆତି ସହ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମ୍‌ଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି।

ମିଳିଥିବା ସୂଚନାନୁସାରେ, ପୁରୁଣା ଭୁବନେଶ୍ୱର ଦୁଲ୍ଲାଦେଈ ରୋଡ୍‌ର ପ୍ଲଟ୍ ନଂ.୨୮ରେ ପରିବାର ସହ ରହୁଛନ୍ତି ବିମ୍ବାଧର ସାହୁ। ବିମ୍ବାଧର ୧୯୮୬ରେ ଅଏଲ ଓଡିଶାରେ ମ୍ୟାନେଜର ଭାବେ ଚାକିରି କରୁଥିଲେ। ସେ ଅଫିସ କାର୍ଯ୍ୟରେ ବିଦେଶ ଯିବା ପାଇଁ ଭୁବନେଶ୍ୱର ପାସ୍‌ପୋର୍ସ ଅଫିସରେ ଆବେଦନ କରିବା ପରେ ତାଙ୍କୁ ପାସ୍‌ପୋର୍ଟ (ନଂ-ଭି୩୨୫୩୬୦)ମିଳିଥିଲା। ପରେ ଅଫିସ ପକ୍ଷରୁ ତାଙ୍କର ବିଦେଶ ଯିବା କାର୍ଯ୍ୟକ୍ରମ ବାତିଲ ହୋଇଯାଇଥିଲା। ୧୯୯୧ରେ ସେ ଉକ୍ତ ପାସ୍‌ପୋର୍ଟକୁ ରିନ୍ୟୁ କରିଥିଲେ। ୧୯୯୫ ମୁମ୍ବାଇ ବୋମା ବିସ୍ଫୋରଣ ଘଟଣାରେ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦଙ୍କ ସମ୍ପୃକ୍ତି ଥିବା ଓ ସେ ଜାଲ୍ ପାସ୍‌ପୋର୍ଟରେ ଦେଶ ବାହାରକୁ ଚାଲିଯାଇଥିବା ଜଣାପଡିଥିଲା। ଏହାପରେ ଦେଶରେ ପାସ୍‌ପୋର୍ଟ କେଲେଙ୍କାରୀ ପଦାକୁ ଆସିଥିଲା। ସେତେବେଳେ ଭୁବନେଶ୍ୱର ପାସପୋର୍ଟ ଅଫିସରେ ମଧ୍ୟ ବ୍ୟାପକ ଜାଲିଆତି ହୋଇଥିବା ଜଣାପଡିବା ପରେ ଖୋଳତାଡ଼ ଆରମ୍ଭ ହୋଇଥିଲା। ସେହି ସମୟରେ ବିମ୍ବାଧରଙ୍କ ପାସପୋର୍ଟକୁ ଜାଲିଆତି କରି ସମାନ ନମ୍ବରରେ ଉତ୍ତର ପ୍ରଦେଶର ଜଣେ ମୁସଲିମ୍ ବ୍ୟକ୍ତି ପାସ୍‌ପୋର୍ଟ ହାତେଇ ସୌଦି ଆରବ ଚାଲିଯାଇଥିବା ତଦନ୍ତରୁ ଜଣାପଡିଥିଲା। ଏନେଇ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ଜାଣିବା ପରେ ଭୁବନେଶ୍ୱର ସମେତ ଦେଶର ବିଭିନ୍ନ ପାସ୍‌ପୋର୍ଟ କାର୍ଯ୍ୟାଳୟର ଏକାଧିକ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଥିଲା। ଏପର୍ଯ୍ୟନ୍ତ ଉକ୍ତ ନକଲି ପାସ୍‌ପୋର୍ଟଧାରୀଙ୍କୁ ଠାବ କରାଯାଇପାରି ନ ଥିବାବେଳେ ବିମ୍ବାଧରଙ୍କ ପାସ୍‌ପୋର୍ଟ ମଧ୍ୟ ରିନ୍ୟୁ ହୋଇପାରୁନି।

ଏ ସମ୍ପର୍କରେ ବିମ୍ବାଧର କୁହନ୍ତି, ପାସ୍‌ପୋର୍ଟ ରିନ୍ୟୁ ହୋଇପାରୁ ନ ଥିବାରୁ ଲଣ୍ଡନରେ ରହୁଥିବା ଝିଅ ପାଖକୁ ଯାଇପାରୁନୁ। ଗତ ମାର୍ଚ୍ଚ ୧୮ରେ ପାସ୍‌ପୋର୍ଟ ରିନ୍ୟୁ ପାଇଁ ପୁଣି ଆବେଦନ କରିଥିଲି। ୧୫ଦିନ ଭିତରେ ସ୍ତ୍ରୀଙ୍କର ପାସ୍‌ପୋର୍ଟ ରିନ୍ୟୁ ହୋଇଥିଲେ ମଧ୍ୟ ତାଙ୍କର ହୋଇପାରିନି। ପାସ୍‌ପୋର୍ଟ କର୍ତ୍ତୃପକ୍ଷଙ୍କ କହିବାନୁସାରେ ଅରିଜିନାଲ ପାସ୍‌ପୋର୍ଟ ନେଇ ଦେଖାଇଥିଲି। ଯାଞ୍ଚ କରାଯିବା ପରେ ସମାନ କଥା କୁହାଯାଉଛି। ତାଙ୍କ ନମ୍ବରରେ ଅନ୍ୟ ଜଣେ ପାସ୍‌ପୋର୍ଟ ନେଇଥିବାରୁ ମାର୍ଚ୍ଚ ୨୯ରେ ସୌଦି ଆରବ ଦୂତାବାସକୁ କର୍ତ୍ତୃପକ୍ଷ ମେଲ୍ କରିଛନ୍ତି। ଇତିମଧ୍ୟରେ ୩ ମାସ ବିତିଯାଇଥିଲେ ମଧ୍ୟ ମେଲ୍‌ର କିଛି ଉତ୍ତର ଆସୁନି କି ବିମ୍ବାଧରଙ୍କ ପାସପୋର୍ଟ ରିନ୍ୟୁ ହୋଇପାରୁନି। ତାଙ୍କ ନମ୍ବରରେ ନକଲି ପାସ୍‌ପୋର୍ଟ ହୋଇଥିବାରୁ ଫସିଯିବା ଆଶଙ୍କା କରି ଭୟଭୀତ ଅବସ୍ଥାରେ ରହିଛନ୍ତି ବିମ୍ବାଧର। ଏ ସଂକ୍ରାନ୍ତରେ ଭୁବନେଶ୍ୱର ପାସ୍‌ପୋର୍ଟ କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଅଧିକାରୀ କିଛି ବି କହିବାକୁ ମନା କରିଥିଲେ।

## ଅନେକ...

ପ୍ରଥମ ପୃଷ୍ଠାରୁ...

ପାଳନ କରିଆସିଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଶପଥ ନେବାର ଦିନ କେଇଟା ପରେ ୪୦ଟି ଖଣି ନିଲାମ ନେଇ ତତ୍ପରତା ପ୍ରକାଶ କରିଥିଲେ। ତନ୍ମଧ୍ୟରୁ ୪ଟିର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇ ସାରିଥିବା ଉଲ୍ଲେଖ କରିଥିଲେ। ଏପରିକି ପୂର୍ବରୁ ବେଆଇନ ଭାବେ ଖଣି ଉତ୍ତୋଳନ କରି ଜରିମାନା ଦେଇଥିବା କମ୍ପାନୀଙ୍କୁ ନିଲାମରୁ ଦୂରେଇ ରଖାଯାଉ ବୋଲି କଥା ଉଠିଥିଲା। ସର୍ବୋପରି ଓଡ଼ିଶା ଖଣି ନିଗମ(ଓଏମ୍‌ସି)କୁ ସମସ୍ତ ଖଣିର ପରିଚାଳନା ଦିଆଯାଉ ବୋଲି କେତେକ ବ୍ୟକ୍ତିବିଶେଷ ମତ ରଖିଥିଲେ। ହେଲେ ତାହାକୁ ଅଣଦେଖା କରାଯାଇଥିଲା। ଏହି ଘଟଣାକୁ ରାଜ୍ୟ ସଭା ନିର୍ବାଚନ ସହ ଯୋଡ଼ିଲେ ସବୁ କିଛି ପୂର୍ବ ରଣନୀତି ଥିଲା ବୋଲି ସ୍ପଷ୍ଟ ହେଉଛି।

ସେହିପରି ରାଜ୍ୟକୁ ସର୍ବାଧିକ ସୁବିଧା ଦେବାକୁ ପ୍ରତିଶ୍ରୁତି ଦେବା ଦଳକୁ କେନ୍ଦ୍ରରେ ସମର୍ଥନ କରାଯିବ ବୋଲି ବିଜେଡି ସଭାପତି ଏକାଧିକ ରାଜନୈତିକ ସାକ୍ଷାତ୍‌କାରରେ ମତ ରଖିଥିଲେ। ତେବେ କେନ୍ଦ୍ର-ରାଜ୍ୟ ମଧ୍ୟରେ ସେମିତି କିଛି ହେଲା କି ବୋଲି ପ୍ରଶ୍ନ ଉଠୁଛି। କେନ୍ଦ୍ରୀୟ ଅବହେଳା, ସ୍ୱତନ୍ତ୍ର ରାଜ୍ୟପାହ୍ୟା, କୋଇଲା ରୟାଲ୍‌ଟି ବୃଦ୍ଧି ଏବଂ ସ୍ୱତନ୍ତ୍ର ଧାନକୈନ୍ଦ୍ରିକ ରାଜ୍ୟ(ସ୍ପେଶାଲ ଫୋକସ୍ ଷ୍ଟେଟ୍) ମାନ୍ୟତା ନେଇ କେନ୍ଦ୍ର ନିଜ ଆଭିମୁଖ୍ୟ କିଛି ସ୍ପଷ୍ଟ କରିନାହିଁ। ତେବେ କେଉଁ ରାଜନୈତିକ ଡିଲ୍ ବିଜେଡି-ଭାଜପାକୁ ସହମତି ସ୍ତରକୁ ନେଇଆସିଲା ବୋଲି ଆଲୋଚନା ହେଉଛି। ରାଜ୍ୟର କେତେଜଣ ରାଜନୈତିକ ସମୀକ୍ଷକଙ୍କ କହିବାନୁଯାୟୀ, ବିଜେଡିରେ ବହୁତ ନେତା ଟିକେଟ୍ ଆଶାୟୀ ରହିଥିଲେ। ସମସ୍ତଙ୍କୁ ଟିକେଟ୍ ମିଳିନାହିଁ, ଅନେକେ ନିର୍ବାଚନ ଲଢ଼ିବାର ସୁଯୋଗ ପାଇ ମଧ୍ୟ ପରାସ୍ତ ହୋଇଛନ୍ତି। କେତେକ ଛାମୁଆ କର୍ମୀ ଦଳ ପ୍ରତି ବିମୁଖ ହେଲେଣି। ତେଣୁ ସେମାନଙ୍କୁ ବିଧାନ ପରିଷଦରେ ଥଇଥାନ କରାଯିବ। ଓଡ଼ିଶା ବିଧାନସଭାରେ ଏନେଇ ସଂକଳ୍ପ ଗୃହୀତ ହୋଇଥିଲେ ମଧ୍ୟ କେନ୍ଦ୍ରର ମଞ୍ଜୁରୀ ଆବଶ୍ୟକତା ରହିଛି। ତେଣୁ ଏହିସବୁ କାରଣରୁ ବିଜେଡି ପକ୍ଷରୁ ଭାଜପା ରାଜ୍ୟ ସଭା ପ୍ରାର୍ଥୀଙ୍କୁ ସମର୍ଥନ ଦେଇଥିବା କଥା କୁହାଯାଉଛି। ଅପରପକ୍ଷରେ ବିଜେଡିର ଅଧଡଜନରୁ ଅଧିକ ନେତା ଚିଟ୍‌ଫଣ୍ଡ ମାମଲା ନେଇ ସିବିଆଇ ନଜରରେ ରହିଛନ୍ତି। ଏମାନେ ସମସ୍ତେ ବିଜେଡି ଶୀର୍ଷ ନେତୃତ୍ୱଙ୍କ ନିକଟତର ବ୍ୟକ୍ତିବିଶେଷ। ୩ ଦିନ ତଳେ ଆନ୍ଧ୍ରପ୍ରଦେଶର ଟିଡିପିର ୪ ରାଜ୍ୟ ସଭା ସଦସ୍ୟଙ୍କୁ ଭାଜପା ନିଜ ସପକ୍ଷକୁ ନେଇସାରିଛି। ସେମାନଙ୍କ ମଧ୍ୟରେ ୨ ଜଣ ଏପରି ବ୍ୟକ୍ତିବିଶେଷ ଅଛନ୍ତି, ଯେଉଁମାନଙ୍କୁ ଭାଜପା ପୂର୍ବରୁ ଆନ୍ଧ୍ରପ୍ରଦେଶର ବିଜୟ ମାଲ୍ୟା ବୋଲି ଅଭିହିତ କରିଥିଲା। ହେଲେ ସେମାନେ ଏବେ ଭାଜପାରେ। ତେଣୁ ସାମ, ଦାନ, ଦଣ୍ଡ, ଭେଦ ରଣନୀତି ଆପଣାଇଥିବା ଭାଜପାର ଆଭିମୁଖ୍ୟକୁ ଅପେକ୍ଷାକୃତ ରକ୍ଷଣାତ୍ମକ କରିବା ପାଇଁ ବିଜେଡି ଏହି ରଣନୀତି ଆପଣାଇଥିବା କୁହାଯାଉଛି। ଅପରପକ୍ଷରେ ଭାଜପା ରାଜ୍ୟରେ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିଛି। ସଂସଦୀୟ ଜନମତରେ ବିଜେଡିଠାରୁ ମାତ୍ର ୪ ପ୍ରତିଶତ ଭୋଟ କମ୍ ପାଇଛି। ସେହିପରି ଯେ ପର୍ଯ୍ୟନ୍ତ କେରଳ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଭାଜପା ଶାସନ କରିନାହିଁ, ସେ ଯାଏ ଦଳର ସ୍ୱର୍ଣ୍ଣିମ ସମୟ ଆସି ନ ଥିବା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କହି ଆସୁଛନ୍ତି। ତେଣୁ ବିଜେଡି ରଣନୀତି ଦଳକୁ କେତେ ଫାଇଦାରେ ରଖିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ୬ ଖଣି...

ଆକ୍ଟ-୧୯୬୨ ଅନୁଯାୟୀ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିବାକୁ କୁହାଯାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେତେକ ଖଣି ସଂସ୍ଥା ଆଂଶିକ ଜରିମାନା ପୈଠ କରିଥିବାବେଳେ ଅନ୍ୟ କେତେକ ଆଦୌ ଦେଇ ନ ଥିଲେ। ଏହି ଖିଲାପୀ ଖଣି ସଂସ୍ଥାଙ୍କ ସମ୍ପତ୍ତି ବାଜ୍ୟାପ୍ତି ଲାଗି କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ସାର୍ଟିଫିକେଟ ମାମଲା ରୁଜୁ କରାଯାଇ ଏହାର ବିଚାର କରାଯାଉଥିଲା। ଉକ୍ତ ମାମଲାରେ ପକ୍ଷ ରଖିବା ସକାଶେ ସମ୍ପୃକ୍ତ ଖଣି ସଂସ୍ଥାକୁ ସୁଯୋଗ ଦିଆଯାଇଥିଲା। ଶନିବାର ସାର୍ଟିଫିକେଟ ମାମଲାର ବିଚାର ପାଇଁ ତାରିଖ ଧାର୍ଯ୍ୟ ହୋଇଥିବାରୁ ମୋଟ ୧୧ ଖଣି ସଂସ୍ଥାକୁ ହାଜର ହେବା ଲାଗି ନୋଟିସ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ ଖଣି ସଂସ୍ଥାକୁ ବାଦ୍ ଦେଇ ୮ ଖଣି ସଂସ୍ଥା ଜବାବ ଦାଖଲ କରିଥିଲେ। ଅନ୍ୟପକ୍ଷେ ଶାରଦା ଓ ଓଏମଡିସି ଖଣିର ମାମଲା କୋର୍ଟରେ ପେଣ୍ଡିଂ ଥିବାରୁ ଉଭୟଙ୍କୁ ଦେଢ ମାସ ପାଇଁ ସମୟ ଦିଆଯାଇଛି। ଜିଲାପାଳ ଆଶିଷ ଠାକରେ ଏହି ମାମଲାର ଶୁଣାଣି କରି ଆଗାମୀ ଏକମାସ ମଧ୍ୟରେ ଉପରୋକ୍ତ ୬ ଖଣି ସଂସ୍ଥାଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ପୋଲିସ ଓ ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କୁ ଆଦେଶ ଦେଇଛନ୍ତି।

**କିଛି ତଥ୍ୟ**

ଟିକେଟ ବିକ୍ରିରୁ ରେଲୱେ ପ୍ରତିବର୍ଷ ୫୦ ହଜାର କୋଟି ଟଙ୍କା ଆୟ କରୁଛି।
-ରେଲୱେ ମନ୍ତ୍ରଣାଳୟ

# ବନ୍ଦ ହେବ ୯୬୬ ପ୍ରାଥମିକ ବିଦ୍ୟାଳୟ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

- ଛାତ୍ରୀଛାତ୍ରଙ୍କ ନିକଟ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବ
- ୧ କି.ମି.ରୁ ଅଧିକ ଦୂର ହୋଇଥିଲେ ମିଳିବ ଯାତାୟାତ ଖର୍ଚ୍ଚ

ସ୍କୁଲ୍‌କୁ ପାଠପଢ଼ି ଯିବା ପାଇଁ ରାଜ୍ୟ ସରକାର ପିଲାମାନଙ୍କୁ ଅନେକ ସୁବିଧା ଓ ସୁଯୋଗ ଦେଉଛନ୍ତି। କିନ୍ତୁ କେତେକ ସରକାରୀ ବିଦ୍ୟାଳୟରେ ପିଲାଙ୍କ ସଂଖ୍ୟା ଅତି ନଗଣ୍ୟ ରହିଛି। ତେଣୁ ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ୯୬୬ଟି ପ୍ରାଥମିକ ବିଦ୍ୟାଳୟ ଚିହ୍ନଟ କରାଯାଇଛି। ଏସବୁ ବିଦ୍ୟାଳୟକୁ ସବୁଦିନ ପାଇଁ ବନ୍ଦ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ସେହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବ। ଯଦି ଉକ୍ତ ବିଦ୍ୟାଳୟର ଦୂରତା ୧ କି.ମି.ରୁ ଅଧିକ ହୋଇଥିବ, ତେବେ ସରକାର ପିଲାଙ୍କୁ ବାଟଖର୍ଚ୍ଚ ଦେବେ। ଏ ବାବଦ ଟଙ୍କା ସମ୍ପୃକ୍ତ ପିଲାଙ୍କ ଅଭିଭାବକଙ୍କ ଆକାଉଣ୍ଟକୁ ସିଧା ପଠାଯିବ ବୋଲି ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ କହିଛନ୍ତି। ମନ୍ତ୍ରୀଙ୍କ ସୂଚନାନୁସାରେ, ଉପସ୍ଥାନ ଅନୁସାରେ ହିଁ ଛାତ୍ରୀଛାତ୍ରଙ୍କୁ ବାଟଖର୍ଚ୍ଚ ମିଳିବ। ଯେଉଁ ଛାତ୍ରୀଛାତ୍ରମାନଙ୍କର ବିଦ୍ୟାଳୟରେ ୭୫%ରୁ ଅଧିକ ଉପସ୍ଥାନ ଥିବ, ସେମାନଙ୍କୁ ମାସିକ ୬୦୦ ଟଙ୍କା ହିସାବରେ ଦଶ ମାସକୁ ମୋଟ ୬ ହଜାର ଟଙ୍କା ଦିଆଯିବ। ସେହିଭଳି ଯେଉଁ ଛାତ୍ରୀଛାତ୍ରମାନଙ୍କର ୫୦ରୁ ୭୪% ମଧ୍ୟରେ ଉପସ୍ଥାନ ଥିବ ସେମାନଙ୍କୁ ୪୦୦ ଟଙ୍କା ଓ ୩୦ରୁ ୪୯% ହୋଇଥିଲେ ମାସିକ ୩୦୦ ଟଙ୍କା ମିଳିବ। କିନ୍ତୁ ୩୦ ପ୍ରତିଶତରୁ କମ୍ ଉପସ୍ଥାନ ଥିବା ଛାତ୍ରୀଛାତ୍ରଙ୍କୁ କୌଣସି ଯାତାୟାତ ଖର୍ଚ୍ଚ ମିଳିବ ନାହିଁ। ସେହିଭଳି ବନ୍ଦ ହେବାକୁ ଯାଉଥିବା ସ୍କୁଲ୍‌ର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମଧ୍ୟ ଅନ୍ୟ ବିଦ୍ୟାଳୟଗୁଡ଼ିକୁ ବଦଳି କରାଯିବ। ଶିକ୍ଷକ ଅଭାବ ଥିବା ବିଦ୍ୟାଳୟଗୁଡ଼ିକୁ ସେମାନଙ୍କୁ ବଦଳି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିଭଳି ଏସବୁ ବିଦ୍ୟାଳୟଗୁଡ଼ିକରେ କାମ କରୁଥିବା ପାଚିକାମାନଙ୍କ ସମ୍ପର୍କରେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି।

### ରାଜ୍ୟ ସଭା ପ୍ରାର୍ଥୀ ଚୟନ

# ପାଙ୍ଗଶାଣୀ ନିରାଶ, ଦାମ କହିଲେ ଡବଲ ଇଞ୍ଜିନ୍

ଭୁବନେଶ୍ୱର,୨୨।୬(ବ୍ୟୁରୋ)

- ଏବେ ବି ଆଶାରେ ରମେଶ
- କଂଗ୍ରେସର ସମାଲୋଚନା
- ଭଲ ପ୍ରାର୍ଥୀଙ୍କୁ ବିଜେଡି ଦେଇଛି ସମର୍ଥନ : ଅରୁଣ

ବିଧାନସଭାରେ ବିଜେଡିର ସଂଖ୍ୟାଗରିଷ୍ଠତା ଥାଇ ମଧ୍ୟ ଦଳ ୩ଟି ରାଜ୍ୟ ସଭା ଆସନ ହାତେଇଲା ନାହିଁ। କିଛିବର୍ଷ ହେବ ନିଜର ମୁଖ୍ୟ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଥିବା ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ କଲା। ଏହି ନିଷ୍ପତ୍ତି ଦ୍ୱାରା ଏକାଧିକ ଆଶାୟୀ ନିରାଶ ହୋଇଛନ୍ତି। ସର୍ବୋପରି ନିର୍ବାଚନ ସମୟରେ ଟିକେଟ୍ ନ ପାଇ ରାଜ୍ୟ ସଭା ଯିବାର ପ୍ରତିଶ୍ରୁତି ପାଇଥିବା ଏକାଧିକ ନେତା ନିରାଶ ହୋଇଛନ୍ତି। ତନ୍ମଧ୍ୟରୁ ପ୍ରସନ୍ନ ପାଟଶାଣୀ ମନସ୍ତାପ କରିଥିବା ବେଳେ ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବେ ବି ଆଶା ରଖିଛନ୍ତି।

ଭୁବନେଶ୍ୱରର ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ରାଜ୍ୟ ସଭା ପ୍ରାର୍ଥୀ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ସ୍ୱାଭାବିକ ଭାବେ ଆଶା ରହିଥିଲା। ସେ ଆଶାର ଏବେ କୌଣସି ମୂଲ୍ୟ ରହିଲା ନାହିଁ। ତେଣୁ ମନଦୁଃଖ ହେବା ସ୍ୱାଭାବିକ। ଅପରପକ୍ଷରେ ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ ଭିନ୍ନ ମତ ରଖିଛନ୍ତି। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ନ ହେଲେ ବି ସେ ନିଶ୍ଚୟ ତାହାକୁ ପୂରଣ କରିବେ ବୋଲି ଆଶା। ଚଳିତ ରାଜ୍ୟ ସଭା ନିର୍ବାଚନ ପାଇଁ ପ୍ରାର୍ଥୀ ସମ୍ପର୍କରେ ଦଳ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି ରମେଶ କହିଛନ୍ତି। ତେବେ କେଉଁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ନଜର ରଖି ବିଜେଡି ଏପରି ନିଷ୍ପତ୍ତି ନେଇଛି, ତାହା କୌଣସି ବିଜେଡି ନେତା ସ୍ପଷ୍ଟ ଭାବେ କହିପାରିନାହାନ୍ତି। ବିଜେଡି ସିବିଆଇ ଭୟରେ ଭାଜପାକୁ ସମର୍ଥନ କରିଥିବା କଥା କୁହାଯାଉଛି। ହେଲେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏହାକୁ ଖଣ୍ଡନ କରିଛନ୍ତି। ପ୍ରଫୁଲ୍ଲ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଦଳର ସର୍ବୋଚ୍ଚ କର୍ତ୍ତା। ସେ ଭାବିଚିନ୍ତି ନିଷ୍ପତ୍ତି ନେଇଥିବେ। ରାଜ୍ୟ ସଭା ପ୍ରାର୍ଥୀ ଚୟନ ଏକ ସ୍ୱତନ୍ତ୍ର ପ୍ରସଙ୍ଗ, ଏହାକୁ ଅନ୍ୟ ଘଟଣା ସହ ଯୋଡ଼ା ନ ଯାଉ। ଭାଜପା ଅଥବା ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ କୁହାଯାଉଥିବା ସବୁକଥା ମାନିବାକୁ ବିଜେଡି ବାଧ୍ୟ ନୁହେଁ ବୋଲି ସାମଲ କହିଛନ୍ତି।

ଅପରପକ୍ଷରେ କଂଗ୍ରେସ ପକ୍ଷରୁ ବିଜେଡି-ଭାଜପା ଉଭୟଙ୍କୁ ସମାଲୋଚନା କରାଯାଇଛି। ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ବିଜେଡି ଚିଟ୍‌ଫଣ୍ଡ ଦୁର୍ନୀତି, ବ୍ଲାକରୋଜ୍ ଘଟଣା ଭଳି ପ୍ରସଙ୍ଗରେ ସିବିଆଇ ନଜରରେ ରହିଛି। ତେଣୁ ସିବିଆଇ ଭୟ ବିଜେଡିକୁ ଭାଜପା ସମ୍ମୁଖରେ ରାଜନୈତିକ ଭାବେ ଦୁର୍ବଳ କରିଛି। ଯାହା ଏହି ରାଜ୍ୟ ସଭା ଡିଲ୍‌ରୁ ସ୍ପଷ୍ଟ ହୋଇଛି। ଅପରପକ୍ଷରେ ଭାଜପା ପ୍ରଭାରୀ ଅରୁଣ ସିଂ କହିଛନ୍ତି ଯେ, ବିଜେଡି-ଭାଜପା ମଧ୍ୟରେ କୌଣସି ବୁଝାମଣା ନାହିଁ। ଅଶ୍ୱିନୀ ବୈଷ୍ଣବ ଜଣେ ଉତ୍ତମ ପ୍ରାର୍ଥୀ, ତେଣୁ ତାଙ୍କୁ ବିଜେଡି ସମର୍ଥନ ଦେଇଛି। କଂଗ୍ରେସ ବର୍ତ୍ତମାନ ରାଜନୈତିକ ଗୁରୁତ୍ୱ ହରାଇଛି, ତେଣୁ ତାଙ୍କ ଅଭିଯୋଗର କୌଣସି ଗୁରୁତ୍ୱ ନାହିଁ। ହେଲେ ନିର୍ବାଚନ ପୂର୍ବରୁ ବିଜେଡିରୁ ବହିଷ୍କୃତ ହୋଇ ଭାଜପା ଯାଇଥିବା ବରିଷ୍ଠ ନେତା ଦାମୋଦର ରାଉତଙ୍କ ମତ ଚର୍ଚ୍ଚାର କାରଣ ହୋଇଛି। ଦାମୋଦର କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ଭାଜପା ପକ୍ଷରୁ ଡବଲ ଇଞ୍ଜିନ ସ୍ଲୋଗାନ ଦିଆଯାଇଥିଲା। ତାହା ହେଲା ନାହିଁ। ରାଜ୍ୟରେ ବିଜେଡି ଓ କେନ୍ଦ୍ରରେ ଭାଜପା ସରକାର ହେଲା। ନିକଟରେ ରାଜ୍ୟ ସଭା ପ୍ରାର୍ଥୀ ଚୟନ ନେଇ ସଂଖ୍ୟା ଥାଇ ବିଜେଡି ପ୍ରାର୍ଥୀ ଦେଲା ନାହିଁ। ଓଲଟି ଭାଜପା କରିଥିବା ପ୍ରାର୍ଥୀଙ୍କୁ ସମର୍ଥନ ଦେଲା। ତେଣୁ ପରୋକ୍ଷରେ ଡବଲ ଇଞ୍ଜିନ ସ୍ଲୋଗାନ କାର୍ଯ୍ୟକାରୀ ହୋଇଥିବା ଦାମ କହିଛନ୍ତି। ସାରା ଭାରତରେ ପ୍ରଶାସକମାନେ ରାଜନୀତିକୁ ଆସିବା ଧାରା ବୃଦ୍ଧି ପାଉଛି। ବିଜେଡି-ଭାଜପା ପରସ୍ପରର ଆବଶ୍ୟକତା ପାଳିଛନ୍ତି। ତେଣୁ ରାଜ୍ୟ ସଭା ସମର୍ଥନରେ ଆଶ୍ଚର୍ଯ୍ୟ ହେବାର ନାହିଁ ବୋଲି ଦାମ କହିଛନ୍ତି।

# ସବୁ ଜିଲାକୁ ଛୁଇଁଲା ମୌସୁମୀ

- ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ସମ୍ଭାବନା
- ୨୭ ଯାଏ କାଁ ଭାଁ ବର୍ଷା

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶନିବାର ରାଜ୍ୟର ସମସ୍ତ ଜିଲାକୁ ଛୁଇଁଛି। ଉତ୍ତର-ପୂର୍ବ ବଙ୍ଗୋପସାଗର, ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଆଭ୍ୟନ୍ତରୀଣ ଓଡ଼ିଶା ଉପରେ ରହିଛି। ଏହାଛଡ଼ା ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିଯୋଗୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହେବ । ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ମାଲକାନଗିରି, ଗଜପତି, ରାୟଗଡ଼ା ଏବଂ ବୌଦ୍ଧ ଜିଲାର ଅଳ୍ପ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ମୌସୁମୀ ଉପକୂଳବର୍ତ୍ତୀ ଜିଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ମାଲକାନଗିରି, ଢେଙ୍କାନାଳ, ମୟୂରଭଞ୍ଜ, କୋରାପୁଟ ଜିଲା ସମେତ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ ଏବଂ କେନ୍ଦୁଝର ଜିଲାକୁ ପ୍ରବେଶ କରିଥିଲା। ଶନିବାର ସମଗ୍ର ରାଜ୍ୟକୁ ଘେରିଯାଇଛି ।

ମୌସୁମୀ ପ୍ରଭାବରେ ଗତ ୪୮ ଘଣ୍ଟା ମଧ୍ୟରେ ଅନେକ ସ୍ଥାନରେ ବର୍ଷା ହୋଇଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ୨୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୫.୪, କଟକ ୮, ପାରାଦୀପ ୨୮.୨, ଗୋପାଳପୁର ୪.୬, ପୁରୀ ୨୨.୫, ବାରିପଦା ୨୨, ଝାରସୁଗୁଡ଼ା ୪୭.୨, ସମ୍ବଲପୁର ୬.୮, ସୁନ୍ଦରଗଡ଼ ୧୧, ହୀରାକୁଦ ୧୨.୭, ଭବାନୀପାଟଣା ୪, ବଲାଙ୍ଗୀର ୪.୬, କୋରାପୁଟ ୧୮, ଟିଟିଲାଗଡ଼ ୩୩, ମାଲକାନଗିରି ୪୨, ସୋନପୁର ୪.୨ ଏବଂ ଦାରିଙ୍ଗିବାଡ଼ିରେ ୧୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ତେବେ ମୌସୁମୀ ଦୁର୍ବଳ ଅବସ୍ଥାକୁ ଚାଲି ଯାଇଥିବାରୁ ଆସନ୍ତା ୨୭ ତାରିଖ ଯାଏ ରାଜ୍ୟରେ ବର୍ଷା ହେବାର କୌଣସି ସୂଚନା ନ ଥିବା ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।


ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।
**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସଙ୍ଗକୁ ଅପରାହ୍ନରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ଅଛି। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୨ | ୨୩.୧ |
| ଚାନ୍ଦବାଲି | ୩୩.୦ | ୨୫.୬ |
| କଟକ | ୩୩.୦ | ୨୧.୦ |
| ପାରାଦ୍ୱୀପ | ୩୧.୬ | ୨୫.୫ |
| ଭୁବନେଶ୍ୱର | ୩୧.୪ | ୨୩.୯ |
| ଗୋପାଳପୁର | ୩୪.୧ | ୨୫.୮ |
| ପୁରୀ | ୩୧.୮ | ୨୫.୦ |
| ଅନୁଗୋଳ | ୩୩.୧ | ୨୨.୦ |
| ବାରିପଦା | ୩୨.୪ | ୨୫.୫ |
| ଝାରସୁଗୁଡ଼ା | ୩୧.୮ | ୨୩.୭ |
| କେନ୍ଦୁଝର | ୩୧.୦ | ୨୩.୯ |
| ସମ୍ବଲପୁର | ୩୩.୦ | ୨୩.୮ |
| ସୁନ୍ଦରଗଡ଼ | ୩୦.୦ | ୧୯.୦ |
| ହୀରାକୁଦ | ୩୦.୬ | ୨୪.୪ |
| ତାଳଚେର | ୩୫.୧ | ୨୬.୩ |
| ଭବାନୀପାଟଣା | ୩୨.୫ | ୨୫.୫ |
| ବଲାଙ୍ଗୀର | ୩୨.୦ | ୨୪.୦ |
| କୋରାପୁଟ | ୨୫.୦ | ୧୯.୬ |
| ଫୁଲବାଣୀ | ୩୧.୫ | --- |
| ଟିଟିଲାଗଡ଼ | ୩୨.୫ | ୨୦.୦ |
| ମାଲକାନଗିରି | ୩୧.୦ | ୧୯.୦ |
| ସୋନପୁର | ୩୨.୪ | ୨୧.୮ |
| ଦାରିଙ୍ଗିବାଡ଼ି | ୨୮.୦ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଏକାଦଶ ଚନ୍ଦ୍ର ଯୋଗୁ କାର୍ଯ୍ୟସିଦ୍ଧି ସାଙ୍ଗକୁ ବୈଷୟିକ ଅଭିବୃଦ୍ଧି ହୋଇପାରିବ। ପୂର୍ବ ସ୍ଥିରୀକୃତ ଦୂରଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ, ବନ୍ଧୁ ବାନ୍ଧବ କ୍ଷେତ୍ରରେ ସୁଫଳ ପାଇବେ। ରାହୁ ଯୁକ୍ତ ରବି ହେତୁ କୃତ୍ତିକା ନକ୍ଷତ୍ର ସବୁକଥାକୁ ଭଲରୂପେ ବିଚାର କରି କାମ ନ କଲେ ଅସୁବିଧାର ସମ୍ମୁଖୀନ ହେବେ।

**ବୃଷ** ଆଗକୁ ଆସୁଥିବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ କରିବାକୁ ପଡିପାରେ। ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ଭଲ ସମ୍ପର୍କ ରଖି ନ ଥିବା ବ୍ୟକ୍ତିମାନଙ୍କଠାରୁ ଦୂରେଇ ରହିବା ଭଲ ହେବ।

**ମିଥୁନ** ପାରିବାରିକ କ୍ଷେତ୍ରରେ ପରିସ୍ଥିତିବଶତଃ ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ଦୂରକୁ ଯିବାକୁ ପଡିପାରେ। ଅବଶ୍ୟ କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିପାରିବେ। କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ।

**କର୍କଟ** ଆଜି ଅଷ୍ଟମସ୍ଥ ଚନ୍ଦ୍ର ଯୋଗୁ ମନ ଚାହୁଁ ନ ଥିବା କେତେକ ପରିସ୍ଥିତିରେ ସମ୍ମୁଖୀନ ହେବାକୁ ପଡିବାର ସୂଚନା ରହିଛି। କାର୍ଯ୍ୟହାନି ଜନିତ ଧୈର୍ଯ୍ୟଚ୍ୟୁତି ସାଙ୍ଗକୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅବଶ୍ୟ ଅନୁକୂଳ ରହିବ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରେ କିଛି ସମସ୍ୟା ଦେଖାଦେବ।

**ସିଂହ** କେତେକ କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ। ଆଗାମୀ ସମୟର ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ପାଇଁ ବିଭିନ୍ନ ଫନ୍ଦିଫିକର କରିପାରନ୍ତି। ଖୋଜୁଥିବା ଜିନିଷର ସନ୍ଧାନ ନ ମିଳିବାରୁ ବ୍ୟଗ୍ରତା ବଢ଼ି ଯାଇପାରେ। ସମସ୍ୟା ସୁଧାରିବା ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିବାକୁ ପଡିବ।

**କନ୍ୟା** କର୍ମକ୍ଷେତ୍ରରେ ସନ୍ଦେହାତ୍ମକ ବାତାବରଣ ମଧ୍ୟରେ ଅଣନିଃଶ୍ୱାସୀ ହେବାକୁ ପଡିପାରେ। ଶିକ୍ଷା କ୍ଷେତ୍ରରେ ଅପୂରଣୀୟ ଆଶା ଓ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ ମାନସିକ ସ୍ଥିତିକୁ ଦୁର୍ବଳ କରିଦେବ। ପାରିବାରିକ ସମସ୍ୟା ଲାଗି ରହି ପାରେ। ତଥାପି ତରବର ନ ହୋଇ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ଦୋଦୁଲ୍ୟମାନ ଅବସ୍ଥାରେ ରହିବାକୁ ବାଧ୍ୟ ହେବେ। ଏହିଭଳି କେତେକ ପରିସ୍ଥିତି ସୃଷ୍ଟିହେବ, ଯାହାକି ପଣା ବୋଲି ପିଇପାରିବେ ନାହିଁ କିମ୍ବା ପାଣି ବୋଲି ମଧ୍ୟ ଫିଙ୍ଗି ପାରୁ ନ ଥିବେ। ବିଭିନ୍ନ ପ୍ରକାରର ଅସୁବିଧା ଭିତରେ ଗତି କରୁଥିବାରୁ ଧୀରେ ଧୀରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିବ।

**ବିଛା** ନୂତନକର୍ମାରମ୍ଭ, ଆନୁଷ୍ଠାନିକ କାମ, ସଭାସମିତି ଓ ଭ୍ରମଣ ଜନିତ କାମରେ ସମୟ ବିନିଯୋଗ କରିବେ। ପରିବାରରେ ଭୁଲ୍ ବୁଝାମଣା ଓ ନିଜର କେତେକ ବ୍ୟତିକ୍ରମକୁ ସଜାଡିବାକୁ ଯାଇ ଅସ୍ଥିରତା ଲାଗି ରହିବ। ଅଭାବ ନ ଥିଲେ ମଧ୍ୟ ସ୍ଥଗିତ କାର୍ଯ୍ୟ ସକାଶେ ବିଚଳିତ ରହିପାରନ୍ତି। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କଥା କହି ନ ପାରେ।

**ଧନୁ** ବିଶେଷ କୌଣସି ଅସୁବିଧା ନ ଥିଲେ ମଧ୍ୟ ଅଯଥାରେ ଏଣୁତେଣୁ ଗୁଡାଏ ଚିନ୍ତା କରି ମନ ବିବ୍ରତ ରହିବ। ବିବାଦୀୟ ପରିସ୍ଥିତି କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ସାମୟିକ ଖୁସି ହୋଇଯାଇପାରେ। ବାଧ୍ୟ ବାଧକତାରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କକୁ ନେଇ ଆଲୋଚନାରେ ବ୍ୟସ୍ତ ରହିପାରନ୍ତି।

**ମକର** ସକାଳୁ ସକାଳୁ ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବାର ଆଶା ରହିଛି। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ। ଟିକିଏ ଟିକିଏ କଥାରେ ରାଗିଯାଇ ଯାହା ପଡିଲା ତାହା କହି ପକାଇବା ଦ୍ୱାରା କିଛି ସମସ୍ୟା ଆସିପାରେ। ଆତ୍ମୀୟମାନେ ସହଯୋଗ କରି ଆପଣଙ୍କ କାମକୁ ସୁଗମ କରିପାରନ୍ତି।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ କିଛି କ୍ଷତି କରିପାରିବେ ନାହିଁ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚଫଳ ପ୍ରାପ୍ତି ହୋଇପାରେ। ସାଧାରଣ କଥାରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ।

**ମୀନ** କର୍ମକ୍ଷେତ୍ରରେ ସମସ୍ୟାକୁ ପ୍ରତିହତ କରି ଆଗକୁ ବଢିବା ସକାଶେ ପଦକ୍ଷେପ ନେବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବାର ଆଶଙ୍କା ରହିଛି। ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।

ଆଜି ଆଷାଢ଼ କୃଷ୍ଣ ଷଷ୍ଠୀ ରବିବାର, ଜୁନ୍ ୨୩ ତାରିଖ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ମେଷ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅଦ୍ୟ ବିଦ୍ୟାରମ୍ଭ, ବ୍ରତୋପନୟନ ଓ ବାଣିଜ୍ୟକରଣ ପାଇଁ ଶୁଭଦିନ, ଶରଣଂ, ଦିବା ଘ୧୧।୪୫ମି. ଗତେ ଘ୧।୨୬ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୫ମି. ମଧ୍ୟେ ଅମୃତବେଳା। ସକାଳ ଘ୬।୫୦ମି. ମଧ୍ୟେ ଘ୪।୫୪ମି. ଗତେ ଘ୬।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୮।୨୭ମି. ଗତେ ଘ୧୦।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା।



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍





# ଜିଲ୍ଲା ଚିଠି
## ରାଉରକେଲା

## ପ୍ରତିଶ୍ରୁତିରେ ସ୍ମାର୍ଟ ସିଟିର ବିକାଶ

ଦିନେ ମ୍ୟୁନିସିପାଲିଟି ଓ ଷ୍ଟିଲ ଟାଉନଶିପ୍ ଅନ୍ତର୍ଗତ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନେଇ ରାଉରକେଲା ସହର ଗଢ଼ି ଉଠିଥିଲା । ପର୍ଯ୍ୟାୟ କ୍ରମେ ସେହି ସହର ମହାନଗର ଓ ସ୍ମାର୍ଟସିଟିର ମାନ୍ୟତା ଲାଭ କରିଛି। ୨୦୧୪ ନଭେମ୍ବର ୧୪ରେ ରାଜ୍ୟ ସରକାର ଏହି ସହରକୁ ମହାନଗର ନିଗମ ମାନ୍ୟତା ପ୍ରଦାନ କରିଥିଲେ। ଏହାର ୨ବର୍ଷ ପରେ ଅର୍ଥାତ୍ ୨୦୧୬ ସେପ୍ଟେମ୍ବର ୨୦ରେ କେନ୍ଦ୍ର ସରକାର ରାଉରକେଲାକୁ ସ୍ମାର୍ଟ ସିଟି ଭାବେ ଘୋଷଣା କରି ସମସ୍ତଙ୍କୁ ଚମକାଇ ଦେଇଥିଲେ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏଭଳି ଘୋଷଣାକୁ ସହରବାସୀ ସେତେବେଳେ ଜୋରଦାର ସ୍ୱାଗତ କରିଥିଲେ। ଭାବିଥିଲେ ସହରର ଚିତ୍ର ବଦଳିବ। ସବୁଠି ସ୍ମାର୍ଟନେସର ଝଲକ ଦେଖିବାକୁ ମିଳିବ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଆଲୋକୀକରଣ, ଗମନାଗମନ ଭଳି ମୌଳିକ ଆବଶ୍ୟକତାରେ ଉନ୍ନତି ଆସିବ। ଇତିମଧ୍ୟରେ ମହାନଗର ଘୋଷଣାକୁ ୫ ବର୍ଷ ଓ ସ୍ମାର୍ଟସିଟି ଘୋଷଣାକୁ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ପୂରିଲାଣି । ତଥାପି ସହରବାସୀଙ୍କ ଆଶା ପୂରଣ ହୋଇପାରିନି । ଆଜି ପର୍ଯ୍ୟନ୍ତ ମହାନଗର ନିଗମ ପାଇଁ ନିର୍ବାଚନ ହୋଇପାରୁନି। ବିକାଶର ଲଗାମ ରହିଛି ସରକାରୀ ଅଧିକାରୀଙ୍କ ହାତରେ। ଆଇନ ଜାଲରେ ଛନ୍ଦି ହୋଇ ରହିଛି ମହାନଗର ନିଗମ ନିର୍ବାଚନ ଘୋଷଣା। ବାରମ୍ବାର ଦାବି ସତ୍ତ୍ୱେ କମିଶନରେଟ ପୋଲିସ ବ୍ୟବସ୍ଥା ପ୍ରଚଳନ ସମ୍ଭବ ହୋଇନି। ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆସିନି। ଭୂତଳ ପାର୍କିଂ ସ୍ୱପ୍ନ ଦେଖାଇଥିବା ସ୍ମାର୍ଟସିଟି କର୍ତ୍ତୃପକ୍ଷ ରାସ୍ତା ପାର୍ଶ୍ୱ ପାର୍କିଂକୁ ବ୍ୟବସ୍ଥିତ କରିପାରୁ ନାହାଁନ୍ତି। ପାର୍କ, ଜଳାଶୟ, ଷ୍ଟାଡିୟମ, ସଭାଘର ଭଳି ଅନେକ ଆବଶ୍ୟକତା ଦୂରହୋଇ ପାରିନି। ଏସବୁ କେବଳ ବୈଠକ, ଆଲୋଚନା ଓ ପ୍ରତିଶ୍ରୁତିରେ ଅଟକିଛି। ଏହା ବ୍ୟତୀତ ସ୍ମାର୍ଟ ରୋଡ, ଗ୍ରୀନ୍ ବେଲ୍ଟ, ସିଟିଜେନ୍ ପାର୍କ, ପବ୍ଲିକ ଇନଫର୍ମେଶନ ସିଷ୍ଟମ, ଟେଲି ମେଡିସିନ ସେଣ୍ଟର୍ସ, ସ୍ମାର୍ଟ କ୍ଲାସରୁମ ଭଳି ଯେଉଁ ଚିତ୍ର ସହରବାସୀଙ୍କ ସମ୍ମୁଖରେ ରଖାଯାଇଥିଲା ତାହା ଆଜି ବି ସ୍ୱପ୍ନ ହୋଇ ରହିଛି। ସହରର ପ୍ରମୁଖ ଜନଗହଳିପୂର୍ଣ୍ଣ ବଜାର ଡେଲି ମାର୍କେଟ, ହୋଲସେଲ ମାର୍କେଟ ଓ ପାନପୋଷ ମାର୍କେଟ ଆଦିର ଉନ୍ନତୀକରଣ ଓ ଆବଶ୍ୟକ ସ୍ଥଳେ ଏହାର ସ୍ଥାନାନ୍ତର ନେଇ ପ୍ରତିଶ୍ରୁତି ରଖିଥିଲେ କର୍ତ୍ତୃପକ୍ଷ। କେବଳ ଏତିକି ନୁହେଁ ଭେଜିକିଲ ଫ୍ରି ଜୋନ, ଟ୍ରାଡିଶନାଲ ଭେଣ୍ଡିଂ ଜୋନ, ସ୍କିଲ ଡେଭଲପମେଣ୍ଟ ସେଣ୍ଟର, ଟ୍ରେନିଂ ସେଣ୍ଟର, ଟ୍ରାଇବାଲ ଆର୍ଟ ସେଣ୍ଟର ଭଳି ଅନେକ ପ୍ରସ୍ତାବିତ ପ୍ରକଳ୍ପ କାଗଜକଲମରେ ଅଟକିଛି। ଏହାବ୍ୟତୀତ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହେଉଛି ଦ୍ୱିତୀୟ ବ୍ରାହ୍ମଣୀ ସେତୁ । ଯାହାର ନିର୍ମାଣ ନେଇ ଆଜି ବି ସନ୍ଦେହ ଦୂର ହୋଇ ପାରୁନି। ୨୦୧୪ରୁ ବିଭିନ୍ନ ସମୟରେ ଏହାର ନିର୍ମାଣ ନେଇ ଏକାଧିକ ନିର୍ମାଣକାରୀ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ତଥାପି ସେହି ପ୍ରକଳ୍ପ କେବେ ଶେଷ ହେବ ସେନେଇ କେହି ଆକଳନ କରି ଉତ୍ତର ଦେଇପାରୁ ନାହାନ୍ତି। ସମାନ ଅବସ୍ଥାରେ ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ପରିଣତ ନ କରିବା ଘଟଣା ସହରବାସୀଙ୍କ ମନରେ ଦୁଃଖ ଭରି ଦେଇଛି। ରାଉରକେଲା ସରକାରୀ ଡାକ୍ତରଖାନା କେବଳ ଏ ସହର ପାଇଁ ନୁହେଁ ବରଂ ପଡୋଶୀ ଝାଡ଼ଖଣ୍ଡ ଓ ଛତିଶଗଡ଼ ରାଜ୍ୟ ପାଇଁ ବଡ ଆବଶ୍ୟକତା । ଏହାର ଉନ୍ନତୀକରଣ କିମ୍ବା ସମ୍ପ୍ରସାରଣ ନେଇ ସନ୍ତୋଷଜନକ ପଦକ୍ଷେପ ନିଆଯାଇ ପାରିନି। ଉଚ୍ଚ ଶିକ୍ଷା ହେଉ କି ଦୂରାରୋଗ୍ୟ ବ୍ୟାଧି ସବୁ କଥାରେ କଟକ, ଭୁବନେଶ୍ୱର ଭଳି ବଡ ସହର ଉପରେ ନିର୍ଭରଶୀଳ ହେଉଛନ୍ତି ରାଉରକେଲାବାସୀ। କେବେ ସୁଦ୍ଧା ମହାନଗର ଓ ସ୍ମାର୍ଟ ସିଟିର ରୂପରେଖ ବଦଳିବ ସେ ନେଇ ସବୁଠି ପ୍ରଶ୍ନବାଚୀ। ସ୍ମାର୍ଟସିଟି ରୂପକାର ସାଜି ମୋଟା ଅଙ୍କର ଦରମା ଉଠାଉଥିବା ଅଧିକାରୀ ବା କର୍ମଚାରୀଙ୍କ ଦକ୍ଷତା ନେଇ ଏବେ ପ୍ରଶ୍ନ ଉଠିଛି।

– ବସନ୍ତ ଧଳ

### କଲରାପତରିଆ ବାଘ ଚମଡ଼ା ଜବତ ଘଟଣା

# ଅଭିଯୁକ୍ତଙ୍କୁ ୫ଦିନରେ ରିମାଣ୍ଡରେ ନେଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)



■ ଘଟଣା ପରେ ବନ ବିଭାଗର ତତ୍ପରତା

■ ଏନ୍‌ଟିସିଏର କ୍ଷୋଭ, ଜାରି ହେବ ଆଡ଼ଭାଇଜରୀ

ଦେବଗଡ଼ ଜିଲା ବାରକୋଟରୁ କଲରାପତରିଆ ବାଘ ଚମଡ଼ା ର୍ୟାକେଟ୍ ଧରାପଡ଼ିବା ଘଟଣାରେ କ୍ରାଇମବ୍ରାଞ୍ଚ ୩ ଅଭିଯୁକ୍ତଙ୍କୁ ୫ଦିନ ରିମାଣ୍ଡରେ ନେଇଛି। ପରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ସବ୍ ଇନ୍ସପେକ୍ଟର ନଳିନୀକାନ୍ତ ଦାସ ଅଭିଯୁକ୍ତମାନଙ୍କୁ ଧରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛନ୍ତି। ଶିକାରୀମାନଙ୍କୁ ଧରିବାକୁ ଚେଷ୍ଟା ଚାଲିଥିବା କ୍ରାଇମବ୍ରାଞ୍ଚ ଏସିପି ପି. ରାହୁଲ କହିଛନ୍ତି। ସେପଟେ ଏହି ଘଟଣା ପରେ ପଦକ୍ଷେପ ପାଇଁ ତତ୍ପର ହୋଇଉଠିଛି ବନ ବିଭାଗ। ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ପିସିସିଏଫ୍ ଅଜୟ ମହାପାତ୍ର କହିଛନ୍ତି, ଆମର ଇଣ୍ଟେଲିଜେନ୍ସ ବଢ଼ାଇବାକୁ ପଡ଼ିବ। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଡିଏଫ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯିବ। ଦେବଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ କହିଛନ୍ତି, ଶିକାର ହୋଇଥିବା କଲରାପତରିଆ ବାଘଟି ଦେବଗଡ଼ ଡିଭିଜନର କି ନୁହେଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଆମେ ତଦନ୍ତ ଜାରି ରଖିଛୁ। ଆଗକୁ ଏପରି ଘଟିଲେ ସ୍ଥାନୀୟ ରେଞ୍ଜ ଅଫିସ୍ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ଅନ୍ୟପକ୍ଷରେ ଓଡ଼ିଶାରେ ବାରମ୍ବାର ଏଭଳି ଘଟଣା ସାମ୍ନାକୁ ଆସିବା ପରେ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ(ଏନ୍‌ଟିସିଏ) କ୍ଷୋଭ ପ୍ରକାଶ କରିବା ସହିତ ବନ ବିଭାଗର କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଇଛନ୍ତି। ଏନେଇ ଏନ୍‌ଟିସିଏ ମୁଖ୍ୟ ଅନୁପ ନାୟକ କହିଛନ୍ତି. ଓଡ଼ିଶାରେ ଏତେ ସଂଖ୍ୟାରେ କଲରାପତରିଆ ବାଘ ଚମଡ଼ା କ୍ରାଇମବ୍ରାଞ୍ଚ ଦ୍ୱାରା ଜବତ ହେବା ଅତ୍ୟନ୍ତ ଉଦବେଗର ବିଷୟ। ବାଘ ଶୀକାର ରୋକିବା ପାଇଁ କ'ଣ ପଦକ୍ଷେପ ନେଇଛନ୍ତି ସେ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କୁ ରିପୋର୍ଟ ମାଗିବୁ। ଏଥିସହ ଓଡ଼ିଶା ପାଇଁ ଏକ ଆଡ଼ଭାଇଜରି ମଧ୍ୟ ଜାରି କରିବୁ ବୋଲି ଏନ୍‌ଟିସିଏ ମୁଖ୍ୟ କହିଛନ୍ତି। ଖୋର୍ଦ୍ଧା ଜିଲା ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କୁହନ୍ତି, ପୂର୍ବରୁ କ୍ରାଇମବ୍ରାଞ୍ଚ କୁଚିଣ୍ଡାରେ ଜବତ କରିଥିବା ୪ଟି ବାଘ ଚମଡ଼ାରେ ଗୁଳି ଚିହ୍ନ ଥିଲା । ଦେବଗଡ଼ରୁ ଜବତ ଚମଡ଼ାରେ ସମାନ ପ୍ରକାରର ଚିହ୍ନ ରହିଥିବାରୁ ବାଘକୁ ଗୁଳି କରି ଶିକାର କରାଯାଇଥିବା ଜଣାପଡୁଛି। ହେଲେ ବନ୍ଧୁକ ଓ ଶିକାରୀଙ୍କୁ ଧରିବାକୁ ବନ ବିଭାଗ ଆଦୌ ପ୍ରାଥମିକତା ଦେଉନାହିଁ। ଶିମିଳିପାଳର କୋର୍ ଏରିଆରେ ବନ୍ଧୁକ ଚାଳନା ଭିଡିଓ ଗଣମାଧ୍ୟମରେ ପ୍ରକାଶିତ ହେଲା। ତଦନ୍ତରୁ ସତ୍ୟତା ପ୍ରମାଣିତ ହେଲା, ହେଲେ ସମ୍ପୃକ୍ତ ଦୋଷୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲା ନାହିଁ। ସେହିଭଳି ବନ୍ଧୁକରେ ଯେ ଶିକାର ହେଉ ନ ଥିବ ସେକଥା କିଏ କହିବ ବୋଲି ଶୁଭେନ୍ଦୁ ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ, ଶୁକ୍ରବାର କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଦେବଗଡ଼ ଜିଲାରୁ ୭ ଫୁଟର ଏକ କଲରାପତରିଆ ବାଘ ଛାଲ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ମଧ୍ୟରେ ୨ଜଣ ଜେଲ୍ ବିଭାଗ କର୍ମଚାରୀଙ୍କ ପୁଅ ଅଛନ୍ତି ବୋଲି ସୂଚନା ମିଳିଛି। ଗିରଫ ଅଭିଯୁକ୍ତମାନେ ହେଲେ ରମଣୀସେନ ବେହେରା, ଯଜ୍ଞଦତ୍ତ ବେହେରା ଓ ସଚିକାନ୍ତ ନାୟକ। ରମଣୀସେନ ଏହି ମାମଲାର ମାଷ୍ଟର ମାଇଣ୍ଡ ବୋଲି ଜଣାପଡ଼ିଛି। ରାଉରକେଲାରେ ବାଘ ଛାଲ ବିକ୍ରି କରିବା ପାଇଁ ଗିରଫ ଅଭିଯୁକ୍ତମାନେ ଯୋଜନା କରୁଥିଲେ ବୋଲି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଡିଆଇଜି ଆଶିଷ ସିଂ ସୂଚନା ଦେଇଛନ୍ତି। ପୂର୍ବରୁ କୁଚିଣ୍ଡାରେ ୪ଟି ବାଘ ଛାଲ ଜବତ ସହ ୭ ଜଣଙ୍କୁ ଗିରଫ କରାଯାଇଥିଲା।

## ଆଜି କ'ଣ କେଉଁଠି

**ଜାମଟିକ୍ରା**
■ଅତାବିରା ଯାଦବ ସମାଜର କାର୍ଯ୍ୟକାରିଣୀ ବୈଠକ, ଲାଦରପାଲି ବାବା ମଠ ଅପରାହ୍ନ ୪ଟା।

**କେସିଙ୍ଗା**
■ରଥଯାତ୍ରା ପାଳନ ପ୍ରସ୍ତୁତି ସାଧାରଣ ବୈଠକ, ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ରାତ୍ର ୭ଟା।

**ନୂଆପଡ଼ା**
■ପଞ୍ଚକୁଣ୍ଡୀୟ ଯଜ୍ଞ, ଗୁରୁକୂଳ ଆଶ୍ରମ, ଆମସେନା ପୂର୍ବାହ୍ନ ୮ଟା।

**ରାଉରକେଲା**
■ଡ. ହରମନ ଜେମିନରଙ୍କ ଜନ୍ମ ଶତବାର୍ଷିକୀ, ଏସଓଏସ ଭିଲେଜ ପରିସର, ସନ୍ଧ୍ୟା ୫ଟା।

**ବୌଦ୍ଧ**
■ଜିଲା କରାଟେ ଆସୋସିଏଶନ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ, ଟାଉନହଲ, ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
■ମିଶ୍ର କମ୍ପାନୀର ପାଇପ ଓ ପମ୍ପ ଶୋରୁମ ଶୁଭାରମ୍ଭ, ଅଇଁଠାପାଲି, ପୂର୍ବାହ୍ନ ୧୦ଟା।
■ଆରୋଗ୍ୟମ୍ ଚିକିତ୍ସାଳୟ ଉଦଘାଟନୀ ଉତ୍ସବ, ବରେଇପାଲି ଶିଳ୍ପାଞ୍ଚଳ, ସନ୍ଧ୍ୟା ୬ଟା।

**ବରଗଡ଼**
■ବିଜେଡି କର୍ମୀ ସମ୍ମିଳନୀ, ପୁଞ୍ଜିପଥର, ବିଜେପୁର, ପୂର୍ବାହ୍ନ ୧୧ଟା।

**ସୁବର୍ଣ୍ଣପୁର**
■ନିଖିଳ ଉତ୍କଳ କୁଳି ମେହେର ସମାଜର ମହାସଭା, ଯାତ୍ରୀ ନିବାସ, ପୂର୍ବାହ୍ନ ୯ଟା ।
■ରିଜର୍ଭ ପ୍ରିମିୟର ଲିଗ୍ ଉଦ୍‌ଯାପନୀ ଉତ୍ସବ, ରିଜର୍ଭ ପୋଲିସ ପଡିଆ, ସନ୍ଧ୍ୟା ୫ଟା ।

**ବଲାଙ୍ଗୀର**
■ଅଖିଳ ଭାରତୀୟ ୮୪ ଘର ଅଘରିଆ ସମାଜର ରକ୍ତଦାନ ଶିବିର, କୁରୁଲ ରାମଜୀ ଉଚ୍ଚ ବିଦ୍ୟାଳୟ, ସକାଳ ୮ଟା।

## ଭାଜପାରେ ଯୋଗଦେଲେ ଅଶ୍ୱିନୀ ବୈଷ୍ଣବ

ଭୁବନେଶ୍ୱର, ୨୨।୬ (ବ୍ୟୁରୋ)



ଅଶ୍ୱିନୀ ବୈଷ୍ଣବଙ୍କୁ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ଫୁଲତୋଡ଼ା ଦେଇ ସ୍ୱାଗତ କରୁଛନ୍ତି।

ରାଜ୍ୟ ସଭା ପ୍ରାର୍ଥୀ ତଥା ବରିଷ୍ଠ ପ୍ରଶାସନିକ ଅଧିକାରୀ ଅଶ୍ୱିନୀ ବୈଷ୍ଣବ ଶନିବାର ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ସେ ଦଳରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି। ପଣ୍ଡା ବୈଷ୍ଣବଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ସେହିପରି ବୈଷ୍ଣବଙ୍କୁ ରାଜ୍ୟ ଉପସଭାପତି ସମୀର ମହାନ୍ତି ଦଳୀୟ ବ୍ୟାଜ ପିନ୍ଧାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଭାଜପାରେ ଯୋଗ ଦେଇଥିବା କହିଛନ୍ତି। ଓଡ଼ିଶାବାସୀଙ୍କ ସେବା କରିବା ପାଇଁ ସୁଯୋଗ ଦେଇଥିବାରୁ ବୈଷ୍ଣବ ଭାରତୀୟ ଜନତା ପାର୍ଟିକୁ ଧନ୍ୟବାଦ ଦେବା ସହ ଓଡ଼ିଶାର ବିକାଶ ଏବଂ ପ୍ରଗତି ପାଇଁ ମନପ୍ରାଣ ଦେଇ କାମ କରିବେ ବୋଲି କହିଛନ୍ତି। ପୂର୍ବରୁ ବୈଷ୍ଣବ ସୁନ୍ଦରଗଡ଼ ଏବଂ ବଣାଇ ଉପ ଜିଲାପାଳ ଏବଂ କଟକ ଜିଲାପାଳ ଭାବେ ଦାୟିତ୍ୱ ତୁଲାଇଛନ୍ତି। ସେ ୧୯୯୯ ମହାବାତ୍ୟା ପରବର୍ତ୍ତୀ ସମୟରେ ପରିସ୍ଥିତିକୁ ସୁଧାର ଆଣିବାରେ ଅନେକ ପ୍ରୟାସ କରିଥିଲେ। ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଥିଲେ। ବୈଷ୍ଣବଙ୍କୁ ରାଜ୍ୟ ସଭା ପ୍ରାର୍ଥୀ କରିଥିବାରୁ ରାଜ୍ୟ ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଶାହଙ୍କୁ କୃତଜ୍ଞତା ଜଣାଯାଇଛି। ଗତ ନିର୍ବାଚନରେ ଓଡିଶାର ୧ କୋଟି ଜନସାଧାରଣ ଭାଜପା ପ୍ରତି ଆସ୍ଥା ପ୍ରକଟ କରିଛନ୍ତି। ଆଗାମୀ ଦିନରେ ରାଜ୍ୟର ବିକାଶକୁ ପ୍ରାଧାନ୍ୟ ଦେଇ ଦଳ କାର୍ଯ୍ୟ କରିବ ବୋଲି ପଣ୍ଡା କହିଛନ୍ତି। ଏହି ମିଶ୍ରଣରେ ରାଜ୍ୟ ସାଧାରଣ ସମ୍ପାଦକ ଅନନ୍ତ ନାୟକ, ଶାରଦା ପ୍ରସନ୍ନ ଶତପଥୀ ଓ ସୁବାସ ଗନ୍ତାୟତ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମ ଭୂଇଁ ଖଞ୍ଜା କାମ ଆରମ୍ଭ

ପୁରୀ ଅଫିସ,୨୨।୬

ଶ୍ରୀନଅର ସମ୍ମୁଖରେ ଚାଲିଛି ରଥକାମ। ଶନିବାର ସୁଦ୍ଧା ତିନିରଥର ଯୋଖା କାମ ସରିଛି। ଦଣ୍ଡା, ଅଖ ଓ ଗୟଳକୁ ଯୋଖା ଧରି ରଖିଥାଏ। ଅନ୍ୟପଟେ ଶନିବାରଠାରୁ ପ୍ରଥମ ଭୂଇଁ ଖଞ୍ଜା କାମ ଆରମ୍ଭ ହୋଇଛି। ପ୍ରଥମ ଭୂଇଁରେ ୪ଟି ଚଉତା ଏବଂ ୨ଟି ଓରା ମୋଟ ୬ଟି କାଠକୁ ଖଞ୍ଜାଯାଇଥାଏ। ଚଉତାରେ ବିନ୍ଧ କାମ ସରିଛି। ଏହି ବିନ୍ଧରେ ୧୬ଟି ପାଖୁଡ଼ା ଲାଗିଥାଏ। ୧୪ ନାହାକା କାଠ ହଣା ଚାଲିଛି। ବର୍ତ୍ତମାନ ସୁଦ୍ଧା ତିନିରଥର ୬ଟି ଲେଖାଏ ନାହାକା କାମ ଶେଷ ହୋଇଛି। ସେହିପରି ତାଳଧ୍ୱଜ ରଥର ଶୋଧ କାମ ସରିଛି। ରଥର ବାହାରକୁ ବାହାରିଥିବା ବଳକା ଅଂଶ କଟାଯିବାକୁ ଶୋଧ ବୋଲି କୁହାଯାଏ। ନନ୍ଦିଘୋଷ ଓ ଦର୍ପଦଳନ ରଥର ରବିବାର ଶୋଧ କରାଯିବ ବୋଲି ମହାରଣା ସେବକ ନାରାୟଣ ମହାରଣା କହିଛନ୍ତି।

### ■ଗସ୍‌ମା ମାଓବାଦୀ-ପୋଲିସ ଗୁଳି ବିନିମୟ ମାମଲା

## ସବ୍ୟସାଚୀଙ୍କ ବିରୋଧରେ ପୋଲିସ ଦେଲା ସାକ୍ଷୀ

ଭଞ୍ଜନଗର,୨୨।୬(ଡି.ଏନ.ଏ.)–ଗଞ୍ଜାମ ଜିଲା ଗାଲେରୀ ଫାଣ୍ଡି ପୋଡ଼ି ମାମଲା ଓ ଏହାପରେ ଗସ୍‌ମା ଜଙ୍ଗଲରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳିବିନିମୟ ମାମଲାରେ ଶୁକ୍ରବାର ଓ ଶନିବାର ସାକ୍ଷୀମାନଙ୍କ ବୟାନ ରେକର୍ଡ ଭଞ୍ଜନଗର ଏଡିଜେଙ୍କ କୋର୍ଟରେ ହୋଇଥିଲା। ୬ଜଣ ପୋଲିସ ବା ସ୍ୱତନ୍ତ୍ର ଅପରେଶନ ଗ୍ରୁପ୍ କର୍ମଚାରୀ ଉକ୍ତ ଗୁଳି ବିନିମୟ ଏବଂ ଫାଣ୍ଡି ପୋଡ଼ି ମାମଲାରେ ସାକ୍ଷୀ ଦେଇଛନ୍ତି । ସେଥିମଧ୍ୟରୁ କେତେଜଣ ଯବାନ ସବ୍ୟସାଚୀଙ୍କ ବିରୋଧରେ ସାକ୍ଷୀ ଦେଇଛନ୍ତି ବୋଲି ସରକାରୀ ଓକିଲ ଡ. ସୁଶାନ୍ତ କୁମାର ତ୍ରିପାଠୀ କହିଛନ୍ତି । ଏହାପରେ ସବ୍ୟସାଚୀଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏମ୍.ତାଜ୍ ଆଦେନୀ, ସୁଶାନ୍ତ ତ୍ରିପାଠୀ,ବିମ୍ବାଧର ଷଡଙ୍ଗୀ ଓ ମୁଦାଲୀଙ୍କ ପକ୍ଷରୁ ଦଣ୍ଡପାଣି ସ୍ୱାଇଁ, ସମୀର ନାୟକ ମକଦ୍ଦମା ପରିଚାଳନା କରୁଛନ୍ତି । ଗସମା ଗୁଳି ବିନିମୟ ମାମଲାରେ ୯୨ ସାକ୍ଷୀ ଥିବାବେଳେ ଶନିବାର ସୁଦ୍ଧା ୨୨ଜଣ ସାକ୍ଷୀ ଦେଇଛନ୍ତି। ସେହିଭଳି ଗାଲେରୀ ଫାଣ୍ଡି ପୋଡ଼ି ମାମଲାରେ ୫୭ ସାକ୍ଷୀ ଥିବାବେଳେ ୧୧ ସାକ୍ଷୀ ଦେଇଛନ୍ତି । ମାମଲାର ବିବରଣୀ ଅନୁଯାୟୀ, ୨୦୦୮ ଫେବୃୟାରୀ ୧୫ ତାରିଖ ରାତିରେ ମାଓବାଦୀମାନେ ନୟାଗଡ଼ ଅସ୍ତ୍ରାଗାର ଲୁଟିବା ପରେ ଗଞ୍ଜାମ ଜିଲା ଗାଲେରୀ ଫାଣ୍ଡି ଅଭିମୁଖେ ଆସିଥିଲେ। ୧୬ ତାରିଖ ପ୍ରତ୍ୟୁଷରେ ପୋଲିସର ଲକ୍ଷ୍ୟଭ୍ରଷ୍ଟ କରିବା ପାଇଁ ଗାଲେରୀ ଫାଣ୍ଡିକୁ ବୋମା ପକାଇ ଉଡ଼ାଇ ଦେଇଥିଲେ। ପରେ ମାଓବାଦୀମାନେ ଗଞ୍ଜାମ-କନ୍ଧମାଳ ଜିଲା ସୀମାବର୍ତ୍ତୀ ଗସମା ଜଙ୍ଗଲକୁ ଚାଲିଯାଇଥିଲେ। ଏହାପରେ ପୋଲିସ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇଥିଲା। ଏଥିରେ ୩ ଯବାନ ଶହୀଦ ହୋଇଥିଲେ। ଏଥିସହ ୨୦ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ ସେ ସମୟରେ ଦାବି କରାଯାଇଥିଲା। କିନ୍ତୁ ପୋଲିସ ମାଓବାଦୀଙ୍କ ଗୋଟିଏ ବି ମୃତଦେହ ଠାବ କରି ପାରି ନ ଥିଲା। ଏହାପରେ ଗଜପତି ଜିଲାରେ ୨ ମାଓବାଦୀ ଏହି ଗୁଳି ବିନିମୟରେ ପ୍ରାଣ ହରାଇଥିବା ଘୋଷଣା କରାଯାଇଥିଲା।

## ୧୦ କୁଇଣ୍ଟାଲ ଗଞ୍ଜେଇ ଜବତ, ୪ ଗିରଫ

ମାଲକାନଗିରି, ୨୨।୬ (ଡି.ଏନ.ଏ.)

ମାଲକାନଗିରି ଜିଲା ଅବକାରୀ ବିଭାଗ ଶନିବାର ପୃଥକ ପୃଥକ ସ୍ଥାନରେ ଚଢ଼ାଉ କରି ୧୦ କୁଇଣ୍ଟାଲ ୬୧ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ବ୍ୟବହୃତ ଗୋଟିଏ ଟ୍ରକ ଓ କାର ଜବତ କରିଛି। ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଲକାନଗିରି ଜିଲା ଏମ୍.ଭି.-୮୩ ଗ୍ରାମର ଉତ୍ତମ ଦାସ, ଉତ୍ତର ପ୍ରଦେଶର ଫରମାନ, ମମତାଜ ଏବଂ ସଫିକା ପଦ୍ମଗିରିରୁ ଦିଲ୍ଲୀ ଯାଉଥିବା ଏକ ଟ୍ରକରେ ଗଞ୍ଜେଇ ଯାଉଥିବା ସୂଚନା ପାଇ ଅବକାରୀ ଅଧୀକ୍ଷକ ଅଶୋକ କୁମାର ସେଠଙ୍କ ନେତୃତ୍ୱରେ ଏହାକୁ ଛତିଶଗଡର ଟିଗିବେରିଠାରେ ଅଟକାଇ ଯାଞ୍ଚ କରାଯାଇଥିଲା। ସେଥିରୁ ଗଞ୍ଜେଇ ବାହାରିବା ପରେ ଗଞ୍ଜେଇ ଟ୍ରକକୁ ଜବତ କରାଯାଇଥିଲା। ସେହି ସମୟରେ ସନ୍ଦେହରେ ଅନ୍ୟ ଏକ କାରକୁ ମଧ୍ୟ ଯାଞ୍ଚ କରାଯିବାରୁ ସେଥିରୁ ଚୋରା ଚାଲାଣ ହେଉଥିବା ଗଞ୍ଜେଇ ଧରାପଡିଥିଲା। କାରକୁ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇଥିଲା। ଏହି ୨ଟି ଗାଡିରୁ ମୋଟ ୧୦ କୁଇଣ୍ଟାଲ ୬୧ କେଜି ଗଞ୍ଜେଇ ଜବତ କରାଯାଇଛି।

**Fakir Mohan Autonomous College, Balasore**

**Admission Notification-2019**

Applications are invited from candidates desirous of taking admission to integrated B.A, B.Ed. for the session 2019-20. Details of form, prospectus, fees & eligibility criteria are available in the college website www.fmcollege.nic.in. Forms will be received from 22.06.2019 between 11.00 A.M and 2.00 P.M on every working day. Last date of submission of application is 08.07.2019 by 4.00 P.M.

Principal
F.M. (Auto) College, Balasore

**GANGADHAR MEHER UNIVERSITY
AMRUTA VIHAR, SAMBALPUR**

NO................./GMU Date...............

**UG ADMISSION NOTIFICATION-2019-20**

Applications are invited for admission in to different UG Programs of Gangadhar Meher University, Sambalpur for the session 2019-20.

Interested candidates are required to visit the university website www.gmuniversity.ac.in for eligiblity, application form, information brochure & other details.

***For UG Admission-2019-20***, application form will be available on the university website from **24.06.2019** and the last date of submission of online application form is **08.07.2019** (mid-night). For any clarification one may contact the following helpline numbers.

Admission helpline number : (Time **10.00 A.M to 05.00 P.M)**

Dr. T.N.P. Pati : 9777367198
Dr. P. Panda : 7978123683
Shri S.K. Sahoo : 7978534523

Sd./- REGISTRAR
G.M. UNIVERSITY
Amruta Vihar, Sambalpur

**CITY HEALTH SOCIETY
National Urban Health Mission,Rourkela
National Health Mission, Odisha
Deptt. of Health & Family Welfare, Govt. Of Odisha**

**ADVERTISEMENT FOR THE POST OF MEDICAL OFFICER (CONTRACTUAL) & PART TIME SPECIALIST (On weekly Basis)**

**Adv No.2168** **Date: 20.6.2019**

Applications are invited from the eligible candidates for filling up the following posts under National Urban Health Mission, City Health Society, Rourkela on contractual basis for different Urban Primary Health Centre,Rourkela with monthly remuneration as noted against each and subject to renewal as per OSH & FW Society terms and conditions.

| Sl. no. | Name of the posts | Remuneration |
|---|---|---|
| 01 | Medical Officer(MBBS) | Base – Rs. 50,400- + PI @ 25% on base salary subject to performance as per ToR. |
| 02 | Part time Specialist on Weekly Basis (Once in a week)<br>a. O & G<br>b. Medicine<br>c. ENT<br>d. Ophthalmologist<br>e. Skin & VD | Rs. 1500/- per session (Two sessions per day) |

The above positions are purely temporary and co-terminus with the scheme. Interested candidates can send their application on or before 05.07.2019 by 5 p.m. through speed/ Regd. Post/ Courier to Sub-divisional Hospital, Panposh,Rourkela. You can log on to www.sundergarh.nic.in for details of vacancy, eligibility criteria, age, application form etc.. No application will be received after closing date & time. The authority reserves the right to cancel any or all application without assigning any reason thereof. The post may increase or decrease as per the requirement.

**Additional District Urban
NUHM,Rourkela**

**Sd./-
Public Health Officer**

**Government of Odisha
Sports & Youth Services Department**

**No.549** **Dt. 06.06.2019**

**Dateline for B.P.Ed e-Admission in Govt. College of Physical Education for the Session-2019-21**

No.03-TT:- Dateline for B.P.Ed e-Admission in Govt. College of Physical Education, Bhubaneswar/ Sambalpur of the State under project Student Academic Management System (SAMS). For details, please contact to Govt. College of Physical Education (GCPE) Bhubaneswar/ Sambalpur OR Call Sanjog Helpline Toll Free No.- 155335/ 18003456770. The dates for M.P.Ed. course will be notified after publication of B.P.Ed result-2019.

| Sl# | Activities | Date Lines |
|---|---|---|
| 01 | Availability of Online Common Application Form (CAF) in the Sports and Youth Services Department website www.samsodisha.gov.in&www.sportsodisha.gov.in | 25-June-2019 |
| 02 | Last date of applying online CAF through www.samsodisha.gov.in & www.sportsodisha.gov.in | 10-July-2019 **(11:59 PM)** |
| 03 | Date for submitting CAF along with supporting documents and validation of CAF at GCPE(B) / GCPE(S) | Starts from 15-July-2019 Ends on 17-July-2019 **(05:00 PM)** |
| 04 | Availability for downloading of Index Card for Physical Fitness Test for B.P.Ed course | 20-July-2019 **(10:00 AM)** |
| 05 | Physical fitness test for GCPE(B) and GCPE(S) will be held at Kalinga Stadium, Bhubaneswar | 25-07-2019 to 27.07.2019 **(7:30 AM to 5:30 PM)** |
| 06 | Publication of selection merit list of B.P.Ed. course | 05-August-2019 **(11:00 AM)** |
| 07 | Admission of selected applicants & data updation by colleges in their e-Space for B.P.Ed course | 13 to 14 August-2019 **(05:00 PM)** |
| 08 | Publication of the waiting list | 16-August-2019 **(11:00 AM)** |
| 09 | Admission of the waiting selected applicants & data updation by colleges in their e-space | 20-August-2019 **(05:00 PM)** |
| 10 | Classes start for BPED 1st Semester students | From the next day of Admission |

For more details please contant

**B.P.Ed e-Admission Helpline (Toll Free) Number-** 155335/ 18003456770 **OR B.P.Ed e-Admission Helpdesk @ Govt. College of Physical Education (GCPE), Bhubaneswar/ Sambalpur –** 0674-2420394/ 06681-284658.

03014/11/0001/1920 Principal, GCPE, BBSR

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ରିକଭରି ଶାଖା(SARB), କଟକ
ମଧୁପାଟଣା , କଟକ- ୭୫୩୦୧୦(ଓଡିଶା)

**ଦଖଲ ନୋଟିସ୍**
**(ସ୍ଥାବର ସମ୍ପତ୍ତି ନିମନ୍ତେ)**

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୩) ଏବଂ ଧାରା ୧୩(୧୨)ର ରୁଲ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ରଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ରଣଗ୍ରହୀତାମାନେ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଅଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି । ତେଣୁ ବିଶେଷତଃ ରଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ରଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ରଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ଜାମିନ୍‌ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ରଣଗ୍ରହୀତା : ଶ୍ରୀ ମନୋରଞ୍ଜନ ମହାପାତ୍ର, ପିତା: ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ସା : ବଡଭୁଇଁଦଳ, ପୋ: ବଡଭୁଇଁ, ଥାନା: ଆଠଗଡ, ଜିଲ୍ଲା: କଟକ / ଆକାଉଣ୍ଟ ନଂ.: ୩୨୮୩୮୭୦୦୪୫୭ / ୩୨୧୨୨୯୨୯୭୦୮ | ସମ୍ପତ୍ତି ମାଲିକ: ଶ୍ରୀ ମନୋରଞ୍ଜନ ମହାପାତ୍ର | ଶ୍ରୀ ମନୋରଞ୍ଜନ ମହାପାତ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା : ବଡଭୁଇଁଦଳ, ଥାନା/ତହସିଲ୍ : ଆଠଗଡ, ଖାତା ନଂ.: ୨୯୦/୩୪୫, ପ୍ଲଟ ନଂ.: ୧୮୩୩, କ୍ଷେତ୍ର : ଏକର୦.୨୭ଡିସିମିଲ, କିସମ :ଘରବାଡି । | ୦୧.୦୩.୨୦୧୯ | ୧୭.୦୬.୨୦୧୯ | ୧୬.୧୦.୨୦୧୮ ସୁଦ୍ଧା ଟ.୩୪, ୭୧, ୫୫୧.୫୭ ଏବଂ ତତ୍‌ପରବର୍ତ୍ତୀ ସୁଧ ତା.୧୭.୧୦.୨୦୧୮ଠାରୁ |
| ରଣଗ୍ରହୀତା : ମେସର୍ସ ଲକ୍ଷ୍ମୀ ରାଇସ୍ ମିଲ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ ଚିରଞ୍ଜୀତା ଜେନା, ସ୍ୱାମୀ: ଶ୍ରୀ ଜଗନ୍ନାଥ ନାୟକ, ସା: ମଲ୍ଲିପୁର, ପୋ: ମହିମାଦେଇପୁର, ଜଗତସିଂହପୁର - ୭୫୪ ୧୪୦/ ଆକାଉଣ୍ଟ ନଂ. ୩୦୬୪୬୯୩୩୮୮୧/ ୩୦୬୪୬୫୩୮୮୬୦ | ଜାମିନଦାରମାନେ: ଶ୍ରୀ ଜଗନ୍ନାଥ ନାୟକ, ଶ୍ରୀ କେଲୁ ଚରଣ ନାୟକ, ଶ୍ରୀ ସୁଧାକର ନାୟକ, ଶ୍ରୀ ଭାସ୍କର ନାୟକ ଏବଂ ଶ୍ରୀ ସୁରେନ୍ଦ୍ର ନାୟକ ସମସ୍ତଙ୍କ ଠିକଣା- ସା: ମଲ୍ଲିପୁର, ପୋ: ମହିମାଦେଇପୁର, ଜଗତସିଂହପୁର - ୭୫୪ ୧୪୦ । ମାଲିକମାନେ: ଶ୍ରୀ ଜଗନ୍ନାଥ ନାୟକ, ଶ୍ରୀ କେଲୁ ଚରଣ ନାୟକ, ଶ୍ରୀ ସୁଧାକର ନାୟକ, ଶ୍ରୀ ଭାସ୍କର ନାୟକ ଏବଂ ଶ୍ରୀ ସୁରେନ୍ଦ୍ର ନାୟକ । | (୧) ଶ୍ରୀ ଜଗନ୍ନାଥ ନାୟକଙ୍କ ନାମରେ ଥିବା ସମ୍ପତ୍ତି ଜମି ଏବଂ ଗୃହର ସମସ୍ତ ଅଂଶ ବିଶେଷ ଯାହାର ମୌଜା : ମଲ୍ଲିପୁର, ଥାନା/ତହସିଲ୍ : ଏରସମା, ଜିଲ୍ଲା: ଜଗତସିଂହପୁର, ଖାତା ନଂ.: ୭୯, ପ୍ଲଟ ନଂ.: ୮୪, କ୍ଷେତ୍ର : ଏକର୦.୪୭ଡିସିମିଲ, କିସମ : ଘରବାଡି (୨) ଶ୍ରୀ କେଲୁ ଚରଣ ନାୟକ, ଶ୍ରୀ ସୁଧାକର ନାୟକ, ଶ୍ରୀ ଭାସ୍କର ନାୟକ ଏବଂ ଶ୍ରୀ ସୁରେନ୍ଦ୍ର ନାୟକଙ୍କ ନାମରେ ଥିବା ସମ୍ପତ୍ତି ଜମି ଏବଂ ଗୃହର ସମସ୍ତ ଅଂଶ ବିଶେଷ ଯାହାର ମୌଜା : ମଲ୍ଲିପୁର, ଥାନା/ତହସିଲ୍ : ଏରସମା, ଜିଲ୍ଲା: ଜଗତସିଂହପୁର, ଖାତା ନଂ.: ୩୭, ପ୍ଲଟ ନଂ.: ୯୪, କ୍ଷେତ୍ର : ଏକର୦.୦୭ଡିସିମିଲ, କିସମ :ଘରବାଡି । | ୧୮.୦୧.୨୦୧୯ | ୧୮.୦୬.୨୦୧୯ | ୩୧.୦୧.୨୦୧୮ ସୁଦ୍ଧା ଟ.୬୨, ୩୨, ୨୨୭/- ଏବଂ ତତ୍‌ପରବର୍ତ୍ତୀ ସୁଧ ତା.୦୧.୦୨.୨୦୧୮ଠାରୁ |
| ରଣଗ୍ରହୀତା : ମେସର୍ସ ମେଘମାଳା ମେଡିସିନ୍ ଷ୍ଟୋର୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ ରଶ୍ମିତା ସେଠୀ, ସ୍ୱାମୀ: ରମେଶ ଚନ୍ଦ୍ର ସେଠୀ, ସା: ଦରଘାବଜାର, ବାଉଁଶଗଳି, କଟକ / ଆକାଉଣ୍ଟ ନଂ. ୧୦୫୪୬୫୧୭୮୩୧ | ଜାମିନଦାରମାନେ: (୧) ଶ୍ରୀ ରେହମାନ୍ ଖାନ୍, ପିତା:ସ୍ୱ ଅବଦୁଲ୍ ସମଦ୍ ଖାନ୍ (୨) ସକିନା ବିବି, ସ୍ୱାମୀ: ସ୍ୱ ଅବଦୁଲ୍ ସମଦ୍ ଖାନ୍, ଉଭୟଙ୍କ ଠିକଣା ସା: ସମଙ୍ଗ, ଜିଲ୍ଲା: ଜଗତସିଂପୁର ସମ୍ପତ୍ତି ମାଲିକମାନେ: ଶ୍ରୀ ରେହମାନ୍ ଖାନ୍ ଓ ସକିନା ବିବି । | ଶ୍ରୀ ରେହମାନ୍ ଖାନ୍ ଏବଂ ସକିନା ବିବିଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା : ସମଙ୍ଗ, ଥାନା/ତହସିଲ/ଜିଲ୍ଲା : ଜଗତସିଂହପୁର, ଖାତା ନଂ.: ୧୧୭୪, (୧) ପ୍ଲଟ ନଂ.:୨୨୧, କ୍ଷେତ୍ର: ଏକର୦.୨୯୦ ଡିସିମିଲ, (୨) ପ୍ଲଟ ନଂ.:୬୨, କ୍ଷେତ୍ର: ଏକର୦.୦୯୦ଡିସିମିଲ, (୩) ପ୍ଲଟ ନଂ.: ୬୩୮ ,କ୍ଷେତ୍ର: ଏକର୦.୦୨୦ ଡିସିମିଲ । | ୧୮.୦୧.୨୦୧୯ | ୧୮.୦୬.୨୦୧୯ | ୧୭.୦୧.୨୦୧୯ ସୁଦ୍ଧା ଟ.୨୫, ୪୮, ୦୪୩/- ଏବଂ ତତ୍‌ପରବର୍ତ୍ତୀ ସୁଧ ତା.୧୮.୦୧.୨୦୧୯ଠାରୁ |

ସ୍ଥାନ : କଟକ
ତାରିଖ : ୨୨.୦୬.୨୦୧୯

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଆମେରିକା-ଇରାନ ସମ୍ପର୍କ



ଆକାର ପଟେଲ

ଚଳିତ ସପ୍ତାହରେ ଆମେରିକା ଇରାନ ବିରୋଧରେ ଯୁଦ୍ଧଘୋଷଣା କରିବା ପରେ ପୁଣି ପଛଘୁଞ୍ଚା ଦେଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଲେ ଯେ ଆକ୍ରମଣରେ ୧୫୦ ଇରାନୀ ମରିବେ ବୋଲି କୁହାଯିବାରୁ ସେ ଆକ୍ରମଣକୁ ବାତିଲ କରିଦେଇଛନ୍ତି। ଇରାନ ତା' ସୀମାରେ ଆମେରିକାର ଏକ ସାମରିକ ଡ୍ରୋନ୍‌କୁ ଗୁଳିକରି ଖସାଇ ଦେଇଥିବାରୁ ଏହାର ଜବାବରେ ଟ୍ରମ୍ପ ଆକ୍ରମଣ ପାଇଁ ନିଷ୍ପତ୍ତି ନେଇଥିଲେ ବୋଲି କହିଛନ୍ତି। ଇରାନ ଉପରେ ଆମେରିକାର କଟକଣା ଯୋଗୁ ତୈଳ ଦର ଚଳିତ ସପ୍ତାହରେ ୧୦ ପ୍ରତିଶତ ବୃଦ୍ଧିପାଇଛି, ଯାହାଫଳରେ ଭାରତ ପରି ତୈଳ ଆମଦାନି ଉପରେ ନିର୍ଭରଶୀଳ ଦେଶ କ୍ଷତିଗ୍ରସ୍ତ ହେଉଛନ୍ତି।

ପ୍ରଶ୍ନ ହେଉଛି ଆମେରିକା କାହିଁକି ଇରାନ ସହ ଯୁଦ୍ଧ କରିବାକୁ ଚାହୁଁଛି। ଏହାର ଉତ୍ତର ଏତେ ସହଜ ନୁହେଁ। ଇରାନ ହେଉଛି ପାଶ୍ଚାତ୍ୟ ଦେଶଗୁଡ଼ିକର ପୁରୁଣା ଶତ୍ରୁ। ୨୪୦୦ ବର୍ଷ ତଳେ ଡେରାୟସ୍ ଓ ପରେ ଜର୍କ୍ସିଜ୍‌ଙ୍କ ନେତୃତ୍ୱରେ ଇରାନୀ ସେନା ଗ୍ରୀସ୍ ଉପରେ ଆକ୍ରମଣ କରି ଏଥେନ୍ସକୁ ଧ୍ୱଂସ କରି ଦେଇଥିଲା। ସେତେବେଳେ ଇରାନୀ ସେନାରେ ବହୁସଂଖ୍ୟକ ଭଡ଼ାଟିଆ ଭାରତୀୟ ସୈନିକ ଥିଲେ ବୋଲି ଗ୍ରୀକ୍ ଇତିହାସକାର ହେରୋଡଟସ ଲେଖିଛନ୍ତି। ମାସିଡୋନିଆର ସମ୍ରାଟ୍ ଆଲେକ୍‌ଜାଣ୍ଡର ଇଜିପ୍ଟ, ଇରାନ, ଆଫଗାନିସ୍ତାନ ଓ ପଞ୍ଜାବ ପ୍ରଭୃତି ଦେଶ ଜୟ କରିଥିଲେ। ୩୩ ବର୍ଷ ବୟସରେ ଆଲେକ୍‌ଜାଣ୍ଡରଙ୍କ ମୃତ୍ୟୁ ହେବା ପରେ ତାଙ୍କ ସାମ୍ରାଜ୍ୟ ଭାଗ ଭାଗ ହୋଇ ତାଙ୍କ ସେନାପତିମାନଙ୍କ ଦ୍ୱାରା ଶାସିତ ହୋଇଥିଲା। ପଞ୍ଜାବଠାରୁ ତୁର୍କୀ ପର୍ଯ୍ୟନ୍ତ ସବୁଠାରୁ ବଡ଼ଭାଗର ଶାସକ ଥିଲେ ସେଲ୍ୟୁକସ ନିକେଟର। ପାର୍ଥିଆନ୍ ଶାସକ ଆର୍ସାସେସ୍‌ଙ୍କ ସମୟରେ ଇରାନୀମାନେ ତାଙ୍କ ଦେଶକୁ ନିଜ ଅଧୀନକୁ ନେଇପାରିଥିଲେ। ସେମାନେ ଥିଲେ ଜୋରାଷ୍ଟ୍ରିଆନ। ପାର୍ଥିଆନ୍‌ମାନେ ଦ୍ୱିତୀୟ ବୃହତ୍ ପାଶ୍ଚାତ୍ୟ ଶକ୍ତି ରୋମ୍ ସହ ତିନି ଶତାବ୍ଦୀ ଧରି ଯୁଦ୍ଧ କରିଥିଲେ। ପରବର୍ତ୍ତୀ ଇରାନୀ ବିଜେତା ଥିଲେ ସାସାନିଆମାନେ ଯେଉଁମାନେ ସପ୍ତମ ଶତାବ୍ଦୀରେ ଆରବୀୟମାନଙ୍କ ଦ୍ୱାରା ପରାଜିତ ହେବା ପର୍ଯ୍ୟନ୍ତ ଇରାନକୁ ଶାସନ କରିଥିଲେ। ୪୦୦ ବର୍ଷ ତଳେ ଇରାନ ସାଫାଭିଡମାନଙ୍କ ଅଧୀନରେ ଶିଆରାଷ୍ଟ୍ର ହେଲା, ଯଦିଚ ଭାରତର ମୋଗଲ ସାମ୍ରାଜ୍ୟକୁ ଧ୍ୱଂସ କରିଥିବା ପ୍ରସିଦ୍ଧ ଶାସକ ନାଦିର ଶାହ ସୁନ୍ନି ଥିଲେ।

ଆଧୁନିକ ଯୁଗରେ ଆମେରିକା ଇରାନୀ ରାଜନୀତିରେ ହସ୍ତକ୍ଷେପ କରିଆସୁଛି। ୧୯୫୩ ମସିହାରେ ଇରାନର ନିର୍ବାଚିତ ପ୍ରଧାନମନ୍ତ୍ରୀ ମୋସାଦେଘ ତୈଳଶିଳ୍ପର ଜାତୀୟକରଣ କରିବା ଯୋଗୁ ସିଆଇଏର କୂଟନୀତି ବଳରେ ଗାଦିଚ୍ୟୁତ ହେଲେ। ଆମେରିକା ଇରାକର ଶାସକ ସଦ୍ଦାମ ହୁସେନଙ୍କୁ ସମର୍ଥନ କରି ଇରାକ-ଇରାନ ଯୁଦ୍ଧକୁ ଇନ୍ଧନ ଯୋଗାଇଥିଲା। ୧୯୭୯ରେ ଜିମ୍ମି କାର୍ଟର ଆମେରିକାର ରାଷ୍ଟ୍ରପତି ଥିବା ସମୟରେ ତେହେରାନସ୍ଥିତ ଆମେରିକୀୟ ଦୂତାବାସକୁ ଇରାନୀ ବିପ୍ଳବୀମାନେ କବ୍ଜା କରିନେଇଥିଲେ ଏବଂ ଦୂତାବାସର କର୍ମଚାରୀମାନଙ୍କୁ ଅନେକ ସପ୍ତାହ ଧରି ପଣବନ୍ଦୀ କରି ରଖିଥିଲେ। ସେବେଠାରୁ ଇରାନ ସହ ଆମେରିକାର ତିକ୍ତତା ରହିଆସିଛି।

ଆମେରିକାରେ ରହୁଥିବା ଇରାନୀମାନେ ପାକିସ୍ତାନୀ ଦୂତାବାସଠାରୁ ସେବା ପାଇ ଆସୁଥିଲେ। ଆଣବିକ କାର୍ଯ୍ୟକ୍ରମକୁ ନେଇ ଇରାନ ଆମେରିକାର ଓବାମା ପ୍ରଶାସନ ସହ ଏକ ରାଜିନାମା କରାଇନେଇ ପାରିଥିଲା। ଆଶା କରାଯାଉଥିଲା ଶେଷରେ ଏହି ଦୁଇ ଦେଶ ବନ୍ଧୁ ହୋଇଯିବେ। କିନ୍ତୁ ଟ୍ରମ୍ପଙ୍କ ଶାସନରେ ଏହି ଆଶା ଧୂଳିସାତ୍ ହୋଇଯାଇଛି। ଇରାନର ଜାତୀୟ ଧର୍ମ ହେଉଛି ଶିଆ ଇସ୍‌ଲାମ। ଶିଆ ଧର୍ମ ସ୍ୱଭାବତଃ ଶାନ୍ତିବାଦୀ। ସେମାନଙ୍କ ବିଶ୍ୱାସ ଅନୁସାରେ ୮୬୯ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିବା ଦ୍ୱାଦଶ ଇମାମ ମହମ୍ମଦ ଅଲ ମହଦି ମରିନାହାନ୍ତି। ଆଲ୍ଲାଙ୍କ ଦ୍ୱାରା ସେ ଲୁକ୍କାୟିତ ହୋଇ ରହିଛନ୍ତି ଏବଂ ଯେକୌଣସି ସମୟରେ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ତାଙ୍କ ଫେରିବା ବାଟକୁ ଶିଆ ମୁସଲମାନମାନେ ଚାହିଁବସିଛନ୍ତି। ସେ ପର୍ଯ୍ୟନ୍ତ ସେମାନେ ବାହ୍ୟ ଦୁନିଆ ସହ ଯୁଦ୍ଧବିଗ୍ରହରେ ବ୍ୟାପୃତ ନ ହେବା ଏବଂ ନିଜ ଧର୍ମ ପାଳନ କରି ଶାନ୍ତିରେ ରହିବାକୁ ଚାହାନ୍ତି। ପାଠକମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଭାରତରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଜଡ଼ିତ ରହୁଥିବା କୌଣସି ପାକିସ୍ତାନୀ ବା କଶ୍ମୀରୀ ମୁସଲମାନ ଶିଆ ନୁହନ୍ତି। ଜୈଶ୍, ଲଶ୍କର, ହିଜ୍‌ବୁଲ ମୁଜାହିଦ୍ଦିନ, ଅଲ୍ ଉମର, ଅଲ୍ କାଏଦା, ଆଇଏସ୍ ପ୍ରଭୃତି ସମସ୍ତ ଆତଙ୍କବାଦୀ ଗୋଷ୍ଠୀ ହେଉଛନ୍ତି ସୁନ୍ନି ସମ୍ପ୍ରଦାୟର। ଜିହାଦୀ ଆତଙ୍କବାଦ ସହ ଶିଆମାନଙ୍କର କୌଣସି ସମ୍ପର୍କ ନାହିଁ। ତେବେ ଇସ୍ରାଏଲକୁ ବିରୋଧ କରୁଥିବା ସୁନ୍ନି ଗୋଷ୍ଠୀ ସହ ପାଲେଷ୍ଟିନୀୟମାନଙ୍କୁ ଇରାନ ସମର୍ଥନ କରିଆସୁଛି। ଏହି କାରଣରୁ ଆମେରିକା ଇରାନକୁ ଘୃଣା କରୁଛି। ଆମେରିକା ସହ ଇରାନର କୌଣସି ବିବାଦ ନାହିଁ। ଆମେରିକାର ମଧ୍ୟ ଇରାନକୁ ଘୃଣା କରିବାର କୌଣସି କାରଣ ନାହିଁ। କିନ୍ତୁ ଇରାନ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଇସ୍ରାଏଲ ଆମେରିକାକୁ ଉସ୍କେଇ ଆସୁଛି କାରଣ ଇରାନ ପାଲେଷ୍ଟାଇନର ମୁକ୍ତି ଆନ୍ଦୋଳନକୁ ସମର୍ଥନ କରୁଛି।

ଭାରତର ଶିଆମାନେ ପୁଣି ବିଭିନ୍ନ ଭାଗରେ ବିଭକ୍ତ କିନ୍ତୁ ସେମାନଙ୍କ ମଧ୍ୟରେ ସବୁଠାରୁ ବଡ଼ ଗୋଷ୍ଠୀ ହେଉଛି ଟ୍ୱେଲ୍‌ଭର ଶିଆ। ସେମାନଙ୍କର ଇମାମମାନେ ଇରାକ ଓ ଇରାନରେ ରହୁଛନ୍ତି। ଭାରତର ଇରାନ ସହ ସଭ୍ୟତାର ସମ୍ପର୍କ ରହିଛି। ଆରବୀୟମାନେ ଉର୍ଦ୍ଦୁ ବୁଝନ୍ତି ନାହିଁ କିନ୍ତୁ ଇରାନୀମାନେ ବୁଝନ୍ତି। ଇରାନ ଭାରତର ବନ୍ଧୁରାଷ୍ଟ୍ର ହୋଇ ରହିଆସିଛି, ଏପରି କି ଭାଜପା ନେତୃତ୍ୱାଧୀନ ଶାସନରେ ମଧ୍ୟ। ଭାରତ ସେହି ସମ୍ପର୍କକୁ ଭାଙ୍ଗିବା ଭଳି କୌଣସି କାର୍ଯ୍ୟକରିବା ଉଚିତ ନୁହେଁ। କାରଣ ଏହାଦ୍ୱାରା କାହାରି ମଙ୍ଗଳ ହେବ ନାହିଁ।

Email: aakar.patel@gmail.com

# ରାଜ୍ୟ ସଭା ରେସ୍ ଓ ନବୀନ ପଲିଟିକ୍ସ



ସବ୍ୟସାଚୀ ଅମିତାଭ

କୁହାଯାଏ ପ୍ରେମ ଓ ଯୁଦ୍ଧରେ ସବୁ କିଛି ସମ୍ଭବ। ପୁରୁଣାକାଳିଆ ଏହି ରୂଢ଼ି ବାକ୍ୟ ସହ ଆଧୁନିକ ସମୟର ଆଉ ଗୋଟିଏ ଶବ୍ଦ ମଧ୍ୟ ଯୋଡ଼ି ହୋଇଯାଇଛି। ତାହା ହେଲା ବର୍ତ୍ତମାନ ରାଜନୀତିରେ ଅସମ୍ଭବ ବୋଲି କିଛି ନାହିଁ। ଆମେ ଏଠି ରାଜ୍ୟର ବିଜୁ ଜନତା ଦଳକୁ ଏକ ବଡ଼ ଉଦାହରଣ ଭାବେ ନେଇପାରିବା। ଖାଲିଥିବା ୩ଟି ରାଜ୍ୟ ସଭା ଆସନରେ ବିଜୁ ଜନତା ଦଳ ପ୍ରାର୍ଥୀ ଘୋଷଣା କରିବା ଓ ଏହା ପରର ଘଟଣାକ୍ରମ ଏବେ ଅନେକ ଦିଗ ପ୍ରତି ସମ୍ଭାବନା ସୃଷ୍ଟି କରିଛି। ୩ଟି ରାଜ୍ୟ ସଭା ଆସନରେ ହେବାକୁ ଥିବା ଉପନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ନିବାସରେ ୩ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲେ। ସେମାନେ ହେଲେ- ଅମର ପଟ୍ଟନାୟକ, ଡ. ସସ୍ମିତ ପାତ୍ର ଓ ଅଶ୍ୱିନୀ ବୈଷ୍ଣବ। ଅମର ପଟ୍ଟନାୟକ ପୂର୍ବତନ ଓଡ଼ିଶା ଏଜି ଥିଲେ, ବିଜେଡିର ଆଇଟି ସେଲ୍‌ର ମୁଖିଆ ତଥା ଦଳର ଅନ୍ୟତମ ମୁଖପାତ୍ର। ତାଙ୍କ ନାଁ ଚର୍ଚ୍ଚା ହେଉଥିଲା। ତେଣୁ ଘୋଷଣା ହେବାରେ ବିଶେଷ କିଛି ନୂତନତା ନାହିଁ। ଠିକ୍ ସମାନ ଭାବେ ଡ. ସସ୍ମିତ ପାତ୍ର ବିଜେଡିର ଅନ୍ୟତମ ମୁଖପାତ୍ର ତଥା ଜଣାଶୁଣା ଟିଭି ପ୍ରବକ୍ତା ଥିଲେ, ସଂଖ୍ୟାଲଘୁ ଭୋଟ ବ୍ୟାଙ୍କ୍ ତୁଷ୍ଟୀକରଣ ହେଉ ଅବା ନିର୍ବାଚନ ସମୟରେ ବୈଦ୍ୟୁତିକ ଗଣମାଧ୍ୟମରେ ଦଳର ଆଭିମୁଖ୍ୟକୁ ଠିକ୍ ଭାବେ ପରିଚାଳନା କରିଥିବାରୁ ତାଙ୍କୁ ମଧ୍ୟ ପୁରସ୍କାର ମିଳିଥାଇପାରେ। ହେଲେ ତୃତୀୟ ନାଁଟି କିନ୍ତୁ ରାଜନୀତି ପାଇଁ ଚର୍ଚ୍ଚାର ଖୋରାକ ଯୋଗାଇଛି। ଅବସରପ୍ରାପ୍ତ ଆଇଏଏସ୍ ଅଫିସରବାବୁ ଅଶ୍ୱିନୀ କୁମାର ବୈଷ୍ଣବ। ଯିଏ ଭାଜପାର ପ୍ରାର୍ଥୀ, ହେଲେ ବିଜେଡି ନାଟକୀୟ ଭାବେ ତାଙ୍କୁ ସମର୍ଥନ ଘୋଷଣା କରିଛି। ବିଜେଡି ସୁପ୍ରିମୋ ଯେ ଗୋଟିଏ ରାଜ୍ୟ ସଭା ଆସନ ଭାଜପା ହାତରେ ଟେକି ଦେଇଛନ୍ତି ତାହା କହିଲେ ଭୁଲ୍ ହେବନି। ଅତୀତରେ ନିଜର ଅନେକ ନିଷ୍ପତ୍ତିରେ ଜନତା, ନେତା ତଥା ବିରୋଧୀ ଦଳଙ୍କୁ ଚମକାଇଦେଇଥିବା ନବୀନଙ୍କ ଏହା ଆଉ ଏକ ମାଷ୍ଟରଷ୍ଟ୍ରୋକ୍ ବୋଲି କେହି କେହି କହୁଛନ୍ତି। ହେଲେ ପ୍ରଶ୍ନ ଉଠୁଛି, ବିଧାନସଭା ସଂଖ୍ୟା ଆଧାରରେ ୩ଟି ଆସନରେ ବିଜେଡି ନିଶ୍ଚିତ ଥିବାବେଳେ ହଠାତ୍ ଦଳର ସୁପ୍ରିମୋ କାହିଁକି ଏପରି ନିଷ୍ପତ୍ତି ନେଲେ। କାରଣ ନିର୍ବାଚନ ବେଳର ବିଜେଡି ଭାଜପା ଟକରାଟକରିକୁ ଯିଏ ପାଖରୁ ଦେଖିଥିବ ତା' ପାଇଁ ଏପରି ନିଷ୍ପତ୍ତି କେବଳ ଅପ୍ରତ୍ୟାଶିତ ନୁହେଁ ବରଂ ଆଚମ୍ବିତ କରିଦେଲା ପରି ଘଟଣା। ଯଦିଓ ବିଜେଡି ସଭାପତି ଖୋଦ୍ ଏହି ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ସଫେଇ ଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅନୁରୋଧକୁ ଗ୍ରହଣ କରି ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଦିଆଯାଇଛି। ହେଲେ ଏହା ପଛର ପ୍ରକୃତ କାରଣକୁ ନେଇ ଏବେ ଅନେକ ପ୍ରଶ୍ନ ଉଙ୍କି ମାରିଲାଣି। ପୂର୍ବରୁ ବିଜେଡିର ସମଦୂରତା ଫର୍ମୁଲା ଏବେ ଭିତିରିଆ ସୁସମ୍ପର୍କର ରୂପ ନେଉଛି ବୋଲି କେହି କେହି ମତ ଦେଉଛନ୍ତି।

ରାଜ୍ୟ ସଭା ଆସନ ପାଇଁ ଅନେକ ବ୍ୟକ୍ତିଙ୍କ ନାଁ ଚର୍ଚ୍ଚା ହେଉଥିଲା। ଅନେକ ନେତା ସେଥିପାଇଁ ଲବି ବି ଆରମ୍ଭ କରିଦେଇଥିଲେ। ହେଲେ ଅମର ପଟ୍ଟନାୟକ ଓ ସସ୍ମିତ ପାତ୍ର ସେ ବାଜିରେ ଆଗରେ ରହିଲେ ବା ଦଳ ସୁପ୍ରିମୋଙ୍କର ଆସ୍ଥା ଜିଣିଲେ ତାହା ଏକ ଭିନ୍ନ ପ୍ରସଙ୍ଗ। ହେଲେ କେଁ ବାହାରିଛି ଅଶ୍ୱିନୀ ବୈଷ୍ଣବଙ୍କ ଚୟନକୁ ନେଇ। ଅମର ଓ ସସ୍ମିତ ରାଜନୈତିକ ବ୍ୟକ୍ତି, ବିଜେଡିର କର୍ମକର୍ତ୍ତା। ଦଳ ଚାହିଁଲା ସେମାନଙ୍କୁ ଟିକେଟ୍ ଦେଲା। ହେଲେ ଅଶ୍ୱିନୀ ବୈଷ୍ଣବ ଭାଜପାର ନା ବିଜେଡିର ନା ଉଭୟଙ୍କର ତାଙ୍କୁ ନେଇ ଏବେ ଦ୍ୱନ୍ଦ୍ୱ। ୨୦୧୭ ମେ'ରେ ବି ରାଜ୍ୟ ସଭା ନିର୍ବାଚନ ବେଳେ ଅଶ୍ୱିନୀଙ୍କ ନାଁ ବେଶ୍ ଚର୍ଚ୍ଚା ହେଉଥିଲା। ଏପରିକି ସେତେବେଳେ ତାଙ୍କର ରାଜ୍ୟ ସଭା ଟିକେଟ୍ ଏକ ପ୍ରକାର ଫାଇନାଲ୍ ଥିବାବେଳେ କୌଣସି କାରଣ ପାଇଁ ସେ ଶେଷ ମୁହୂର୍ତ୍ତରେ ବାଦ୍ ପଡିଥିଲେ। ଅଶ୍ୱିନୀଙ୍କ ପାଇଁ କାହିଁକି ସମସ୍ତଙ୍କ ଦରଦ ସେ ବାବଦରେ ମଧ୍ୟ ଆଲୋଚନା କରିବାର ଆବଶ୍ୟକତା ରହିଛି।

୧୯୯୪ ବ୍ୟାଚ୍‌ର ଓଡ଼ିଶା କ୍ୟାଡରର ଆଇଏଏସ୍ ଅଫିସର ବୈଷ୍ଣବ, ଏନ୍‌ଡିଏ ସରକାରଙ୍କ ଅମଳରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ପାଇଥିଲେ। ତାଙ୍କ ପିତା ସଂଘ ପରିବାରର ଜଣେ ଆଗଧାଡିର କର୍ମକର୍ତ୍ତା ଥିଲେ। ରାଜସ୍ଥାନ ଭାଜପା ସହ ତାଙ୍କର ଅତି ଘନିଷ୍ଠ ସମ୍ପର୍କ ଥିଲା। ୧୫ ବର୍ଷ ଆଇଏଏସ୍ ଚାକିରି କରିବା ପରେ ଏମ୍‌ବିଏ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ସେ। ହ୍ୱାର୍ଟନରୁ ସଫଳତାର ସହ ଏମ୍‌ବିଏ ଡିଗ୍ରୀ ହାସଲ କରିବା ପରେ ସେ ଆଇଏଏସ୍ ଚାକିରି ଛାଡି ମୁମ୍ବାଇରେ ଏକ କମ୍ପାନୀ ତିଆରି କରିଥିଲେ। ବାଜପେୟୀଙ୍କ ପିଏମ୍‌ଓରେ ଥିବାବେଳେ ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରଶିପ୍ (ପିପିପି) ଥିଲା ତାଙ୍କର କଳ୍ପନାପ୍ରସୂତ। ଏହା ତାଙ୍କୁ ଘରୋଇ କମ୍ପାନୀଗୁଡିକ ସହ ସମ୍ପର୍କ ସୃଷ୍ଟି କରିବାରେ ସହାୟକ ହୋଇଥିଲା। ପରବର୍ତ୍ତୀ କାଳରେ ସେ ତ୍ରିବେଣୀ କମ୍ପାନୀ ସହ ସଂପୃକ୍ତ ହୋଇପଡିଥିଲେ। ତ୍ରିବେଣୀ କମ୍ପାନୀ ସହ ରାଜ୍ୟ ସରକାରଙ୍କ ସମ୍ପର୍କ କିପରି ତାହା ମଧ୍ୟ କାହାକୁ ଅଛପା ନାହିଁ। ଗୋଟିଏ ପଟେ ମୋଦିଙ୍କ ସମେତ ବହୁ ତୁଙ୍ଗ ଭାଜପା ନେତାଙ୍କ ସହ ଅଶ୍ୱିନୀଙ୍କ ଘନିଷ୍ଠ ସମ୍ପର୍କ, ଅନ୍ୟପଟେ ନବୀନଙ୍କ ସହ ମଧ୍ୟ ଏକାନ୍ତ ଘନିଷ୍ଠତା। କେହି କେହି କହନ୍ତି, ଭାଜପାର ତୁଙ୍ଗ ନେତୃତ୍ୱଙ୍କ ସହ ନବୀନ ବାବୁଙ୍କ ସମ୍ପର୍କ ବୃଦ୍ଧି ପଛରେ ଅଶ୍ୱିନୀ ବୈଷ୍ଣବଙ୍କ ପ୍ରମୁଖ ଯୋଗଦାନ ରହିଛି। ଏହାର ଫଳସ୍ୱରୂପ ତାଙ୍କୁ ଅତୀତରେ ରାଜ୍ୟ ସଭା ପଠାଇବାକୁ ଉଦ୍ୟମ କରାଯାଇଥିଲା।

ଦିଲ୍ଲୀ ପାୱାର କରିଡରରେ ବେଶ୍ ଜଣାଥିବା ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟ ସଭା ପାଇଁ ସମର୍ଥନ କରି ବିଜେଡି ମୁଖ୍ୟ ଗୋଟିଏ ଗୁଳିରେ ଦୁଇଟି ଶିକାର କରିଛନ୍ତି। ୧. ଅତୀତରେ ଯେଉଁ ଉଦ୍ୟମ ସଫଳ ହୋଇ ନ ଥିଲା ତାହା ଏବେ ସାକାର ହୋଇଛି। ମୋଦି କ୍ୟାମ୍ପ ସହ ସୁସମ୍ପର୍କ ପାଇଁ ବୈଷ୍ଣବ ହିଁ ଏକମାତ୍ର ଭଲ ମାଧ୍ୟମ ହେବେ। ୨. ରାଜ୍ୟ ଭାଜପା ନେତୃବୃନ୍ଦଙ୍କୁ ଏକପ୍ରକାର ଦ୍ୱନ୍ଦ୍ୱ ଓ ଦ୍ୱିଧାରେ ରଖି ମାନସିକ ଚାପ ସୃଷ୍ଟି କରିବା। ଆଗକୁ ପାଟକୁରା ଓ ବିଜେପୁର ଉପନିର୍ବାଚନ ହେବାକୁ ଯାଉଛି। ଯେଉଁଠି ବିଜେଡିର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହେଉଛି ଭାଜପା। ବିଧାନସଭାରେ କଂଗ୍ରେସକୁ ଠେଲି ଏବେ ବିରୋଧୀ ଦଳ ଭୂମିକାରେ ଭାଜପା। ଏପରିସ୍ଥିତିରେ ନବୀନଙ୍କ ଏହି ଗେମ୍ ପ୍ଲାନ ସବୁ ଦିଗକୁ ଭାବିଚିନ୍ତି ନିଆଯାଇଛି ବୋଲି ଅନୁମାନ କରାଯାଉଛି। ନବୀନଙ୍କ ଏହି ନିଷ୍ପତ୍ତି କେବଳ ଯେ ରାଜ୍ୟ ଭାଜପା ନେତୃବୃନ୍ଦଙ୍କୁ ଅଡୁଆରେ ପକାଇବ ତା' ନୁହେଁ ବରଂ ସେମାନଙ୍କୁ ଦୁର୍ବଳ ପ୍ରତୀତ କରାଇବାରେ ସହାୟକ ହେବ। ଏହା ହିଁ ରାଜ୍ୟ ସଭା ଗୋଟି ଚାଳନାର ଏକ ବାସ୍ତବ ନିର୍ଯାସ। ନିର୍ବାଚନ ପରେ କେନ୍ଦ୍ରର ମୋଦି ସରକାର ସହ ନବୀନ ବାବୁଙ୍କ ସମ୍ପର୍କ ଯେପରି ବଦଳିବାରେ ଲାଗିଛି ତାହା ଏକ ନୂଆ ସମୀକରଣ ଆଗକୁ ଇସାରା ବି କଲାଣି। ଆଗକୁ ଆହୁରି ଅନେକ ଚମକାଇବା ପରି ଘଟଣା ଘଟିବ ବୋଲି ବର୍ତ୍ତମାନରୁ ସମ୍ଭାବନା ସୃଷ୍ଟି ହେଲାଣି।

ଭୁବନେଶ୍ୱର, ମୋ-୯୪୩୮୨୯୬୫୧୯

# ଲୋକ ସଭାର ଅଧିଷ୍ଠାତା

**ବ୍ୟକ୍ତିତ୍ୱ**



ଓମ୍ ବିର୍ଲା

ଲୋକ ସଭାର ମୁଖ୍ୟ ହେଉଛନ୍ତି ବାଚସ୍ପତି। ସେ ଗୃହ ସଦସ୍ୟଙ୍କ କ୍ଷମତା ଓ ସ୍ୱାଧିକାର ରକ୍ଷକ ଭାବେ ଜଣାଶୁଣା। ସଂସଦୀୟ ଶିଷ୍ଟାଚାର ବଜାୟ ରଖିବାରେ ତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିମ୍ନ ସଦନର ଅଧିଷ୍ଠାତା ହୋଇଥିବାରୁ ଭାରତୀୟ ସମ୍ବିଧାନ ଓ ସଂସଦୀୟ ଲୋକାଚାରକୁ ଗଭୀର ଅନୁଶୀଳନ କରି ବାଚସ୍ପତି ଗୃହକାର୍ଯ୍ୟ ଚଳାଇଥାଆନ୍ତି। ୨୦୧୯ ସାଧାରଣ ନିର୍ବାଚନ ପରେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) କ୍ଷମତାସୀନ ହେବା ପରେ ରାଜସ୍ଥାନର କୋଟା ଏମ୍‌ପି ଓମ୍ ବିର୍ଲା ଲୋକ ସଭାର ବାଚସ୍ପତି ହୋଇଛନ୍ତି। ରାଜସ୍ଥାନ ଭାଜପାର ବୈଶ୍ୟମାନଙ୍କ ଚେହେରା କୁହାଯାଉଥିବା ଏହି ବ୍ୟକ୍ତିଙ୍କ ମୁଣ୍ଡରେ ବାଚସ୍ପତି ଭଳି ମୁକୁଟ ମିଳିବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

କେବଳ ଦୁଇ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିବା ଓମ୍‌ଙ୍କ ନାମ ବାଚସ୍ପତି ଲାଗି ଯେବେ ଘୋଷଣା ହେଲା ସେତେବେଳେ ରାଜନୈତିକ ମହଲରେ ଚହଳ ପଡ଼ିଯାଇଥିଲା। ବରିଷ୍ଠମାନଙ୍କୁ ପଛରେ ପକାଇ ଏହି ୫୬ ବର୍ଷୀୟ ନେତାଙ୍କ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ସମର୍ଥନ ରହିଥିବା ପରେ ଜଣାପଡ଼ିଥିଲା।

ଓମ୍ ରାଜସ୍ଥାନର କୋଟାରେ ୨୩ ନଭେମ୍ବର ୧୯୬୨ରେ ଜନ୍ମଗ୍ରହଣ କରିଥିଲେ। ଶ୍ରୀକୃଷ୍ଣ ବିର୍ଲା ଓ ଶକୁନ୍ତଳା ଦେବୀଙ୍କ ଏହି ସନ୍ତାନ ପିଲାଟି ବେଳୁ ନିଜକୁ ସାମାଜିକ କାର୍ଯ୍ୟରେ ନିୟୋଜିତ କରିଥିଲେ। କୋଟାସ୍ଥିତ ଗଭର୍ନମେଣ୍ଟ କମର୍ସ କଲେଜରୁ ବାଣିଜ୍ୟରେ ସେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ଛାତ୍ର ରାଜନୀତିରେ ସକ୍ରିୟ ରହି ସେ ୧୯୭୯ରେ କଲେଜ ଛାତ୍ର ସଂସଦର ସଭାପତି ହୋଇଥିଲେ। ପରେ ୨୦୦୩ରେ ସେ ଦକ୍ଷିଣ କୋଟାରୁ ରାଜସ୍ଥାନ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ୨୦୦୮ ଓ ୨୦୧୩ରେ ସେ ତୃତୀୟ ଥର ପାଇଁ ବିଧାୟକ ହୋଇଥିଲେ। ୨୦୦୩ରୁ ୨୦୦୮ ମଧ୍ୟରେ ସେ ବସୁନ୍ଧରା ରାଜେ ସରକାରରେ ପାର୍ଲାମେଣ୍ଟାରୀ ସେକ୍ରେଟାରି (ରାଷ୍ଟ୍ରପାହ୍ୟ ର୍ୟାଙ୍କ) ହୋଇଥିଲେ। ସାଙ୍ଗଠନିକ ଦକ୍ଷତା ସହ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟରେ ସମ୍ପୃକ୍ତି ତାଙ୍କୁ ଜାତୀୟ ନେତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଫଳରେ ୨୦୧୪ରେ ତାଙ୍କୁ କୋଟା ଲୋକ ସଭା ଆସନରୁ ପ୍ରାର୍ଥୀ କରାଯାଇଥିଲା। ସେଠାରୁ ସେ ସଫଳ ହେବା ପରେ ଦ୍ୱିତୀୟ ଥର ଲାଗି ୨୦୧୯ରେ ପୁନଶ୍ଚ ତାଙ୍କ ଉପରେ ପାର୍ଟି ଭରସା କରିଥିଲା। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ଆଦର୍ଶରେ ଅନୁପ୍ରାଣିତ ଓମ୍ ସାଧାରଣ ନିର୍ବାଚନ ବେଳେ ତାଙ୍କ ବିଜୟ ମୋଦିଙ୍କୁ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେବା ଲାଗି ସୁଯୋଗ ଦେବ ବୋଲି ସ୍ଲୋଗାନ ଦେଇ ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ବାଚସ୍ପତି ହେବା ପଛରେ ଦକ୍ଷତାର ସହ ରାଜସ୍ଥାନ ଓ ଗୁଜରାଟରେ ସମବାୟ ସମିତି ପରିଚାଳନାକୁ ଶ୍ରେୟ ଦିଆଯାଉଛି। କୁହାଯାଉଛି ଗୁଜରାଟ ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ମୋଦିଙ୍କ ସହ ତାଙ୍କ ସମ୍ପର୍କ ନିବିଡ଼ ଥିଲା। ୨୦୧୯ ସାଧାରଣ ନିର୍ବାଚନରେ ବୁଥ୍ ପରିଚାଳନା କ୍ଷେତ୍ରରେ ଓମ୍‌ଙ୍କ ରଣକୌଶଳ ଓ ଦକ୍ଷତାକୁ ଶାହ ମଧ୍ୟ ପ୍ରଶଂସା କରିଛନ୍ତି।

ବାଚସ୍ପତି ଭାବେ ଲୋକ ସଭା ପରିଚାଳନା କରିବା ନିଶ୍ଚିତ କାଠିକର ବ୍ୟାପାର। ନିମ୍ନ ସଦନର ପ୍ରଥମ ବାଚସ୍ପତି ଗଣେଶ ବାସୁଦେବ ମାଭାଲାଙ୍କଠାରୁ ଅଦ୍ୟାବଧି ୧୬ ଜଣ ବ୍ୟକ୍ତି ଏହି ମର୍ଯ୍ୟାଦାଜନକ ପଦବୀରେ ରହିଆସିଛନ୍ତି। ଶାସକ ଓ ବିରୋଧୀ ବିଭିନ୍ନ ପ୍ରସଙ୍ଗରେ ଗୃହରେ ହଟ୍ଟଗୋଳ, ଯୁକ୍ତିତର୍କ ଓ ବିଶୃଙ୍ଖଳା ସୃଷ୍ଟି କରିବାର ନଜୀର ରହିଛି। ୧୭ତମ ବାଚସ୍ପତି ହୋଇଥିବା ଓମ୍ ଧୈର୍ଯ୍ୟର ସହ ବିଚକ୍ଷଣତା ପ୍ରଦର୍ଶନ କରି ଉତ୍ତମ ଭାବେ ଗୃହ ଚଳାଇବେ ବୋଲି ଆଶା ରହିବା ସ୍ୱାଭାବିକ।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଆମ ଦେଶରେ ଆଇନକାନୁନ ଯେମିତି ଉଦାର, ନ୍ୟାୟ ପ୍ରଦାନ ପ୍ରକ୍ରିୟା ମଧ୍ୟ ସେପରି ବିଳମ୍ବ ହୋଇଥାଏ। ଏଥିପାଇଁ ଜଣେ ଅଭିଯୁକ୍ତ ନିଜ ଜୀବଦ୍ଦଶାରେ ମଧ୍ୟ ନ୍ୟାୟ ପାଇ ନ ପାରେ। ମୃତ୍ୟୁର ୫ ବର୍ଷ ପରେ ଦେଶଦ୍ରୋହ ଅଭିଯୋଗରୁ ମୁକ୍ତ ହୋଇଛନ୍ତି ଜଣେ ଅଭିଯୁକ୍ତ। ଏପରି ଏକ ଘଟଣା ଘଟିଛି ପଶ୍ଚିମବଙ୍ଗରେ। ଏହି ନ୍ୟାୟର ମୂଲ୍ୟ ତାଙ୍କ ପାଇଁ କିଛି ନୁହେଁ। କାରଣ ବିଳମ୍ବରେ ମିଳୁଥିବା ନ୍ୟାୟ ପ୍ରକୃତ ନ୍ୟାୟ ନୁହେଁ ବୋଲି କୁହାଯାଏ। ପଶ୍ଚିମବଙ୍ଗରେ ଦେଶଦ୍ରୋହ ଅପରାଧରେ କାରାଦଣ୍ଡ ଭୋଗୁଥିବା ୩ ଜଣ ଅଭିଯୁକ୍ତଙ୍କୁ କୋଲକତା ହାଇକୋର୍ଟ ମୁକ୍ତ କରିଛନ୍ତି। କିନ୍ତୁ ଏଥିପାଇଁ ନ୍ୟାୟ ପ୍ରଦାନ ପ୍ରକ୍ରିୟା ବିଳମ୍ବ ହୋଇଯାଇଛି। ସେମାନଙ୍କୁ ୨୦୦୫ରେ ଏକ ନିମ୍ନ ଅଦାଲତ ଦେଶଦ୍ରୋହ ଅପରାଧରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ନିମ୍ନ ଅଦାଲତଙ୍କ ରାୟକୁ ୨୦୦୬ରେ କୋଲକାତା ହାଇକୋର୍ଟରେ ଚ୍ୟାଲେଞ୍ଜ୍ କରାଯାଇଥିଲା। ଇତିମଧ୍ୟରେ ଜଣେ ଅଭିଯୁକ୍ତ ସୁଶୀଲ ରାୟଙ୍କର ଗତ ୫ ବର୍ଷ ତଳେ ୨୦୧୪ରେ ମୃତ୍ୟୁ ହୋଇସାରିଛି। ତେଣୁ ବର୍ତ୍ତମାନ ମିଳିଥିବା ନ୍ୟାୟର ମୂଲ୍ୟ ତାଙ୍କ ପାଇଁ କିଛି ନୁହେଁ। ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ବିଚାରପତି ମୁକ୍ତ କରିଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଚିରନ୍ତନୀ

ପାସୋରି ଦିଏ ନିଜକୁ ଶଶି
ନିଜକୁ ଭୁଲେ ଏ ବିଲ ଗ୍ରାମ
ନିଜକୁ ଭୁଲି ସଜଳ ନଦୀ
ଚଳେ ଅଜ୍ଞାତେ ନାହିଁ ବିଶ୍ରାମ।
ନିଜକୁ ଭୁଲି ଏ ନଦୀ ତଟେ
ସୁଦୂର ଗ୍ରାମେ ରହେ ମୁଁ ଚାହିଁ,
ଲୁପତ ଧରା ଲୁପତ ବିଶ୍ୱ
ବିଜନ ଏଥି କେହି କି ନାହିଁ।
କେବଳ ଏଥି ନାଚଇ ଶୂନ୍ୟ
ପରାଣ ତହିଁ ରହଇ ଲାଖି,
ଯେତେ ମୁଁ ଚାହେଁ ଜୋଛନା ପଥେ
ତୃପତି ମୋର ନ ମାନେ ଆଖି।
(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ (su|do|ku)

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | B | | 0 | 4 | | C | A | | D | 2 |
| | | | | | 3 | | 1 | | | | | 6 | E | B |
| E | | | | 1 | | B | | | 5 | D | | | 0 | |
| | 8 | 2 | | 7 | | | | 9 | 6 | | | 4 | | |
| 4 | | | | | | | | 2 | | | 0 | | | 9 |
| | 4 | B | | | 2 | 8 | | C | | | 5 | | | E |
| C | | | 8 | | | | | | | | | | | 3 |
| 3 | | D | 4 | | | E | | | | | 2 | 8 | 5 | |
| | | | E | | | 5 | | | 4 | | 7 | 9 | B | |
| 5 | | | | | | | 6 | | | | 1 | | | A |
| 6 | | 4 | | | | | | | | | | | | D |
| D | | 0 | 7 | | | | 8 | | | | | C | | 6 |
| | C | 5 | | | E | | A | | 0 | | | 3 | 1 | 4 |
| | | | 9 | | 4 | 6 | 2 | | | B | | | | |
| | | | | D | | 7 | | 1 | | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 4 | 3 | B | A | 0 | 1 | 5 | 6 | 9 | 8 | C | D | 2 | 7 |
| 1 | 9 | C | 8 | 3 | 2 | 7 | 0 | D | 5 | 6 | 4 | B | A | E |
| A | 5 | 2 | 6 | 4 | D | 3 | 9 | B | 7 | E | 1 | 0 | C | 8 |
| 6 | D | 0 | 1 | 7 | E | 8 | 2 | C | B | 3 | A | 9 | 5 | 4 |
| 8 | 7 | B | 5 | C | 9 | E | A | 4 | D | 0 | 2 | 1 | 3 | 6 |
| 5 | 3 | A | 7 | 1 | C | 0 | 8 | 9 | 4 | B | 6 | E | D | 2 |
| 0 | 2 | 7 | D | 9 | 6 | 5 | 4 | 3 | 8 | A | E | C | 1 | B |
| 9 | B | 1 | E | 5 | 4 | C | 6 | 2 | 3 | D | 0 | 8 | 7 | A |
| 4 | E | 6 | 0 | 8 | A | D | B | 1 | 2 | C | 7 | 3 | 9 | 5 |
| D | C | 8 | 2 | B | 3 | A | E | 7 | 1 | 9 | 5 | 6 | 4 | 0 |
| B | 8 | 4 | 9 | 2 | 1 | 6 | C | 5 | 0 | 7 | 3 | A | E | D |
| C | A | E | 4 | D | 7 | 9 | 1 | 0 | 6 | 2 | B | 5 | 8 | 3 |
| 3 | 6 | D | C | 0 | 5 | 2 | 7 | E | A | 1 | 8 | 4 | B | 9 |
| 2 | 1 | 5 | 3 | 6 | 8 | B | D | A | E | 4 | 9 | 7 | 0 | C |
| 7 | 0 | 9 | A | E | B | 4 | 3 | 8 | C | 5 | D | 2 | 6 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗଞ୍ଜେଇ ଚାଷରେ ବେପାର

ମହାଶୟ,

ଧରିତ୍ରୀରେ ଯାଜପୁର ପାଣିକୋଇଲି ଅନ୍ତର୍ଗତ ସୋଲପଟା ଗ୍ରାମରେ ଅବକାରୀ ଚଢାଉ ହୋଇ ୮୮ କେଜି ଗଞ୍ଜେଇ ଜବତ ଖବର ପ୍ରକାଶ ପାଇଛି। ଫୁଲବାଣୀ, କୋରାପୁଟ, ସମ୍ବଲପୁର ଆଦି କେତେକ ଜିଲାରେ ପ୍ରତିବର୍ଷ ଗଞ୍ଜେଇ ଚାଷ ହୋଇ ଚୋରା ଚାଲାଣ କରାଯାଉଛି। ସ୍ଥାନୀୟ ପ୍ରଶାସନର ସଂପୃକ୍ତ ବିଭାଗ, ରାଜନେତା, କୁଜିନେତା ଏଥିରେ ମାଲାମାଲ ହେଉଛନ୍ତି। ବହୁ ପ୍ରକାର ହସ୍ତକ୍ଷେପ ଯୋଗୁ ଚୋରା ବେପାରୀଙ୍କୁ ଗିରଫ କରାଯାଇପାରୁନାହିଁ। ଫଳରେ ବର୍ଷର ନିର୍ଦ୍ଦିଷ୍ଟ ଋତୁରେ ଅଗମ୍ୟ ଅଞ୍ଚଳରେ ଏହା ବିନା ବାଧାରେ ବର୍ଷ ବର୍ଷ ଧରି ଚାଲିଛି। ସବୁ ଚେକ୍‌ଗେଟ୍‌ରେ ବଟି ଦେଇ ଚୋରା ବେପାରୀମାନେ ଖସିଯାଇ ବ୍ୟବସାୟ ଚାଲୁ ରଖୁଛନ୍ତି। ସ୍ଥାନୀୟ ପ୍ରଶାସନ ନିକଟରେ ଖବର ଥିଲେ ମଧ୍ୟ ମୋଟା ଅଙ୍କର ବଟି ନେଇ ନ ଜାଣିଲା ପରି ଅଭିନୟ କରନ୍ତି। ଏତେଦୂର ଜୀବନ ମରଣ ସମସ୍ୟାରେ ଘାଣ୍ଟି ହେବେ କାହିଁକି, ଯାହା ମିଳିଲା ସେତିକିରେ ସନ୍ତୁଷ୍ଟ ହେଲେ ହେଲା।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ବିପଦପୂର୍ଣ୍ଣ ନୌପରିବହନ

ଜାନୁୟାରୀ ପ୍ରଥମ ସପ୍ତାହରେ କେନ୍ଦ୍ରାପଡାର ହୁକିଟୋଲାରୁ ଫେରୁଥିବା ଏକ ଡଙ୍ଗା ଓଲଟି ୭ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ ଜିଲା ପ୍ରଶାସନର ଚେତା ପଶୁନି। ଏବେ ବି ଏଠାକାର ପର୍ଯ୍ୟଟନସ୍ଥଳୀ ଭିତରକନିକା, ହୁକିଟେଲା, ବତିଘର ଓ ବରୁଣେଇ ଆଦି ସ୍ଥାନକୁ ନୌକାରେ ବିପଜ୍ଜନକ ଅବସ୍ଥାରେ ପର୍ଯ୍ୟଟକମାନେ ଯାତାୟାତ କରୁଛନ୍ତି। ନଦୀକୂଳରେ ବସବାସ କରୁଥିବା ବହୁ ପରିବାର ପ୍ରତିଦିନ ଡଙ୍ଗାରେ ବସି ଯାଆସ କରୁଥିଲେ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଦୃଷ୍ଟିରୁ ଜିଲା ପ୍ରଶାସନ ପକ୍ଷରୁ କୌଣସି ତଦାରଖ ହେଉନାହିଁ। ବିନା ଲାଇଫ୍ ଜ୍ୟାକେଟ୍‌ରେ ବୋଟ୍‌ରେ ଚଢୁଛନ୍ତି ପର୍ଯ୍ୟଟକ। ଅନେକ ବୋଟ୍‌ର ଫିଟ୍‌ନେସ୍ ନାହିଁ। ଦେଶୀ ଡଙ୍ଗାରେ କ୍ଷମତାଠାରୁ ଅଧିକ ଯାତ୍ରୀଙ୍କୁ ପଇସା ଲୋଭରେ ନିଆଯାଉଛି। ଅଧିକାଂଶ ଡଙ୍ଗାଚାଳକ ଅନଭିଜ୍ଞ ଓ ନାବାଳକ। ରାଜ୍ୟ ସରକାରଙ୍କ ୨୦୦୪ ବୋଟ୍ ରୁଲ୍ ଏଠାରେ କାର୍ଯ୍ୟକାରୀ ହେଉନାହିଁ। ତେଣୁ ରାଜ୍ୟ ସରକାର ଓ ଜିଲା ପ୍ରଶାସକଙ୍କ ତରଫରୁ ନିୟମିତ ତଦାରଖ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଗଲେ ବୋଟ୍ କିମ୍ବା ଡଙ୍ଗାବୁଡି ଅଘଟଣକୁ ରୋକାଯାଇପାରନ୍ତା।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଜୁନ୍ ୧୯୯୪**

- ଏରନେଷ୍ଟୋ ସାମ୍ପେର କଲମ୍ବିଆର ନୂତନ ରାଷ୍ଟ୍ରପତି ରୂପେ ନିର୍ବାଚିତ।
- ଭାରତୀୟ ଚଳଚ୍ଚିତ୍ରର ପିତାମହ ଭାବେ ପରିଚିତ ପ୍ରଯୋଜକ-ନିର୍ଦ୍ଦେଶକ ଏଲ୍.ଭି. ପ୍ରସାଦଙ୍କ ୮୬ ବର୍ଷ ବୟସରେ ପରଲୋକ।
- ରୁଆଣ୍ଡାରେ ଚାଲିଥିବା ଗୃହଯୁଦ୍ଧକୁ ବନ୍ଦ କରିବା ପାଇଁ ସେଠାକୁ ୨ ହଜାର ଫରାସୀ ସୈନ୍ୟ ପଠାଯିବା ସଂକ୍ରାନ୍ତ ଫ୍ରାନ୍ସର ଏକ ପ୍ରସ୍ତାବକୁ ଜାତିସଂଘ ନିରାପତ୍ତା ପରିଷଦ ଅଗ୍ରାହ୍ୟ କରିଦେଇଛି।

**ସଂକ୍ଷେପରେ**

## ଦୋଳି ଖେଳ କାଳ ହେଲା

■ ନାବାଳିକା ମୃତ

ହିଞ୍ଜିଳିକାଟୁ,୨୨।୬ (ଡି.ଏନ୍.ଏ.): ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ମୋହନ କଲୋନୀ ଅଞ୍ଚଳରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଦୋଳି ଖେଳୁଥିବା ସମୟରେ ଦଉଡ଼ି ଛିଣ୍ଡି ନାବାଳିକାଙ୍କ ବେକରେ ଗୁଡ଼ାଇ ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଅରୁଣ ମହାନ୍ତିଙ୍କ ଝିଅ ଅର୍ପିତା (୧୧)। ପରିବାର ଲୋକେ ତାଙ୍କୁ ତୁରନ୍ତ ହିଞ୍ଜିଳିକାଟୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହିଞ୍ଜିଳି ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା(ନଂ.୧୩/୧୯) ରୁଜୁ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

■ ସୁପ୍ରିମକୋର୍ଟରେ ଗଡୁଛି ୫୮,୬୬୯ ମାମଲା:ପ୍ରଧାନମନ୍ତ୍ରୀଙ୍କୁ ସିଜେଆଇଙ୍କ ପତ୍ର

# ବିଚାରପତି ସଂଖ୍ୟା ବଢ଼ାଅ

ନୂଆଦିଲ୍ଲୀ,୨୨।୬(ପି.ଟି.)



ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ

ବିଚାରପତିଙ୍କ ସଂଖ୍ୟା ଆବଶ୍ୟକ ତୁଳନାରେ କମ୍ ଥିବାରୁ ମାମଲାଗୁଡ଼ିକ ବିଚାର ନ ହୋଇ ପଡ଼ିରହୁଛି। ତେଣୁ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରିବା ଲାଗି ଭାରତର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ (ସିଜେଆଇ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ରଲେଖି ଜଣାଇଛନ୍ତି। ଏଥିସହ ହାଇକୋର୍ଟ ବିଚାରପତିଙ୍କ ଅବସର ବୟସ ୬୫କୁ ବୃଦ୍ଧିକରିବା ଲାଗି କହିଛନ୍ତି। ଅଦାଲତରେ ପଡ଼ିରହିଥିବା ମାମଲାଗୁଡ଼ିକର ସମାଧାନ ଲାଗି ସମ୍ବିଧାନର ଧାରା ୧୨୮ ଓ ୨୨୪(କ) ଅନୁଯାୟୀ ଅବସରଗ୍ରହଣ ପରେ ସର୍ବୋଚ୍ଚ ଅଦାଲତ ଓ ହାଇକୋର୍ଟ ବିଚାରପତିଙ୍କୁ ପୁନଃନିଯୁକ୍ତି ଦେବାଲାଗି ସେ ପତ୍ରରେ ଦର୍ଶାଇଛନ୍ତି। ସିଜେଆଇ କହିଛନ୍ତି ଯେ, ସୁପ୍ରିମକୋର୍ଟରେ ଏବେ ୫୮,୬୬୯ ମାମଲା ବିଚାର ନ ହୋଇ ପଡ଼ିରହିଛି। ବିଚାରପତି ଅଭାବରୁ ଏହି ସଂଖ୍ୟା କ୍ରମଶଃ ବଢ଼ିବାରେ ଲାଗିଛି। ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାର ଲାଗି ସାମ୍ବିଧାନିକ ଖଣ୍ଡପୀଠ ମଧ୍ୟ ଗଠନ କରାଯାଇ ପାରୁନାହିଁ।

୩ ଦଶନ୍ଧି ତଳେ ଅର୍ଥାତ୍ ୧୯୮୮ରେ ସୁପ୍ରିମକୋର୍ଟର ବିଚାରପତି ସଂଖ୍ୟା ୧୮ରୁ ୨୬କୁ ବୃଦ୍ଧି ପାଇଥିଲା। ଏହାର ୨ ଦଶନ୍ଧି ପରେ ଅର୍ଥାତ୍ ୨୦୦୯ରେ ଏହା ସିଜେଆଇଙ୍କୁ ମିଶାଇ ୩୧କୁ ବୃଦ୍ଧି ପାଇଥିଲା। ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରା ନ ଗଲେ ପଡ଼ିରହିଥିବା ମାମଲା ସଂଖ୍ୟା ଲମ୍ବି ଚାଲିବ। ତେଣୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ସମସ୍ୟାର ସମାଧାନ କରିବାକୁ ଜଷ୍ଟିସ୍ ଗୋଗୋଇ ପ୍ରଧାନମନ୍ତ୍ରୀଙ୍କୁ ପତ୍ରଲେଖି ଜଣାଇଛନ୍ତି। ଏହାସହ ସମ୍ବିଧାନ ସଂଶୋଧନ କରାଯାଇ ହାଇକୋର୍ଟ ବିଚାରପତିଙ୍କ ଅବସର ବୟସସୀମା ୬୨ରୁ ୬୫କୁ ବୃଦ୍ଧି କରିବା ଲାଗି ସେ କହିଛନ୍ତି। ସରକାରୀ ଅନୁମୋଦନ ଲାଭ କରିଥିବା ବିଚାରପତି ପଦ ମଧ୍ୟରୁ ୩୯୯ (୩୭%) ଏବେ ଖାଲିପଡ଼ିଛି। ଏହି ଖାଲି ପଦଗୁଡ଼ିକୁ ତୁରନ୍ତ ପୂରଣ କରିବାର ଆବଶ୍ୟକତା ରହିଛି ବୋଲି ଜଷ୍ଟିସ୍ ଗୋଗୋଇ ଦର୍ଶାଇଛନ୍ତି।

## ଦିନ ଦ୍ୱିପ୍ରହରରେ ସୁନା ଗହଣା ଲୁଟ୍

କୁଲିଅଣା, ୨୨।୬ (ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କୁଲିଅଣା ବଜାରରେ ଥିବା ମା' ତାରିଣୀ ଜୁଏଲର୍ସ ଦୋକାନରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟ୍ ହୋଇଛି। ଶନିବାର ଅପରାହ୍ନରେ ୨ ଜଣ ଲୁଟେରା ଗ୍ରାହକ ବେଶରେ ଆସି ଦୋକାନୀଙ୍କୁ ଡେଉଁରିଆ ମାଗିଥିଲେ। ସେମାନେ ଡେଉଁରିଆ ନେଇ ଏକ ଶହେ ଟଙ୍କିଆ ନୋଟ୍ ଦେଇଥିଲେ। ଦୋକାନୀ ଅମ୍ବୁନାଥ ରଣା ଏହି ଟଙ୍କାକୁ ଆଖି ପାଖକୁ ନେଇ ପରଖିବା ବେଳେ ତାଙ୍କୁ ଆଉ କିଛି ଦେଖାଯାଇ ନ ଥିଲା। ସେଥିରେ ଲଗାଯାଇଥିବା କେମିକାଲ ପ୍ରଭାବରେ ଏଭଳି ଘଟିଥିବା କୁହାଯାଉଛି। ଏହି ସମୟ ମଧ୍ୟରେ ଲୁଟେରା ଦ୍ୱୟ ଦୋକାନ ଶୋ କେସ୍ ଭିତରେ ରଖାଯାଇଥିବା ୬ଟି ସୁନାହାର ସହ ଅନ୍ୟ ଗହଣାକୁ କାଢି ନେଇ ଚମ୍ପଟ ମାରିଥିଲେ।

କିଛି ସମୟ ପରେ କେମିକାଲ ପ୍ରଭାବ କମିଯିବାରୁ ଦୋକାନୀଙ୍କ ଆଖିକୁ ଦେଖାଯାଇଥିଲା। ସେତେବେଳକୁ ଗ୍ରାହକ ଦ୍ୱୟ ନ ଥିବା ଦେଖି ସେ ଶୋ କେସ୍ ଯାଞ୍ଚ କରିବାରୁ ସେଥିରେ ୧୫୦ ଗ୍ରାମ ଓଜନର ସୁନା ଗହଣା ନ ଥିବା ଦେଖିଥିଲେ। ଏହାପରେ କୁଲିଅଣା ଥାନା ପୋଲିସକୁ ଖବର ଦିଆଯାଇଥିଲା। ଥାନା ଅଧିକାରୀ କମଳାକାନ୍ତ ଦାସ ପହଞ୍ଚି ତଦନ୍ତ କରିଥିଲେ। ୧୮ ନମ୍ବର ଜାତୀୟ ରାଜପଥ କଡରେ ଥିବା ମାର୍କେଟ କମ୍ପ୍ଲେକ୍ସ ସ୍ଥିତ ଏହି ଜୁଏଲାରୀ ଦୋକାନରୁ ଲୁଟେରାମାନେ ଅଭିନବ ଉପାୟରେ ସୁନା ଅଳଙ୍କାର ଲୁଟିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ ବେଳେ ଏହି ଲୁଟେରାଦ୍ୱୟଙ୍କ ସବୁ କାରନାମା ଜଣାପଡିଛି। ପୋଲିସ ଲୁଟେରାଙ୍କ ଫଟୋ ସିସିଟିଭିରୁ ଉଦ୍ଧାର କରି ଜିଲାର ସବୁ ଥାନାକୁ ପଠାଇ ସେମାନଙ୍କୁ ଧରିବା ଲାଗି ତନାଘନା ଚଳାଇଛି।

# ଭାଜପା ପ୍ରତିନିଧିଙ୍କ ଗସ୍ତ ପରେ ଭାଟପଡ଼ାରେ ପୁଣି ସଂଘର୍ଷ

କୋଲକାତା,୨୨।୬(ପି.ଟି.)

ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲାର ଭାଟପଡ଼ାରେ ଶନିବାର ପୁଣି ସଂଘର୍ଷ ଘଟିଛି। ଭାଜପାର ୩ ଜଣିଆ ପ୍ରତିନିଧିମଣ୍ଡଳୀ ଏହି ହିଂସାକାଣ୍ଡ ଅଞ୍ଚଳ ଗସ୍ତକରି ଫେରିବା ପରେ ହିଂସାକାଣ୍ଡ ଆରମ୍ଭ ହୋଇଥିଲା। ଭାଜପା ଓ ଟିଏମ୍‌ସି କର୍ମୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହେବା ସହ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। ଉଭୟ ପକ୍ଷ ଟେକାପଥର ଓ ଦେଶୀ ବୋମାମାଡ଼ କରିଥିବା ଜଣାପଡ଼ିଛି। ସେଠାରେ ଲାଗିଥିବା ୧୪୪ ଧାରା ଉଲ୍ଲଂଘନ କରାଯିବାରୁ ପୋଲିସ ଶେଷରେ ଉତ୍ତ୍ୟକ୍ତଙ୍କ ଉପରେ ଲାଠିଚାର୍ଜ

### ୩ ଆହତ, ପୋଲିସର ଲାଠିଚାର୍ଜ

କରିବାକୁବାଧ ହୋଇଥିଲା। ସଂଘର୍ଷରେ ୩ଜଣ ଆହତ ହୋଇଥିବାବେଳେ ଏବେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ପ୍ରକାଶଥାଉ କି, ଗତ ସପ୍ତାହରେ ଭାଜପା-ଟିଏମ୍‌ସି ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟି ପୋଲିସ ଗୁଳିରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଭାଟପଡ଼ା ଟିଏମ୍‌ସିର ଗଡ଼ଭାବେ ପରିଚିତ ଥିବାବେଳେ ନିର୍ବାଚନ ପରଠାରୁ ଏଠାରେ ଦୁଇଗୋଷ୍ଠୀ ମଧ୍ୟରେ ସଂଘର୍ଷ ଲାଗିରହିଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଏମ୍‌ପି ଏସ୍.ଏସ୍. ଆଲୁୱାଲିଆଙ୍କ ନେତୃତ୍ୱରେ ଭାଜପା ପ୍ରତିନିଧିମଣ୍ଡଳୀ ଶନିବାର ଭାଟପଡ଼ା ଗସ୍ତକରି ପରିସ୍ଥିତିର ସମୀକ୍ଷା କରିଥିଲେ। ମୃତ ୨ ଭାଜପା କର୍ମୀଙ୍କ ପରିବାରବର୍ଗ, ସ୍ଥାନୀୟ ଲୋକଙ୍କ ସହ ସେମାନେ କଥାବାର୍ତ୍ତା ହୋଇ ଫେରିଥିଲେ। ଏ ସମ୍ପର୍କରେ ସେମାନେ ଦଳର ଅଧ୍ୟକ୍ଷ ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କୁ ରିପୋର୍ଟ ଦେବେ। ହେଲେ ଭାଜପା ପ୍ରତିନିଧିଙ୍କ ଏହି ଗସ୍ତ ଅଞ୍ଚଳରେ ଉତ୍ତେଜନା ବୃଦ୍ଧିକରିବ ବୋଲି ଟିଏମ୍‌ସି ସାଧାରଣ ସଚିବ ପାର୍ଥ ଚାଟାର୍ଜୀ କହିଛନ୍ତି। ସେପଟେ ଭାଜପା ପକ୍ଷରୁ ଏହି ଘଟଣାର ସିବିଆଇ ତଦନ୍ତ ଲାଗି ଦାବି କରାଯାଇଛି।

**ପୂର୍ବ ତଟ ରେଳପଥ**

**ଦେଓଗାଁ ରୋଡ଼ - ସଇଁତଲା ଷ୍ଟେସନ ମଧ୍ୟରେ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗ୍‌କୁ ବନ୍ଦ କରିବା ସମ୍ପର୍କିତ ସାର୍ବଜନିକ ସୂଚନା**

ଏହି ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗ୍ ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ ହୋଇସାରିଥିବା କାରଣରୁ ସଡ଼କ ବ୍ୟବହାରକାରୀମାନଙ୍କ ନିମନ୍ତେ ନିମ୍ନଲିଖିତ 'C' ଶ୍ରେଣୀ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗ୍‌କୁ ସଡ଼କ ଯାତାୟାତ ନିମନ୍ତେ ସ୍ଥାୟୀ ରୂପେ ବନ୍ଦ କରି ଦିଆଯିବ।

**ତେଣୁ ତା.30.06.2019ରିଖ ଠାରୁ ନିମ୍ନ ବର୍ଣ୍ଣିତ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗ୍ ଫାଟକକୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ତତ୍କାଳ ବନ୍ଦ କରି ଦିଆଯିବ।**

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଙ୍ଗ ସଂଖ୍ୟା | LCର ରେଳବାଇ କିଲୋମିଟର |
|---|---|---|---|
| ଝାରସୁଗୁଡ଼ା-ଟିଟିଲାଗଡ଼ | ଦେଓଗାଁ ରୋଡ଼-ସଇଁତଲା | JT-108 | 703/8-9 |

**ପତ୍ର ସଂଖ୍ୟା : 1507/G&M, ତା.30.06.2012ରିଖ ଦ୍ୱାରା କଲେକ୍ଟର ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍, ବଲାଙ୍ଗିର ତାଙ୍କର ଅନୁମତି ପ୍ରଦାନ କରିସାରିଛନ୍ତି।**

ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୂର୍ବ)/ ସମ୍ବଲପୁର

PR - 174/K/19-20

## ପାଇଖାନା ଟାଙ୍କିରୁ ହାତୀ ଛୁଆ ଉଦ୍ଧାର



ପରଜଙ୍ଗ, ୨୨।୬(ଡି.ଏନ୍.ଏ.)

ମା' ସବୁବେଳେ ମା'। ସେ ବନ୍ୟଜନ୍ତୁ ହେଉ କି ମଣିଷ। ମା'ର ମମତା ଆଗରେ ସବୁ କିଛି ଫିକା ଫିକା ଲାଗେ। ଛୁଆ ହାତୀ ଏବଂ ମା' ମଧ୍ୟରେ ଅନାବିଳ ସମ୍ପର୍କର ଏପରି ନମୁନା ଦେଖିବାକୁ ମିଳିଛି ପରଜଙ୍ଗ ବ୍ଲକ ସାଆନ୍ଦା ବିଟ୍ ଅଧୀନ ତଳବେରେଣା ଗ୍ରାମରେ। ଶୌଚାଳୟ ଟାଙ୍କିରେ ଖସିପଡ଼ିଥିବା ଛୁଆ ପାଇଁ ମା' ହାତୀର ବ୍ୟାକୁଳତା ଦେଖିବାକୁ ଅଞ୍ଚଳବାସୀ ଜମାଇଥିଲେ ଭିଡ଼। ଶନିବାର ଭୋର୍ ସମୟରେ ଗ୍ରାମର ପ୍ରମୋଦ ପାଳଙ୍କ ଘର ପଛପଟେ ଥିବା ପାଇଖାନା ଟାଙ୍କିରେ ଏକ ମା'ହାତୀ ଏବଂ ଶାବକ ଖସିପଡ଼ିଥିଲେ। କୌଣସିମତେ ମା' ହାତୀ ବାହାରକୁ ବାହାରିବାରେ ସକ୍ଷମ ହୋଇଥିବାବେଳେ ଟାଙ୍କି ଭିତରେ ଫସି ରହିଥିଲା ଶାବକ। ପରିବାର ଲୋକଙ୍କଠାରୁ ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ଟାଙ୍କିର ଗୋଟିଏ ପାର୍ଶ୍ୱକୁ ତାଡ଼ି ଶାବକକୁ ଟେକି ଉଦ୍ଧାର କରିଥିଲେ। ଛୁଆ ଉଦ୍ଧାର ନ ହେବା ଯାଏ ମା' ଟାଙ୍କି ପାଖରେ ଧୀରସ୍ଥିର ହୋଇ ଛିଡ଼ା ହୋଇ ରହିଥିଲା। ସାମାନ୍ୟତମ ହିଂସ୍ର ଆଚରଣ ପ୍ରଦର୍ଶନ କରି ନ ଥିଲା। ଏଥିରୁ ସଙ୍କଟରେ ପଡ଼ିଥିବା ଶାବକ ପାଇଁ ବାରି ହୋଇପଡ଼ିଥିଲା ମା'ର ଦରଦ। ଉଦ୍ଧାର ପରେ ଉଭୟେ ଜଙ୍ଗଲକୁ ପଳାଇଥିଲେ। ରେଞ୍ଜର ହରମୋହନ ନାୟକ, ଫରେଷ୍ଟର ରାମଚନ୍ଦ୍ର ରାଉତ, ହାତୀ ସ୍କ୍ୱାଡ୍ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ତେବେ ଅଞ୍ଚଳରେ ହାତୀପଲ ବିଚରଣ କରୁଥିବାରୁ ଭୟର ବାତାବରଣ ସୃଷ୍ଟି ହୋଇଛି।

**Government of Odisha**
**Home Department**
**ADVERTISEMENT**

**No. 24072/** **Bhubaneswar, dated, the 19.06.2019**

**No.46-D:** A Written Examination will be held on 01.12.2019 (Sunday) and 02.12.2019 (Monday) for admission to Class-VIII in the Rashtriya Indian Military College (RIMC), Dehradun for the term commencing from July, 2020 through the District Collector & Magistrate, Cuttack. Only boys are eligible to apply for admission to the RIMC, Dehradun. The age of the candidates should not be less than 11 ½ years in age, but should not have attained the age of 13 years as on 01.07.2020 i.e. they should not have born earlier than 02.07.2007 and not later than 01.01.2009. At the time of admission to the RIMC for the term July, 2020, the boys should either be studying in Class VII or passed Class-VII from any recognized School.

The written examination in English (1000-1200 hrs) and Mathematics (1400-1530 hrs) shall be conducted on 01.12.2019 (Sunday) and General Knowledge Paper (1000-1100 hrs) on 02.12.2019 (Monday) at Cuttack Centre. The above examination can be answered either in Hindi or in English. The candidates who will be successful in the written examination, can avail the opportunity of viva-voce test on 07.04.2020 (Tuesday). Only the candidates finally selected after the viva-voce will undergo a medical examination at selected Minitary Hospital and the candidates found Medically fit will be considered for selection and admission to the RIMC. The medical examination of the candidate forms a part of the system of selection.

The prospectus-cum application form and booklet of old question papers can be obtained from the Rashtriya Indian Military College, Garhi Cant., Dehradun, Uttarakhand, Pin-248003 through Speed Post by forwarding self-addressed slip and by sending an account payee Bank Demand Draft of Rs. 600/- for general candidates and Rs. 555/- for SC/ST candidates alongwith caste certificate. The Demand Draft will be made in favour of the Commandant, RIMC, Dehradun, Drawee Branch, SBI, Tel Bhawan, Dehradun (Bank Code-01576) Uttarakhand. The application forms issued by RIMC only shall be valid. Locally printed/photocopied and without RIMC hologram (seal) forms shall not be accepted.

Applications in duplicate, on prescribed form, accompanied by documents to be attached with the application form, two passport size photographs, state domicile certificate, Birth certificate (issued by Municipality/ Municipal Corporation/ Gram Panchayat), SC/ST certificate and certificate from Principal of the School in Original with photograph on it attested stating date of birth and in which Class the student is studying should reach before the Collector, Cuttack by 30.09.2019. The details of the scheme is available in Home Department website (http://homeodisha.gov.in).

**(Dr. Santosh Bala)**
**Special Secretary to Government**

**ଓଡ଼ିଶା ସରକାର**
**ସ୍ୱରାଷ୍ଟ୍ର ବିଭାଗ**
**ବିଜ୍ଞାପନ**

**ସଂଖ୍ୟା: ୨୪୦୭୩ /** **ତା.୧୯।୦୬।୨୦୧୯**

ରାଷ୍ଟ୍ରୀୟ ସାମରିକ ମହାବିଦ୍ୟାଳୟ, ଡେରାଡୁନଠାରେ ଜୁଲାଇ, ୨୦୨୦ ଅବଧି ନିମନ୍ତେ ଅଷ୍ଟମ ଶ୍ରେଣୀରେ ପିଲାଙ୍କ ନାମଲେଖାଇବା ପାଇଁ କଟକ ଜିଲ୍ଲାପାଳଙ୍କ ମାଧ୍ୟମରେ ଆଗାମୀ ତା୦୧।୧୨।୨୦୧୯ରିଖ (ରବିବାର ଏବଂ ତା୦୨।୧୨।୨୦୧୯ ରିଖ (ସୋମବାର) ଦିବା ୧୦ ଘଟିକା ସମୟରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। ଉକ୍ତ ପରୀକ୍ଷା କେବଳ ବାଳକମାନଙ୍କ ପାଇଁ ଉଦ୍ଦିଷ୍ଟ। ନାମ ଲେଖାଇବା ସମୟରେ ପ୍ରାର୍ଥୀଙ୍କର ବୟସ ଜୁଲାଇ ୧ ତାରିଖ ୨୦୨୦ ସୁଦ୍ଧା ୧୧ ବର୍ଷ ୬ ମାସରୁ କମ୍ କିମ୍ବା ୧୩ ବର୍ଷ ବା ତଦୂର୍ଦ୍ଧ୍ୱ ହୋଇନଥିବ। ଅର୍ଥାତ୍ ପ୍ରାର୍ଥୀଙ୍କର ଜନ୍ମ ତା୦୨।୦୭।୨୦୦୭ ରିଖ ପୂର୍ବରୁ କିମ୍ବା ତା୦୧।୦୧।୨୦୦୯ ରିଖ ପରେ ହୋଇ ନଥିବା ଆବଶ୍ୟକ। ପ୍ରାର୍ଥୀ ରାଷ୍ଟ୍ରୀୟ ସାମରିକ ବିଦ୍ୟାଳୟରେ ପ୍ରବେଶ ସମୟରେ ସରକାରଙ୍କର କୌଣସି ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିବେ କିମ୍ବା ସପ୍ତମଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ।

କଟକ କେନ୍ଦ୍ରରେ ଲିଖିତ ପରୀକ୍ଷା ତିନୋଟି ବିଷୟ ଯଥା- ଇଂରାଜୀ ତା୦୧।୧୨।୨୦୧୯ରିଖ ଦିନ ୧୦.୦୦ ଘଟିକାରୁ ୧୨.୦୦ ଘଟିକା ପର୍ଯ୍ୟନ୍ତ ଓ ଗଣିତ, ୧୪.୦୦ ଘଟିକାରୁ ୧୫.୩୦ ଘଟିକା ପର୍ଯ୍ୟନ୍ତ ଏବଂ ସାଧାରଣ ଜ୍ଞାନ ତା୦୨।୧୨।୨୦୧୯ ରିଖ ଦିନ ୧୦.୦୦ ଘଟିକାରୁ ୧୧.୦୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରାର୍ଥୀ ଉକ୍ତ ପରୀକ୍ଷାରେ ହିନ୍ଦୀ କିମ୍ବା ଇଂରାଜୀ ଭାଷାରେ ଉତ୍ତର ଲେଖିପାରିବେ। ଯେଉଁ ପ୍ରାର୍ଥୀମାନେ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ କେବଳ ସେହି ପ୍ରାର୍ଥୀମାନଙ୍କୁ ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା ତା୦୭।୦୪।୨୦୨୦ରିଖ (ମଙ୍ଗଳବାର) ଦିନ ଦେବା ପାଇଁ ସୁଯୋଗ ଦିଆଯିବ। ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସୈନିକ ଡାକ୍ତରଖାନାରେ କରାଯିବ। ସମ୍ପୃକ୍ତ ସୁସ୍ଥ ବିବେଚିତ ପ୍ରାର୍ଥୀମାନଙ୍କୁ ମହାବିଦ୍ୟାଳୟରେ ନାମ ଲେଖାଇବା ପାଇଁ ବିଚାର କରାଯିବ। ପ୍ରାର୍ଥୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଏହି ଚୟନ ପ୍ରଣାଳୀର ଏକ ଅଂଶ ଅଟେ। ଆବଶ୍ୟକ ଦରଖାସ୍ତ ଫର୍ମ ତଥା ସୂଚନାପତ୍ରର ପ୍ରତ୍ୟେକ ସେଟ୍ ଏବଂ ବିଗତ ପରୀକ୍ଷାର ପ୍ରଶ୍ନାବଳୀ ପାଇବା ନିମନ୍ତେ ସିଧାସଳଖ COMMANDANT, RASHTRIYA INDIAN MILITARY COLLEGE, DEHRADUN, DRAWEE BRANCH, STATE BANK OF INDIA, TEL BHAVAN, DEHRADUN (BANK CODE-01576), UTTARAKHAND ଙ୍କ ସପକ୍ଷରେ RS.600/- ସାଧାରଣ ବର୍ଗର ପରୀକ୍ଷା ପ୍ରାର୍ଥୀଙ୍କ ପାଇଁ ଏବଂ RS.555/- ଅଣସୂଚିତ ଜାତି ଓ ଅଣସୂଚିତ ଜନଜାତି ବର୍ଗର ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟାଙ୍କ ଡ୍ରାଫ୍ଟ ଏବଂ ନିଜ ଠିକଣା ଯୁକ୍ତ ଚିଠା ଜମାଦେଇ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ରାଷ୍ଟ୍ରୀୟ ସାମରିକ ମହାବିଦ୍ୟାଳୟ ଡେରାଡୁନ୍, ଉତ୍ତରାଖଣ୍ଡ ପିନ୍-୨୪୮୦୦୩ରୁ ମଗାଇ ପାରିବେ। ଉକ୍ତ website ରେ ଉପଲବ୍ଧ ଥିବା ଚାଲାଣ କେବଳ ଗ୍ରହଣଯୋଗ୍ୟ। ଏହି ଫର୍ମ ବ୍ୟତୀତ କୌଣସି ଛପା ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ପ୍ରାର୍ଥୀ ଆବେଦନ ସମୟରେ ଦୁଇକିତା ଦରଖାସ୍ତ ଫର୍ମ ସହିତ ୨ଟି ପାସ୍‌ପୋର୍ଟ ସାଇଜ୍ ଫଟୋ, ଡୋମିସାଇଲ୍ ସାର୍ଟିଫିକେଟ୍, ମ୍ୟୁନିସିପାଲିଟି/ ଗ୍ରାମପଞ୍ଚାୟତ ଜନ୍ମ ରେଜିଷ୍ଟରର ବୟସ ପ୍ରମାଣପତ୍ର, ହରିଜନ ଓ ଆଦିବାସୀଙ୍କ କ୍ଷେତ୍ରରେ ଜାତିଗତ ପ୍ରମାଣପତ୍ର ଓ ଆଟେଷ୍ଟେଡ୍ ଫଟୋଗ୍ରାଫ ସହ ଜନ୍ମତାରିଖ ଓ ଛାତ୍ର ପଢୁଥିବା ଶ୍ରେଣୀ ସମ୍ବନ୍ଧରେ ବିଦ୍ୟାଳୟର ପ୍ରିନ୍ସିପାଲଙ୍କଠାରୁ ମୂଳ ପ୍ରମାଣପତ୍ର ଇତ୍ୟାଦି କଟକ ଜିଲ୍ଲାପାଳଙ୍କ ନିକଟରେ ତା୩୦।୦୯।୨୦୧୯ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ। ଏ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସ୍ୱରାଷ୍ଟ୍ର ବିଭାଗ ୱେବ୍‌ସାଇଟ୍ (http://homeodisha.gov.in) ରେ ମିଳିପାରିବ।

**(ଡ଼ଃ. ସନ୍ତୋଷ ବାଲା)**
**ସ୍ୱତନ୍ତ୍ର ଶାସନ ସଚିବ**

12001/11/0006/1920

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼**
**(ଭୂ-ଅର୍ଜନ ଉପବିଭାଗ)**
**ଅଧିସୂଚନା**

**ବିଜ୍ଞପ୍ତି ସଂଖ୍ୟା: ୪୧୬** **ତାରିଖ: ୧୦।୦୫।୨୦୧୯ ସୁନ୍ଦରଗଡ଼**

**No.VII-11:-** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବାଙ୍କିବାହାଲ ଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନିର୍ମାଣ ନିମନ୍ତେ ମୌଜା-ବିଜାଡିହି, ଥାନା-ଲେଫ୍ରିପଡ଼ା, ତହସିଲ-ଲେଫ୍ରିପଡ଼ା, ଜିଲ୍ଲା-ସୁନ୍ଦରଗଡ଼ରେ ନିମ୍ନ ତଫସିଲ ମତେ ପ୍ରାୟ ୧୬.୯୫ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ବାଙ୍କିବାହାଲ ଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ପୂର୍ତ୍ତ ବିଭାଗ, ସୁନ୍ଦରଗଡ଼।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବାଙ୍କିବାହାଲଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନିର୍ମାଣ ନିମନ୍ତେ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଏଥିସହିତ ସଂଲଗ୍ନ କରାଗଲା।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ-ଜିଲ୍ଲାପାଳ, ସୁନ୍ଦରଗଡ଼
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ଼ | ଲେଫ୍ରିପଡ଼ା | ବିଜାଡିହି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୧୬.୯୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ ଜମିମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶସନର ୬୦ ଦିନ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ଼

**ସମ୍ପୂର୍ଣ୍ଣ ଜମି ବିବରଣୀ**
**ଜିଲ୍ଲା: ସୁନ୍ଦରଗଡ଼, ତହସିଲ: ଲେଫ୍ରିପଡ଼ା, ଗ୍ରାମ: ବିଜାଡିହି**

| କ୍ର. ନଂ. | ଖାତା ନମ୍ବର | ପ୍ଲଟ ନଂ | କିସମ | ମୋଟ ରକବା | ଅର୍ଜନ ରକବା | ଖାତା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୨୨ | ୧୮୩ | ବେର୍ଣ୍ଣା ସାଧାରଣ | ୦.୨୦୦ | ୦.୦୯୦ | ଖେତ୍ରି କିଶାନ, ପି: ବିଟାଙ୍ଗ କିଶାନ, ଜା: କିଶାନ, ବା: ନିଜଗାଁ, |
| ୨ | ୨୮ | ୩୬୪ | ଗୋଡ଼ା-୧ | ୨.୩୮୦ | ୦.୯୫୦ | ଗୋକୁଳାନନ୍ଦ ପଟେଲ, ପି: ସଦାନନ୍ଦ ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| ୩ | ୪୭ | ୨୨୬ | ବାହାଲ ସାଧାରଣ | ୧.୧୪୦ | ୦.୫୨୦ | ତିର୍ଥ ନାଏକ, ପି: ବିଦ୍ୟାଧର ନାଏକ, ଜା: ଆଗ୍ରିଆ, ବା: ନିଜଗାଁ |
| | | ୨୨୯ | ଗୋଡ଼ା-୧ | ୧.୧୩୦ | ୦.୬୫୦ | |
| ୪ | ୫୧ | ୩୫୮ | ଗୋଡ଼ା-୧ | ୧.୬୦୦ | ୧.୦୫୦ | ଦୟା ପଟେଲ, ପି: ବନମାଳୀ ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| ୫ | ୫୬ | ୩୯୮ | ଗୋଡ଼ା-୧ | ୨.୪୬୦ | ୧.୨୬୦ | ପଞ୍ଚାନନ ପଟେଲ, ନେତ୍ରାନନ୍ଦ ପଟେଲ, ପି: ଦିନବନ୍ଧୁ ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| | | ୪୦୮ | ବେର୍ଣ୍ଣା ସାଧାରଣ | ୦.୯୫୦ | ୦.୫୮୦ | |
| | | ୪୧୨ | ବେର୍ଣ୍ଣା ସାଧାରଣ | ୦.୨୮୦ | ୦.୧୦୦ | |
| | | ୪୦୭/ ୧୨୬୧ | ବେର୍ଣ୍ଣା ସାଧାରଣ | ୦.୩୦୦ | ୦.୧୮୦ | |
| ୬ | ୫୭ | ୪୦୨ | ଗୋଡ଼ା-୧ | ୦.୨୯୦ | ୦.୨୯୦ | ଦିନବନ୍ଧୁ ପଟେଲ, ପି: ବାସୁଦେବ ପଟେଲ, ଶଙ୍କର ପଟେଲ, ପି: ବିଦ୍ୟାଧର ପଟେଲ, ନରସିଂହ ପଟେଲ, ସୁରେନ୍ଦ୍ର ପଟେଲ, ପି: ଅନିରୁଦ୍ଧ ପଟେଲ, ଜା: ଆଗ୍ରିଆ, ବା: ମୁଣ୍ଡାଗାଁ |
| ୭ | ୫୮ | ୪୦୩ | ଗୋଡ଼ା-୧ | ୩.୧୫୦ | ୨.୧୨୦ | ଦିନବନ୍ଧୁ ପଟେଲ, ପି: ଜୟଦେବ ପଟେଲ, ସୁରେନ୍ଦ୍ର ପଟେଲ, ପି: ଅନିରୁଦ୍ଧ ପଟେଲ, ଶଙ୍କର୍ଷଣ ପଟେଲ, ପି: ବିଦ୍ୟାଧର ପଟେଲ, ଟଙ୍କଧର ପଟେଲ, ପି: ଗଙ୍ଗାଧର ପଟେଲ, ଗୋକୁଳାନନ୍ଦ ପଟେଲ, ଅନ୍ତରାମ ପଟେଲ, କ୍ଷେତ୍ରବର ପଟେଲ, ହାରା ପଟେଲ, ହେମା ପଟେଲ, ପି: ସଦାନନ୍ଦ ପଟେଲ, ରମ୍ଭା ପଟେଲ, ପକନି ପଟେଲ, ବାସମତି ପଟେଲ, ପି: ଘନ ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| | | ୪୦୪ | ଗୋଡ଼ା-୧ | ୩.୧୭୦ | ୦.୧୨୦ | |
| | | ୪୦୭/ ୧୨୬୨ | ବେର୍ଣ୍ଣା ସାଧାରଣ | ୦.୫୧୦ | ୦.୨୧୦ | |
| | | ୪୧୧/ ୧୨୬୩ | ବେର୍ଣ୍ଣା ସାଧାରଣ | ୧.୨୩୦ | ୦.୨୮୦ | |
| ୮ | ୬୪ | ୪୮ | ବାହାଲ ସାଧାରଣ | ୧.୮୮୦ | ୦.୩୦୦ | ଧାନୀ ପୂଜାରୀ, ପି: ତିର୍ଥ ପୂଜାରୀ, ଜା: ଚେଣ୍ଡି, ବା: ନିଜଗାଁ |
| | | ୧୯୫ | ଘରବାରି | ୦.୨୦୦ | ୦.୧୬୦ | |
| | | ୪୪/ ୧୧୨୮ | ଗୋଡ଼ା-୧ | ୦.୧୨୦ | ୦.୦୪୦ | |
| | | ୪୬/ ୧୧୩୪ | ବାହାଲ ସାଧାରଣ | ୧.୧୦୦ | ୦.୧୧୦ | |
| | | ୧୯୪/ ୧୧୫୭ | ଘରବାରୀ | ୦.୧୨୦ | ୦.୦୨୦ | |
| | | ୧୬୬/ ୧୧୪୭ | ବେର୍ଣ୍ଣା ସାଧାରଣ | ୦.୫୬୦ | ୦.୪୭୦ | |
| | | ୧୬୬/ ୧୧୪୮ | ବେର୍ଣ୍ଣା ସାଧାରଣ | ୦.୩୦୦ | ୦.୦୯୦ | |
| ୯ | ୭୯ | ୫୦ | ମାଲ ସାଧାରଣ | ୧.୭୦୦ | ୦.୨୧୦ | ମଣିଚନ୍ଦ୍ର ନାଏକ, ପି: ଗୌରାଙ୍ଗ ନାଏକ, ଜା: ଆଗ୍ରିଆ, ବା: ନିଜଗାଁ |
| | | ୫୧ | ଗୋଡ଼ା-୧ | ୦.୪୨୦ | ୦.୪୨୦ | |
| | | ୫୨ | ମାଲ ସାଧାରଣ | ୦.୬୮୦ | ୦.୪୭୦ | |
| | | ୫୩ | ଗୋଡ଼ା-୧ | ୦.୪୪୦ | ୦.୩୨୦ | |
| | | ୫୪ | ମାଲ ସାଧାରଣ | ୦.୧୫୦ | ୦.୧୩୦ | |
| ୧୦ | ୯୭ | ୫୬ | ମାଲ ସାଧାରଣ | ୦.୨୧୦ | ୦.୦୨୦ | ମୋହନ ପୂଜାରୀ, ପି: ଧନେଶ୍ୱର ପୂଜାରୀ, ଜା: ଗୌଡ଼, ବା: ନିଜଗାଁ |
| | | ୧୬୫ | ମାଲ ସାଧାରଣ | ୦.୫୮୦ | ୦.୪୫୦ | |
| | | ୨୨୭ | ବାହାଲ ସାଧାରଣ | ୦.୪୨୦ | ୦.୦୮୦ | |
| | | ୨୨୮ | ଗୋଡ଼ା-୧ | ୦.୫୬୦ | ୦.୦୬୦ | |
| ୧୧ | ୯୮ | ୪୪ | ଗୋଡ଼ା-୧ | ୦.୭୪୦ | ୦.୩୫୦ | ମୋହନ ପୂଜାରୀ, ସଂସାର ପୂଜାରୀ, ବିରିଜ ପୂଜାରୀ, ପି: ଧନେଶ୍ୱର ପୂଜାରୀ, ଜା: ଗୌଡ଼, ବା: ନିଜଗାଁ |
| | | ୧୯୩ | ବେର୍ଣ୍ଣା ସାଧାରଣ | ୦.୨୪୦ | ୦.୦୯୦ | |
| | | ୪୬/ ୧୧୩୩ | ବାହାଲ ସାଧାରଣ | ୦.୪୦୦ | ୦.୩୯୦ | |
| | | ୫୫/ ୧୧୩୮ | ମାଲ ସାଧାରଣ | ୦.୧୨୦ | ୦.୧୧୦ | |
| | | ୧୬୬/ ୧୧୪୯ | ବେର୍ଣ୍ଣା ସାଧାରଣ | ୦.୪୬୦ | ୦.୧୬୦ | |
| | | ୪୮/ ୧୧୩୭ | ବାହାଲ ସାଧାରଣ | ୦.୫୦୦ | ୦.୦୪୦ | |
| ୧୨ | ୧୦୩ | ୧୮୨ | ବେର୍ଣ୍ଣା ସାଧାରଣ | ୦.୧୮୦ | ୦.୦୩୦ | ରଥ କିଶାନ, ଶ୍ରୀଧର କିଶାନ, ପି: ଶୁକ୍ରୁ କିଶାନ, ବା: ନିଜଗାଁ, ବେଆଇନ ସାପା ଦଲିଲ ଦ୍ୱାରା ଖସୁଦ କ୍ଷେତ୍ରି କିଶାନ ପି-ବିଟାଙ୍ଗ କିଶାନ, ଜା: କିଶାନ, ବା: ନିଜଗାଁ ତା.୧୪।୦୩।୧୯୬୩ ଠାରୁ ଦର ସମନ ଟ.୨୭୦/- |
| ୧୩ | ୧୦୬ | ୪୯ | ଗୋଡ଼ା-୧ | ୦.୧୯୦ | ୦.୦୩୦ | ରୂପଧର ପ୍ରଧାନ, ପି: କର୍ଣ୍ଣ ପ୍ରଧାନ, ଜା: ଭୂୟାଁ, ବା: ନିଜଗାଁ |
| ୧୪ | ୧୧୫ | ୪୦୯ | ବେର୍ଣ୍ଣା ସାଧାରଣ | ୦.୨୫୦ | ୦.୧୬୦ | ଯୁଧିଷ୍ଠିର ପଟେଲ, ପି: ଶଙ୍କର୍ଷଣ ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| | | ୪୧୧ | ବେର୍ଣ୍ଣା ସାଧାରଣ | ୦.୩୨୦ | ୦.୩୦୦ | |
| ୧୫ | ୧୧୬ | ୪୬ | ବାହାଲ ସାଧାରଣ | ୦.୧୫୦ | ୦.୦୯୦ | ଶତ୍ରୁଘନ ପୂଜାରୀ, ପି: ଧନୁର୍ଜୟ ପୂଜାରୀ, ଜା: ଗୌଡ଼, ବା: ନିଜଗାଁ |
| | | ୫୫ | ମାଲ ସାଧାରଣ | ୦.୦୯୦ | ୦.୦୨୦ | |
| | | ୧୬୬ | ବେର୍ଣ୍ଣା ସାଧାରଣ | ୦.୨୬୦ | ୦.୦୩୦ | |
| | | ୧୯୪ | ଘରବାରୀ | ୦.୩୮୦ | ୦.୨୬୦ | |
| | | ୪୮/ ୧୧୩୬ | ବାହାଲ ସାଧାରଣ | ୨.୨୦୦ | ୧.୪୬୦ | |
| | | ୪୪/ ୧୧୨୬ | ଗୋଡ଼ା-୧ | ୦.୧୨୦ | ୦.୧୨୦ | |
| | | ୧୬୬/ ୧୧୪୫ | ବେର୍ଣ୍ଣା ସାଧାରଣ | ୦.୪୦୦ | ୦.୨୨୦ | |
| | | ୧୬୬/ ୧୧୪୬ | ବେର୍ଣ୍ଣା ସାଧାରଣ | ୦.୧୮୦ | ୦.୧୪୦ | |
| | | ୨୨୫/ ୧୧୫୮ | ବେର୍ଣ୍ଣା ସାଧାରଣ | ୦.୦୬୦ | ୦.୦୨୦ | |
| ୧୬ | ୧୨୯ | ୪୧୦ | ବେର୍ଣ୍ଣା ସାଧାରଣ | ୦.୨୪୦ | ୦.୨୪୦ | ସୁରେନ୍ଦ୍ର ପଟେଲ, ପି: ଅନିରୁଦ୍ଧ ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| ୧୭ | ୧୩୪/ ୨୪ | ୪୦ | ଗୋଡ଼ା-୧ | ୧.୩୦୦ | ୦.୧୧୦ | ମୋହନ ପୂଜାରୀ, ସଂସାର ପୂଜାରୀ, ବିରିଜ ପୂଜାରୀ, ପି: ଧନେଶ୍ୱର ପୂଜାରୀ, ଜା: ଗୌଡ଼, ବା: ନିଜଗାଁ |
| | | ୧୭୮ | ଗୋଡ଼ା-୧ | ୦.୬୩୦ | ୦.୨୭୦ | |
| | | ୧୭୯ | ବେର୍ଣ୍ଣା ସାଧାରଣ | ୦.୪୫୦ | ୦.୦୫୦ | |
| ୧୮ | ୧୩୪/ ୬୭ | ୧୭୮/ ୧୧୧୩ | ବେର୍ଣ୍ଣା ସାଧାରଣ | ୦.୪୨୦ | ୦.୩୮୦ | ଚକ୍ରଧର ନାଏକ, ପି: ମନବୋଧ ନାଏକ, ଜା: ଆଗ୍ରିଆ, ବା: ନିଜଗାଁ |
| ୧୯ | ୧୩୪/ ୭୦ | ୪୧୦/ ୧୩୭୯ | ବେର୍ଣ୍ଣା ସାଧାରଣ | ୦.୦୩୦ | ୦.୦୩୦ | କାହ୍ନା ମୁଣ୍ଡା, ଆଶା ମୁଣ୍ଡା, ବିପାଶା ମୁଣ୍ଡା, ବର୍ଷା ମୁଣ୍ଡା, ପି: ପଚନ ମୁଣ୍ଡା, ସୁନ୍ଦରମଣୀ ମୁଣ୍ଡା, ପଦ୍ମା ମୁଣ୍ଡା, ପି: ଦୁଃଖୀରାମ ମୁଣ୍ଡା, ସାଏବନୀ ମୁଣ୍ଡା, ସ୍ୱା: ଦୁଃଖୀରାମ ମୁଣ୍ଡା, ଜା: ମୁଣ୍ଡା, ବା: ନିଜଗାଁ |
| | | | | | **୧୬.୯୫୦** | |

24160/14/0011/1920

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ,୨୨।୬(ଡି.ଏନ.ଏ.)** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଛତାବର ନିକଟ ନେଉଳିଆଠାରେ ଶୁକ୍ରବାର ରାତିରେ ଏକ ଟାଟା ମ୍ୟାଜିକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ମଞ୍ଜୁରୀରୋଡ ଅଞ୍ଚଳ ରାଜେନ୍ଦ୍ରପୁର ପଞ୍ଚାୟତ ମୋରଡ଼ା ଗ୍ରାମର ମୃତ୍ୟୁଞ୍ଜୟ ଖଣ୍ଡାୟୀ। ମୃତ୍ୟୁଞ୍ଜୟ ଓ ତାଙ୍କ ସମ୍ପର୍କୀୟ ସତ୍ୟପ୍ରିୟ ନାୟକ କୁଶଗଡ଼ିଆରୁ ଭୋଜି ଖାଇ ବାଇକ୍‌ରେ ମଞ୍ଜୁରୀରୋଡ ଫେରୁଥିଲେ। ସେହି ସମୟରେ ରାସ୍ତାରେ ଗାଡ଼ି ରଖି ସେମାନେ ଠିଆ ହୋଇଥିବା ବେଳେ ଟାଟା ମ୍ୟାଜିକ୍(ନଂ ଓ ଡି ୨୨ ବି ୯୭୯୧) ଦ୍ରୁତଗତିରେ ଆସି ମୃତ୍ୟୁଞ୍ଜୟଙ୍କୁ ଧକ୍କା ଦେଇ ପଳାଇଯାଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ଶନିବାର ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ଏ ନେଇ ସତ୍ୟପ୍ରିୟ ଥାନାରେ ଅଭିଯୋଗ କରିଛନ୍ତି।

### ବକେୟା ଟଙ୍କା ମାଗିବାରୁ ହତ୍ୟା ଧମକ

**ଭଦ୍ରକ ଅଫିସ, ୨୨।୬ :** ବକେୟା ଟଙ୍କା ମାଗିବାରୁ ହତ୍ୟା ଧମକ ଦିଆଯାଇଥିବା ନେଇ ଭଦ୍ରକ ବ୍ଲକ ମିର୍ଜାପୁର ଗାଁର ବଂଶୀଧର ନାଥ ପୁରୁଣାବଜାର ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେହି ଗାଁର ଗୋପାଳ ନାଥ ତାଙ୍କଠାରୁ ଧାନ କିଣିଥିଲେ। ହେଲେ ଟଙ୍କା ଦେବେ ବୋଲି କହି ଦିନ ଗଡ଼ାଇ ଆସୁଥିଲେ। ଶୁକ୍ରବାର ସେ ରାସ୍ତାରେ ଗୋପାଳଙ୍କୁ ଦେଖି ଧାନ ବିକ୍ରି ବାବଦ ବକେୟା ଟଙ୍କା ମାଗିଥିଲେ। ଗୋପାଳ ଟଙ୍କା ଦେବା ପରିବର୍ତ୍ତେ ତାଙ୍କୁ ହତ୍ୟା ଧମକ ଦେଇଛନ୍ତି। ଏ ନେଇ ପୋଲିସ ଏକ ମାମଲା (ନଂ.୧୦୫/୧୯) ରୁଜୁ କରି ତଦନ୍ତ ଚଳାଇଛି।

■ ୭୩ତମ ଐତିହ୍ୟ ପଦଯାତ୍ରା

# କାହାଣୀରେ ଖଣ୍ଡଗିରି-ଉଦୟଗିରିର ଇତିହାସ ଜାଣିଲେ ଅଷ୍ଟ୍ରେଲିଆ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୨୨।୬(ବ୍ୟୁରୋ)**

ଐତିହ୍ୟ ପଦଯାତ୍ରାରେ ଅଷ୍ଟ୍ରେଲିଆର ଛାତ୍ରୀଛାତ୍ର। ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଏହି ବିଦେଶୀ ଛାତ୍ରୀଛାତ୍ର ୭୩ତମ ହେରିଟେଜ୍ ଟ୍ରେଲ୍‌ର ମଜା ନେବା ସହ କାହାଣୀରେ ଖଣ୍ଡଗିରି-ଉଦୟଗିରି ପାହାଡ଼ର ଇତିହାସ ଜାଣିବାକୁ ପାଇଥିଲେ। ଏହି ପଦଯାତ୍ରାକୁ ସେମାନେ ଅସାଧାରଣ ଓ ବହୁତ ସୁନ୍ଦର ବୋଲି କହିଥିଲେ। ସେମାନଙ୍କ ସହ ଅନ୍ୟ ପର୍ଯ୍ୟଟକମାନେ ମଧ୍ୟ ସାମିଲ ଥିଲେ। ସୁଚନାଯୋଗ୍ୟ, ଶନିବାର ସକାଳ ୬ଟା ୩୦ରେ ପ୍ରଥମେ ଉଦୟଗିରି ପାହାଡରୁ ଆରମ୍ଭ ହୋଇଥିଲା ଏହି ପଦଯାତ୍ରା। ଉଦୟଗିରି ପାହାଡ଼ ଓ ରାଜା ଖାରବେଳଙ୍କ ବିଷୟରେ ସେମାନଙ୍କୁ ଅବଗତ କରାଯାଇଥିଲା। ଏଥିସହ ଇତିହାସରେ ଲିପିବଦ୍ଧ କଳିଙ୍ଗର ବିଭିନ୍ନ ଗାଥା, ବୀର କଳିଙ୍ଗ ରାଜାଙ୍କ ଇତିହାସ ଜାଣିବାକୁ ପାଇଥିଲେ। ଅଷ୍ଟ୍ରେଲିଆର ଛାତ୍ରୀ ଲିସା କହିଛନ୍ତି, ଏହି ପଦଯାତ୍ରା ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା। କାହାଣୀ କହୁଥିବା ଢଙ୍ଗଟି ମତେ ବହୁତ ଭଲ ଲାଗିଲା।



ଉଦୟଗିରିଠାରେ ଅନ୍ୟ ପର୍ଯ୍ୟଟକଙ୍କ ସହ ଅଷ୍ଟ୍ରେଲିଆର ଛାତ୍ରୀଛାତ୍ର ।

ପୂରା ପାହାଡଟି ବହୁତ ସୌନ୍ଦର୍ଯ୍ୟମୟ ହୋଇଥିବାବେଳେ ଏଠାରେ ତାହାର କାହାଣୀ ଶୁଣିବାକୁ ଆହୁରି ବେଶି ଭଲ ଲାଗିଲା ବୋଲି ସେ କହିଛନ୍ତି। ସେହିପରି ଆଉ ଜଣେ ଛାତ୍ରୀ ଇରେନା କହିଛନ୍ତି, ଏହି ପଦଯାତ୍ରାଟି ବହୁତ ଅନ୍ତଦୃଷ୍ଟିୟ ଓ ବିଜ୍ଞାନ ଜନିତ ତଥ୍ୟ ପ୍ରଦାନ କରିଛି। ଭୁବନେଶ୍ୱରର ଶ୍ରୀଜତ ମିଶ୍ର କୁହନ୍ତି, ମୁଁ ଭୁବନେଶ୍ୱରରେ ଗତ ୪୦ ବର୍ଷ ହେବ ରହୁଛି କିନ୍ତୁ ଖଣ୍ଡଗିରି-ଉଦୟଗିରି ପାହାଡ଼ ବିଷୟରେ ଏତେ କିଛି ଜାଣି ନ ଥିଲି। ଐତିହ୍ୟ ଟ୍ରେଲରେ ସାମିଲ ହୋଇ ବହୁତ କଥା ଜାଣିଲି।

ଉଲ୍ଲେଖଯୋଗ୍ୟ, ରାଜ୍ୟ ପର୍ଯ୍ୟଟନ ବିଭାଗ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ପର୍ଯ୍ୟଟକ, ସ୍ଥାନୀୟ ବାସିନ୍ଦା ଓ ଛାତ୍ରୀଛାତ୍ର ଭୁବନେଶ୍ୱରରେ ଥିବା ବିଭିନ୍ନ ଐତିହ୍ୟ ସମ୍ପର୍କରେ ଜାଣିବାର ସୁଯୋଗ ପାଉଛନ୍ତି। ରବିବାର ପୁରୁଣା ଭୁବନେଶ୍ୱରର ମନ୍ଦିରଗୁଡ଼ିକରେ ଐତିହ୍ୟ ପଦଯାତ୍ରା ଅନୁଷ୍ଠିତ ହେବ ଓ ଅପରାହ୍ନରେ କଳାଭୂମୀଠାରେ ପର୍ଯ୍ୟଟକମାନେ ସଂଗ୍ରହାଳୟ ବୁଲି ଦେଖିବା ସହ କାହାଣୀ ଶୁଣିବାର ମଜାନେବେ।

## ପେଟିରୁ ନବଜାତ ଶିଶୁ ମୃତଦେହ ଉଦ୍ଧାର

**ଭଦ୍ରକ ଅଫିସ, ୨୨।୬**

ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥର ତ୍ରିଶଳପୁର ଦାଣ୍ଡବାସୁଲୀ ମନ୍ଦିର ନିକଟରୁ ଶନିବାର ପୂର୍ବାହ୍ନରେ ଏକ ପେଟି ଭିତରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର କରାଯାଇଛି। ଖବର ପାଇ ଭଦ୍ରକ ଟାଉନ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନେଇଛି। ପୋଲିସ ପହଞ୍ଚି ମୃତଦେହକୁ ନେବା ପରେ ଭିଡ଼ ନିୟନ୍ତ୍ରଣ ହୋଇଥିଲା। ରାସ୍ତାକଡ଼ରେ କିଏ ଓ କାହିଁକି ଏଭଳି ପେଟି ଭିତରେ ମୃତଶିଶୁକୁ ପକାଇଲେ ତାହାକୁ ନେଇ ନାନା କଳ୍ପନା ଜଳ୍ପନା ଚାଲିଛି। ପୋଲିସ ଘଟଣାର ତଦନ୍ତ କରୁଛି।

## ଗଛରୁ ପଡ଼ି ନାବାଳକଙ୍କ ଜୀବନ ଗଲା

କେନ୍ଦୁଝର, ୨୨।୬ (ସ୍ୱ.ପ୍ର.)-ଝାଡ଼ଖଣ୍ଡ ରାଜ୍ୟର ମଝିଗାଁ ପୋଲିସ ଷ୍ଟେଶନ ଅନ୍ତର୍ଗତ ରୁଗୁଡିସାହି ଗ୍ରାମରେ ରମେଶ ପିଙ୍ଗୁଆ (୧୪) କୁସୁମ ଗଛରୁ ପଡି ମୃତ୍ୟୁବରଣ କରିଛନ୍ତି। ଡାଳ ଭାଙ୍ଗିଯିବାରୁ ଗଛରୁ ପଡିଯାଇଥିଲେ। ଗୁରୁତର ଆହତ ହୋଇ ଅଚେତ ହୋଇ ଯାଇଥିଲେ। ଖବର ପାଇ ପରିବାର ଲୋକ ପହଞ୍ଚି ତାଙ୍କୁ ଉଦ୍ଧାର କରି ପ୍ରଥମେ ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନା ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଣପୁରୁଷା**
**ନିତି ଘିଅଭାତ ନିଇତି ରୁଷା ।**

ଅପଦାର୍ଥ ଲୋକକୁ ଯେତେ ସନ୍ତୋଷ ମିଳିଲେ ସୁଦ୍ଧା ସେ ଆହୁରି ପାଇବା ପାଇଁ ଅଭିମାନ କରିଥାଏ। କାମଦାମ ନ କରି ସବୁଦିନେ ଆରାମରେ ଖାଇପିଇ ଘୂରିବୁଲୁଥିବା ବ୍ୟକ୍ତି ସାମାନ୍ୟ ତ୍ରୁଟିବିଚ୍ୟୁତ ବା ଅସୁବିଧା ଦେଖି ମୁହଁ ଫୁଲେଇ ରୁଷି ବସୁଥିବା ନେଇ ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

**ଅଖାଇ ନାନୀର ବାର ବରତ ।**
**ସକାଳୁ ଖାଇଲା କଂସାଏ ଭାତ ।**

ଓଷା ବ୍ରତ କଲେ ଉପାସ ରହି କିଛି କଷ୍ଟ ସହିବାକୁ ପଡ଼େ। ଖାଇବା ପିଇବା କମ୍ କରାଯାଏ, କିନ୍ତୁ ଏହାକୁ ତ୍ୟାଗ ଓ କଷ୍ଟର ସମୟ ବୋଲି ନ ଧରି ଆନନ୍ଦରେ ଅଧିକ ଖାଇପିଇ ଭଲ ପିନ୍ଧି ମଉଜ କରିବାର ମାନେ ଓଷାବ୍ରତ ନୁହେଁ, ଏହା ଏକ ଭଣ୍ଡାମି ହୋଇଥାଏ। ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଥାଏ। ଓଷାବ୍ରତ କରିବା ନାଁରେ ପେଟ ପୂରାଇ ଖାଉଥିବା ଟାଉକିମାନଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରସୂତିଙ୍କୁ ରକ୍ତ ଦେଇ ଜୀବନ ବଞ୍ଚାଇଲେ ସରପଞ୍ଚ

**ମାଲକାନଗିରି,୨୨।୬(ଡି.ଏନ.ଏ.)**

ଏବେ ମଧ୍ୟ ଲୋକଙ୍କ ଭିତରେ ମଣିଷପଣିଆ ବଞ୍ଚିରହିଛି। ଅସହାୟ ଲୋକଙ୍କୁ ସହାୟତାର ହାତ ବଢାଇବାରେ କାର୍ପଣ୍ୟ କରୁନାହାନ୍ତି। ଟିକେ ସହାୟତା ପାଇଁ ଯଦି ଜଣକର ଜୀବନ ବଞ୍ଚିଯାଇପାରେ ତେବେ ଏଥିପାଇଁ ପଛଘୁଞ୍ଚା ଦେବା ଅନୁଚିତ ବୋଲି ପ୍ରମାଣ କରିଦେଇଛନ୍ତି ମାଲକାନଗିରି ଜିଲାର ଜଣେ ଯୁବ ସରପଞ୍ଚ ନନ୍ଦ କୁମାର ଆଜମେରା । ଜଣେ ପ୍ରସୂତି ମହିଳାଙ୍କୁ ଶନିବାର ରକ୍ତଦାନ କରି ସେ ମୃତ୍ୟୁମୁଖରୁ ବଞ୍ଚାଇ ଦେଇଛନ୍ତି।

ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ତଣ୍ଡାପାଲ୍ଲୀ ପଞ୍ଚାୟତର ନନ୍ଦ ବସ୍ତିର କୃଷ୍ଣ ଭୂକିଆଙ୍କ ସ୍ତ୍ରୀ ମେନକାଙ୍କ ଶୁକ୍ରବାର ରାତିରେ ପ୍ରସବ ଯନ୍ତ୍ରଣା ହୋଇଥିଲା । ଫଳରେ ପରିବାର ଲୋକେ ତାଙ୍କୁ ମାଲକାନଗିରି ଜିଲା ସଦର ମହକୁମା ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତର ତାଙ୍କୁ ପରୀକ୍ଷା କରିବା ପରେ ପ୍ରସବ ପାଇଁ ଅସ୍ତ୍ରୋପଚାର କରିବା ଜରୁରୀ ବୋଲି କହିଥିଲେ। ମେନକାଙ୍କ ଅସ୍ତ୍ରୋପଚାର କରିବା ପରେ ସେ ଶିଶୁପୁତ୍ରଟିଏ ଜନ୍ମ ଦେଇଥିଲେ । ପରେ ମେନକାଙ୍କୁ ରକ୍ତ ଦେବା ଆବଶ୍ୟକ ପଡିଥିଲା। ମାଲକାନଗିରି ରକ୍ତଭଣ୍ଡାରରେ ରକ୍ତର ଅଭାବ ହେତୁ ମେନକାଙ୍କ ପରିବାର ଲୋକେ ଚିନ୍ତାରେ ପଡ଼ିଥିଲେ । ଏହି ସମୟରେ ତଣ୍ଡାପାଲି ସରପଞ୍ଚ ନନ୍ଦ କୁମାର ଆଜମେରା ଖବର ପାଇ ତୁରନ୍ତ ଚିକିତ୍ସାଳୟରେ ପହଞ୍ଚି ମେନକାଙ୍କୁ ରକ୍ତଦାନ କରିଥିଲେ । ଫଳରେ ମେନକା ମୃତ୍ୟୁମୁଖରୁ ରକ୍ଷା ପାଇଯାଇଥିଲେ। ଉଚ୍ଚ ଶିକ୍ଷିତ ସରପଞ୍ଚ ଆଜମେରାଙ୍କ ଏଭଳି ମହନୀୟ କାର୍ଯ୍ୟ ପାଇଁ ସାଧାରଣରେ ପ୍ରଶଂସା କରାଯାଇଛି।


CLASSIFIED DISPLAY
MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ASHIRWAD FINANCE
ଆର୍ଶୀବାଦ ଫାଇନାସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ୍, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନ ରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

All INDIA FINANCIAL SERVICES
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-25 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଲକ୍ଷାଧିକ ଲୋକଙ୍କ ଭରସା
ଅମରାବତୀ କ୍ୟାପିଟାଲ
ଦୀର୍ଘ ବର୍ଷ ହେବ ଜନସାଧାରଣଙ୍କ ସୁବିଧା ପାଇଁ ହୋମ, ଏଜ୍ୟୁକେସନ୍, ଗ୍ରୁପ, ପର୍ସନାଲ ଋଣ ବର୍ଷକୁ ୩ % ସୁଧରେ ଯୋଗାଇ ଦିଆଯାଉଛି ।
9319560899
S/C Block B, Green Park, Extn. Delhi-16

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980
09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

REGISTRATION FREE | GOVT. APPROVED
BHARTIYA TELECOM GROUP
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍ ଉପରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 60 ଲକ୍ଷ, ଭଡ଼ା 45000 + ଅନ୍ୟାନ୍ୟ ସୁବିଧା ସୁଯୋଗ
କାମ ଆମର ବିଶ୍ୱାସ ଆପଣଙ୍କର
(ଠକମାନଙ୍କ ପ୍ରତି ସାବଧାନ)
08417868634
08417868647
VILLAGE-MATORDA, BHADSON, PATIALA, NABHA, PUNJAB 147202

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରିମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
Contact :- 8676907143, 9348274623

DHARITRI Career appointment Every Wednesday and Saturday

REAL ESTATE SALE
FARM HOUSE FOR SALE (AREA - 3.0AC)
At Badamba, Cuttack
Near Maniabandha Petrol Pump
Wire ବାଉଣ୍ଡରୀ ଅଛି / 1.0Ac ବଡ ପୋଖରୀ ଅଛି / Farm ର ସବୁ ଜାଗାକୁ ପାଣି ପାଇପ୍ Connection ହୋଇଛି / Electric Connection ସହିତ ରହିବା ପାଇଁ ଛାତ ଘର (3 Room) ଏବଂ ଗୋରୁ ଗୁହାଳ ଅଛି / 100 ଆମ୍ବ ଫଳନ୍ତି ଗଛ ଅଛି
ଏହି ବଗିଚାର ଚାରିକଡକୁ ଲାଗି ୫୦୦ ରୁ ୭୦୦ ଆକାଶିଆ ଗଛ ଅଛି
7008812379, 9937764514

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ 2ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

See Color Display Classified on every Tuesday & Friday

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ

## ସଂକ୍ଷେପରେ

### ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମୀକ୍ଷା ବୈଠକ

ରିଆମାଳ, ୨୨।୬(ଡି.ଏନ.ଏ.): ରିଆମାଳ ବ୍ଲକ ଅନ୍ତର୍ଗତ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଶନିବାର ରୋଗୀ କଲ୍ୟାଣ ସମିତି ପକ୍ଷରୁ ଚଳିତବର୍ଷର ପ୍ରଥମ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଆଶୁତୋଷ ଦାଶ ସଂଯୋଜନା କରିଥିଲେ। ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷା ରୀତାଞ୍ଜଳି ହାତୀ, ଜିଲା ପରିଷଦ ସଭ୍ୟା ନିଶାନୀ ବେହେରା, କନକ ପ୍ରଧାନ, ଡାକ୍ତର ଶାରଦା ପ୍ରସନ୍ନ ମଲ୍ଲିକ, ରିଆମାଳ ସରପଞ୍ଚ ତରଣୀ ସେନ ପ୍ରଧାନ, ଢ଼ାବଡ଼ା ସରପଞ୍ଚ ପାଞ୍ଜିଆ ଭାଇ, ପାଉଲିପଡ଼ା ସରପଞ୍ଚ ଅମର ବଲ୍ଲଭ ପ୍ରଧାନ, ପୂର୍ବତନ ସରପଞ୍ଚ ରସାନନ୍ଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଚଳିତ ବର୍ଷର ବଜେଟ ଉପରେ ଆଲୋଚନା ଓ କାଯ୍ୟାକଳ୍ପ କାର୍ଯ୍ୟକ୍ରମ ସମୀକ୍ଷା ହୋଇଥିଲା। ଅପରପକ୍ଷରେ ଡାଇରିଆ ୱାର୍ଡ ପୁନଃଉଦ୍ଧାର, ସ୍ୱାସ୍ଥ୍ୟ କେନ୍ଦ୍ରର କଲୋନୀ ଭିତରକୁ କଂକ୍ରିଟ ରାସ୍ତା, ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ମଧରେ ପାଇଖାନା, କ୍ୟାଣ୍ଟିନର ପୁନଃଉଦ୍ଧାର, ଡାଇରିଆ ରୋଗୀଙ୍କ ପାଇଁ ୱାର୍ଡର ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବାଡା ଅଜିତ କୁମାର ଠାକୁର ସମ୍ପୂର୍ଣ୍ଣ ସହଯୋଗ କରିଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ମାନେ ମଧ ଯୋଗଦେଇଥିଲେ।

■ ବେଆଇନ ଭାବେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଘଟଣା

# ୩୬ କୋଠରି ଖୋଲିବା ଉପରେ ହାଇକୋର୍ଟ ରହିତାଦେଶ

ଦେବଗଡ଼, ୨୨।୬(ଡି.ଏନ.ଏ.)

ଦେବଗଡ଼ ପୌର ପରିଷଦରେ ବିଭିନ୍ନ ଅନିୟମିତତା ହେଉଥିବା ନଜରକୁ ଆସିଛି। ପାରିଷଦ, ପ୍ରଭାବଶାଳୀ ଠିକାଦାର ଓ କର୍ମଚାରୀ ମିଳିତ ଭାବେ ଏହି ଅନିୟମିତତା କରିଥିବା ଜଣାପଡ଼ିଛି। ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟାଦେଶକୁ ଯେଉଁ ସ୍ଥାନ ପାଇଁ ଉଦ୍ଦିଷ୍ଟ ସେଠାରେ ନ କରି ବେଆଇନ ଭାବେ ଅନ୍ୟ ଏକ ଜାଗାରେ କରିଛନ୍ତି। କେବଳ ସେତିକି

■ପୌର ପରିଷଦ ସାଜିଛି ଦୁର୍ନୀତିର ଗନ୍ତାଘର
■ମାର୍କେଟ କମ୍ପ୍ଲେକ୍ସର କୋଠରି ଭିତିରିଆ ବିକ୍ରି କରି ଦେଇଥିଲେ ଲୋକ

ନୁହେଁ କୋଠରି ଭଡ଼ା ଦେବା ପାଇଁ ବିନା ନୋଟିସ୍‌ରେ ଭିତିରିଆ ଫର୍ମ ବିକ୍ରି କରାଯାଇଛି। ଟଙ୍କା କାରବାର କରାଯାଇ ୩୬ଟି କୋଠରି ଭଡ଼ା ଦେବା ପାଇଁ ଚୂଡ଼ାନ୍ତ ହୋଇସାରିଛି। ଫଳରେ ଏନେଇ ଜନସ୍ୱାର୍ଥ ମାମଲା କରାଯାଇଥିଲା। ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ହାଇକୋର୍ଟ ମାର୍କେଟ କମ୍ପ୍ଲେକ୍ସ ଦୋକାନ ଗୃହ ଉପରେ



ବିନା ଟେଣ୍ଡରରେ ନିର୍ମାଣ ହୋଇଥିବା ମାର୍କେଟ କମ୍ପ୍ଲେକ୍ସ।

ରହିତା ଦେଶ ଦେଇଛନ୍ତି। ଏହା କୌଣସି ପ୍ରକାର ଖୋଲା ଯାଇପାରିବ ନାହିଁ ବା କାହାକୁ ଦିଆଯାଇପାରିବ ନାହିଁ।

ଦେବଗଡ ସହର ମଧ୍ୟସ୍ଥଳ ୱାର୍ଡ ନଂ. ୨, ୟୁନିଟ-୭ ଖାତା ନଂ. ୫୩୭ ଓ ପ୍ଲଟ ନଂ. ୫୦୫ରେ ରହିଥିବା ଶତାୟୁ ଶିଶୁ ଉଦ୍ୟାନର ପାଚେରିକୁ ଭାଙ୍ଗି ମାର୍କେଟ କମ୍ପ୍ଲେକ୍ସ (ଦୋକାନ ଗୃହ) ନିର୍ମାଣ ପାଇଁ ୧ ବର୍ଷ ପୂର୍ବେ ଟେଣ୍ଡର ହୋଇଥିଲା। ତେବେ ହାଇକୋର୍ଟରେ ମାମଲା ଏବଂ ନାଗରିକ କମିଟି, ଜନସାଧାରଣଙ୍କ ତୀବ୍ର ବିରୋଧ, ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା ପରେ ଏହା ବନ୍ଦ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଭଙ୍ଗା ପାଚେରି ବର୍ତ୍ତମାନ ନିର୍ମାଣ କରାଯାଇଛି। ପୌର ପରିଷଦ ତରଫରୁ ପାର୍କ ମାର୍କେଟ କମ୍ପ୍ଲେକ୍ସକୁ ଜନସାଧାରଣ ବିରୋଧ କରିବା ପରେ ଉକ୍ତ ପାର୍କ ମାର୍କେଟ କମ୍ପ୍ଲେକ୍ସ ଟେଣ୍ଡର କାମକୁ ପରୀ ହାଉସ (ରାଜକୁମାର ହାଇସ୍କୁଲ) ପରିସରରେ କରାଯାଇଥିଲା। ଯାହାକି ପୌର ପରିଷଦ କର୍ତ୍ତୃପକ୍ଷ ପ୍ରଭାବଶାଳୀ ଠିକାଦାରଙ୍କୁ ଖୁସ କରିବାକୁ ଯାଇ ବିନା ନୋଟିସ ତଥା ଟେଣ୍ଡର ମାଧ୍ୟମରେ କାମ କରାଯାଇଥିଲା। ଯାହାକୁ ଜନସାଧାରଣ ତଥା ବୁଦ୍ଧିଜୀବୀ ପୁଣି ନାପସନ୍ଦ କରିଥିଲେ। ଉକ୍ତ ସ୍ଥାନରେ ନିର୍ମାଣ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସକୁ ନେଇ ହାଇକୋର୍ଟରେ ପୁଣି ଜନସ୍ୱାର୍ଥ ମାମଲା ହୋଇଥିଲା। ହାଇକୋର୍ଟରେ ଏହି ମାମଲା ବିଚରାଧୀନ ଥିବାବେଳେ ଦୋକାନ ଘର (କୋଠରି) ଖୋଲିବା ଉପରେ ରହିତାଦେଶ ଜାରି କରିଛନ୍ତି।

ସୂଚନା ମୁତାବକ ଉକ୍ତ ସ୍ଥାନରେ ଦୀର୍ଘ ୧୭୦ ବର୍ଷ ରୁ ଉର୍ଦ୍ଧ୍ୱ ହେଲା ବାମଣ୍ଡା ରାଜ୍ୟର ମୂକସାକ୍ଷୀ ପରୀ ହାଉସ (ରାଜକୁମାର ହାଇସ୍କୁଲ) ବିପଦସଙ୍କୁଳ ଅବସ୍ଥାରେ ଥିଲା। ଏହି ଭଗ୍ନାବଶେଷକୁ ଗତ ଫେବୃଆରୀ ୧୧ରେ ପୌର ପରିଷଦ ତରଫରୁ ଉଚ୍ଚକ୍ଷମତା ବିଶିଷ୍ଟ ଜେସିବି ଲଗାଇ ସମ୍ପୂର୍ଣ୍ଣ ମାଟିରେ ମିଶାଇ ଦିଆଯାଇଥିଲା। ସେହି ସ୍ଥାନରେ ଶିଶୁ ଉଦ୍ୟାନ ନିକଟରେ ନିର୍ମାଣ ବନ୍ଦ ହୋଇଥିବା ମାର୍କେଟ କମ୍ପ୍ଲେକ୍ସକୁ କରାଯାଇଥିଲା। ମୋଟାମୋଟି କହିବାକୁ ଗଲେ ଗୋଟିଏ ସ୍ଥାନ ପାଇଁ ହୋଇଥିବା ଟେଣ୍ଡରକୁ ଅନ୍ୟ ସ୍ଥାନରେ କରାଯିବା ଓ ବିନା ନୋଟିସରେ ଦୋକାନ କୋଠରି ଦେବା ଘଟଣାରୁ ଅନିୟମିତତାର ସ୍ପଷ୍ଟ ପ୍ରମାଣ ମିଳୁଛି। ବର୍ତ୍ତମାନ ପୌର ପରିଷଦ ଦୁର୍ନୀତିର ଗନ୍ତାଘର କହିଲେ କିଛି ଭୂଲ ହେବନାହିଁ। ଆଗାମୀ ଦିନରେ ଜିଲାପାଳ ଏ ମାମଲାରେ ହସ୍ତକ୍ଷେପ କରି ସତ୍ୟାସତ୍ୟ ତଦନ୍ତ କଲେ ପ୍ରକୃତ କଥା ଲୋକଲୋଚନକୁ ଆସିପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଗୁଣାତ୍ମକ ଶିକ୍ଷାଦାନ ଉପରେ ଜିଲା ପ୍ରଶାସନର ଗୁରୁତ୍ୱ

ଦେବଗଡ଼, ୨୨।୬(ଡି.ଏନ.ଏ.)

ସରକାରୀ ଏବଂ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟଗୁଡିକରେ ଗୁଣାତ୍ମକ ଶିକ୍ଷାଦାନ ସହିତ ଶିକ୍ଷାର ମାନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଦେବଗଡ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରୟାସ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶିକ୍ଷା ବିଭାଗର ଅଧିକାରୀ ଓ ସିଆରସିସିମାନଙ୍କୁ ନେଇ ଏକ ବୈଠକ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ସାମଲ ଜିଲାରେ ଶୈକ୍ଷିକ ବାତାବରଣ ସୃଷ୍ଟି ସହିତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ଏହା ସହ ଶିକ୍ଷକ ସମାଜ ନିଜର ଦାୟୀତ୍ୱ ଏବଂ କର୍ତ୍ତବ୍ୟକୁ ନିଷ୍ଠାର ସହିତ ସମ୍ପାଦନ କରିବା ପାଇଁ କହିଥିଲେ। ସେ ଆହୁରୀ କହିଲେ ଯେ,



ବୈଠକରେ ଜିଲାପାଳ, ଜିଲା ଶିକ୍ଷା ଅଧିକାରୀ ଓ ଅନ୍ୟ ଅଧିକାରୀ ଉପସ୍ଥିତ।

ଜିଲାରେ ଶିକ୍ଷା ମାନରେ ଉନ୍ନତି ପାଇଁ ପ୍ରଥମ ପର୍ଯ୍ୟାୟରେ ୭୦ଟି ଗ୍ରାମପଞ୍ଚାୟତର ୭୦ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଭାବେ ଚିହ୍ନଟ କରାଯାଇଛି। ଆସନ୍ତା ୩ମାସ ମଧ୍ୟରେ ଏହି ବିଦ୍ୟାଳୟଗୁଡିକରେ ଶିକ୍ଷା କ୍ଷେତ୍ରରେ ଥିବା ଦୁର୍ବଳ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଶ୍ରେଣୀ ଉପଯୋଗୀ କରିବା ଉପରେ ଗୁରୁତ୍ୱ ଦିଆଯିବ। ମାସିକିଆ ପରୀକ୍ଷା କରାଯାଇ ପିଲାମାନଙ୍କର ବିଷୟବସ୍ତୁ ଉପରେ ଥିବା ଜ୍ଞାନ ପରୀକ୍ଷା କରାଯିବା ସହିତ ସମ୍ପୃକ୍ତ ବିଷୟଗୁଡିକରେ ଶିକ୍ଷକମାନଙ୍କର ଶିକ୍ଷାଦାନର ଦକ୍ଷତା ଅନୁଧ୍ୟାନ କରାଯିବ। ପ୍ରତ୍ୟେକ ଦିନ ଶ୍ରେଣୀଗୃହରେ ପ୍ରତ୍ୟେକ ପିରିୟଡରେ ଶିକ୍ଷାଦାନ ପୂର୍ବରୁ ପିଲାମାନଙ୍କୁ ପୂର୍ବଦିନ ପାଠ ଉପରେ ପଚରାଯିବ। ପ୍ରତ୍ୟେକ ପିଲା ପ୍ରମୁଖ ବିଷୟବସ୍ତୁର ଦୈନନ୍ଦିନ ଲେଖିବେ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ତାକୁ ଯାଞ୍ଚ କରିବେ। ଏହି ବ୍ୟବସ୍ଥାରେ ଛାତ୍ରୀଛାତ୍ରମାନଙ୍କ ଶିକ୍ଷା ଗ୍ରହଣର ମାନ ନିର୍ଦ୍ଧାରଣ ସହିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଶିକ୍ଷାଦାନର ଦକ୍ଷତା ଆକଳନ କରାଯାଇ ର୍‍ୟାଙ୍କିଂ ବ୍ୟବସ୍ଥା କରାଯିବ। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମସ୍ତ ବ୍ୟବସ୍ଥାର ତତ୍ତ୍ୱାବଧାନରେ ରହିବେ। ଜିଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ବିଦ୍ୟାଳୟଗୁଡ଼ିକୁ ପରିଦର୍ଶନରେ ଯାଇ ଶିକ୍ଷା ବ୍ୟବସ୍ଥାର କାର୍ଯ୍ୟକାରିତା ଅନୁଧ୍ୟାନ କରିବେ। ଜିଲାପାଳ ନିଜେ ପ୍ରତ୍ୟେକ ଭାବରେ ଏହି ବ୍ୟବସ୍ଥାର ସମୀକ୍ଷା କରିବେ। ଦାୟୀତ୍ୱ ସମ୍ପାଦନ କ୍ଷେତ୍ରରେ କୌଣସି ପ୍ରକାର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲାପାଳ ସାମଲ ପ୍ରକାଶ କରିଥିଲେ। ସିଆରସିସିମାନେ ଏହି ବ୍ୟବସ୍ଥାର କାର୍ଯ୍ୟକାରିତା ପାଇଁ ଅଧିକ କ୍ରିୟାଶୀଳ ହେବା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେଙ୍କ ସମେତ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ,ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ ସିଆରସିସିମାନେ ଯୋଗଦେଇଥିଲେ।

# ଶିକାର ପାଇଁ ଜାଲ ବିଛାଇ ଦୁଇ ଗିରଫ



ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ।

ଦେବଗଡ, ୨୨।୬(ଡି.ଏନ.ଏ)

ଜଙ୍ଗଲୀ ଜନ୍ତୁ, ପକ୍ଷୀ ଶିକାର କରିବା ପାଁଇଁ ଜାଲ ବିଛାଇଥିବା ବେଳେ ବନ ବିଭାଗ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତିଲେଇବଣି ବ୍ଲକର ଶାନ୍ତିନଗର,କୁରଡ ଗ୍ରାମର ଜୁଲ ସାଉରିୟା (୩୪) ଓ ଇଲୁଓ ସାଉରିୟା (୨୧)। ଖବର ମୁତାବକ ପ୍ରଧାନପାଟ ସଂରକ୍ଷିତ ସରତଲା ଜଙ୍ଗଲରୁ ବନ୍ୟପ୍ରାଣୀ ଶିକାର କରିବା ପାଇଁ ସେମାନେ ଜାଲ ବିଛାଇଥିଲେ। ବନ ବିଭାଗ ପାଟ୍ରୋଲିଂ କରୁଥିବା ସମୟରେ ଦେଖିବାକୁ ପାଇଥିଲେ। ରେଞ୍ଜର କୁଶ ଚରଣ ସିଂ, ଫରେଷ୍ଟର ପ୍ରଶାନ୍ତ କୁମାର ଶତପଥି, ଫରେଷ୍ଟ ଗାର୍ଡ଼ ଭୋଳେଶ୍ୱର ସାହୁ, ପ୍ରୋଟେକ୍‌ସନ ସ୍କ୍ୱାଡ୍, ମଙ୍କି ପ୍ରୋଟେକ୍‌ସନ ସ୍କ୍ୱାଡ଼ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି।

# ଏମ୍‌ସିଏଲ୍‌ରେ ରାଜଭାଷା କାର୍ଯ୍ୟକାରୀ ସମିତି ବୈଠକ

ସମ୍ବଲପୁର,୨୨।୬(ବ୍ୟୁରୋ)

ରାଜଭାଷା କାର୍ଯ୍ୟକାରୀ ସମିତିର ୩୬ତମ ବୈଠକ ଏମ୍‌ସିଏଲ୍ ଜାଗୃତିବିହାର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। କାର୍ମୀକ ତଥା ବିତ୍ତ ନିର୍ଦ୍ଦେଶକ କେ.ଆର୍. ବାସୁଦେବନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଖଣି ମୁଖ୍ୟ ପ୍ରବନ୍ଧକ ପି.କେ. ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସେ କହିଥିଲେ, ରାଜଭାଷା ନୀତିନିୟମ ସହ ବିଭିନ୍ନ ନିୟମ ପାଳନ କରିବା ଆବଶ୍ୟକତା ରହିଛି। ଏହାଦ୍ୱାରା ରାଜଭାଷାର ଅଧିକରୁ ଅଧିକ ପ୍ରଚାରପ୍ରସାର ହୋଇପାରିବ। ଏହି ଅବସରରେ ସମିତିର ପତ୍ରିକା ସମ୍ବଲପ୍ରଭା ଉନ୍ମୋଚନ କରାଯାଇଥିଲା। କୋଇଲାରି ରାଜଭାଷା ବିଭାଗର ବି.ଆର୍. ସାହୁ, ସହାୟକ ପ୍ରବନ୍ଧକ ତୁଳସୀ ବିଶ୍ୱାସଙ୍କ ସମେତ କର୍ମକର୍ତ୍ତାମାନେ ସାମିଲ ଥିଲେ।



ଏମ୍‌ସିଏଲ୍ ଜାଗୃତିବିହାର ପ୍ରେକ୍ଷାଳୟରେ ରାଜଭାଷା ସମିତିର ପତ୍ରିକା ସମ୍ବଲପ୍ରଭା ଉନ୍ମୋଚନ କରାଯାଉଛି।

# ପଣ୍ଡିତ ମଧୁସୂଦନ ଗୁରୁଙ୍କ ବିୟୋଗରେ ଶୋକସଭା

ଦେବଗଡ,୨୨।୬(ଡି.ଏନ.ଏ)

ବିଶିଷ୍ଟ ସାହିତ୍ୟିକ ତଥା ରାଜାବାସୁଦେବ ହାଇସ୍କୁଲର ପୂର୍ବତନ ସଂସ୍କୃତ ଶିକ୍ଷକ ପଣ୍ଡିତ ମଧୁସୂଦନ ଗୁରୁଙ୍କ ବିୟୋଗରେ ଶନିବାର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କ୍ଲବ ଗୃହଠାରେ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦର ସଭାପତି ଡ. ପଦ୍ମନାଭ ସାହୁଙ୍କ ଅଧକ୍ଷତାର ଶୋକସଭା ଆୟୋଜିତ ହୋଇଥିଲା। ଏଥିରେ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ଦେବେନ୍ଦ୍ର ନାଥ ବେହେରା, ବରିଷ୍ଠ ଆଇନଜୀବୀ ପ୍ରଶନ୍ନ କୁମାର ରଥ, ଜିଲା ବିଜେଡିର ପୂର୍ବତନ ସଭାପତି ସୁଧିର କପରଦାର ଡ. ବିଳାସିନୀ ଦ୍ୱିବେଦୀ, ବାମଣ୍ଡା ସାହିତ୍ୟ ସଂସଦର ସମ୍ପାଦକ ପ୍ରଫୁଲ୍ଲ କୁମାର ମହାପାତ୍ର, ନାଟ୍ୟକାର ମାର୍କଣ୍ଡେଶ୍ୱର ଶତପଥି, ଅର୍ଜୁନ ମୋହନ ସାହୁ ଓ କିଶୋର ଚନ୍ଦ୍ର ନନ୍ଦ, ଜିଲା ସଂସ୍କୃତି ପରିଷଦର ସଂଯୋଜକ ଦିଲ୍ଲୀପ କୁମାର ଗୁରୁ, କର୍ମୀ ନବୀଣ କୁମାର ପାଣି, ଡିଲେଶ୍ୱର ପ୍ରଧାନ, ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦର ଉପସଭାପତି ରାମଚନ୍ଦ୍ର ମହାପାତ୍ର ଓ ନିରଞ୍ଜନ ଦ୍ୱିବେଦୀ, ସମ୍ପାଦକ ଚିତ୍ତରଞ୍ଜନ ଦାସ, ସହ ସମ୍ପାଦକ ଡକ୍ଟର ଭାରତ ଭୂଷଣ ନନ୍ଦ, କବି ଫକୀର ମୋହନ ଦେହୁରୀ ଓ କବୟିତ୍ରୀ ସୁମିତ୍ରା ପୁରୋହିତଙ୍କ ସମେତ ବହୁ ସାହିତ୍ୟିକ ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ରହି ସ୍ୱର୍ଗତ ଗୁରୁଙ୍କର ବିଭିନ୍ନ ସାରସ୍ୱତ ସୃଷ୍ଟି, କୃତୀ ଓ କୀର୍ତ୍ତିର ସ୍ମୃତିଚାରଣ କରିଥିଲେ। ଆଦର୍ଶ ଶିକ୍ଷକ ସାହିତ୍ୟିକ ସମାଜସେବା କ୍ଷେତ୍ରରେ ତାଙ୍କର ବିଶେଷ ଅବଦାନ ରହିଥିଲା।



ଶୋକସଭାରେ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦର ସଦସ୍ୟ ମାନେ ଉପସ୍ଥିତ।

# ଗ୍ରାମ୍ୟ ବିଦ୍ୟୁତୀକରଣ ଯୋଜନାର ସମୀକ୍ଷା ବୈଠକ

■ଅଗଷ୍ଟ ଶେଷ ସୁଦ୍ଧା ଜିଲାର ସମସ୍ତ ଗ୍ରାମରେ ବିଦ୍ୟୁତୀକରଣ କାର୍ଯ୍ୟ ଶେଷ କରିବା ଉପରେ ଗୁରୁତ୍ୱାରୋପ

ଦେବଗଡ,୨୨।୬(ଡି.ଏନ.ଏ)

ଦୀନ-ଦୟାଲ-ଉପାଧାୟ ଗ୍ରାମୀଣ ଜ୍ୟୋତି ଯୋଜନା ଏବଂ ସୌଭାଗ୍ୟ ଯୋଜନା ଅଧିନ ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନାର ଏକ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ଜିଲାପାଳ ସାମଲ ଜିଲାରେ ଏହି ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରି ଅଗଷ୍ଟ ଶେଷ ସୁଦ୍ଧା ଜିଲାର ସମସ୍ତ ଜନବସତି ଗ୍ରାମରେ ବିଦ୍ୟୁତ୍‌କରଣ କାର୍ଯ୍ୟକାରିତା ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମୀକ୍ଷା ବୈଠକର ସୂଚନାନୁଯାୟୀ, ଜିଲାର ମୋଟ ୭୨୨ଟି ଜନବସତି ଗ୍ରାମ ମଧ୍ୟରୁ ମେ ମାସ ଶେଷ ସୁଦ୍ଧା ୬୩୪ଟି ଗ୍ରାମରେ ବିଦ୍ୟୁତ୍‌କରଣ କାର୍ଯ୍ୟ ଶେଷ କରାଯାଇଛି। ଏନଟିପିସି ଦ୍ୱାରା ବିଦ୍ୟୁତ୍‌କରଣ କରାଯାଉଥିବା ୪୬୮ଟି ଗ୍ରାମ ମଧ୍ୟରୁ ମେ, ଶେଷ ସୁଦ୍ଧା ୩୮୦ଟି ଗ୍ରାମର ବିଦ୍ୟୁତ୍‌କରଣ ଶେଷ କରାଯାଇଛି। ୱେସକୋ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ୨୨୪ଟି ଗ୍ରାମ, ଓପିଟିସିଏଲ ଦ୍ୱାରା କାର୍ଯ୍ୟକରାଯାଉଥିବା ୨ଟି ଗ୍ରାମର ବିଦ୍ୟୁତ୍‌କରଣ ସମ୍ପୂର୍ଣ୍ଣ କରାଯାଇଛି। ଏହା ବ୍ୟତୀତ ଓରେଡା ଦ୍ୱାରା ଦୁର୍ଗମ ଅଞ୍ଚଳରେ ଥିବା ୨୮ଟି ଗ୍ରାମରେ ସୌରଶକ୍ତି ଚାଳିତ ବିଦ୍ୟୁତ୍‌କରଣ କାର୍ଯ୍ୟ ଶେଷ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ଜିଲାପାଳ ସାମଲ ଏନଟିପିସି କାର୍ଯ୍ୟ କରିବାକୁ ଥିବା ୮୮ଟି ବକେୟା ଗ୍ରାମର କାର୍ଯ୍ୟ ଅଗଷ୍ଟ ଶେଷ କରିବାକୁ ବୈଠକରେ ଉପସ୍ଥିତ ଏନଟିପିସିର ଏ.ଜି.ଏମଙ୍କୁ ପରାମର୍ଶ ଦେଇଥିଲେ। ଏହା ସହିତ ଚଳିତ ମାସ ଶେଷ ସୁଦ୍ଧା ଚାର୍ଜିଙ୍ଗ ବାକିଥିବା ୪୬ଟି ଗ୍ରାମ ଏବଂ ଖୁଣ୍ଟପୋତା କାର୍ଯ୍ୟ ଶେଷ ହୋଇଥିବା ୧୨ ଗ୍ରାମ ପଞ୍ଚାୟତରେ ବିଦ୍ୟୁତ୍‌କରଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଏହି ଯୋଜନାରେ ଗତବର୍ଷ ଅଗଷ୍ଟ ସୁଦ୍ଧା ୧୩୫ଟି ଗ୍ରାମରେ ବିଦ୍ୟୁତ୍‌କରଣ କାର୍ଯ୍ୟ ଶେଷ କରାଯାଇପାରିଥିଲା । ବୈଠକରେ ୱେସକୋ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା, ଏନଟିପିସି ଏ.ଜି.ଏମ. ଡି.ସି. ବାରିକଙ୍କ ସମେତ କାର୍ଯ୍ୟକାରୀ ସଂସ୍ଥା ଲେଜର କେବୁଲ ପ୍ରାଇଭେଟ ଲିମିଟେଡର ଅଧିକାରୀ ମୃତ୍ୟୁଞ୍ଜୟ ଚୌଧୁରୀ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର



ଅମର



ଦେବରାଜ



ସୁଧାମୟ



ଜିଲୁ



ରଞ୍ଜନ



ଲିପନ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



ଭୁଲ୍ କର ପଛେ ଚିନ୍ତା ନାହିଁ, କିନ୍ତୁ ପର ବୁଦ୍ଧିରେ
ନ କରି ନିଜ ବୁଦ୍ଧିରେ କର ।
- ଏଡ୍‌ୱର୍ଥ

## ସଂକ୍ଷେପରେ

### ପୋଲିସର ଦୁର୍ବ୍ୟବହାର ନେଇ ଏସ୍‌ପିଙ୍କୁ ଅଭିଯୋଗ

ରାଉରକେଲା ଅଫିସ,୨୨।୬

ବିଳମ୍ବିତ ରାତିରେ ଘରକୁ ଫେରୁଥିବା ୩ ଜଣ ଯୁବକଙ୍କୁ ଉଦିତନଗର ପୋଲିସ ରାସ୍ତାରେ ଅଟକାଇ ଦୁର୍ବ୍ୟବହାର କରିବା ସହ ମାଡ ମାରିଥିବା ଏସ୍‌ପି ସାର୍ଥକ ଷଡଙ୍ଗୀଙ୍କ ନିକଟରେ ଅଭିଯୋଗ ହୋଇଛି। ମାଡ ଖାଇଥିବା ୩ଜଣ ଯୁବକ ବାସନ୍ତୀ କଲୋନୀ ଅଞ୍ଚଳର। ଟ୍ରକ୍ ଡ୍ରାଇଭରଙ୍କୁ ଟଙ୍କା ଦେବାକୁ ଯାଇ ପାନପୋଷରୁ ରାତି ସାଢେ ୧୨ଟା ବେଳେ ଘରକୁ ଫେରୁଥିବା ସୋମନାଥ ଦାସ (୨୯), ସୀମାଦ୍ରୀ ପୃଷ୍ଟି (୨୯) ଓ ଦେବେନ୍ଦ୍ର ସେଠୀଙ୍କୁ (୩୦)ପାନପୋଷ ଓଭର ବ୍ରିଜ ନିକଟରେ ରାତିରେ ପହରା ଦେଉଥିବା ପୋଲିସ ପାଟ୍ରୋଲିଂ ଗାଡି ଅଟକାଇଥିଲା। ଏତେ ରାତିରେ କୁଆଡେ ଯାଉଛ ବୋଲି ପଚାରିଥିଲା। ଏମାନେ ପୋଲିସକୁ ଜଣାଇବା ସହ ପରିଚୟ ଦେଇଥିଲେ। ହେଲେ ତାହା ପରେ ବି ପୋଲିସ ଏମାନଙ୍କୁ ଗାଳିଗୁଲଜ କରି ମାଡ ମାରିଛି। ପୋଲିସ ଗାଡ଼ିରୁ ଚାବି ଛଡାଇ ନେଇ ରାସ୍ତା ଉପରେ ଠିଆ କରି ମାଡ ମାରିଛି ବୋଲି ଏହି ଯୁବକମାନେ ଏସପିଙ୍କୁ ଅଭିଯୋଗ କରିଛନ୍ତି।

# ବିଦ୍ୟୁତ୍ ତାର ଫାଶରେ ପଡ଼ି ମହିଳା ମୃତ



ମୃତଦେହ ରଖି ଜାତୀୟ ରାଜପଥ ଅବରୋଧ କରିଛନ୍ତି ଲୋକେ।

- ହାତୀ ଘଉଡ଼ାଇବା ପାଇଁ ବସାଯାଇଥିଲା ଫାଶ
- ପ୍ରତିବାଦରେ ୫ ଘଣ୍ଟା ଜାତୀୟ ରାଜପଥ ଅବରୋଧ
- କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଲା

ଲଖନପୁର,୨୨।୬(ଡି.ଏନ୍.ଏ.)

ହାତୀପଲଙ୍କ ଦାଉରୁ ଫସଲ ରକ୍ଷା ପାଇଁ ମହାନଦୀ କୂଳରେ ବିଛାଯାଇଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଶୁକ୍ରବାର ଜଣେ ମହିଳା ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରେଙ୍ଗାଲି ଥାନା ଝାରୁପଡ଼ା ଗ୍ରାମର ତିହାରିକ ଖଡ଼ିଆ (୫୯)। ଏ ମୃତ ମହିଳାଙ୍କ ପୁଅ ସୁଶାନ୍ତ ରେଙ୍ଗାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। କ୍ଷତିପୂରଣ ଓ ତାର ବିଛାଇଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ଥାନୀୟ ଲୋକେ ପଞ୍ଚଗାଁ ଛକରେ ମୃତଦେହ ରଖି ୪୯ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଶତାଧିକ ଯାନବାହାନ ରାସ୍ତାରେ ଅଟକି ରହିଥିଲା। ଅପରାହ୍ନ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରାସ୍ତାରୋକୋ ଚାଲିଥିଲା। ଖବର ପାଇ ଲଖନପୁର ଅତିରିକ୍ତ ତହସିଲଦାର ପ୍ରେମାନନ୍ଦ ଉର୍ମା, ବ୍ରଜରାଜନଗର ଏସ୍‌ଡିପିଓ ନୃପଚରଣ ଦଣ୍ଡସେନା, ରେଙ୍ଗାଲି ଥାନା ଆଇଆଇସି ଦାନିଏଲ କେର୍କେଟା, ଲଖନପୁର ଆଇଆଇସି ବୈକୁଣ୍ଠ ବିହାରୀ ସେଠ, ବେଲପାହାଡ଼ ଥାନା ଆଇଆଇସି ରଶ୍ମିତା ବେହେରା ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ଆନ୍ଦୋଳନକାରୀ କ୍ଷତିପୂରଣ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଅଡ଼ିବସିଥିଲେ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ପ୍ରଦାନ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପରେ ବନବିଭାଗ ଅଧିକାରୀ ଓ କର୍ମଚାରୀ ଫସଲ କିଆରିରେ ବିଛାଯାଇଥିବା ବିଦ୍ୟୁତ୍ ତାର ଜବତ ପକାଉଥିବାବେଳେ ଗ୍ରାମବାସୀ ସେମାନଙ୍କୁ ଅଟକାଇ ଧାରଣାସ୍ଥଳକୁ ଆଣିଥିଲେ। ଏହି ଘଟଣା ପାଇଁ ଗ୍ରାମବାସୀ ବନବିଭାଗର ଅପାରଗତାକୁ ଦାୟୀ କରିଥିଲେ। ୨ ମାସ ହେଲା ବରଗଡ଼ ଜିଲା ବାରପାହାଡ଼ ଅଞ୍ଚଳରୁ ଏକ ହାତୀପଲ ମହାନଦୀ ପାର୍ ହୋଇ ଲଖନପୁର ବ୍ଲକ ଅଞ୍ଚଳକୁ ପଶି ଆସିଛନ୍ତି। ଏହି ହାତୀପଲ ମହାନଦୀ କୂଳରେ ହୋଇଥିବା ବିଭିନ୍ନ ପ୍ରକାର ଫସଲ ନଷ୍ଟ କରୁଛନ୍ତି। ହାତୀ ଦାଉରୁ ଫସଲ ରକ୍ଷା କରିବା ପାଇଁ କେତେଜଣ ଚାଷୀ ଫସଲ କିଆରିରେ ବ୍ୟାଟେରୀରୁ ବିଦ୍ୟୁତ ତାର ସଂଯୋଗ କରି ତଳେ ବିଛାଇଛନ୍ତି। ଏଭଳି ସ୍ଥିତିରେ ଝାରୁପଡ଼ା ଗ୍ରାମର ଚାଷୀ ଦସୁର ଖଡ଼ିଆଙ୍କ ସ୍ତ୍ରୀ ତିହାରିକ ଶୁକ୍ରବାର ନିଜ ଚାଷଜମିକୁ ଯିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ସେ ଚାଷଜମିରେ ମରି ପଡ଼ିଥିବା ଦେଖିଥିଲେ। ତାଙ୍କ ଗଳାରେ ପୋଡ଼ାଦାଗ ରହିଛି। ମୃତଦେହ ନିକଟରେ ବିଛାଯାଇଥିବା ବିଦ୍ୟୁତ ତାର ପଡ଼ିଛି।



### ଚୋରା ବିଦେଶୀ ମଦ କାରବାରରେ ଜଣେ ଗିରଫ

ରାଉରକେଲା ଅଫିସ,୨୨।୬

ସେକ୍ଟର-୧୮ ମାର୍କେଟ ଅଞ୍ଚଳରୁ ବହୁଳ ପରିମାଣର ଚୋରା ବିଦେଶୀ ମଦ ଜବତ କରାଯାଇଛି। ଏ ନେଇ ଜଣଙ୍କୁ ଗିରଫ କରିଛି ସେକ୍ଟର ୧୫ ଥାନା ପୋଲିସ। ତାଙ୍କ ନାଁ ଗୁରୁଚରଣ ବେହେରା(୫୬)। ସେ ମଲ୍ଲିକ ବସ୍ତି ସେକ୍ଟର ୧୫ ବାସିନ୍ଦା। ଚଢାଉ ସମୟରେ ସେକ୍ଟର-୧୮ ଡେଲି ମାର୍କେଟ ଠାରେ ଥିବା ତାଙ୍କ ତେଜରାତି ଦୋକାନରୁ ବିଭିନ୍ନ କମ୍ପାନୀର ୨୫୬ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏ ନେଇ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯିବା ସହ ଶନିବାର କୋର୍ଟ ଚାଲାଣ କରାଯାଇଛି।

## ଫର୍ଟିଲାଇଜର ଟାଉନଶିପ
# ବର୍ଷାରେ ଟିପ୍ ଟାଇପ୍ ମାର୍କେଟ ଅବସ୍ଥା ବେହାଲ

ରାଉରକେଲା ଅଫିସ,୨୨।୬



ଫର୍ଟିଲାଇଜର ଟାଉନସିପ(ସେକ୍ଟର-୨୨)ଟିପ ଟାଇପ ମାର୍କେଟର ନାଳ ସଫେଇ କରାଯାଉନାହିଁ।



ବିଜୟ ଜେନା



ଅଶୋକ ସାମଲ



ସୂର୍ଯ୍ୟମଣି ନାୟକ

ମୌସୁମୀ ଆରମ୍ଭରୁ ପ୍ରଥମ ବର୍ଷାରେ ଫର୍ଟିଲାଇଜର ଟାଉନସିପ(ସେକ୍ଟର-୨୨)ଟିପ ଟାଇପ ମାର୍କେଟ ଅବସ୍ଥା ହେହାଲ ହୋଇ ପଡିଛି। ନାଳ ଉପରେ ପଡିଥିବା ସିମେଣ୍ଟ ସ୍ଲାବ ଭାଙ୍ଗିରୁଜି ନଷ୍ଟ ହୋଇ ଯାଇଛି। ବଜାର ଭିତରେ କୁଢ କୁଢ ଆବର୍ଜନା ସାଙ୍ଗକୁ କର୍ଦ୍ଦମାକ୍ତ ଅବସ୍ଥା ସୃଷ୍ଟି ହୋଇଛି। ବଜାର ଭିତର ଦେଇ ଯାଇଥିବା ମୁଖ୍ୟ ପାଣି ନାଳ ସଫା କରାଯାଇ ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବ୍ୟବସାୟୀ। ଦେଢ ଶହରୁ ଅଧିକ ବ୍ୟବସାୟ ପ୍ରତିଷ୍ଠାନ ରହିଥିବା ଏହି ବଜାର ଦେଇ ଏକ ଭୂତଳ ନାଳ ରହିଛି। ଦୀର୍ଘ ବର୍ଷ ହେଲା ଏହାକୁ ସଫା କରାଯାଉନି। ଅସରାଏ ବର୍ଷା ହେଲେ ଅକାମି ହୋଇପଡିଥିବା ଏହି ନାଳ ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତାରେ ସୁଅ ଛୁଟୁଛି। ଅତୀତରେ ଏଥିଯୋଗୁ କେତକ ଦୋକାନରେ ପାଣି ପଶି ସାମଗ୍ରୀ ନଷ୍ଟ ହେବା ନଜିର ରହିଛି। ଆଗକୁ ବଡ ବର୍ଷା ହେଲେ ବ୍ୟବସାୟୀ କ୍ଷତି ସହିବା ସୁନିଶ୍ଚିତ ବୋଲି ପ୍ରକାଶ କରିଛନ୍ତି। ବ୍ୟବସାୟୀ ସଂଘ ସଭାପତ ସୂର୍ଯ୍ୟମଣି ନାୟକ କହିଛନ୍ତି ଯେ, ରାଉରକେଲା ଇସ୍ପାତ କାରଖାନା ଆରମ୍ଭରୁ ଏହି ମାର୍କେଟ ଉପରେ ଅଞ୍ଚଳବାସୀ ନିର୍ଭର କରି ଆସୁଛନ୍ତି। ଏଠାରେ ଆରଏସପି କର୍ତ୍ତୃପକ୍ଷଙ୍କ ଦୋକାନ ଘର ସହ ଅନେକ ଘରୋଇ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ତେବେ ଏହାର ରକ୍ଷଣାବେକ୍ଷଣ ପ୍ରତି କାହାର ଦୃଷ୍ଟି ନାହିଁ। ଏବେ ବର୍ଷା ଆରମ୍ଭରୁ ଆମକୁ ଚିନ୍ତା ଘାରିଲାଣି। ଡ୍ରେନ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡି ପଡିଛି। ଏ ଦିଗରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଲେ ଦେଢଶ ବ୍ୟବସାୟୀଙ୍କ ସମେତ ସ୍ଥାନୀୟ ଗ୍ରାହକ ଉପକୃତ ହେବେ। ବିଜୟ ଜେନା କହିଛନ୍ତି ଯେ, ବଜାର ସ୍ୱଚ୍ଛ ରହିଲେ ଗ୍ରାହକ ସ୍ୱତଃ ଆକର୍ଷିତ ହୋଇ ଆସନ୍ତି। ପାନୀୟ ଜଳ ସୁବିଧା ସାଙ୍ଗକୁ ବିଜୁଳି ବ୍ୟବସ୍ଥା ରହିବା ଆବଶ୍ୟକ। ବର୍ଷା ପୂର୍ବରୁ ଜଳ ନିଷ୍କାସନ ନେଇ ଆଗୁଆ ପଦକ୍ଷେପ ନିଆଯାଇଥିଲେ ଅନେକ ସୁଫଳ ମିଳିଥାନ୍ତା। ଏବେ ଆସନ୍ନ ବର୍ଷାରୁ ବ୍ୟବସାୟୀ କିପରି ତ୍ରାହି ପାଇବେ ସେନେଇ ଚିନ୍ତା। ତୁରନ୍ତ ଏ ଦିଗରେ ଧ୍ୟାନ ଦିଆ ନ ଗଲେ ଦୋକାନ ଭିତରେ ପାଣି ପଶିବା ସୁନିଶ୍ଚିତ। ସାମାଜିକ କର୍ମୀ ଅଶୋକ ସାମଲ କହିଛନ୍ତି ଯେ, ଶୁକ୍ରବାର ସଂଧ୍ୟାରେ ଯେଉଁ ବର୍ଷା ହେଲା ସେଥିରେ ବହୁ ସଂଖ୍ୟକ ସିମେଣ୍ଟ ସ୍ଲାବ ଭାଙ୍ଗି ନଷ୍ଟ ହୋଇଯାଇଛି। ଫଳରେ ଅନେକ ଦୋକାନୀ ଏହା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ପାଣି ଡେଇଁ ଗ୍ରାହକ ଆସିବାକୁ ରାଜି ହେଉ ନାହାନ୍ତି। ବର୍ଷା ପୂର୍ବରୁ ଏ ଦିଗରେ ଧ୍ୟାନ ଦିଆଯାଇଥିଲେ ଭଲ ହୋଇଥାନ୍ତା। ତଥାପି କର୍ତ୍ତୃପକ୍ଷ ଦୃଷ୍ଟି ଦେଲେ ମାର୍କେଟରେ ବ୍ୟବସାୟୀଙ୍କ ସମସ୍ୟା ଦୂର ହୋଇ ପାରିବ।

# 'ବାକି ରହିଥିବା କାମ ସାରିବାକୁ ଚେଷ୍ଟା କରିବି'

ରାଉରକେଲା ଅଫିସ,୨୨।୬

ଆଦର୍ଶ ପାଠାଗାର ଆନୁକୂଲ୍ୟରେ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସମ୍ବର୍ଦ୍ଧନାର ଉତ୍ତରରେ ବିଧାୟକ ତରାଇ କହିଥିଲେ ଯେ, ସେ ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ କିଛି ମାତ୍ରାରେ ପୂରଣ କରି ପାରିଛନ୍ତି। ଆସନ୍ତା ୫ ବର୍ଷରେ ବାକି ରହିଥିବା କାର୍ଯ୍ୟକୁ ଅଗ୍ରାଧିକାର ଭିତ୍ତିରେ ପୂରଣ କରିବାକୁ ଚେଷ୍ଟା କରିବେ। ରଘୁନାଥପାଲ୍ଲୀ ଜନତା ପୁଣି ତାଙ୍କ ଉପରେ ଆସ୍ଥା ପ୍ରକଟ କରି ୩ୟ ଥର ପାଇଁ ଜିତାଇ ଥିବାରୁ ସେ କୃତଜ୍ଞତା ପ୍ରକାଶ କରିଥିଲେ। ଭଞ୍ଜଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ରହି ଶୁଭେଚ୍ଛା, ଶୁଭକାମନା ଜଣାଇଥିଲେ। କାର୍ଯ୍ୟକ୍ରମରେ ପାଠାଗାର ଉପସଭାପତି ବାଉରୀବନ୍ଧୁ ସାହୁ ଅଧକ୍ଷତା କରିଥିଲେ। ଉପଦେଷ୍ଟା ଅଦ୍ୱୈତ୍ୟ ବିଶ୍ୱାଳ, ଅଭୟ ଦାସ ଓ ଗୋପିନାଥ ପଟ୍ଟନାୟକ ପ୍ରମୁଖ ତରାଇଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇ ଥିଲେ। ଅନ୍ୟତମ ଉପସଭାପତି ମିନାକ୍ଷ ଧର, କାର୍ଯ୍ୟକାରୀ ସଭ୍ୟ ଅଶୋକ ବଳଙ୍କ ସଂଯୋଜନାରେ ଆୟୋଜି ସମ୍ବର୍ଦ୍ଧନା ସମାରୋହରେ ସ୍ମିତା ମିଶ୍ର ମାନ ପତ୍ର ପାଠ କରିଥିଲେ। ଏହି ଅବସରରେ ସହରର ୮୧ଟି ସଂଗଠନ ପକ୍ଷରୁ ତରାଇଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ପ୍ରଗତି ଉତ୍କଳ ସଂଘ, ଇସ୍ପାତ ସାହିତ୍ୟ ସଂସଦ, ରାଉରକେଲା ବାର ଆସୋସିଏସନ, ଲୋକ ମଞ୍ଚ, ପ୍ରତିଶ୍ରୁତି, କଳିଙ୍ଗ କଳା ପରିଷଦ, କଲଚରାଲ ଏକାଡେମି ଓ ଚ୍ୟାମ୍ବର ଅଫ କମର୍ସ ପ୍ରମୁଖ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ପାଠାଗାର ସାଧାରଣ ସଂପାଦକ ସୁକାନ୍ତ ଖୁଣ୍ଟିଆ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ବିଜୟ ପାତ୍ର, ଜ୍ଞାନେନ୍ଦ୍ର ଦାସ, କିଶୋରୀମୋହନ କର, ଜ୍ୟୋତିରଂଜନ ମହାପାତ୍ର, ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଡଃ ବସନ୍ତ ଦାସ, ବିଭୂତୀ ବିଶ୍ୱାଳ, ପ୍ରକାଶ ଦାସ, ମନୋଜ ପଣ୍ଡା ଓ ଦୀନବନ୍ଧୁ ରଥ ପ୍ରମୁଖ ଉପସ୍ଥିତ ଥିଲେ।




ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବୃଦ୍ଧଙ୍କୁ ସହାୟତାର ହାତ ବଢ଼ାଇଲା ବଜରଙ୍ଗ ଦଳ

ରାଉରକେଲା ଅଫିସ,୨୨।୬

ଦୀର୍ଘ ଦିନ ହେବ ଛେଣ୍ଡ କଲୋନୀ ଅନ୍ତର୍ଗତ କଳିଙ୍ଗବିହାର ହନୁମାନ ମନ୍ଦିର ନିକଟରେ ଅସହାୟ ଭାବେ ପଡି ରହିଥିବା ଜଣେ ଅଜଣା ବୃଦ୍ଧଙ୍କୁ ଶନିବାର ବଜରଙ୍ଗ ଦଳ କର୍ମୀ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ)ରେ ଭର୍ତ୍ତି କରିଛନ୍ତି। ତାଙ୍କୁ ସମସ୍ତ ପ୍ରକାର ଡାକ୍ତରୀ ଚିକିତ୍ସା ଯୋଗାଇ ଦେବାକୁ ସଂଗଠନ ପକ୍ଷରୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ନିବେଦନ କରାଯାଇଛି। ସୂଚନା ଅନୁସାରେ ଅସହାୟ ଏହି ବୃଦ୍ଧ ଜଣଙ୍କ ଶରୀରର ଅନେକ ସ୍ଥାନରେ ଘା ହୋଇ ଯାଇଥିବା ବେଳେ ସେ ଶୋଇ ରହିଥିବା ସ୍ଥାନରୁ ଉଠି ପାରୁ ନ ଥିଲେ। ଶୁକ୍ରବାର ବର୍ଷାରେ ଭିଜିବା କାରଣରୁ ଅସୁସ୍ଥ ହୋଇ ପଡିଥିଲେ। ବିଶେଷ କରି ଖାଦ୍ୟ ଓ ଚିକିତ୍ସା ଅଭାବରୁ ଦୁର୍ବଳ ହୋଇ ପଡିଥିବା ଏହି ବୃଦ୍ଧଙ୍କ ନାମ ଠିକଣା ଜଣା ନ ଥିବାରୁ ତାଙ୍କୁ କେହି ସାହାଯ୍ୟ କରିବାକୁ ଆଗକୁ ଆସୁ ନ ଥିଲେ। ଏ ନେଇ ବଜରଙ୍ଗ ଦଳ କର୍ମୀ ଖବର ପାଇବା ପରେ ତାଙ୍କୁ ଉଦ୍ଧାର କରି ନୂଆ ପୋଷାକ ପ୍ରଦାନ କରିବା ସହ ଚିକିତ୍ସା ବ୍ୟବସ୍ଥା କରିଛନ୍ତି।



ଛେଣ୍ଡ କଲୋନୀ କଳିଙ୍ଗବିହାର ହନୁମାନ ମନ୍ଦିର ନିକଟରୁ ଉଦ୍ଧାର ହୋଇଥିବା ଅସହାୟ ଅଜଣା ବୃଦ୍ଧ।

### ଟିସି ନେଇଥିବା ଛାତ୍ରୀଙ୍କ ପୁନଃ ନାମଲେଖା ହେବ

ଅତାବିରା, ୨୨।୬ (ଡି.ଏନ.ଏ)- ବରଗଡ ଜିଲା ଭେଡେନ ବ୍ଲକ ତାଲବ ପଞ୍ଚାୟତ କନ୍ଦପଡା ପ୍ରାଥମିକ ବିଦ୍ୟାଳୟରେ ଗତ ଫେବୃୟାରୀ ମାସରେ ବିନା କାରଣରେ ସ୍କୁଲର ୨ ଛାତ୍ରୀଙ୍କୁ ଟିସି ଦିଆଯାଇଛି। ଭେଡେନ ବିଇଓ ମଚ୍ଛିନ୍ଦ୍ର ମଲ୍ଲିକ ବିଦ୍ୟାଳୟକୁ ଆସି ତଦନ୍ତ କରିଛନ୍ତି। ପୁଣି ଥରେ ଏହି ଛାତ୍ରୀ ଦ୍ୱୟଙ୍କ ନାମ ଲେଖାଇବା ପାଇଁ ସିଆରସିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ପୂର୍ବତନ ବିଧାୟକଙ୍କ ଅସନ୍ତୋଷ
# ରେଳ କର୍ତ୍ତୃପକ୍ଷଙ୍କ ଅବହେଳା ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି

ରାଉରକେଲା ଅଫିସ,୨୨।୬

ଦକ୍ଷିଣ ପୂର୍ବ ରେଳ କର୍ତ୍ତୃପକ୍ଷଙ୍କ ମନମାନି ନେଇ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ସେ କେନ୍ଦ୍ର ରେଳମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ଚିଠି ଲେଖି ପ୍ରତିକାର ଲୋଡିଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ କେବଳ ଅବହେଳା କାରଣରୁ ରାଉରକେଲା ଭୁବନେଶ୍ୱର ଇଣ୍ଟରସିଟି ଅନେକ ସମୟରେ ଏଠାରେ ବିଳମ୍ବରେ ପହଞ୍ଚୁଛି। ସେହିଭଳି ହାଟିଆ ପୁରୀ ତପସ୍ୱିନୀ ଏକ୍ସପ୍ରେସ ମଧ୍ୟ ଉଚିତ ସମୟରେ ରାଉରକେଲା ଷ୍ଟେଶନରେ ପହଞ୍ଚୁ ନାହିଁ। ଅନେକ ସମୟରେ ୩/୪ ଘଣ୍ଟା ବିଳମ୍ବରେ ପହଞ୍ଚୁଥିବା ଇଣ୍ଟରସିଟିର ପାସେଞ୍ଜର ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାତି ଅଧରେ ଗାଡି ନ ପାଇ ଯାତ୍ରୀ ଘରକୁ ଫେରି ପାରୁ ନାହାନ୍ତି। ମହାପାତ୍ର ଅଭିଯୋଗ କରିଛନ୍ତି ଯେ ଝାରସୁଗୁଡାଠାରୁ ଉପରୋକ୍ତ ଟ୍ରେନ ଛାଡିବା ନେଇ ଆବଶ୍ୟକ ଦୃଷ୍ଟି ଦିଆଯାଉନି। ଏ ନେଇ ନିର୍ଦ୍ଦିଷ୍ଟ ଭାବେ କୌଣସି ସମସ୍ୟା ନ ଥିବା ବେଳେ କାହିଁକି ଟ୍ରେନ ବିଳମ୍ବରେ ପହଞ୍ଚୁଛି ସେ ନେଇ ଅନୁସନ୍ଧାନ କରାଯିବା ଆବଶ୍ୟକ। ଏହି ଅବସରରେ ସେ ରାଉରକେଲା ଭୁବନେଶ୍ୱର ଦ୍ୱିତୀୟ ଇଣ୍ଟରସିଟି ଚଳାଚଳ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହା ଦ୍ୱାରା ଯାତ୍ରୀଙ୍କ ସମସ୍ୟା ଲାଘବ ହୋଇ ପାରିବ ବୋଲି ମହାପାତ୍ର ଯୁକ୍ତି ଦର୍ଶାଇଛନ୍ତି। ଏଣୁ ସହରବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ରେଳ ମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି ।

# ନିଲାମ ବାତିଲକୁ ନେଇ ଅସନ୍ତୋଷ

- କାରଣ ନ ଦର୍ଶାଇ ଶେଷ ମୁହୂର୍ତ୍ତରେ ବାତିଲ କଲା ବ୍ଲକ ପ୍ରଶାସନ

ଲଖନପୁର,୨୨।୬(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅନ୍ତର୍ଗତ ୩୩ ପଞ୍ଚାୟତର ସମସ୍ତ ସାପ୍ତାହିକ ବଜାର, ମାର୍କେଟ କମ୍ପ୍ଲେକ୍ସ, ଡଙ୍ଗାଘାଟ, କଟା, ବନ୍ଧ ଆଦି ନିଲାମ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଏହି ବିଜ୍ଞପ୍ତି ବଳରେ ପ୍ରତି ପଞ୍ଚାୟତକୁ ନୋଟିସ ଜାରି ହୋଇଛି। ସର୍ବସାଧାରଣଙ୍କ ସୂଚନା ପାଇଁ ନୋଟିସ ଲଗାଯାଇଛି। ଶନିବାର ବନ୍ଧବାହାଲ ପଞ୍ଚାୟତର ଦୈନିକ ବଜାର ନିଲାମ ପାଇଁ ନୋଟିସ ଜାରି ହୋଇଥିଲା। ସୂଚନା ପାଇ ଫଳରେ ବହୁ ଲୋକେ ନିଲାମରେ ଅଂଶଗ୍ରହଣ କରିବା ପାଇଁ ଶନିବାର ସକାଳେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ନିଲାମ ଡାକିବା ପାଇଁ ସେମାନେ କାର୍ଯ୍ୟାଳୟରେ ଦୀର୍ଘ ସମୟ ଅପେକ୍ଷା କରିଥିଲେ। କିନ୍ତୁ ନିଲାମ ଡାକରେ ବିଳମ୍ବ ହୋଇଥିଲା। ଏହାର କାରଣ ସମ୍ପର୍କରେ ଲୋକେ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କୁ ପଚାରିଥିଲେ। ନିଲାମ ଡକାହେବ, ଅପେକ୍ଷା କରନ୍ତୁ ବୋଲି ସରପଞ୍ଚ ଓ ଅଧିକାରୀ କହିଥିଲେ। ଲୋକେ ଅପେକ୍ଷା କରିଥିଲେ। କିନ୍ତୁ ପରେ ନିର୍ବାହୀ ଅଧିକାରୀ ନିଲାମକୁ ବାତିଲ କରିଦେଇଥିଲେ। ଏହାର କାରଣ ପଚାରିବାରୁ ନିର୍ବାହୀ ଅଧିକାରୀ କୌଣସି ସନ୍ତୋଷଜନକ ଉତ୍ତର ନ ଦେଇ ବିଡିଓ ନିଲାମ ବାତିଲ କରିଛନ୍ତି ବୋଲି କହିଥିଲେ। ଫଳରେ ଲୋକେ ହୋହଲ୍ଲା କରିବାରୁ ପଞ୍ଚାୟତ କାର୍ଯ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ପଞ୍ଚାୟତ କାର୍ଯ୍ୟାଳୟ ବନ୍ଦ କରି ଅଧିକାରୀମାନେ ଚାଲିଯାଇଥିଲେ। ଏ ସମ୍ପର୍କରେ ଜାଣିବା ପାଇଁ ବିଡିଓଙ୍କ ସହିତ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ। ଜିପିଇଓ ଗିରେନ୍ଦ୍ର ପଟେଲ କହିଛନ୍ତି ବିଡିଓ ଅନୁପସ୍ଥିତ ଥିବାରୁ ନିଲାମକୁ ବାତିଲ କରାଯାଇଛି। ପରବର୍ତ୍ତୀ ସମୟରେ ଦିନ ଧାର୍ଯ୍ୟ କରାଯାଇ ବିଡିଓଙ୍କ ଉପସ୍ଥିତିରେ ନିଲାମ କରାଯିବ ବୋଲି ସେ କହିଛନ୍ତି। ନିର୍ବାହୀ ଅଧିକାରୀ ଯୋଗେଶ୍ୱର ବିଶ୍ୱାଳ କହିଛନ୍ତି, ନିଲାମ ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପୂର୍ବରୁ ପଞ୍ଚାୟତକୁ ନୋଟିସ ହୋଇଥିଲା। ଏହି ନୋଟିସ ବଳରେ ପଞ୍ଚାୟତ ପକ୍ଷରୁ ନିଲାମ ପାଇଁ ଲୋକଙ୍କୁ ସୂଚନା ଦିଆଗଲା। ପର ମୁହୂର୍ତ୍ତରେ ହଠାତ୍ ଏହାକୁ ବାତିଲ କରିବା ପାଇଁ ବିଡିଓ ନୋଟିସ ଜାରିକଲେ। ଫଳରେ ପଞ୍ଚାୟତ ପକ୍ଷରୁ ଏହାକୁ ବାତିଲ କରାଗଲା ବୋଲି ସେ କହିଛନ୍ତି। ସେହିଭଳି ସରପଂଚ ରାଜେନ୍ଦ୍ର ନାୟକ କହିଛନ୍ତି, ନିଲାମ ପାଇଁ ନୋଟିସ ଜାରି ହୋଇଥିଲା। ଏଥିପାଇଁ ପ୍ରସ୍ତୁତି ମଧ୍ୟ ହୋଇଥିଲା। ପୂର୍ବ ସୂଚନା ନ ଥାଇ ବ୍ଲକ ପ୍ରଶାସନ ଏହାକୁ ହଠାତ୍ ବାତିଲ କରିଛି। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ବ୍ଲକ ପ୍ରଶାସନର ଏଭଳି କାର୍ଯ୍ୟ ପାଇଁ ଜିଲାସ୍ତରୀୟ ଅଧିକାରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କିନ୍ତୁ ଏହା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଥିବା ଆଶଙ୍କା ପ୍ରକାଶ ପାଇଛି। ବ୍ଲକ ପ୍ରଶାସନ ଉପରେ ଚାପ ପ୍ରୟୋଗ କରି ଏହାକୁ ବାତିଲ କରାଯାଇଛି ବୋଲି ଚର୍ଚ୍ଚା ହେଉଛି। ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ଯୁକ୍ତ ୨ ପରୀକ୍ଷାରେ ଛାତ୍ରୀଙ୍କ ସଫଳତା

**ଲହୁଣୀପଡ଼ା, ୨୨।୬ (ଡି.ଏନ.ଏ)**- ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ମିଶ୍ରପାଲିସ୍ଥିତ ଯୋଗମାୟା ମହିଳା ମହାବିଦ୍ୟାଳୟ ଚଳିତ ବର୍ଷର ପ୍ରକାଶିତ ଯୁକ୍ତ ୨ ପରୀକ୍ଷାରେ ଛାତ୍ରୀମାନେ ସଫଳତା ହାସଲ କରିଛନ୍ତି। ନିୟମିତ ପରୀକ୍ଷାର୍ଥୀନୀ ଭାବେ ମୋଟ ୬୧ ଜଣ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୫୭ ଜଣ ଛାତ୍ରୀ ପାସ କରିଛନ୍ତି । ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୦, ଦ୍ୱିତୀୟ ଶ୍ରେଣୀରେ ୧୫ ଏବଂ ତୃତୀୟ ଶ୍ରେଣୀରେ ୩୨ଜଣ କୃତକାର୍ଯ୍ୟ ହାସଲ କରିଛନ୍ତି। ଏକ୍ସ ରେଗୁଲାର ୪ଛାତ୍ରୀ ପରୀକ୍ଷା ଦେଇ ୪ଜଣ ଯାକ ପାସ କରିଥିବା ବେଳେ ପତ୍ର ବିନିମୟ ଭାବେ ୬ଜଣ ଛାତ୍ରୀଙ୍କ ମଧ୍ୟରୁ ଚାରିଜଣ ପାସ କରିଛନ୍ତି । ମୋଟା ମୋଟି ଭାବେ ୯୪ ଶତକଡା ସଫଳତା ହାସଲ କରିଥିବାରୁ ଛାତ୍ରୀ, ଅଭିଭାବକଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ମହାବିଦ୍ୟାଳୟର ଅଧକ୍ଷା ଓ ଅଧାପିକା, ଅଧାପକ ସମସ୍ତ କର୍ମଚାରୀଙ୍କୁ ଅଭିଭାବକ ମହଲରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଆଗାମୀ ଦିନରେ ମହାବିଦ୍ୟାଳୟର ସୁନାମ ବଜାୟ ରଖିବାକୁ ଅଭିଭାବକମାନେ ଆଶା ରଖିଛନ୍ତି।

## ସୁନ୍ଦରଗଡ଼ ବିଧାୟିକାଙ୍କ ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ

# ବିଭିନ୍ନ ସମସ୍ୟା ସମାଧାନ ନେଇ ଆଲୋଚନା

**ସୁନ୍ଦରଗଡ଼,୨୨।୬ (ଡି.ଏନ୍.ଏ.)**



ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ କରୁଛନ୍ତି।

ସୁନ୍ଦରଗଡ ସଦର ବିଧାୟିକା କୁସୁମ ଟେଟେ ଶନିବାର ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ କରିଛନ୍ତି। ଏଠାରେ ଲାଗିରହିଥିବା ବିଭିନ୍ନ ସମସ୍ୟାର ଅନୁଧ୍ୟାନ କରିଛନ୍ତି। ବିଧାୟିକା ଟେଟେ ବିଭିନ୍ନ ୱାର୍ଡ଼ ପରିଦର୍ଶନ କରିବା ସହ ଡାକ୍ତରଖାନା ପରିସରରେ ପରିମଳ ବ୍ୟବସ୍ଥା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷକରି ୱାର୍ଡ଼ ଗୁଡିକରେ ଥିବା ଶୌଚାଳୟଗୁଡିକ ନିୟମିତ ଭାବେ ପରିଷ୍କାର କରାଯାଉ ନ ଥିବା ବେଳେ ମାତୃ ଓ ଶିଶୁ ହସ୍ପିଟାଲରେ ଶୀତତାପ ନିୟନ୍ତ୍ରିତ ମେଶିନ ଓ ବିଶୁଦ୍ଧ ପାନୀୟ ଜଳ ପାଇଁ ଲଗାଯାଇଥିବା ମେଶିନ୍ ଗୁଡିକ ଅଚଳ ହୋଇପଡିଛି। ରୋଗୀମାନେ ବିଶେଷ ହଇରାଣ ହେଉଥିବା ଅଭିଯୋଗ ପାଇବା ପରେ ସିଡିଏମଓଙ୍କ ଅନୁପସ୍ଥିତିରେ ଏଡିଏମଓ ଡା. ପଙ୍କଜ ପଟେଲଙ୍କ ସହିତ ଏସମ୍ପର୍କରେ ଆଲୋଚନା କରିଥିଲେ। ଡାକ୍ତରଖାନାରେ ସଫେଇ କର୍ମଚାରୀ ଅଭାବ ରହିଥିବା ଜଣାପଡିଥିବା ବେଳେ ଜିଲା ଖଣିଜ ପାଣ୍ଠିରୁ ଡାକ୍ତରଖାନା ପରିସରରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ଗୁଡିକ ଅସମ୍ପୂର୍ଣ୍ଣ ରହିଥିବାରୁ ବିଧାୟିକା ଏଗୁଡିକର ତୁରନ୍ତ ସମ୍ପୂର୍ଣ୍ଣ ପାଇଁ ଗୁରୁତ୍ୱାରୋପ କରିଥିଲେ। ସେହିପରି ୱାର୍ଡଗୁଡିକରେ ନର୍ସମାନଙ୍କ ଡ୍ୟୁଟି ରୁମ୍ ଗୁଡିକ ଛୋଟ ଥିବାରୁ ଡ୍ୟୁଟି ସମୟରେ ନର୍ସମାନେ ବିଶେଷ ହଇରାଣ ହେଉଥିବା ନେଇ ଅଭିଯୋଗ ପାଇଥିଲେ। ପରେ ବିଧାୟିକା ଏ ସମ୍ପର୍କରେ ଜିଲାପାଳଙ୍କ ସହିତ ଆଲୋଚନା କରି ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ବିଧାୟିକାଙ୍କ ସହିତ ପୂର୍ବତନ କାଉନସିଲର ହିମାଂଶୁ ଶେଖର ଷଡଙ୍ଗୀ, ସୁନୀଲ ମହାନନ୍ଦିଆ, ପ୍ରଣବ ଭୈଷାଁଲ, ମହେଶ ତନ୍ତୀ, ଅବନୀ ମିଶ୍ର, ଏମ୍ ଡି ଆୟୁବ, କରଣ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ୱଶୁରଙ୍କୁ ହତ୍ୟା ଘଟଣା

# ଜ୍ୱାଇଁ ସହ ପୁତୁରା ଟାଙ୍ଗିଆରେ ହାଣିଥିଲେ

**ବଡଗାଁ, ୨୨।୬ (ଡି.ଏନ.ଏ)**

ବଡଗାଁ ଥାନା ଅନ୍ତର୍ଗତ ସିଆଁମାଲ ଗ୍ରାମର ରଞ୍ଜିତ ସାଲମା (୪୬)ଙ୍କୁ ଗୁରୁବାର ରାତିରେ ତାଙ୍କ ଜ୍ୱାଇଁ ବିଦ୍ୟାଧର ବାଗ (୩୫) ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିପାରିଥିଲେ । ତଦନ୍ତକାରୀ ଅଧିକାରୀ ସବ ଇନ୍ସପେକ୍ଟର ରଞ୍ଜିତ ପ୍ରଧାନ ଓ ଅନ୍ୟ ପୋଲିସ କର୍ମଚାରୀ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ । ଶୁକ୍ରବାର ଅଭିଯୁକ୍ତ ବିଦ୍ୟାଧର ବାଗ ନିଜ ଗ୍ରାମ କିରମିରା ଗ୍ରାମର ଏକ ମୁଢ଼ି ମିଲରେ ଲୁଚିଥିବା ବେଳେ ଚଢ଼ାଉ କରି ଗିରଫ କରିବା ପରେ ହତ୍ୟାକାଣ୍ଡ ଘଟଣାର ପର୍ଦ୍ଦାଫାଶ ହୋଇଛି । ଘଟଣାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ମୃତକ ରଞ୍ଜିତଙ୍କ ପୁତୁରା ସଞ୍ଜିବ ସାଲମା (୩୨)ଙ୍କୁ ପୋଲିସ ତାଙ୍କ ଘରୁ ଗିରଫ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନାନୁଯାଇ, ବିଦ୍ୟାଧର ଅତ୍ୟଧିକ ମଦ୍ୟପାନ କରୁଥିବାରୁ ସ୍ତ୍ରୀ ସରୋଜିନୀଙ୍କ ସହିତ ଭୀଷଣ ଝଗଡା ହୋଇଆସୁଥିଲା । ଏଥିରେ ସରୋଜିନୀଙ୍କ ସପକ୍ଷରେ ତାଙ୍କ ବାପା ରଞ୍ଜିତ ସାଲମା ରହିବା ସହ ଜ୍ୱାଇଁଙ୍କୁ ଧମକ ଦେଇ ମୋ ଝିଅକୁ ଦିଲ୍ଲୀ ପଠାଇଦେବୀ ସେଠି କାମ କରିବ କହୁଥିଲେ । ଏହାକୁ ନେଇ ଶ୍ୱଶୁର ରଞ୍ଜିତଙ୍କ ସହିତ ଜ୍ୱାଇଁ ବିଦ୍ୟାଧରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଅନ୍ୟପଟେ ପୁତୁରା ସଞ୍ଜିବଙ୍କ ସ୍ତ୍ରୀ ପୁଷ୍ପାଙ୍କୁ ରଞ୍ଜିତ ଅଶ୍ରାବ୍ୟ ଗାଳିଗୁଲଜ, ଇଙ୍ଗିତ କରିବା ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏହା ସହିତ ମୃତକ ରଞ୍ଜିତଙ୍କ ଜମିକୁ ତାଙ୍କ ପୁତୁରା ସଞ୍ଜିବ ଭାଗ ଚାଷ ପାଇଁ ୫ ହଜାର ଟଙ୍କାରେ ନେଇଥିଲେ । ଜମି ବାବଦ ଅର୍ଥ ଫେରାଇ ରଞ୍ଜିତ ନିଜେ ଚାଷ କରିବି କହିବାରୁ ଶତ୍ରୁତା ବଢ଼ିଥିଲା। ଗୁରୁବାର ବିଦ୍ୟାଧର ଶ୍ୱଶୁର ଘର ଗାଁ ସିଆଁମାଲକୁ ଆସିଥିଲେ । ଏକ ଟାଙ୍ଗିଆ ଧରି ଗାଁର କୁଟିଆ ମଦ ଭାଟିରେ ମଦ ପିଇଥିଲେ । ରାତି ପ୍ରାୟ ୯ଟାରେ ସଞ୍ଜିବଙ୍କ ସହିତ ଗାଁ ମଝିରେ ଥିବା ତେନ୍ତୁଳି ଗଛ ମୂଳେ ବିଦ୍ୟାଧର ମଦ୍ୟପାନ କଲାପରେ ହତ୍ୟା ଯୋଜନା କରିଥିଲେ । ଏହାପରେ ଉଭୟେ ରଞ୍ଜିତଙ୍କ ଘରକୁ ଯାଇଥିଲେ। ଜ୍ୱାଇଁ ବିଦ୍ୟାଧର ପ୍ରଥମେ ବେକ, ମୁହଁକୁ ୪ ଚୋଟ ମାରିଥିଲା ବେଳେ ତାଙ୍କଠାରୁ ଟାଙ୍ଗିଆ ନେଇ ପୁତୁରା ସଞ୍ଜିବ ୩ ଚୋଟ ମାରି ହତ୍ୟା କରିଥିଲା । ଘଟଣା ପରେ ବିଦ୍ୟାଧର ଗାଁରୁ ଫେରାର ହୋଇଯାଇଥିଲା ବେଳେ ସଞ୍ଜିବ ତାଙ୍କ ଘରକୁ ଚାଲିଯାଇଥିଲା । ଥାନା ଅଧିକାରୀ ସୂର୍ଯ୍ୟକାନ୍ତି ଦାସ, ସବଇନ୍ସପେକ୍ଟର ରଞ୍ଜିତ ପ୍ରଧାନ, ଏଏସଆଇ ଘଟଣା ସ୍ଥଳକୁ ଯାଇ ଗୁରୁବାର ରାତିରେ ତଦନ୍ତ କଲାବେଳେ ହତ୍ୟା ଘଟଣାରେ ଜ୍ୱାଇଁଙ୍କ ସଂପୃକ୍ତି ଥିବା ସୁରାକ ପାଇଲା ପରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ।

## ବାଲିଶଙ୍କରା ପଞ୍ଚାୟତ ସମିତି ବୈଠକ

# ନବନିର୍ବାଚିତ ତଳସରା ବିଧାୟକଙ୍କୁ ସମ୍ବର୍ଦ୍ଧନା

**ବାଲିଶଙ୍କରା, ୨୨।୬ (ଡି.ଏନ.ଏ)**



ବାଲିଶଙ୍କରା ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି, ସରକାରୀ ଅଧିକାରୀ।

ବାଲିଶଙ୍କରା ପଞ୍ଚାୟତ ସମିତିର ବୈଠକ ଶୁକ୍ରବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ୧୯ଟି ପଞ୍ଚାୟତର ଜନପ୍ରତିନିଧି ତଥା ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ବ୍ଲକ ଅଧକ୍ଷା ତ୍ରିବେଣୀ ମାଝି ସଭାପତିତ୍ୱ କରିଥିଲେ। ଅନୁଷ୍ଠିତ ବୈଠକକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିମନ୍ୟୁ ବେହେରା ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ନବନିର୍ବାଚିତ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ଯୋଗଦେଇଥିଲେ। ତାଙ୍କୁ ପ୍ରଥମେ ସମସ୍ତ ଜନପ୍ରତିନିଧି ଓ ବ୍ଲକର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ବିଧାୟକ ଉଦ୍‌ବୋଧନ ଦେଇ କହିଥିଲେ, ମୁଁ ଜଣେ ଚାଷୀ ଘରର ସନ୍ତାନ। ପ୍ରଥମେ ଚାଷୀ ଚାଷ ପ୍ରତି ଦୃଷ୍ଟି ଦେବି। ଅଞ୍ଚଳର ବେକାରୀ ସମସ୍ୟାକୁ ବିଧାନସଭାରେ ଉପସ୍ଥାପନ କରିବା ସହ ଚାଷୀ ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବି। ସମସ୍ତ ପଞ୍ଚାୟତ ସ୍ତରୀୟ ଜନପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ ଯେ, ନିଜ ଅଞ୍ଚଳରେ କିପରି ବିକାଶ ହୋଇପାରିବ ଏହାପ୍ରତି ଉଦ୍ୟମ କରିବେ। ସଭା ପ୍ରଥମରେ ପିଏମ କୁଞ୍ଜବିହାରୀ ପଟେଲ ଆଗରବୈଠକର ବିବରଣୀ ପାଠ କରିଥିଲେ। ସହକାରୀ ଯନ୍ତ୍ରୀ ସାଗରରାମ ମାରାଣ୍ଡି, ଇବିଓ ସଚିଦାନନ୍ଦ ପଟେଲ, ଏମ୍‌ପି ପ୍ରତିନିଧି ପର୍ଶୁରାମ ପଟେଲ, ଶିଶୁବିକାଶ ଅଧିକାରୀ ପ୍ରତିମା ତନ୍ତି, ଡ. ଫାଇନ କିଲିଂ କୁଜୁର, କୃଷି ଅଧିକାରୀ ବିଶ୍ୱଜିତ କାଲେଶ ଓ ସମସ୍ତ ଲାଇନ ଡିପାର୍ଟମେଣ୍ଟ ଉପସ୍ଥିତ ରହି ଜନସାଧାରଣଙ୍କ ସରକାରୀ ସୁବିଧାକୁ ନେବା ପାଇଁ ଜନପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ । ଶେଷରେ ଏବିଡିଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜଗାଙ୍ଗପୁରରେ ବ୍ରାଣ୍ଡେଡ ଫ୍ରେଟ ୱାଗନର ଉଦ୍‌ଘାଟନ

**ରାଜଗାଙ୍ଗପୁର, ୨୨।୬ (ଡି.ଏନ.ଏ)**

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ଏବଂ ଦକ୍ଷିଣ ପୂର୍ବ ରେଳବାଇର ମିଳିତ ଉଦ୍ୟମରୁ ଶନିବାର ଏକ ନିଆରା ପଦକ୍ଷେପ ଅନ୍ତର୍ଗତ ପ୍ରଥମ ଥର ପାଇଁ କର୍ପୋରେଟେ ବ୍ରାଣ୍ଡେଡ ମାଲଗାଡିର ଉଦ୍‌ଘାଟନ ହୋଇଯାଇଛି। ଏହା ଦକ୍ଷିଣ ପୂର୍ବ ରେଳବାଇ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଛୋଟ ପ୍ରୟାସ। ଫଳରେ ବିଭିନ୍ନ ଘରୋଇ କମ୍ପାନୀ ନିଜର କ୍ୟାପ୍ଟିଭ ସ୍ଥାନପାଇଁ ବ୍ରାଣ୍ଡେଡ ମାଲଗାଡିର ସୁବିଧା ନେଇ ପାରିବେ ଯାହାକି ପରିବହନ ନେଟୱାର୍କ ଭଲ କରିବା ସହିତ ବ୍ୟବସାୟରେ ମଧ୍ୟ ଉନ୍ନତି ଆଣିବ । ଡିସିବିଏଲ ଏବଂ ଦକ୍ଷିଣ ପୂର୍ବ ରେଳବାଇ ମଧ୍ୟରେ ଏମିତି ପାଞ୍ଚଟି ବ୍ରାଣ୍ଡେଡ ମାଲଗାଡି ଚଳାଇବା ପାଇଁ ପ୍ରସ୍ତାବ ରହିଛି। ପାଞ୍ଚଟି ବ୍ରାଣ୍ଡେଡ ମାଲଗାଡି ମଧ୍ୟରୁ ପ୍ରଥମଟି ଶନିବାର ଡିସିବିଏଲକୁ ହସ୍ତାନ୍ତର କରାଯାଇଛି। ଛତ୍ରଶାଳ ସିଂ ଦକ୍ଷିଣ ପୂର୍ବ ରେଳବାଇ ଚକ୍ରଧରପୁର ମଣ୍ଡଳର ପ୍ରବନ୍ଧକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଥିଲା । ଭରିନ୍ଦର କୁମାର ମୁଖ୍ୟ ଫ୍ରେଟ ପରିବହନ ପ୍ରବନ୍ଧକ ମହମ୍ମଦ ଓସାଇସ ଦକ୍ଷିଣ ପୂର୍ବ ରେଳବାଇର ମୁଖ୍ୟ ବାଣିଜ୍ୟକ ପ୍ରବନ୍ଧକ ଏବଂ ସୁନୀଲ କୁମାର ଗୁପ୍ତା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅବଶିଷ୍ଟ ବ୍ରାଣ୍ଡେଡ ମାଲଗାଡିର ଡେଲିଭରି ଜୁଲାଇ ୨୦୧୯ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଯିବାର ଆଶା ରହିଛି । ଏହି ଅବସରରେ ଛତ୍ରଶାଳ ସିଂ କହିଛନ୍ତି ଯେ, କୌଣସି ଘରୋଇ ସଂସ୍ଥାର ସହଭାଗିତାରେ ପ୍ରଥମ ଥର ପାଇଁ ଏଭଳି ଏକ ପଦକ୍ଷେପ ନେଇଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ। ସୁନୀଲ କୁମାର ଗୁପ୍ତା କହିଛନ୍ତି ଯେ, ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ ୧୯୩୨ରୁ ଭାରତ ନିର୍ମାଣ ପାଇଁ ଅଭିନବ ପଦକ୍ଷେପ ନେବାରେ ଆଗୁଆ ରହିଛି । ଆମେ ଆଶା କରୁଛୁ ଯେ, ସିମେଣ୍ଟ ଉତ୍ପାଦନକାରୀଙ୍କର ଦୀର୍ଘଦିନ ଧରି ରହିଥିବା ଉତ୍ପାଦନ ସମୟସୀମା ଓ ପରିବହନ ସମସ୍ୟାକୁ ଦୂର କରିବାରେ ରେଳବାଇ ସହ ଏହି ସହଭାଗିତା ସକ୍ଷମ ହେବ । ଏହି କାର୍ଯ୍ୟକ୍ରମରେ ଡାଲମିଆ ସିମେଣ୍ଟର ଖଣି ବିଭାଗ ମୁଖ୍ୟ ସରୋଜ କୁମାର ରାଉତ, ପରିବହନ ବିଭାଗ ମୁଖ୍ୟ ଆଶିଷ ଖିଲନାନୀ, ଟେକ୍ନିକାଲ ବିଭାଗ ମୁଖ୍ୟ ଲୋକେଶ କୁମାର ବହେତି ଏବଂ ବିଭିନ୍ନ ବର୍ଗର କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ ।




ଚକ୍ରଧରପୁର ମଣ୍ଡଳର ପ୍ରବନ୍ଧକ ଛତ୍ରଶାଳ ସିଂ ବ୍ରାଣ୍ଡେଡ ମାଲଗାଡିର ଉଦ୍‌ଘାଟନ କରୁଛନ୍ତି।

# ଅଦାଲତଙ୍କ ରହିତାଦେଶ ଅବମାନନା ଅଭିଯୋଗ

**ବେଦବ୍ୟାସ, ୨୨।୬ (ଡି.ଏନ.ଏ)**

ରାଉରକେଲା ଦେୱାନୀ ଜର୍ଜ (ବରିଷ୍ଠ ମଣ୍ଡଳ)ଙ୍କ ରହିତାଦେଶର ଅବମାନନାକୁ ନେଇ ଗୁରୁବାର ଖଇରୀବଣୀ ନିବାସୀ ଅଭିଯୋଗକାରୀ ପ୍ରତାପ କୁଜୁର ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିବା ପ୍ରକାଶ। ପ୍ରାପ୍ତସୂଚନାନୁଯାୟୀ ମୌଜା-ଖଇରିବଣୀ, ରାଜସ୍ୱ ଖାତା ନଂ. ୧୧୩/୧୨୪, ପ୍ଲଟ ନଂ. ୯୭୧, ଜମିପରିମାଣ ୧ଏକର ୭୮ ଡିସିମିଲ ଅଭିଯୋଗକାରୀଙ୍କ ନାମରେ ରୟତି ମୁତ୍ରରେ ରେକର୍ଡ ଥିବା ବେଳେ ସେହିଗ୍ରାମର ଚୁମନୁ ଲାକ୍ରା, ଚିହିଡୁ ଲାକ୍ରା, ମୋରିସ ଏକ୍କା, ଜର୍ଜ ତିର୍କୀ ଏବଂ ଲକ୍ଷ୍ମଣ ବାଗ ବିନା କାଗଜାତରେ ଅଭିଯୋଗକାରୀଙ୍କୁ ଧମକ ଚମକ ଆଦି ଦେଇ ଭୟଭୀତ କରିବା ସହ ଚାଷ କାର୍ଯ୍ୟରେ ବାଧା ସୃଷ୍ଟି କରିବାକୁ ନେଇ ଅଭିଯୋଗକାରୀ ଦେୱାନୀ ଜର୍ଜ (ବରିଷ୍ଠ ମଣ୍ଡଳ) ରାଉରକେଲାଙ୍କ ଅଦାଲତ ଏକ ଦେୱାନୀ ମାମଲା ରୁଜୁ କରିଥିଲେ ।

ଅଦାଲତ ବିଚାର ନିମନ୍ତେ ଉପଯୁକ୍ତ ମନେକରି ରହିତାଦେଶ ଜାରି କରିଛନ୍ତି । ଦେୱାନୀ ମାମଲା ନଂ. ସିଭିଲ ସୁଟ ନଂ. ୪୯/୨୦୧୯ ଓ ଆଇଏ ୧୮/୨୦୧୯ ବର୍ତ୍ତମାନ ଅଦାଲତରେ ବିଚାରଧିନ ରହିଛି । ହେଲେ ଅପରପକ୍ଷେ ଅଦାଲତଙ୍କ ରହିତାଦେଶକୁ ଅମାନ୍ୟ ବା ଉଲଂଘନ କରୁଛନ୍ତି । ଏନେଇ ଅଭିଯୋଗକାରୀ ପ୍ରତାପ କୁଜୁର ଅଦାଲତଙ୍କ ସ୍ଥଗିତାଦେଶକୁ ସମ୍ମାନର ସହ ଅକ୍ଷୁର୍ଣ୍ଣ ରଖିବାକୁ ବ୍ରାହ୍ମଣୀତରଙ୍ଗ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ପ୍ରକାଶ ।

## ଭାରିଯାନ ଧକ୍କାରେ ୨ ଗୁରୁତର

**ବଡଗାଁ, ୨୨।୬ (ଡି.ଏନ.ଏ)**

ବଡଗାଁ ଥାନା ଅନ୍ତର୍ଗତ କଣ୍ଟିଆମୁରା ଗ୍ରାମ ନିକଟ ୧୦ନଂ. ରାଜ୍ୟ ରାଜପଥରେ ଶନିବାର ସନ୍ଧ୍ୟା ୭ଟାରେ ଅଜଣା ଭାରିଯାନ ଧକ୍କାରେ ବାଇକ ଆରୋହୀ ବିର୍ସୁ ଗ୍ରାମର ବିଷ୍ଣୁ କିସାନ (୨୨) ଓ ଜାଙ୍ଗଲି ଗ୍ରାମର ବିରଞ୍ଚି ଖଡିଆ (୨୩) ଆହତ ହୋଇଛନ୍ତି। ବିରଞ୍ଚିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଛି। ସୂଚନାନୁଯାୟୀ, ବାଇକରେ ଉଭୟେ ଆସୁଥିଲା ବେଳେ ପଛପଟୁ ଗାଡି ଧକ୍କା ଦେଇଥିଲା ।

# ବନବାସୀ କଲ୍ୟାଣ ଆଶ୍ରମର ଜାତୀୟ କାର୍ଯ୍ୟକାରିଣୀ ବୈଠକ

**ସୁନ୍ଦରଗଡ, ୨୨।୬ (ଡି.ଏନ୍.ଏ)**

ବନବାସୀ କଲ୍ୟାଣ ଆଶ୍ରମର ଜାତୀୟ କାର୍ଯ୍ୟକାରିଣୀ ବୈଠକ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ସୁନ୍ଦରଗଡ ଭୋଜପୁରସ୍ଥିତ ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ସୁନ୍ଦରଗଡ ବନବାସୀ କଲ୍ୟାଣ ଆଶ୍ରମରେ ହେବାକୁ ଥିବା ଏହି ଜାତୀୟ କାର୍ଯ୍ୟକାରିଣୀ ବୈଠକ ହେବା ପାଇଁ ସ୍ଥିରୀକୃତ ହୋଇଛି। ଏହାକୁ କିପରି ସଫଳ ଭାବେ କରାଯିବ ସେ ନେଇ ବିଭିନ୍ନ କାର୍ଯ୍ୟକ୍ରମ ତଥା ଦେଶର ବିଭିନ୍ନ ପ୍ରାନ୍ତରରୁ ଏଠାକୁ ଆସୁଥିବା ଜାତୀୟ ପଦାଧିକାରୀଙ୍କର ସମସ୍ତ ସୁବ୍ୟବସ୍ଥା ପାଇଁ ନଗର କମିଟିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ସୁନ୍ଦରଗଡ ଜିଲାରେ ପ୍ରଥମ କରି ଏହିପରି ଜାତୀୟ କାର୍ଯ୍ୟକାରିଣୀ ବୈଠକ ହେବାକୁ ଯାଉଥିବାରୁ ନଗର କମିଟି ତରଫରୁ ଜାତୀୟ ସଭାପତିଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଏହି ଜାତୀୟ କାର୍ଯ୍ୟକାରିଣୀ ବୈଠକ ୨୪ ତାରିଖ ସକାଳ ୯ରୁ ଉଦ୍‌ଘାଟିତ ହେବ। ୨୬ ସନ୍ଧ୍ୟାରେ ଏହା ଉଦ୍‌ଯାପିତ ହେବ। ଏହି କାର୍ଯ୍ୟକାରିଣୀ ବୈଠକରେ ୨୦୧୯ –୨୦୨୦ ବର୍ଷ ପାଇଁ ଆଶ୍ରମର ସମ୍ପୂର୍ଣ୍ଣ କାର୍ଯ୍ୟ ଖସଡା ପ୍ରସ୍ତୁତ କରାଯିବ। ଏହି କାର୍ଯ୍ୟକାରିଣୀରେ ବନବାସୀ କଲ୍ୟାଣ ଆଶ୍ରମର ପ୍ରାୟ ୧୮୦ଜଣ ଜାତୀୟ ପଦାଧିକାରୀ ଯୋଗଦେବା ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ଏହି ପ୍ରସ୍ତୁତି ବୈଠକରେ ନଗରକମିଟିର ସଭାପତି ଅନୀଲ ପଣ୍ଡା, ସମ୍ପାଦକ ସିଦ୍ଧି ସ୍ୱର୍ଣ୍ଣକାର, ସଂଯୋଜକ ଜନାର୍ଦ୍ଦନ ପାଣିଗ୍ରାହୀ, ରାଜ୍ୟ ସଂଯୋଜକ ସନ୍ତୋଷ ଠାକୁର, ସୁରଜ ଚୌଧୂରୀ, ସନୁ ଦାଶ, ଅମୀୟ ପଟ୍ଟନାୟକ, ଶିଶିର ବେହେରା, ଶ୍ୟାମ ଭିତ୍ରିଆ, ବିଭୂତି ଭୂଷଣ ନାଏକ, ଶଶୀଭୂଷଣ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ।

## ବେଆଇନ ଲୁହାସ୍କ୍ରାପ କାରବାର

# ୪ ଗାଡ଼ି ଜବତ, ୩ ଗିରଫ

**ବେଦବ୍ୟାସ, ୨୨।୬ (ଡି.ଏନ.ଏ)**



ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଜବତ କରିଥିବା ଟିପ୍ପର।

ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଶୁକ୍ରବାର ଅପରାହ୍ନ ୧ଟା ଓ ଶନିବାର ଅପରାହ୍ନ ୧ଟା ବେଳେ ୪ ଟି ଟିପ୍ପର ଗାଡି ସମେତ ପ୍ରାୟ ଲକ୍ଷାଧିକ ଟଙ୍କାର ଲୁହା ସ୍କ୍ରାପ ଜବତ କରିଛି । ଦେଓଗାଁ ପାର୍ଶ୍ୱରୁ କଲୁଙ୍ଗା ଶିଳ୍ପାଞ୍ଚଳ ସ୍ଥିତ ଅରୁଣ ଷ୍ଟିଲ ଆଡକୁ ଆସୁଥିବା ଏକ ଟିପ୍ପର ନଂ. ଓଆର୍ ୧୪ ଆର ୧୯୮୯ରେ ବେଆଇନ ସ୍କ୍ରାପ ଆସୁଥିଲା। ଖବରପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସର ଏକ ଟିମ କଲୁଙ୍ଗା କରତକଳ ଛକ ସ୍ଥିତ ରେଳ ଫାଟକ ନିକଟରେ ଜଗିଥିଲେ।

ବେଆଇନ ସ୍କ୍ରାପ ବୋଝେଇ ଗାଡି ପହଞ୍ଚିଲା ପରେ ଅଟକାଇ କାଗଜପତ୍ର ମାଗିବା ସମୟରେ ଗାଡିରେ ବସିଥିବା ଅଭିଯୁକ୍ତ ଶଙ୍କରଲାଲ ସାହୁ, ସିତଶ ଗର୍ଗ ଓ ରଞ୍ଜିତ ସାହୁ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଗାଡି ଚାଳକ ଅଭିଯୁକ୍ତ ଦେଓଗାଁ ନିବାସୀ ବିନୋଦ ପଟ୍ଟନାୟକ ଗିରଫ ହୋଇ ଶନିବାର କୋର୍ଟ ଚାଲାଣ ହୋଇଛନ୍ତି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା ନଂ. ୧୫୯/୧୯ ରୁଜୁ କରାଯାଇଛି। ଫେରାର୍ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଚଢ଼ାଉ ଚାଲିଛି । ସେହିପରି ଶନିବାର ଅପରାହ୍ନ ୧ଟା ବେଳେ କଲୁଙ୍ଗା ପାର୍ଶ୍ୱରୁ କୁଆଁରମୁଣ୍ଡା ସ୍ଥିତ ସଂଘମିତ୍ରା ପ୍ଲାଣ୍ଟକୁ ଯାଉଥିବା ବେଆଇନ ସ୍କ୍ରାପ ବୋଝେଇ ଟିପ୍ପର ନଂ. ଓଡି ୧୪ ସି- ୧୫୯୧, ଓଆର୍ ୧୪ ଡବ୍ଲୁ- ୬୧୨୨, ଓଡି ୧୪ ସି- ୧୦୭୧କୁ ଅଟକାଇ କାଗଜପତ୍ର ଯାଞ୍ଚ କଲାପରେ ବେଆଇନ ସ୍କ୍ରାପ ବୋଲି ଜଣାପଡିଥିଲା । ୩ ଗାଡିରେ ପ୍ରାୟ ୧୫ ଟନ ଲୁହା ବୋଝେଇ ହୋଇଥିବା ଥାନା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ । ଅଭିଯୁକ୍ତ ବିଜୟ ଜୟସ୍ୱାଲ ଓ ସୁରେନ ଗୁପ୍ତାଙ୍କୁ ଶନିବାର ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ୪ ଗୋଟି ଗାଡି ସମେତ ସ୍କ୍ରାପ ପୋଲିସ ଜବତ କରିଛି । ଏନେଇ ବ୍ରାହ୍ମଣୀତରଙ୍ଗ ଥାନା ମାମଲା ନଂ. ୧୬୦/୧୯ ରୁଜୁ କରି ଅଧିକ ତଦନ୍ତ ବଳବତ୍ତର ରହିଛି। ଚଢ଼ାଉ ଦଳରେ ଏସଆଇ ବିକାଶ କଲେଟ, ମହିଳା ଏସଆଇ ଚମ୍ପାବତୀ ସୋରେନ, ଏଏସଆଇ ମାଗଧାତା ପ୍ରଧାନ, ହାବିଲଦାର ବ୍ରଜମୋହନ ଖିଲାର ପ୍ରମୁଖଙ୍କ ସମେତ ସଦଳବଳେ ସାମିଲ ଥିଲେ ।

# ରେଳ ଲାଇନ ପାଇଁ ଗ୍ରାମବାସୀଙ୍କ ରାସ୍ତା ବନ୍ଦ

**ହେମଗିର, ୨୨।୬ (ଡି.ଏନ.ଏ)**

ଲୋକଙ୍କ ଗମନାଗମନକୁ ସୁଗମ କରିବା ପାଇଁ ସରକାର ପକ୍କା ରାସ୍ତା ବା ପିଚୁ ରାସ୍ତା ନିର୍ମାଣ କରୁଛନ୍ତି । ଏଥିପାଇଁ ଗ୍ରାମ୍ୟ ରାସ୍ତାଠୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ସଡକ ଯୋଜନା ମାଧ୍ୟମରେ ଗାଁକୁ ନିତିଦିନିଆ ରାସ୍ତାର ସଂଯୋଗୀକରଣ କରାଯାଇଛି । ହେଲେ ଗାଁ ମୁଣ୍ଡରେ ରେଳ ଲାଇନ ତିଆରି ହେବା ଫଳରେ ଗ୍ରାମବାସୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରି ଘଟଣା ହେମଗିର ବ୍ଲକର ଡୁଡୁକା ପଞ୍ଚାୟତରେ ଥିବା ବନ୍ଧପାଲି ଗ୍ରାମରେ ଦେଖିବାକୁ ମିଳୁଛି । ବନ୍ଧପାଲିଗ୍ରାମବାସୀଙ୍କ ପଞ୍ଚାୟତ ତଥା ସୁନ୍ଦରଗଡ ବା ଅନ୍ୟାନ୍ୟ ଗାଁକୁ ଯିବା ପାଇଁ ଗୋଟାଏ ରାସ୍ତା ।

ଗାଁର ଅନ୍ୟ ପଟେ ବସୁନ୍ଧରା ନଦୀ ଘେର ରହିଛି । ବର୍ତ୍ତମାନ ଏମସିଏଲ ଗ୍ରାମର ଅନ୍ୟପଟେ ରେଳ ଲାଇନ ନେଇଥିବାରୁ ଚାରିପଟୁ ଲୋକେ ବନ୍ଦୀ ଜୀବନଯାପନ କରୁଛନ୍ତି । ଗ୍ରାମରୁ ଅନ୍ୟତ୍ର ଯିବା ପାଇଁ ଏମସିଏଲ ରେଳ ଲାଇନ ତଳେ ଏକ ପୋଲ ତିଆରି କରିଛି । ବର୍ତ୍ତମାନ ବର୍ଷା ଦିନେ ସେଥିରେ ତିନି ଫୁଟ ଉଚ୍ଚର ପାଣି ଭର୍ତ୍ତି ହୋଇ ରହିଛି। ରାସ୍ତାର ତଳେ ପାଣିଥିବା ବେଳେ ଉପରେ ରେଳ ଲାଇନ ପାର କରିବାକୁ ପଡିଥାଏ । ଏପରିକି ଲୋକେ ପାଣିରେ ନ ଯାଇ ଲାଇନ ଉପରେ ଦେଇ ଗାଡି ମଟର ସାଇକେଲ ମଧ୍ୟ ବିପଦ ସଂକୁଳ ଅବସ୍ଥାରେ ନେବା ଆସିବା କରୁଛନ୍ତି । ସ୍କୁଲ, କଲେଜ ଯାଉଥିବା ଛାତ୍ରୀଛାତ୍ର ମଧ୍ୟ ରେଳଧାରଣ ପାର ହୋଇ ଯିବା ଆସିବା କରୁଛନ୍ତି । ତେଣୁ ଏହାର ପ୍ରତିକାର ପାଇଁ ଲୋକ ଦାବି କରୁଛନ୍ତି।



ରେଳ ପୋଲ ତଳେ ଥିବା ରାସ୍ତା।



ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ମୋବାଇଲ ଚୋରି, ଜଣେ ଗିରଫ

ସମ୍ବଲପୁର,୨୨।୬(ବ୍ୟୁରୋ)
ସମ୍ବଲପୁର ଅଇଁଠାପାଲି ଥାନା ଅନୁଗୁଳିଆ ପଡ଼ାର ତୃପ୍ତି ଦାଶଙ୍କ ମୋବାଇଲ ଫୋନ୍ ଗତ ମେ' ୨୯ ତାରିଖରେ ଚୋରି ହୋଇଥିଲା। ମୋବାଇଲ ଚୋରି କରିଥିବା ଅଭିଯୋଗରେ ଶନିବାର ପୋଲିସ ମୋତିଝରନର ମହମ୍ମଦ ଇର୍ଫାନ (୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଆଇପିସି ଦଫା ୩୯୨ରେ ଏକ ମାମଲା ( ନଂ. ୨୧୦/୧୯) ରୁଜୁ କରାଯାଇଛି। ଅଭିଯୁକ୍ତଙ୍କଠାରୁ ମୋବାଇଲ ଫୋନ ଓ ଏକ ନମ୍ବରବିହୀନ ସ୍କୁଟି ଜବତ କରାଯାଇଛି।

### ଦୁର୍ଘଟଣାଗ୍ରସ୍ତ ଗାଡ଼ିରୁ ଫଳ ଚୋରି: ୧୧ ଗିରଫ

ସମ୍ବଲପୁର,୨୨।୬(ବ୍ୟୁରୋ)
ସମ୍ବଲପୁର ସଦର ଥାନା ଅନ୍ତର୍ଗତ ପଡ଼ିଆବାହାଲ ନିକଟରେ ଫଳ ବୋଝେଇ ଗାଡ଼ି ଭାରସାମ୍ୟ ହରାଇ ଗୁରୁବାର ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ପରେ ଲୋକେ ଟ୍ରକରେ ଥିବା ଡାଳିମ୍ବ ଓ ଅଙ୍ଗୁର ଚୋରିକରି ନେଇଯାଇଥିଲେ। ପୋଲିସ ଏ ନେଇ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିଲା। ଶନିବାର ପୋଲିସ ଫଳ ଚୋରି ଅଭିଯୋଗରେ ୧୧ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଡ଼ିଆବାହାଲ ବେତ୍ରାପଡ଼ାର କୁନୁ ନାୟକ, କିଶୋର ନାୟକ, ଆକାଶ ପଧାନ, ଅଲେଖ ହରି, ବିର୍ବଞ୍ଚ ନାୟକ, ପଡ଼ିଆବାହାଲର ଅମିତ ବାଗ, ବଡ଼ତୁରୁମ ଗ୍ରାମର ଭକ୍ତରାମ ସାହୁ, ନରେନ୍ଦ୍ର ମେହେର, ପ୍ରଶାନ୍ତ ରଣା, ମହୁଲପଡ଼ାର ସବଦୁଲ ଶେଖ ଓ ଅନନ୍ତ ସୁନାକାଠି। ଏମାନଙ୍କଠାରୁ ପୋଲିସ ୨୦ ପ୍ୟାକେଟ ଡାଳିମ୍ବ ଓ ଏକ ପ୍ୟାକେଟ ଅଙ୍ଗୁର ଜବତ କରିଛି। ଏ ନେଇ ଦଫା ୩୭୯, ୩୪ରେ ଆଇପିସିରେ ଏକ ମାମଲା (ନଂ. ୧୨୪/୧୯) ରୁଜୁ କରାଯାଇଛି।

# ଡ୍ରେନ୍ ତଳ ପାଇପ୍‌ରେ ରବର ବାନ୍ଧି ମରାମତି

ହୀରାକୁଦ,୨୨।୬(ଡି.ଏନ୍.ଏ.)

ହୀରାକୁଦ ଜନସ୍ୱାସ୍ଥ୍ୟ ବିଭାଗରେ ଅମୃତ ଯୋଜନା ଜନସାଧାରଣଙ୍କ ପାଇଁ ଅପହଞ୍ଚ। ସବୁ କାମ ସରିଛି। କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ଲୋକଙ୍କୁ ପିଇବା ପାଣି ମିଳୁନାହିଁ। ଅନ୍ୟପକ୍ଷରେ ଦୀପତଳ ଆନ୍ଧାର ଭଳି ହୀରାକୁଦ ବନ୍ଧ ତଳେ ଗୋଜାତଳ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପାଖରେ ଡ୍ରେନ୍ ତଳ ଦେଇ ଯାଇଥିବା ପୁରୁଣା ପାଇପ୍ ଫାଟିଯାଇଥିବାରୁ ଏହାକୁ ରବର ବାନ୍ଧି ମରାମତି କରାଯାଇଛି। ଦୀର୍ଘଦିନ ତଳେ ମହାନଗର ନିଗମ ସଫେଇ କର୍ମଚାରୀ ଡ୍ରେନ୍ ସଫା କଲାବେଳେ ପାଇପ୍ ଫାଟିଯାଉଥିଲା। ହେଲେ ଏହାର



ଡ୍ରେନ୍ ଦେଇ ଯାଇଥିବା ପାଇପ୍ ଫାଟିଥିବାରୁ ଏଥିରେ ରବର ବନ୍ଧାଯାଇଛି।

ସ୍ଥାୟୀ ମରାମତି କରାଯାଉ ନାହିଁ। ରବର ଦ୍ୱାରା ପାଇପ୍‌କୁ ବାନ୍ଧି ଦିଆଯାଇ କାମ ଚଳାଇ ଦିଆଯାଇଛି। ଫଳରେ ଉକ୍ତ ସ୍ଥାନରେ ଡ୍ରେନ୍‌ର ଆବର୍ଜନା ପାଣି ପିଇବା ପାଣି ସହ ମିଶୁଥିବା ଆଶଙ୍କା କରାଯାଉଛି। ସେପଟେ ଗୋଜାତଳ ଗ୍ରାମର ସୁନୀତା ଗୁରୁ ଏବେ ଜଣ୍ଡିସରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ଅକ୍ଷୟ ଭୂଆଁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାର ମରାମତି ପାଇଁ ସେ ତୁରନ୍ତ ନୂତନ ପାଇ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ହୀରାକୁଦରରେ ଏପର୍ଯ୍ୟନ୍ତ ଅମୃତ ଯୋଜନା କାର୍ଯ୍ୟକାରୀ ହେଉ ନ ଥିବାରୁ ସହର ତମାମ ପୁରୁଣା ପାଇପରେ ଜଳ ଯୋଗାଣ ହେଉଛି। ସବୁ ସ୍ଥାନରେ ଏଭଳି ଅବସ୍ଥା ଲାଗି ରହିଥିବାରୁ ମଇଳା ପାଣି ଯୋଗାଇ ଦିଆଯାଉଛି। ଅନ୍ୟପକ୍ଷରେ ବେଆଇନ ପାଇପ୍ ସଂଯୋଗ ଯୋଗୁ ବିଭିନ୍ନ ସ୍ଥାନରେ ପାଇପ୍ ଫାଟି ରାସ୍ତା ଖରାପ ହେଉଥିବା ସତ୍ତ୍ୱେ ଜନସ୍ୱାସ୍ଥ୍ୟ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଏଭଳି ସ୍ଥିତି ଲାଗି ରହିଲେ ହୀରାକୁଦ ସହରରେ ଜଣ୍ଡିସର ପ୍ରକୋପ ବଢ଼ିଯିବା ଆଶଙ୍କା ରହିଛି।

## ପାନ୍ଥନିବାସରେ ନାଗରିକ ସମ୍ବର୍ଦ୍ଧନା



ସମ୍ବଲପୁର ପାନ୍ଥନିବାସରେ ଏମ୍‌ପି ନିତେଶ ଗଙ୍ଗଦେବଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ସମ୍ବଲପୁର,୨୨।୬(ବ୍ୟୁରୋ)

ପଶ୍ଚିମାଞ୍ଚଳ ପିପୁଲ୍ସ ଫୋରମ୍ ଓ ସମ୍ବଲପୁର ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶନିବାର ପାନ୍ଥନିବାସ ସଭାକକ୍ଷରେ ନାଗରିକ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଛି। ଶିକ୍ଷାବିତ୍ ଭକ୍ତପ୍ରସାଦ ନନ୍ଦଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବଙ୍କୁ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମା' ସମଲେଶ୍ୱରୀଙ୍କ ପ୍ରତିଛବି ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପଶ୍ଚିମାଞ୍ଚଳ ପିପୁଲ୍ସ ଫୋରମ ଆବାହକ ସପନ ମିଶ୍ର ସଭା ସଂଯୋଜନା କରିଥିଲେ। ଅବିନାଶ ତିୱାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ବଲପୁର ଲୋକ ସଭା କ୍ଷେତ୍ରର ବିକାଶ ଦିଗରେ ଗୁରୁତ୍ୱ ଦିଆଯିବ। ଲୋକଙ୍କୁ ସୁବିଧା ଯୋଗାଇ ଦେବାକୁ ସେ ଗୁରୁତ୍ୱ ଦେବେ ବୋଲି ଏହି ଅବସରରେ ଏମ୍‌ପି ଗଙ୍ଗଦେବ କହିଥିଲେ। ଏଥିରେ ସମ୍ବଲପୁର ଭାଜପା ଲୋକ ସଭା ପ୍ରଭାରୀ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ବରିଷ୍ଠ ଆଇନଜୀବୀ ଗୋବିନ୍ଦନାରାୟଣ ଅଗ୍ରୱାଲ, ନୃତ୍ୟଗୁରୁ ଆଲୋକ କୁମାର ପଣ୍ଡା, ସମ୍ବଲପୁରୀ ନୃତ୍ୟଶିଳ୍ପୀ ଚୁମକି ବୈଠାରୁ, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, କୃଷକ ନେତା ଶଶିଭୂଷଣ ତ୍ରିପାଠୀ, ସଦାନନ୍ଦ ପଣ୍ଡା ପ୍ରମୁଖ ସାମିଲ ଥିଲେ।

# ଜାମଟାଲ ଗ୍ରାମରେ ଜଳକଷ୍ଟ ଦୂରୀକରଣ ଦାବି

ସମ୍ବଲପୁର,୨୨।୬(ବ୍ୟୁରୋ)
ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଝାଙ୍କରପାଲି ପଞ୍ଚାୟତ ଜାମଟାଲ ଗ୍ରାମରେ ଜଳକଷ୍ଟ ରହିଛି। ଏହାର ସମାଧାନ ଲାଗି ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ ମଧ୍ୟ କୌଣସି ପ୍ରତିକାର ହୋଇନାହିଁ। ଶନିବାର ସମ୍ବଲପୁର ବିଡ଼ି ଶ୍ରମିକ ୟୁନିୟନ ପକ୍ଷରୁ ଜଳକଷ୍ଟ ଦୂରୀକରଣ ଦାବିରେ ଆର୍‌ଡିସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନାରୀସେବା ସଦନ ପଡ଼ିଆରୁ ବିକ୍ଷୋଭ ଶୋଭାଯାତ୍ରା ବାହାରିଥିଲା। ମଧ୍ୟାହ୍ନରେ ଶୋଭାଯାତ୍ରା ଆର୍‌ଡିସି ଅଫିସ ସମ୍ମୁଖରେ ପହଞ୍ଚିବା ପରେ ବିକ୍ଷୋଭ ସଭା ହୋଇଥିଲା। ପରେ ଆର୍‌ଡିସି ସଚିବ ରାଜେନ୍ଦ୍ର ମୁଣ୍ଡଙ୍କୁ ପ୍ରତିନିଧି ଦଳ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ ଏହି ଗ୍ରାମରେ ପ୍ରାୟ ୧୧ ଶହ ଜନସାଧାରଣ ବସବାସ କରନ୍ତି। ୩ଟି ନଳକୂପ ମଧ୍ୟରୁ ୨ଟି ଅଚଳ। ଗୋଟିଏ ନଳକୂପର ପାଣି ଜନସାଧାରଣଙ୍କୁ ନିଅଣ୍ଟ ହେଉଛି। ତେଣୁ ଗ୍ରାମବାସୀ ପାଣି ପାଇଁ ଡହଳବିକଳ



ସମ୍ବଲପୁର ଆର୍‌ଡିସି ଅଫିସ ସମ୍ମୁଖରେ ଶ୍ରମିକ ନେତା କ୍ଷୀରୋଦ କୁମାର ସିଂଦେଓ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ହେଉଛନ୍ତି। ମୁଖ୍ୟତଃ ଗ୍ରାମର ମହିଳା, ପୁରୁଷମାନେ ବିଡ଼ି ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରିଥାନ୍ତି। ହେଲେ ବିଡ଼ି ତିଆରି କରିବାର ଉପଯୁକ୍ତ ପ୍ରାପ୍ୟ ସେମାନଙ୍କୁ ମିଳୁ ନ ଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିରେ ସର୍ବଭାରତୀୟ ବିଡ଼ି ଓ ସିଗାର ସଂଘ ସଭାପତି କାରୱାରି ଉଗୁଲେ, ସହ ସାଧାରଣ ସମ୍ପାଦକ ଦିବାକର ନୱାବ, ଯୁଗ୍ମ ସମ୍ପାଦକ ଶଙ୍କର ପିଲାଇ, ସମ୍ପାଦିକା ସରୋଜିନୀ ଆଚାର୍ଯ୍ୟ, ମିତ୍ରଭାନୁ ପୋଢ଼, କ୍ଷୀରୋଦ କୁମାର ସିଂଦେଓ ପ୍ରମୁଖ ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଓଡ଼ିଶା ଆଦିବାସୀ ଦଳିତ ସେନାର ବୈଠକ

ସମ୍ବଲପୁର,୨୨।୬(ବ୍ୟୁରୋ)
ଓଡ଼ିଶା ଆଦିବାସୀ ଦଳିତ ସେନାର ବୈଠକ ଶନିବାର ରାତିରେ ଅନୁଷ୍ଠିତ ହୋଇଛି। ସମ୍ବଲପୁର, ବୁର୍ଲା, ହୀରାକୁଦ ତଳି ଅଞ୍ଚଳରେ ବସବାସ କରୁଥିବା ଗରିବ ଦଳିତଙ୍କୁ ସ୍ଥାୟୀ ଜମିପଟ୍ଟା ପ୍ରଦାନ କରାଯିବା ନେଇ ଆଲୋଚନା କରାଯାଇଥିଲା। ସଭାପତି ପ୍ରଶାନ୍ତ କୁମାର ହାଓ ବୈଠକରେ ଅଧ୍ୟକ୍ଷତା କରିଥିବାବେଳେ ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମୁଣ୍ଡା ସୂଚନା ପ୍ରଦାନ କରିଥିଲେ।

## ସମ୍ବଲପୁରକୁ ନୋଡାଲ ସେଣ୍ଟର ଆଣିବା ସ୍ୱାଗତଯୋଗ୍ୟ

ସମ୍ବଲପୁର,୨୨।୬(ବ୍ୟୁରୋ)
ଅନୁଗୋଳରୁ ସମ୍ବଲପୁରକୁ ଏମ୍‌ପି ଲ୍ୟାଡ୍ ନୋଡାଲ ସେଣ୍ଟର ଆଣିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏ ଦିଗରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବଙ୍କ କାର୍ଯ୍ୟ ପ୍ରଶଂସନୀୟ। ସମ୍ବଲପୁର ଜିଲାପାଳ ମଧ୍ୟ ଏ ଦିଗରେ ଶୀଘ୍ର ପଦକ୍ଷେପ ନେବା ଆବଶ୍ୟକତା ରହିଛି ବୋଲି ଶ୍ରମିକ ନେତା ରତିକାନ୍ତ ମହାନ୍ତି ଶନିବାର ଏକ ପ୍ରେସ ବିବୃତିରେ କହିଛନ୍ତି।

## ତହସିଲ ପକ୍ଷରୁ ଘରଡିହ ପଟ୍ଟା ବଣ୍ଟନ

ଜମନକିରା,୨୨।୬(ଡି.ଏନ୍.ଏ.)
ସମ୍ବଲପୁର ଜିଲା ଜମନକିରା ତହସିଲ ପକ୍ଷରୁ ଶନିବାର ଗୁଣ୍ଡୁରୁଟୁଆଁ ଓ ଫାଶିମାଲ ରାଜସ୍ୱ ସର୍କଲ ଅନ୍ତର୍ଗତ ହିତାଧିକାରୀଙ୍କୁ ଘରଡିହ ପଟ୍ଟା ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଯୋଗଦେଇ ୪୧ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜମନକିରା ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ନାଏକ ଓ ଫାଶିମାଲ ସରପଞ୍ଚ ସୁଶାନ୍ତ କୁମୁରା ଯୋଗଦେଇଥିଲେ। ତହସିଲଦାର ଡ. ସୌମ୍ୟରୂପା ରଥଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତହସିଲ ସମେତ ଫାଶିମାଲ ଓ ଗୁଣ୍ଡୁରୁଟୁଆଁ ଆର୍‌ଆଇ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବିକାଶରେ ସମ୍ବର୍ଦ୍ଧନା ସମାରୋହ

ସମ୍ବଲପୁର,୨୨।୬(ବ୍ୟୁରୋ)
ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ କ୍ୟାମ୍ପସ ପରିସରରେ ଶନିବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ସିବିଏସ୍‌ଇ ଓ ସିଏଚ୍‌ଏସ୍‌ଇ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ଅଧ୍ୟକ୍ଷ ଡି. ମୁରଲୀକୃଷ୍ଣ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ସଫଳତା ଜୀବନର ଶେଷ ସଫଳତା ନୁହେଁ। ଆଗକୁ ବହୁ ଲମ୍ବା ରାସ୍ତା ରହିଛି। ସେଥିପ୍ରତି ଛାତ୍ରୀଛାତ୍ରମାନେ ଦୃଷ୍ଟି ଦେବାକୁ ସେ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି. ଭାସ୍କର ରାଓ, ପ୍ରଶାସନିକ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ, ନିର୍ଦ୍ଦେଶକ ସମରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର, ସ୍କୁଲ ଅଧ୍ୟକ୍ଷ, ଶିକ୍ଷକ ଓ ଅଭିଭାବିକା, ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିକାଶ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ଡ. ବିଜୟ ଚନ୍ଦ୍ର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସେହିପରି ବିକାଶ ଉଚ୍ଚତର ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାରେ ସଫଳତା ହାସଲ କରିଥିବା ପଲ୍ଲବୀ ମାଝି, ତେଜସ୍ୱିନୀ ବେହେରା, ପୂଜା ଅଗ୍ରୱାଲ, ବାଣିଜ୍ୟର ବିଭା ଚଣ୍ଡାକ, ଆଦର୍ଶ ବେହେରା, ଲିପ୍ସାରାଣୀ ବୁଢ଼ା, ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବିକାଶ କୁମାର ନାୟକ, ଚେତନ ଦେବ ମସ୍କର, ସ୍ନେହା ଦେ, ଅଭିଳାଷ ପଟେଲ, ପୁଲକ୍ଷୀତ ଅଗ୍ରୱାଲ, ଆଶିଷ ସୁନାନୀ, ମାସୁମ କୁମାର ଚୌଧୁରୀ, ଆୟୁଷ୍ମାନ ବଂଶଲ, ଆର୍ଯ୍ୟପ୍ରଭା ଦେହୁରୀ, ସମ୍ବିତ ପ୍ରସାଦ ଦାଶ, ବିନୟକୃଷ୍ଣ ତ୍ରିପାଠୀ, ଉଦୟ ସିଂ ଚୌହାନ, ଅର୍ପିତଂ ସାହା, ଚନ୍ଦନ ଲେଙ୍କା, ଦ୍ରିଷ୍ଟି ପଟେଲ, ମହମ୍ମଦ ମେହେଦି ହୁସେନ, ବିଶ୍ୱଜିତ ପଟେଲଙ୍କ ସମେତ ୨୦୧୯ ଜେଇଇ ମେନ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଶିବ ପଣ୍ଡା, ନୟନ ଡୁଙ୍ଗଡୁଙ୍ଗ, ସାଗରିକା ମରେଇ, ଅରୁଣ କୁମାର ମାଝି, ଶୁଭ୍ରାଂଶୁ ଭୋଇ, ଲିପୁନ କୁମାର ବେରିହା, ଅଂଶୁମାନ ଦେଉରିଆ, ଓମ୍‌ପ୍ରକାଶ ବାଗ, ବିଭୁପ୍ରସାଦ ସାହୁ, ରାଜନନ୍ଦନ ମିଶ୍ର, ସ୍ୱାଗତ ଶେଖର ସେଟଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସିଏଚ୍‌ଏସ୍‌ଇ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବିକାଶ ଫାଷ୍ଟ ଷ୍ଟେପ୍ ପ୍ରଧାନ ଶିକ୍ଷୟିତ୍ରୀ ଭି. ଶୈଳଜା ପାଢ଼ୀ, ବିକାଶ କନସେପ୍ଟ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସେଲି ପାଢ଼ୀ ଉତ୍ସବ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।





ବିକାଶ ସ୍କୁଲ ପରିସରରେ କୃତୀ ଛାତ୍ରୀଙ୍କୁ ଅଧ୍ୟକ୍ଷ ଡି. ମୁରଲୀକ୍ରିଷ୍ଣା ସମ୍ବର୍ଦ୍ଧିତ କରୁଛନ୍ତି।

# ଆଇନସେବା ପ୍ରାଧିକରଣର ପ୍ରଶିକ୍ଷଣ ଶିବିର

ସମ୍ବଲପୁର,୨୨।୬(ବ୍ୟୁରୋ)

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରଶିକ୍ଷଣ ଶିବିର ଶନିବାର ବିକଳ୍ପ ବିବାଦ ସମାଧାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ଜିଲା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅଳୟ ରଞ୍ଜନ ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ସ୍ୱେଚ୍ଛାସେବୀମାନଙ୍କ କର୍ତ୍ତବ୍ୟ ଓ କେତେକ ଆଇନ ସମ୍ପର୍କରେ ସେ ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସନ୍ତୋଷ କୁମାର ଜେନା, ପରିବାର ଅଦାଲତ ଜଜ୍ ଅନୁପ କୁମାର ଚନ୍ଦନ, ପ୍ରଥମ ଅତିରିକ୍ତ ଜଜ୍ ଆନନ୍ଦ ନାରାୟଣ ମହାରଣା, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିଲେଖା ବାରିକ, ସିନିୟର ସିଭିଲ ଜଜ୍ ସଙ୍ଗୀତା ପାଣି, ରେଜିଷ୍ଟ୍ରାର ବିବସ୍ୱତ ଗୌତମ, ଅତିରିକ୍ତ ସିନିୟର ସିଭିଲ ଜଜ୍ ସୁଦିପ୍ତ କୁମାର ଦାଶ, ସବ୍‌ଡିଭିଜିନାଲ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ୱପ୍ନସାଗରିକା ମିଶ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଭିନନ୍ଦନ ନନ୍ଦ, ଜିଲା ଶ୍ରମ ଅଧିକାରୀ ସୁମିତ୍ରା ମାଝି ଯୋଗଦେଇ ପାରାଲିଗାଲ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରାଧିକରଣ ସଚିବ ଲିଲି ସେନାପତିଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା।



ସମ୍ବଲପୁର ବିକଳ୍ପ ସମାଧାନ କେନ୍ଦ୍ରରେ ପାରାଲିଗାଲ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।



ବେଦାନ୍ତ କମ୍ପାନୀ ପକ୍ଷରୁ ଡଷ୍ଟବିନ୍ ବଣ୍ଟନ କରାଯାଉଛି।

## ବେଦାନ୍ତ ପକ୍ଷରୁ ଡଷ୍ଟବିନ୍ ବଣ୍ଟନ

ସମ୍ବଲପୁର/ଝାରସୁଗୁଡ଼ା ଅଫିସ,୨୨।୬(ବ୍ୟୁରୋ)

ବେଦାନ୍ତ କମ୍ପାନୀ ପକ୍ଷରୁ ଝାରସୁଗୁଡ଼ା ସୁନାରୀମୁଣ୍ଡାରେ ଡଷ୍ଟବିନ୍ ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି ଅବସରରେ କମ୍ପାନୀ ଅଧିକାରୀମାନେ ଶହେ ଡଷ୍ଟବିନ୍ ବଣ୍ଟନ କରିଥିଲେ। ଏଥିସହ ପୌର ପରିଷଦକୁ ୫ ହଜାର ଡଷ୍ଟବିନ୍ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ଝାରସୁଗୁଡ଼ା ପୌର ପରିଷଦ ସମ୍ପୂର୍ଣ୍ଣ ପରିମଳ ଓ ସୁସ୍ଥ ହୋଇପାରିବ। ପ୍ରତିଟି ପରିବାରକୁ ୨ଟି ଡଷ୍ଟବିନ୍ ପ୍ରଦାନ କରାଯାଇଛି। ନୀଳ ଓ ସବୁଜ ରଙ୍ଗର ଡଷ୍ଟବିନରେ ଯଥାକ୍ରମେ ଶୁଖିଲା ଏବଂ ଓଦା ବର୍ଜ୍ୟବସ୍ତୁ ପୃଥକ ଭାବେ ରଖାଯାଇ ପାରିବ। ପୌର ପରିଷଦ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ସତ୍ୟନାରାୟଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବେଦାନ୍ତ ସିଏସ୍‌ଆର୍ ମୁଖ୍ୟ ସୁନ୍ଦରରାଜ କହିଛନ୍ତି ଯେ ଝାରସୁଗୁଡ଼ା ଉନ୍ନତି ଦିଗରେ କମ୍ପାନୀ ସର୍ବଦା ଗୁରୁତ୍ୱ ଦେଇ ଆସିଛି। ଏହି ଡଷ୍ଟବିନ୍ ବଣ୍ଟନ ଦ୍ୱାରା ପରିମଳ ସୁଧାର ହୋଇପାରିବ।

# ରେଢ଼ାଖୋଲ ପଞ୍ଚାୟତ ସମିତି ବୈଠକ

ରେଢ଼ାଖୋଲ,୨୨।୬(ଡି.ଏନ୍.ଏ.)

ରେଢ଼ାଖୋଲ ପଞ୍ଚାୟତ ସମିତିର ସାଧାରଣ ବୈଠକ ଶନିବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା କବିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ଇଂ ରୋହିତ ପୂଜାରୀ ଯୋଗଦେଇଥିଲେ। ବୈଠକରେ ରାସ୍ତାଘାଟ, ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ କୃଷି, ଜଙ୍ଗଲ ଓ ପରିବେଶ ବିଭାଗର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ବଡ଼ମାଳ ଓ ଲୁହାପଙ୍କ ପଞ୍ଚାୟତରେ ପାନୀୟଜଳ ଅଭାବ ନେଇ ସରପଞ୍ଚମାନେ ଆଲୋଚନା କରିଥିଲେ। କଦଳୀଗଡ଼ ଓ ବଡ଼ମାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେବ ଡାକ୍ତର ନ ଥିବା ନେଇ ବିଧାୟକଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ପାନୀୟଜଳ, ଶିକ୍ଷା ଓ



ରେଢ଼ାଖୋଲ ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

କୃଷି ସହ ସରକାରଙ୍କ ବିଭିନ୍ନ ଯୋଜନା କିପରି ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ ସେ ନେଇ ବିଧାୟକ ପଞ୍ଚାୟତ ପ୍ରତିନିଧି ଓ ସରକାରୀ ଅଧିକାରୀମାନଙ୍କୁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକର ବିଡିଓ ପରୀକ୍ଷିତ ସାହୁ, ଏବିଡିଓ ସହଦେବ ନନ୍ଦଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

## ସାହିତ୍ୟ ପତ୍ରିକା ଭୂମାଶ୍ରୀ ଉନ୍ମୋଚିତ

ସମ୍ବଲପୁର,୨୨।୬(ବ୍ୟୁରୋ)
ସାହିତ୍ୟ ପତ୍ରିକା ଭୂମାଶ୍ରୀର ତୃତୀୟ ବର୍ଷ ପ୍ରଥମ ସଂଖ୍ୟା ଶନିବାର ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ସଭାକକ୍ଷରେ ଉନ୍ମୋଚିତ ହୋଇଛି। ଆୟୋଜକ ବସୁମତୀ ସାହିତ୍ୟ ସଂସଦ ସଭାପତି ପ୍ରଫେସର କୁମୁଦରଞ୍ଜନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି, ପ୍ରଫେସର ମୀନକେତନ ପୁରୋହିତ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅତନୁ କୁମାର ପତି ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ଭୂମାଶ୍ରୀ ମୁଖ୍ୟ ସମ୍ପାଦକ ସୌଭାଗ୍ୟବନ୍ଧ ମହାରଣା ସୂଚନା ପ୍ରଦାନ କରିଥିଲେ। ଡା. ଗୁଣସାଗର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। କବୟିତ୍ରୀ ମିନୁ ହୋତା, କବି ଡ. ପ୍ରଦୀପ କୁମାର ପଣ୍ଡା, ଡ. ମୀନକେତନ ପାଠୀ କବିତା ପାଠ କରିଥିଲେ। ସମ୍ବଲପୁର, ବୁର୍ଲା, ହୀରାକୁଦ ଓ ବରଗଡ଼ ଅଞ୍ଚଳର କବି ଓ ସାହିତ୍ୟକମାନେ ଯୋଗଦେଇଥିଲେ।

# ନାବାଳିକାଙ୍କୁ ସିନ୍ଦୂର ପିନ୍ଧାଇ ୪ ଗିରଫ

କୁଳିଅଣା, ୨୨।୬ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅନ୍ତର୍ଗତ କେଉଟୁଣୀମାରି ପଞ୍ଚାୟତ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳ ପୂର୍ବକ ବିବାହ କରିବା ଲାଗି ତାଙ୍କ ମଥାରେ ସିନ୍ଦୂର ଲଗାଇବା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କର ୩ ସହଯୋଗୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୩ ବାଇକ ଜବତ ହୋଇଛି। ଗିରଫ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଛି। ବାରିପଦା ମାଜିଷ୍ଟ୍ରେଟଙ୍କ ନିକଟରେ ୧୬୪ ଧାରାରେ ସମ୍ପୃକ୍ତ ନାବାଳିକାଙ୍କ ବୟାନ ରେକର୍ଡ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ହିନ୍ଦୁ ମାରାଣ୍ଡି (୨୦), ଚନ୍ଦନ ମାରାଣ୍ଡି ( ୩୨), ଶିବୁ ହେମ୍ବ୍ରମ୍ (୩୦) ଓ ଘନଶ୍ୟାମ ହେମ୍ବ୍ରମ୍ (୩୦)।

ପୋଲିସ ସୂଚନା ଅନୁଯାୟୀ ନାବାଳିକାଙ୍କ ମଥାରେ ସିନ୍ଦୂର ପିନ୍ଧାଇଥିବା ମୁଖ୍ୟ ଅଭିଯୁକ୍ତ ହିନ୍ଦୁ ମାରାଣ୍ଡିଙ୍କ ଘର କପ୍ତିପଦା ଥାନା ନୋଦାମ ଗ୍ରାମରେ। ୨୧ ତାରିଖ ରାତିରେ ହିନ୍ଦୁ ତାଙ୍କ ବଡଭାଇ ଚନ୍ଦନ ଓ ଅନ୍ୟ ୨ ସହଯୋଗୀଙ୍କୁ ସାଥୀରେ ଧରି ୩ଟି ବାଇକ୍ ଯୋଗେ ଏହି ନାବାଳିକାଙ୍କ ଗାଁକୁ ଯାଇଥିଲେ। ସେଠାରେ ହିନ୍ଦୁ ନାବାଳିକାଙ୍କ ମଥାରେ ସିନ୍ଦୂର ପିନ୍ଧାଇବା ବେଳେ ଅନ୍ୟ ୩ ଜଣ ତାଙ୍କୁ ସହଯୋଗ କରି ସେଠାରୁ ନାବାଳିକାଙ୍କୁ ନେଇ ଯିବାକୁ ଉଦ୍ୟମ କରିଥିଲେ। ନାବାଳିକାଙ୍କ ମା' ପାଟି କରିବାରୁ ଅନ୍ୟ ଗ୍ରାମବାସୀ ଆସି ଏହି ୪ ଯୁବକଙ୍କୁ କାବୁ କରି ନେଇଥିଲେ। ଖବର ପାଇ ପୋଲିସ ଗାଁରେ ପହଞ୍ଚି ୪ ଯୁବକଙ୍କୁ ଥାନାକୁ ଆଣିବା ସହିତ ୩ ବାଇକ୍‌କୁ ଜବତ କରିଥିଲା। ଏ ନେଇ ଅଧିକ ତଦନ୍ତ କରାଯିବା ପରେ ଥାନାରେ ଏକ ମାମଲା ( ନଂ.୨୮/୧୯) ରୁଜୁ କରି ୪ ଯୁବକଙ୍କୁ ପୋଲିସ ଗିରଫ କରିଛି। ହିନ୍ଦୁ , ଚନ୍ଦନ ଓ ଶିବୁଙ୍କ ଘର କପ୍ତିପଦା ଥାନା ନୋଦାମ ଗ୍ରାମରେ ହୋଇଥିବା ବେଳେ ଘନଶ୍ୟାମଙ୍କ ଘର ଉଦଳା ଥାନା କୁଣ୍ଡାବାଇ ଗ୍ରାମରେ ବୋଲି ପୋଲିସ କହିଛି। ଚାନ୍ଦୁଆ ଥାନା ଅଧିକାରୀ ଛୁଟିରେ ଥିବାରୁ ଶୂଳିଆପଦା ଥାନା ଅଧିକାରୀ କେ.ସି. ଜାନି ଘଟଣାର ତଦନ୍ତ କରୁଛନ୍ତି।

■ ପାକିସ୍ତାନକୁ ଚେତାଇଲା ଭାରତ

# ଆତଙ୍କବାଦ ବିରୋଧରେ ଶକ୍ତ ହୁଅ

ନୂଆଦିଲ୍ଲୀ,୨୨।୬(ପି.ଟି.)


ରବୀଶ କୁମାର

ପାକିସ୍ତାନ ଆତଙ୍କବାଦ ବିରୋଧରେ ଶକ୍ତହୋଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରତ କହିଛି। ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଓ ସେମାନଙ୍କୁ ନିଜ ମାଟିରେ ପ୍ରୋତ୍ସାହନ ଦେବା ବନ୍ଦ ନ କଲେ ପରିଣାମ ଭୟାବହ ହେବ ବୋଲି ଭାରତ ଚେତାଇ ଦେଇଛି। ଏଫ୍ଏଟିଏଫ୍ (ଫାଇନାନ୍ସିଆଲ ଆକ୍ସନ୍ ଟାସ୍କଫୋର୍ସ)ର ୨୭ ସୂତ୍ରୀ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ସହ ସେପ୍ଟେମ୍ବର ମାସ ସୁଦ୍ଧା ନିଜକୁ ଆତଙ୍କବାଦ ବିରୋଧୀ ଦେଶଭାବେ ପ୍ରମାଣିତ କରିବାକୁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର କହିଛନ୍ତି। ଆମେରିକାର ଫ୍ଲୋରିଡାରେ ଏଫ୍ଏଟିଏଫ୍‌ର ଶେଷ ହୋଇଥିବା ସପ୍ତାହବ୍ୟାପୀ ବୈଠକରେ ମଧ ପାକିସ୍ତାନକୁ ଚେତାବନୀ ଦିଆଯାଇ ଆତଙ୍କବାଦ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଆମେରିକା, ୟୁ.କେ., ଫ୍ରାନ୍ସ ଭଳି ଦେଶଗୁଡ଼ିକ ଆତଙ୍କବାଦୀ ହାଫିଜ୍ ସୟିଦ, ମାସୁଦ୍ ଆଝାର ବିରୋଧରେ ପାକିସ୍ତାନ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଓ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଥିବା ଆଦି ପ୍ରସଙ୍ଗ ଉଠାଇଥିଲେ। ଏବେ ପାକିସ୍ତାନକୁ 'ଗ୍ରେ ଲିଷ୍ଟ'ରେ ରଖାଯାଇଥିବାବେଳେ ସେପ୍ଟେମ୍ବର ସୁଦ୍ଧା ଏଲ୍ଇଟି, ଜେଇଏମ୍ ଓ ଅନ୍ୟ ଆତଙ୍କବାଦୀ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ଦେବା ବନ୍ଦ ନ କଲେ ଓ ଆତଙ୍କବାଦ ବିରୋଧରେ କଠୋର ପଦକ୍ଷେପ ନ ନେଲେ ବିଭିନ୍ନ ଆଡୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି କୁହାଯାଇଛି। ବିଭିନ୍ନ ଅନ୍ତର୍ଜାତୀୟ ସଙ୍ଗଠନରୁ ସହାୟତା ବନ୍ଦ କରାଯିବା ସହ ଆଇଏମ୍ଏଫ୍, ଡବ୍ଲ୍ୟୁବି,ଏଡିବି,ଇୟୁ ଆଦିରୁ ପାଉଥିବା ସହଯୋଗ ପାକିସ୍ତାନ ହରାଇବ ବୋଲି କୁହାଯାଇଛି।

ବିବାହ ଉତ୍ସବ ପାଲଟିଲା ଶୋକାକୁଳ ପରିବେଶ

# ପୋଖରୀରେ ବୁଡ଼ି ୨ ନାବାଳିକା ମୃତ

ରୂପ୍ସା/ବସ୍ତା, ୨୨।୬(ଡି.ଏନ.ଏ./ସ୍ୱ.ପ୍ର.)

ବାଲେଶ୍ୱର ଜିଲା ସଦର ବ୍ଲକ ଛାନୁଆ ପଞ୍ଚାୟତ ଅନ୍ତର୍ଗତ ସୋଲପଟା ବଗଚରା ଗ୍ରାମରେ ଶନିବାର ଏକ ବିବାହ ଭୋଜି ଧୁମ୍‌ଧାମ୍‌ରେ ଚାଲିଥିବା ବେଳେ ଘଟିଛି ଏକ ଦୁଃଖଦ ଘଟଣା। ଭୋଜିରେ ଯୋଗ ଦେବାକୁ ଆସିଥିବା ୨ ନାବାଳିକା ଘରପାଖ ପୋଖରୀରେ ବୁଡିଯିବାରୁ ସେମାନଙ୍କ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଖୁସିର ମାହୋଲ ପାଲଟିଯାଇଥିଲା ଶୋକାକୁଳ ପରିବେଶ। ୨ ଝିଅଙ୍କୁ ହରାଇ ପରିବାର ଲୋକଙ୍କ ସହ ବନ୍ଧୁବାନ୍ଧବ ଦୁଃଖରେ ଭାଙ୍ଗିପଡିଛନ୍ତି।

ବଗଚରା ଗ୍ରାମର ମୃତ୍ୟୁଞ୍ଜୟ ପ୍ରମାଣିକଙ୍କ ପୁଅ ଦେବୀଶଙ୍କରଙ୍କ ଶୁକ୍ରବାର ବିବାହ ଅନୁଷ୍ଠିତ ହୋଇଥିଲା। ଶନିବାର ଥିଲା ଭୋଜି। ବନ୍ଧୁବାନ୍ଧବ, ଦୂରସମ୍ପର୍କୀୟ ଓ ପରିବାରବର୍ଗ ସମସ୍ତେ ଏକାଠି ହୋଇଥିଲେ। ଅପରାହ୍ଣ ପ୍ରାୟ ସାଢେ ଗୋଟାଏ ବେଳେ ବର୍ଷା ଛାଡ଼ି ଯିବା ପରେ ମୃତ୍ୟୁଞ୍ଜୟଙ୍କ ସମ୍ପର୍କୀୟ ୨ ନାତୁଣୀ ବର୍ଷା(୭) ଓ ଇତିଶ୍ରୀ(୬) ଘର ପାଖ ପୋଖରୀହୁଡ଼ାରେ ବୁଲୁଥିଲେ। ଅସାବଧାନତାବଶତଃ ସେମାନେ ପୋଖରୀ ପାଣିରେ ପଡ଼ିଯାଇଥିଲେ। ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ହେଲେ ସେତେବେଳକୁ ଉଭୟଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଡାକ୍ତର ନାବାଳିକାଦ୍ୱୟଙ୍କୁ ମୃତ ଘୋଷଣା କରିଥିଲେ। ବର୍ଷା ମୃତ୍ୟୁଞ୍ଜୟଙ୍କ ପୁତୁରା ଅନୁକୂଳ ପ୍ରମାଣିକଙ୍କ ଝିଅ ହୋଇଥିବା ବେଳେ ଇତିଶ୍ରୀ ମୃତ୍ୟୁଞ୍ଜୟଙ୍କ ଝିଆରୀଙ୍କ ଝିଅ ଅଟନ୍ତି। ଇତିଶ୍ରୀଙ୍କ ଘର ସିଂଲା ଥାନା ଆଲୁମେଦା ଗ୍ରାମରେ। ବସ୍ତା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।


# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼

## (ଭୂ-ଅର୍ଜନ ଉପବିଭାଗ)

No.VII-01

## ଅଧିସୂଚନା

ବିଜ୍ଞପ୍ତି ସଂଖ୍ୟା : ୪୨୫ ତାରିଖ : ୧୦.୦୫.୨୦୧୯, ସୁନ୍ଦରଗଡ

ଯହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବାଙ୍କିବାହାଲ ଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନିର୍ମାଣ ନିମନ୍ତେ ମୌଜା - ଅଁଳାବାହାଲ, ଥାନା - ଲେଫ୍ରିପଡା, ତହସିଲ - ଲେଫ୍ରିପଡା, ଜିଲ୍ଲା - ସୁନ୍ଦରଗଡରେ ନିମ୍ନ ତଫସିଲ ମତେ ପ୍ରାୟ ୨୨.୪୩ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ବାଙ୍କିବାହାଲ ଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ପୂର୍ତ୍ତ ବିଭାଗ, ସୁନ୍ଦରଗଡ
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବାଙ୍କିବାହାଲ ଠାରୁ ଭେଡାବାହାଲ ପର୍ଯ୍ୟନ୍ତ କୋଇଲା ପରିବହନ ପାଇଁ ସମର୍ପିତ ରାସ୍ତା ନିର୍ମାଣ ନିମନ୍ତେ ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଏଥିସହିତ ସଂଲଗ୍ନ କରାଗଲା।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପଜିଲ୍ଲାପାଳ, ସୁନ୍ଦରଗଡ।
୬. ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା (ଏକରରେ) | ରୟତ୍ଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ | ଲେଫ୍ରିପଡା | ଅଁଳାବାହାଲ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୨୨.୪୩ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମିମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ସ୍ୱା./- ଜିଲ୍ଲାପାଳ, ସୁନ୍ଦରଗଡ

## ସଂପୂର୍ଣ୍ଣ ଜମି ବିବରଣୀ

ଜିଲ୍ଲା : ସୁନ୍ଦରଗଡ, ତହସିଲ : ଲେଫ୍ରିପଡା, ଗ୍ରାମ- ଅଇଁଲାବାହାଲ

| କ୍ର. ନଂ | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା | ଖାତା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୪ | ୫୦୭ | ମାଲ ସାଧାରଣ | ୦.୨୧୦ | ୦.୦୪୦ | ଅନନ୍ତରାମ ପଟେଲ, ପି- ରଘୁନାଥ ପଯେଲ, ଜା- ଆଗ୍ରିଆ, ବା- ନିଜଗାଁ, ପଡା - ମଝାପଡା |
| | | ୯୬୧ | ଗୋଡା-୧ | ୧.୧୨୦ | ୦.୫୦୦ | |
| | | ୯୬୮ | ଗୋଡା -୧ | ୦.୦୮୦ | ୦.୦୨୦ | |
| | | ୧୯୯୧ | ମାଲ ସାଧାରଣ | ୦.୨୧୦ | ୦.୦୫୦ | |
| ୨ | ୧୨ | ୫୧୧ | ମାଲ ସାଧାରଣ | ୦.୦୩୦ | ୦.୦୩୦ | ଉଗ୍ରେସନ ରାଉତ, ପି- ବୁଧନ ରାଉତ, ଜା- ଗୌଡ, ବା- ନିଜଗାଁ |
| ୩ | ୧୩ | ୫୦୮ | ମାଲ ସାଧାରଣ | ୦.୨୭୦ | ୦.୦୭୦ | ଉପେନ୍ଦ୍ର ପଟେଲ, ଭରତ ଚନ୍ଦ୍ର ପଟେଲ, ଭୋଲାନାଥ ପଟେଲ, ବି- ବିଶ୍ୱମ୍ଭର ପଟେଲ, ଜା- ଆଗ୍ରିଆ, ବା- ନିଜଗାଁ |
| | | ୯୦୮ | ବଗାୟତ-୨ | ୦.୧୦୦ | ୦.୦୭୦ | |
| | | ୯୬୪ | ଗୋଡା-୧ | ୦.୫୧୦ | ୦.୨୮୦ | |
| | | ୯୫୯/ ୨୦୮୫ | ଗୋଡା-୧ | ୦.୨୬୦ | ୦.୨୦୦ | |
| | | ୯୦୫ | ଗୋଡା-୧ | ୦.୧୫୦ | ୦.୦୧୦ | |
| ୪ | ୩୭ | ୯୧୯ | ମାଲ ସାଧାରଣ | ୦.୧୫୦ | ୦.୦୩୦ | ଗୁରୁ ଚରଣ ମାଝୀ, ପି- ଅକୁର ମାଝୀ, ଜା- ଗଣ୍ଡ, ବା- ନିଜଗାଁ |
| | | ୯୫୮ | ଗୋଡା -୧ | ୦.୪୭୦ | ୦.୨୫୦ | |
| | | ୯୫୮/ ୨୩୧୦ | ଘରବାରୀ | ୦.୧୫୦ | ୦.୧୫୦ | |
| ୫ | ୩୯ | ୯୦୬ | ଘରବାରୀ | ୦.୨୦୦ | ୦.୧୨୦ | ଗୋବର୍ଦ୍ଧନ ପଟେଲ, ପି- ଧନୁର୍ଜୟ ପଟେଲ, ଗୁଲାବତୀ ପଟେଲ, ସ୍ୱା- ଧନର୍ଜୟ ପଟେଲ, ଜା - ଆଗ୍ରିଆ, ଦା- ନିଜଗାଁ |
| | | ୯୬୫ | ଗୋଡା-୧ | ୦.୩୬୦ | ୦.୨୩୦ | |
| | | ୯୦୧/୨୦୫୨ | ବଗାୟତ-୨ | ୦.୧୨୦ | ୦.୧୨୦ | |
| | | ୯୫୯/୨୦୮୪ | ଗୋଡା-୧ | ୦.୩୬୦ | ୦.୨୦୦ | |
| ୬ | ୪୦ | ୯୦୮/୨୦୫୩ | ରାସ୍ତା | ୦.୦୫୦ | ୦.୦୫୦ | ଗୋବର୍ଦ୍ଧନ ପଟେଲ, ରାଏମତି ପଟେଲ, ଦଏମତି ପଟେଲ, ଫୁଲମତି ପଟେଲ, ପି- ଧନୁର୍ଜୟ ପଟେଲ, ଗୁଲାବତୀ ପଟେଲ, ସ୍ୱା : ଧନୁର୍ଜୟ ପଟେଲ, ବନୁଧର ପଟେଲ, ପି- ଭଗବାନ ପଟେଲ, ଉପେନ୍ଦ୍ର ପଟେଲ, ଶିଶୁପାଳ ପଟେଲ, ଭୋଲାନାଥ ପଟେଲ, ପି- ବିଶ୍ୱମ୍ଭର ପଟେଲ, ଚନ୍ଦ୍ରାବତୀ ପଟେଲ, ସ୍ୱା- ବିଶ୍ୱମ୍ଭର ପଟେଲ, ଜା- ଆଗ୍ରିଆ, ବା- ନିଜଗାଁ, ପିଡା- ମଝାପଡା |
| ୭ | ୪୧ | ୫୧୩ | ମାଲ ସାଧାରଣ | ୦.୧୪୦ | ୦.୦୩୦ | ସୁକାନ୍ତି ସାହୁ, ସ୍ୱା: ଅଚୁତାନନ୍ଦ ସାହୁ, ଅମ୍ବିକା ସାହୁ, ଅସ୍ମିତା ସାହୁ, ପି- ଅଚୁତାନନ୍ଦ ସାହୁ, ଜା- ତେଲି, ବା- ନିଜଗାଁ |
| ୮ | ୪୯ | ୧୫୪୧ | ମାଲ ସାଧାରଣ | ୦.୩୪୦ | ୦.୩୪୦ | ମନବୋଧ ଧୂଆ, ପି- ପରମେ, ଧୂଆ, ଗୋକୁଳାନନ୍ଦ ମାଝୀ, ଜାପାନୀ ମାଝୀ, ପି- ଚିନ୍ତାମଣି ମାଝୀ, ଜା- ଗଣ୍ଡ, ବା- ନିଜଗାଁ |
| | | ୧୫୪୨ | ମାଲ ସାଧାରଣ | ୦.୩୫୦ | ୦.୦୭୦ | |
| ୯ | ୫୨ | ୪୫୩ | ମାଲ ସାଧାରଣ | ୫.୪୦୦ | ୦.୧୨୦ | ଚୁଡାମଣି ନାଏକ, ନିତ୍ୟାନନ୍ଦ ନାଏକ, ମାୟାଧର ନାଏକ, ଦେବାର୍ଚ୍ଚନ ନାଏକ, ପି- ନାରାୟଣ ନାଏକ, ଜା- ଆଗ୍ରିଆ, ବା- ଅଁଳାବାହାଲ |
| | | ୧୦୩୭ | ବାହାଲ ସାଧାରଣ | ୧.୬୮୦ | ୦.୦୪୦ | |
| | | ୧୫୧୧ | ଗୋଡା -୧ | ୦.୯୨୦ | ୦.୩୭୦ | |
| ୧୦ | ୬୧ | ୭୯୬ | ଗୋଡା-୧ | ୦.୨୧୦ | ୦.୦୩୦ | ଯଜ୍ଞ ପଟେଲ, ଛାୟା ପଟେଲ, ହରପ୍ରିୟା ପଟେଲ, ସଚି ପଟେଲ, ପି- ରୁଶି ପଟେଲ, ରତ୍ନାକର ପଟେଲ, ପି- ଭାଗିରଥି ପଟେଲ, ଜା- ଆଗ୍ରିଆ, ବା- ନିଜଗାଁ, ପଡା - ମଝାପଡା |
| ୧୧ | ୬୭ | ୬୮୮ | ବାହାଲ ସାଧାରଣ | ୦.୧୪୦ | ୦.୧୪୦ | ସିଦ୍ଧେଶ୍ୱର ପଟେଲ, ପି- ଦୟାନିଧି ପଟେଲ, ନଳିନ ପଟେଲ, ପି- ମିନକେତନ ପଟେଲ, ସନ୍ତୋଷ ପଟେଲ, କ୍ଷମାଶିଳ ପଟେଲ, କୃଷ୍ଣଚନ୍ଦ୍ର ପଟେଲ, ପି- ବିଶ୍ୱମ୍ଭର ପଟେଲ, ସୁରେଶ ପଟେଲ, ରମେଶ ପଟେଲ, ଉମେଶ ପଟେଲ, ପି- ହରିଶ୍ଚନ୍ଦ୍ର ପଟେଲ, ସନାତନ ପଟେଲ, କିଶୋର ପଟେଲ, ପି- ବସନ୍ତ ପଟେଲ, ଚନ୍ଦ୍ରଶେଖର ପଟେଲ, ପି- କୃତ୍ତିବାସ ପଟେଲ, ଜା- ଆଗ୍ରିଆ, ବା- ନିଜଗାଁ |
| | | ୬୮୯ | ବାହାଲ ସାଧାରଣ | ୦.୧୫୦ | ୦.୧୫୦ | |
| | | ୬୯୦ | ବାହାଲ ସାଧାରଣ | ୦.୧୧୦ | ୦.୦୮୦ | |
| | | ୬୯୧ | ବାହାଲ ସାଧାରଣ | ୦.୧୦୦ | ୦.୧୦୦ | |
| | | ୬୯୨ | ବାହାଲ ସାଧାରଣ | ୦.୧୧୦ | ୦.୧୧୦ | |
| | | ୬୯୩ | ବାହାଲ ସାଧାରଣ | ୦.୧୩୦ | ୦.୧୩୦ | |
| | | ୬୯୪ | ବାହାଲ ସାଧାରଣ | ୦.୧୯୦ | ୦.୧୯୦ | |
| | | ୬୯୫ | ବାହାଲ ସାଧାରଣ | ୦.୦୯୦ | ୦.୦୯୦ | |
| | | ୬୯୬ | ବାହାଲ ସାଧାରଣ | ୦.୧୧୦ | ୦.୧୧୦ | |
| | | ୬୯୭ | ବାହାଲ ସାଧାରଣ | ୦.୧୨୦ | ୦.୧୨୦ | |
| | | ୬୯୮ | ବାହାଲ ସାଧାରଣ | ୦.୧୪୦ | ୦.୧୪୦ | |
| | | ୬୯୯ | ବାହାଲ ସାଧାରଣ | ୦.୧୧୦ | ୦.୧୧୦ | |
| | | ୧୦୧୩ | ବେର୍ଣ୍ଣା ସାଧାରଣ | ୦.୦୯୦ | ୦.୦୩୦ | |
| | | ୧୦୩୪ | ବେର୍ଣ୍ଣା ସାଧାରଣ | ୦.୦୭୦ | ୦.୦୪୦ | |
| | | ୧୦୩୫ | ବେର୍ଣ୍ଣା ସାଧାରଣ | ୦.୦୫୦ | ୦.୦୨୦ | |
| | | ୧୦୩୬ | ବେର୍ଣ୍ଣା ସାଧାରଣ | ୦.୦୬୦ | ୦.୦୨୦ | |
| | | ୧୫୦୯ | ଗୋଡା-୧ | ୦.୨୩୦ | ୦.୧୧୦ | |
| | | ୧୫୧୦ | ଗୋଡା-୧ | ୦.୨୧୦ | ୦.୧୨୦ | |
| ୧୨ | ୭୨ | ୮୫୩ | ଗୋଡା-୨ | ୦.୯୭୦ | ୦.୩୫୦ | ଶଙ୍କର କିଶାନ, ଗଜରାଜ କିଶାନ, ଉଚ୍ଛବ କିଶାନ, ପି: ରାମରତନ କିଶାନ, ଜା: କିଶାନ, ବା: ନିଜଗାଁ, ପଡ଼ା: ବାଦିବାହାଲ |
| ୧୩ | ୭୩ | ୧୫୪୦ | ମାଲ ସାଧାରଣ | ୦.୨୨୦ | ୦.୨୨୦ | ପ୍ରଶାନ୍ତ ପଟେଲ, ସୁଶାନ୍ତ ପଟେଲ, ପି: ଦୁବରାଜ ପଟେଲ, ବା: ନିଜଗାଁ, ପଡ଼ା: ବାଦିବାହାଲ, ଜା: ଆଗ୍ରିଆ |
| | | ୭୯୩/୧୮୯୦ | ବଗାୟତ-୨ | ୦.୦୫୦ | ୦.୦୫୦ | |
| | | ୭୯୩/୨୨୮୯ | ଘରବାରୀ | ୦.୧୦୦ | ୦.୧୦୦ | |
| ୧୫ | ୭୭ | ୧୫୩୮ | ମାଲ ସାଧାରଣ | ୦.୧୧୦ | ୦.୧୧୦ | ମାୟାବତୀ ପଟେଲ, ସ୍ୱା: ଖଗେଶ୍ୱର ପଟେଲ, ଜା: ଆଗ୍ରିଆ, ବା: ଢେଲସରା |
| ୧୬ | ୮୨ | ୯୬୨ | ଗୋଡ଼ା-୧ | ୦.୮୨୦ | ୦.୪୧୦ | ମଥୁରା ପଟେଲ, ସ୍ୱା: ନାରାୟଣ ପଟେଲ, ପଦ୍ମାବତୀ ପଟେଲ, ରମ୍ଭାବତୀ ପଟେଲ, ଚଞ୍ଚଳା ପଟେଲ, ଗୋପାଳ ନାଏକ, ନକୁଳ ନାଏକ, ଲଳିନ୍ଦ୍ର ନାଏକ, ପି: ରାମ ନାଏକ, ବା: ନିଜଗାଁ, ଜା: ଆଗ୍ରିଆ |
| ୧୭ | ୯୪ | ୫୦୯ | ମାଲ ସାଧାରଣ | ୦.୨୯୦ | ୦.୦୮୦ | ବାସୁଦେବ ପଟେଲ, ପି: ବନୁଧର ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ, ମଝାପଡ଼ା, ଜୟନ୍ତୀ ପଟେଲ, ସ୍ୱା: କ୍ଷିତିପାଳ ପଟେଲ, ଜା: ଆଗ୍ରିଆ, ବା: ରେମଣ୍ଡା, ଥାନା: ଭଷ୍ମା, ସୁନୀଲ ପଟେଲ, ପି: ରମେଶ ପଟେଲ, ଜା: ଆଗ୍ରିଆ, ବା: ନିଆଳିପାଲି, ଥା: ଭଷ୍ମା |
| | | ୯୦୭ | ଗୋଡ଼ା-୧ | ୦.୪୧୦ | ୦.୪୧୦ | |
| | | ୯୫୯ | ଗୋଡ଼ା-୧ | ୦.୩୧୦ | ୦.୧୮୦ | |
| | | ୯୬୬ | ଗୋଡ଼ା-୧ | ୦.୪୬୦ | ୦.୨୭୦ | |
| ୧୮ | ୯୯ | ୮୬୨ | ଗୋଡ଼ା-୧ | ୦.୫୪୦ | ୦.୨୧୦ | ଯୋଗିନ୍ଦ୍ର ପଟେଲ, ପି: ଶୋଭାକର ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| ୧୯ | ୧୦୦ | ୭୯୫ | ଗୋଡ଼ା-୨ | ୦.୮୨୦ | ୦.୩୨୦ | ବାସୁ କିଶାନ, ପି: ଗଙ୍ଗାଧର କିଶାନ, ରାମସିଙ୍ଗ କିଶାନ, ହିରା କିଶାନ, ପି: କୁନୁ କିଶାନ, ଜା: କିଶାନ, ବା: ନିଜଗାଁ |
| | | ୮୦୫ | ଗୋଡ଼ା-୨ | ୦.୨୦୦ | ୦.୧୧୦ | |
| | | ୮୦୭ | ମାଲ ସାଧାରଣ | ୨.୭୨୦ | ୦.୧୫୦ | |
| | | ୮୦୮ | ଗୋଡ଼ା-୧ | ୧.୨୪୦ | ୦.୪୫୦ | |
| | | ୮୪୩ | ଗୋଡ଼ା-୧ | ୧.୨୦୦ | ୦.୬୭୦ | |
| | | ୮୪୫ | ଗୋଡ଼ା-୧ | ୦.୨୮୦ | ୦.୧୬୦ | |
| ୨୦ | ୧୦୩ | ୫୦୫/୧୯୫୫ | ଗୋଡ଼ା-୧ | ୦.୨୨୦ | ୦.୨୨୦ | ବୈକୁଣ୍ଠ ରାଉତ, ବଳି ରାଉତ, ପି: ନାଦ ରାଉତ, ଜା: ଗୌଡ଼, ବା: ନିଜଗାଁ |
| | | ୭୯୧/୧୯୫୭ | ଗୋଡ଼ା-୨ | ୦.୮୦୦ | ୦.୧୭୦ | |
| | | ୫୧୦ | ମାଲ ସାଧାରଣ | ୦.୪୮୦ | ୦.୧୪୦ | |
| ୨୧ | ୧୦୮ | ୮୬୫ | ଗୋଡ଼ା-୧ | ୦.୬୧୦ | ୦.୨୪୦ | ଭାନୁମତି କିଶାନ, ଖାତି କିଶାନ, ପି: ବାଦ କିଶାନ, ସୁହୁରା କିଶାନ, ପି: ରଘୁ କିଶାନ, ଜୟଦେବ କିଶାନ, ବାଲେଶ୍ୱର କିଶାନ, ଉଜଲ କିଶାନ, ପି: କାଟା କିଶାନ, କିସମତ କିଶାନ, ସରୋଜିନି କିଶାନ, ପେଚା କିଶାନ, ହେମଲତା କିଶାନ, ଜୟରାମ କିଶାନ, ମିଥିଳା କିଶାନ, ସ୍ୱା: ଜୟରାମ କିଶାନ, ସୁକୁମାରୀ କିଶାନ, ପି: କାର୍ତ୍ତିକ କିଶାନ, ସୁରମା କିଶାନ, ସ୍ୱା: କାର୍ତ୍ତିକ କିଶାନ, ମିତ୍ର କିଶାନ, ବୀର କିଶାନ, ବୃନ୍ଦାବତି କିଶାନ, ଶତ କିଶାନ, ପି: ମୋହନ କିଶାନ, ସୁଖି କିଶାନ, ସ୍ୱା: ମୋହନ କିଶାନ, କେଶରୀ କିଶାନ, ଦେବାନନ୍ଦ କିଶାନ, ସୁକାନ୍ତି କିଶାନ, ପି: ଗିରିଜା କିଶାନ, ସାବିତ୍ରୀ କିଶାନ, ସ୍ୱା: ଗିରିଜା କିଶାନ, ଚିନ୍ତାମଣି କିଶାନ, ପଦ୍ମାବତୀ କିଶାନ, ହାରାବତୀ କିଶାନ, ପି: ଲଳିତ କିଶାନ, ଜା: କିଶାନ, ବା: ନିଜଗାଁ, ମଝାପଡ଼ା |
| | | ୮୬୬ | ଗୋଡ଼ା-୧ | ୦.୬୧୦ | ୦.୧୬୦ | |
| | | ୮୭୧ | ଘରବାରୀ | ୦.୪୨୦ | ୦.୧୩୦ | |
| | | ୮୭୧/୨୦୧୬ | ଗୋଡ଼ା-୧ | ୦.୪୨୦ | ୦.୧୩୦ | |
| ୨୨ | ୧୧୫ | ୧୫୦୭ | ଗୋଡ଼ା-୧ | ୧.୮୨୦ | ୦.୬୫୦ | ମଧୁସୁଦନ ପଟେଲ, ପି: ବଂଶୀଧର ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| ୨୩ | ୧୧୮ | ୬୭୮ | ମାଲ ସାଧାରଣ | ୦.୪୩୦ | ୦.୧୬୦ | ମଳିଆ ସେଠ, ପି: ବଂଶୀଧର ସେଠ, ଜା: ଧୋବା, ବା: ନିଜଗାଁ |
| | | ୬୭୯ | ମାଲ ସାଧାରଣ | ୦.୯୪୦ | ୦.୫୨୦ | |
| ୨୪ | ୧୨୨ | ୯୧୦ | ଗୋଡ଼ା-୧ | ୦.୨୬୦ | ୦.୨୩୦ | ସନ୍ତୋଷ ମାଝୀ, ପି: ଭାସ୍କର ମାଝୀ, ଗୁଲାବତୀ ମାଝୀ, ସ୍ୱା: ବିନୋଦ ମାଝୀ, ମାଳତୀ ମାଝୀ, ସୁମତୀ ମାଝୀ, ବାସୁଦେବ ମାଝୀ, ପି: ବିନୋଦ ମାଝୀ, ମୁରଲି ମାଝୀ, ପି: ନିଳାମ୍ବର ମାଝୀ, ରଙ୍ଗବତୀ ମାଝୀ, ସ୍ୱା: ରତ୍ନାକର ମାଝୀ, ନୀଳାଦ୍ରି ମାଝୀ, ପି: ରତ୍ନାକର ମାଝୀ, ସାଧବାନୀ ଧୂଆ, ପି: ଗଦାଧର ମାଝୀ, ବାବୁଲାଲ ପ୍ରଧାନ, ପି: ବୈକୁଣ୍ଠ ପ୍ରଧାନ, ଜା: ଗଣ୍ଡ, ବା: ନିଜଗାଁ |
| | | ୯୧୧ | ମାଲ ସାଧାରଣ | ୦.୧୯୦ | ୦.୧୨୦ | |
| | | ୯୧୨ | ମାଲ ସାଧାରଣ | ୦.୪୨୦ | ୦.୧୩୦ | |
| | | ୯୧୮ | ମାଲ ସାଧାରଣ | ୦.୭୯୦ | ୦.୪୩୦ | |
| | | ୯୧୨/୨୨୮୩ | ଘରବାରୀ | ୦.୧୦୦ | ୦.୧୦୦ | |
| ୨୫ | ୧୨୩ | ୭୯୪ | ଗୋଡ଼ା-୧ | ୦.୨୦୦ | ୦.୧୦୦ | ରତ୍ନାକର ପଟେଲ, ପି: ଭାଗିରଥି ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ, ପଡ଼ା: ମଝାପଡ଼ା |
| | | ୧୩୯୪ | ମାଲ ସାଧାରଣ | ୦.୨୪୦ | ୦.୨୪୦ | |
| ୨୬ | ୧୨୯ | ୭୯୩ | ବଗାୟତ-୨ | ୦.୨୬୦ | ୦.୨୦୦ | କ୍ଷେତ୍ରିବର ପଟେଲ, ଜୟନ୍ତ ପଟେଲ, ପି: ନିରଞ୍ଜନ ପଟେଲ, କର୍ପୁର ପଟେଲ, ସ୍ୱା: ନିରଞ୍ଜନ ପଟେଲ, ନବୀନ ପଟେଲ, ଅଭିନ୍ନ ପଟେଲ, ପି: ଲମ୍ବୋଦର ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ, ପଡ଼ା: ବାଦିବାହାଲ |
| | | ୧୫୨୯ | ମାଲ ସାଧାରଣ | ୦.୪୮୦ | ୦.୦୨୦ | |
| ୨୭ | ୧୩୩ | ୭୯୩/୧୮୯୧ | ବଗାୟତ-୨ | ୦.୨୮୦ | ୦.୧୬୦ | ଲିଙ୍ଗରାଜ ପଟେଲ, ପି: ରଘୁନନ୍ଦନ ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ, ପଡ଼ା: ବାଦିବାହାଲ |
| | | ୧୫୩୯ | ମାଲ ସାଧାରଣ | ୦.୩୨୦ | ୦.୨୮୦ | |
| ୨୮ | ୧୩୪ | ୧୫୩୭ | ମାଲ ସାଧାରଣ | ୦.୦୮୦ | ୦.୦୪୦ | ଲିଙ୍ଗରାଜ ପଟେଲ, ଦୁବରାଜ ପଟେଲ, ପି: ରଘୁନନ୍ଦନ ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ, ପଡ଼ା: ବାଦିବାହାଲ |
| ୨୯ | ୧୪୧ | ୯୦୯ | ମାଲ ସାଧାରଣ | ୦.୧୧୦ | ୦.୦୨୦ | ସାଧବାଣୀ ପଟେଲ, ସ୍ୱା: ସାହେବ ପଟେଲ, ଦଶମତି ପଟେଲ, ସ୍ୱା: ଦନାଇ ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| ୩୦ | ୧୫୫ | ୫୦୫ | ଗୋଡ଼ା-୧ | ୦.୧୬୦ | ୦.୧୧୦ | ସୁଦର୍ଶନ ରାଉତ, ପି: ବୁଧନ ରାଉତ, ବା: ନିଜଗାଁ, ଜା: ଗୌଡ଼ |
| | | ୭୯୧ | ଗୋଡ଼ା-୨ | ୦.୭୦୦ | ୦.୧୯୦ | |
| ୩୧ | ୧୬୨ | ୫୦୩ | ଗୋଡ଼ା-୧ | ୦.୧୪୦ | ୦.୦୯୦ | ହେମବତୀ ପଟେଲ, ପି: ତ୍ରିଲୋଚନ ପଟେଲ, ତିଳୋତ୍ତମା ପଟେଲ, ସ୍ୱା: ତ୍ରିଲୋଚନ ପଟେଲ, ଦୟାନିଧି ପଟେଲ, ମିନକେତନ ପଟେଲ, ବିଶ୍ୱମ୍ଭର ପଟେଲ, ପି: ଅନିରୁଦ୍ଧ ପଟେଲ, ହରିଶ୍ଚନ୍ଦ୍ର ପଟେଲ, ବସନ୍ତ ପଟେଲ, ଚନ୍ଦ୍ରଶେଖର ପଟେଲ, ପି: କୃତ୍ତିବାସ ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| | | ୫୦୪ | ମାଲ ସାଧାରଣ | ୦.୧୮୦ | ୦.୦୮୦ | |
| | | ୭୮୨ | ଗୋଡ଼ା-୨ | ୦.୧୭୦ | ୦.୦୫୦ | |
| | | ୭୮୩/୧୨୨୮ | ଘରବାରୀ | ୦.୧୦୦ | ୦.୦୬୦ | |
| | | ୭୯୦ | ଗୋଡ଼ା-୨ | ୦.୪୨୦ | ୦.୧୬୦ | |
| | | ୯୬୭ | ଗୋଡ଼ା-୧ | ୩.୮୦୦ | ୦.୯୭୦ | |
| | | ୯୭୮ | ବାହାଲ ସାଧାରଣ | ୦.୭୦୦ | ୦.୦୮୦ | |
| | | ୯୯୦ | ବେର୍ଣ୍ଣା ସାଧାରଣ | ୦.୨୪୦ | ୦.୦୬୦ | |
| | | ୯୯୧ | ବେର୍ଣ୍ଣା ସାଧାରଣ | ୦.୪୯୦ | ୦.୩୧୦ | |
| | | ୯୯୨ | ବେର୍ଣ୍ଣା ସାଧାରଣ | ୦.୨୮୦ | ୦.୨୮୦ | |
| | | ୯୯୪ | ବେର୍ଣ୍ଣା ସାଧାରଣ | ୦.୩୪୦ | ୦.୧୨୦ | |
| | | ୯୯୬ | ବାହାଲ ସାଧାରଣ | ୧.୪୬୦ | ୦.୦୪୦ | |
| | | ୯୯୭ | ବାହାଲ ସାଧାରଣ | ୩.୩୦୦ | ୦.୯୫୦ | |
| | | ୧୦୦୦ | ବାହାଲ ସାଧାରଣ | ୦.୬୪୦ | ୦.୨୬୦ | |
| | | ୧୦୦୫ | ବେର୍ଣ୍ଣା ସାଧାରଣ | ୦.୨୦୦ | ୦.୧୦୦ | |
| | | ୧୦୦୬ | ବେର୍ଣ୍ଣା ସାଧାରଣ | ୦.୭୫୦ | ୦.୪୬୦ | |
| | | ୧୦୦୮ | ବେର୍ଣ୍ଣା ସାଧାରଣ | ୦.୨୨୦ | ୦.୧୭୦ | |
| | | ୧୦୦୯ | ବେର୍ଣ୍ଣା ସାଧାରଣ | ୦.୧୧୦ | ୦.୧୧୦ | |
| | | ୧୦୧୦ | ବେର୍ଣ୍ଣା ସାଧାରଣ | ୦.୬୨୦ | ୦.୨୭୦ | |
| | | ୧୦୪୦ | ବେର୍ଣ୍ଣା ସାଧାରଣ | ୦.୫୪୦ | ୦.୦୨୦ | |
| ୩୨ | ୧୬୨/୧ | ୧୦୧୧ | ବେର୍ଣ୍ଣା ସାଧାରଣ | ୧.୧୫୦ | ୦.୪୯୦ | ବିରଞ୍ଚି କୁମାର ପଟେଲ, ପି: ଅଚିନ୍ତା ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| | | ୧୦୧୨ | ବେର୍ଣ୍ଣା ସାଧାରଣ | ୦.୫୯୦ | ୦.୩୩୦ | |
| | | ୧୫୦୮ | ଗୋଡ଼ା-୧ | ୦.୪୦୦ | ୦.୧୩୦ | |
| | | ୧୫୪୮ | ଗୋଡ଼ା-୧ | ୨.୧୨୦ | ୦.୬୭୦ | |
| ୩୩ | ୧୬୨/୬୨ | ୧୩୯୩ | ମାଲ ସାଧାରଣ | ୦.୨୦୦ | ୦.୦୩୦ | ସଞ୍ଜୟ କୁମାର ନାଏକ, ପି: ମନୋରଞ୍ଜନ ନାଏକ, ଜା: ଆଗ୍ରିଆ, ବା: ନିଜଗାଁ |
| ୩୪ | ୧୬୨/୧୦୪ | ୭୯୧/୧୯୫୬ | ଗୋଡ଼ା-୨ | ୦.୨୫୦ | ୦.୦୯୦ | ସିଦ୍ଧେଶ୍ୱର ପଟେଲ, ପି: ଦୟାନିଧି ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| ୩୫ | ୧୬୨/୧୧୮ | ୬୭୭ | ମାଲ ସାଧାରଣ | ୦.୫୮୦ | ୦.୨୫୦ | ଗୋକୁଳ ରଣା, ପି: ଆଇବାନ ରଣା, ମୁକୁନ୍ଦ ରଣା, ପି: ଜଗନ୍ନାଥ ରଣା, ଜା: କୁମ୍ଭାର, ବା: ନିଜଗାଁ |
| ୩୬ | ୧୬୨/୧୫୦ | ୧୩୯୫ | ମାଲ ସାଧାରଣ | ୧.୩୮୦ | ୦.୩୧୦ | ନଳିନିପ୍ରଭା ପଟେଲ, ସ୍ୱା: ଯୋଗେନ୍ଦ୍ର ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| ୩୭ | ୧୬୨/୧୫୨ | ୯୬୦ | ଗୋଡ଼ା-୨ | ୦.୨୪୦ | ୦.୧୫୦ | ଭଜମନି ମହାନନ୍ଦିଆ, ପି: ଜିବଧନ ମହାନନ୍ଦିଆ, ଜା: ଗଣ୍ଡା, ବା: ବଲିଙ୍ଗା, ଥାନା: ହେମଗିରି |
| | | ୯୬୦/୨୧୫୮ | ଗୋଡ଼ା-୧ | ୦.୨୫୦ | ୦.୧୫୦ | |
| ୩୮ | ୧୬୨/୧୫୯ | ୭୯୩/୧୮୯୨ | ବଗାୟତ-୨ | ୦.୨୬୦ | ୦.୦୨୦ | ପ୍ରଶାନ୍ତ ପଟେଲ, ସୁଶାନ୍ତ ପଟେଲ, ପି: ଦୁବରାଜ ପଟେଲ, ବା: ନିଜଗାଁ, ଜା: ଆଗ୍ରିଆ |
| ୩୯ | ୦/୩ | ୭୯୪/୨୨୩୦ | ଘରବାରୀ | ୦.୨୦୦ | ୦.୧୦୦ | ଶଚିଦାନନ୍ଦ ପଟେଲ, ପି: ଚନ୍ଦ୍ରଶେଖର ପଟେଲ, ଜା: ଆଗ୍ରିଆ, ବା: ନିଜଗାଁ |
| ୪୦ | ୧୬୨/୧୫୧ | ୫୧୧/୨୨୯୫ | ମାଲ ସାଧାରଣ | ୦.୧୬୦ | ୦.୧୧୦ | କନକ କଉଡି, ସ୍ୱା: ଧ୍ରୁବାନନ୍ଦ କଉଡି, ଜା: ଗୌଡ, ବା: ନିଜଗାଁ |
| | | ୫୧୧/୨୩୦୧ | ଘରବାରୀ | ୦.୦୫୦ | ୦.୦୫୦ | |
| ୪୩ | ୧୬୨/୧୧୯ | ୬୭୭/୨୨୫୧ | ମାଲ ସାଧାରଣ | ୦.୭୦୦ | ୦.୪୫୦ | ବଳଦେବ ରଣା, ପି: ସଦାଶିବ ରଣା, ଜା: କୁମ୍ଭାର, ବା: ନିଜଗାଁ |
| ୫୧ | ୧୬୨/୨୦ | ୧୯୫୬/୨୧୩୦ | ଗୋଡ଼ା-୨ | ୦.୨୫୦ | ୦.୦୯୦ | ସମ୍ବାରୁ ରୋହିଦାସ, ସୋନୁ ରୋହିଦାସ, ପି: ଲୋଚନ ରୋହିଦାସ, ଜା: ଚମାର, ବା: ନିଜଗାଁ |
| | | | | | ୨୨.୪୩୦ | |

24160/14/0001/1920

# ଅନ୍‌ଲାଇନ୍ ରିଭ୍ୟୁ

**ବର୍ତ୍ତମାନ ବ୍ୟବହାର କରିବା ପୂର୍ବରୁ କୌଣସି ଜିନିଷ ବିଷୟରେ ଜାଣିବାରେ ଉପଭୋକ୍ତାଙ୍କୁ ବେଶ୍ ସାହାଯ୍ୟ କରୁଛି ଅନ୍‌ଲାଇନ୍ ରିଭ୍ୟୁ। ତେବେ ଏହା କେତେ ଭରସା ଯୋଗ୍ୟ ତାହା ପ୍ରଶ୍ନବାଚୀ...**







ବର୍ତ୍ତମାନ ଅଧିକାଂଶ ବିଭିନ୍ନ କାର୍ଯ୍ୟ ଲାଗି ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ଏମିତିକି କୌଣସି ନୂଆ ଆପ୍ଲିକେଶନ, ପ୍ରଡକ୍ଟ ବ୍ୟବହାର କରିବା ହେଉ ଅବା କିଛି ନୂଆ ସାମଗ୍ରୀ କିଣିବା ପୂର୍ବରୁ ଏହା ବିଷୟରେ ଜାଣିବା ଲାଗି ମଧ୍ୟ ସାହାଯ୍ୟ ନେଉଛନ୍ତି ଇଣ୍ଟରନେଟ୍‌ର। ଅର୍ଥାତ୍ ବର୍ତ୍ତମାନ ଛୋଟ ବଡ଼ ପ୍ରାୟ ସବୁକିଛିର ସବିଶେଷ ତଥ୍ୟ ସହିତ ଅନ୍‌ଲାଇନ୍ ରିଭ୍ୟୁ ଜରିଆରେ ଏହା ଦ୍ୱାରା ବ୍ୟବହୃତ କେତେ ଉପକୃତ ଅବା କେଉଁ କାରଣକୁ ନେଇ ଅସନ୍ତୁଷ୍ଟ ସେ ସମ୍ପର୍କରେ ସହଜରେ ଜାଣି ହେଉଛି।

ଏକ ସର୍ଭେ ରିପୋର୍ଟ ମୁତାବକ, ଇଣ୍ଟରନେଟ୍ ଉପଭୋକ୍ତାଙ୍କ ମଧ୍ୟରୁ ପ୍ରାୟ ୯୧% ଅନ୍‌ଲାଇନ୍ ରିଭ୍ୟୁ ଚେକ୍ କରିଥାଆନ୍ତି। ସେମାନଙ୍କ ମଧ୍ୟରୁ ୮୪% ଏହା ଉପରେ ବିଶ୍ୱାସ କରୁଥିବା ବେଳେ ୬୮% ଏହା ଅନୁସାରେ ନିଷ୍ପତ୍ତି ନେଉଥିବା ଜଣାପଡ଼ିଛି।

**ଜାଣିରଖନ୍ତୁ...**

❖ ଅନ୍‌ଲାଇନ୍ ରିଭ୍ୟୁରେ ଖୁବ୍ ଭଲ ଭଲ କମେଣ୍ଟ ଦେଖି କିଣିଥିବା ବିଭିନ୍ନ ପ୍ରଡକ୍ଟ ବାସ୍ତବରେ ଖରାପ ପଡୁଥିବାର ଅଭିଯୋଗ ଅନେକଙ୍କଠାରୁ ଶୁଣିବାକୁ ମିଳେ। ତେଣୁ କେବଳ ପଜିଟିଭ୍ କମେଣ୍ଟ ପଢ଼ି ଖୁସି ହୋଇଯିବା ପରିବର୍ତ୍ତେ ନେଗେଟିଭ୍ କମେଣ୍ଟ ବି ପଢ଼ନ୍ତୁ। ଏହା ଦ୍ୱାରା କିଛି ଉପଭୋକ୍ତାଙ୍କ ଅସନ୍ତୁଷ୍ଟିର କାରଣ ଜାଣିବା ଦ୍ୱାରା ହୁଏତ ଆପଣଙ୍କୁ ଏହାକୁ ବ୍ୟବହାର କରିବାର ନିଷ୍ପତ୍ତି ନେବା ସହଜ ହେବ।

❖ ଅନେକ କମ୍ପାନୀ ବିଭିନ୍ନ ୱେବ୍‌ସାଇଟ୍‌ରେ ନିଜ ପ୍ରଡକ୍ଟଗୁଡିକର ପ୍ରମୋଶନ ପାଇଁ ରିଭ୍ୟୁରେ ଖୁବ୍ ଭଲ ଭଲ କମେଣ୍ଟ ଦେବା ଲାଗି ଫ୍ରିଲାନ୍ସ ରାଇଟର୍‌ମାନଙ୍କୁ ଟଙ୍କା ଦେଇଥାଆନ୍ତି। କେବଳ ଏତିକି ନୁହେଁ, ଏହାକୁ ୫ ଷ୍ଟାର୍ ରେଟିଂ ଦେବା ଲାଗି ମଧ୍ୟ କହିଥାଆନ୍ତି, ଯାହାକୁ ଦେଖି ଅନେକେ ଭ୍ରମରେ ପଡ଼ିଥାଆନ୍ତି।

❖ କେବଳ ଏତିକି ନୁହେଁ, ଅନେକ କମ୍ପାନୀ ନିଜ ପ୍ରଡକ୍ଟ ବିଷୟରେ ଭଲ କମେଣ୍ଟ ଦେବା ବଦଳରେ ଗିଫ୍ଟ, ରିୱାର୍ଡ, ଫ୍ରି ପ୍ରଡକ୍ଟ ଆଦି ଅଫର ମଧ୍ୟ କରିଥାଆନ୍ତି।

❖ ଠିକ୍ ସେହିପରି ଅନେକ କଷ୍ଟମର ଅଯଥାରେ ନେଗେଟିଭ୍ କମେଣ୍ଟ ମଧ୍ୟ ଦେଇଥାଆନ୍ତି। ଉଦାହରଣ ସ୍ୱରୂପ ଜଣେ ନନ୍‌ଭେଜ୍ ଖାଉଥିବା ବ୍ୟକ୍ତିଙ୍କୁ ଗୋଟିଏ ଭେଜ୍ ରେଷ୍ଟୁରାଣ୍ଟର ଖାଦ୍ୟ ପସନ୍ଦ ନ ଆସିବା ଦ୍ୱାରା ସେ ଏହାକୁ କୌଣସି ରେଟିଂ ପଏଣ୍ଟ ନ ଦେଇ କମେଣ୍ଟରେ ଏହି ରେଷ୍ଟୁରାଣ୍ଟର ଖାଦ୍ୟ ଭଲ ନୁହେଁ ବୋଲି ଲେଖିପାରନ୍ତି। ତେଣୁ ଅନ୍‌ଲାଇନ୍ ରିଭ୍ୟୁ ଚେକ୍ କରିବାର ବେଷ୍ଟ ଉପାୟ ହେଉଛି ସର୍ବଦା ଅତିକମ୍‌ରେ ୩୦ ୟୁଜର ରିଭ୍ୟୁ ଥିଲେ ହିଁ ଏହା ବିଶ୍ୱାସଯୋଗ୍ୟ। ଅଧିକ ସଂଖ୍ୟାରେ କମେଣ୍ଟ ପଢିବା ଦ୍ୱାରା ଏକ ସାମାନ୍ୟ ଧାରଣା ଆସିପାରିବ।



ବିଶ୍ୱରୂପା



ଓମ୍‌କାର

## କ'ଣ କରନ୍ତି ଏମାନେ...

**ବିଶ୍ୱରୂପା ସାହୁ** (ଯୁକ୍ତ ୨, ସୁଦର୍ଶନ ମହାବିଦ୍ୟାଳୟ, କଟକ)– ପୂର୍ବରୁ ମୋବାଇଲ୍‌ରେ ନୂଆ ଆପ୍ଲିକେଶନଟିଏ ଇନ୍‌ଷ୍ଟଲ୍ କରି ଅନେକ ଥର ବାଲାନ୍ସ କଟିଯିବା କିମ୍ବା ଅଯଥା ଆଡ୍ ଆସିବା ଭଳି ସମସ୍ୟା ଉପୁଜିଛି। ହେଲେ ବର୍ତ୍ତମାନ ଇନ୍‌ଷ୍ଟଲ୍ କରିବା ପୂର୍ବରୁ ପ୍ରଥମେ ଏହି ଆପ୍‌ର ଅନ୍‌ଲାଇନ୍ ରିଭ୍ୟୁ ଚେକ୍ କରିନେଉଛି। ସେହିପରି ଇ–ଶପିଂ କରିବା ସମୟରେ ମଧ୍ୟ ଅନ୍‌ଲାଇନ୍ ରିଭ୍ୟୁ ପଢ଼ି ଠିକ୍ ଜିନିଷ ବାଛିବାରେ ବେଶ୍ ସୁବିଧା ହେଉଛି।

**ଓମ୍‌କାର ଆନନ୍ଦ ମିଶ୍ର** (ଭୁବନେଶ୍ୱର)– ଇଣ୍ଟରନେଟ୍‌ରେ ଯାହା ରିଭ୍ୟୁ ଆସୁଛି, ତାହା ସମ୍ପୂର୍ଣ୍ଣ ସତ ବୋଲି ମୁଁ ବିଶ୍ୱାସ କରେନି। କାରଣ ଅନେକ କମ୍ପାନୀ ନିଜ ପ୍ରଡକ୍ଟ ପ୍ରମୋଶନ୍ ଲାଗି ଭଲ ଭଲ କମେଣ୍ଟ ଲେଖେଇ ଦେଇ ପାରନ୍ତି। ତଥାପି ମଧ୍ୟ କୌଣସି ଜିନିଷ ବିଷୟରେ ଜାଣିବାର ହେଲେ ଇଣ୍ଟରନେଟ୍‌ରେ ଏହାର ରିଭ୍ୟୁ ଦେଖେ, ବିଶେଷ କରି ନେଗେଟିଭ୍ କମେଣ୍ଟରେ ଉପଭୋକ୍ତା ଅସନ୍ତୁଷ୍ଟର କାରଣ କ'ଣ ଲେଖିଛନ୍ତି ପଢ଼େ, ଯଦ୍ୱାରା ନିଷ୍ପତ୍ତି ନେବାରେ ସୁବିଧା ହୁଏ। ମୋବାଇଲ୍ ଫୋନ୍ କିମ୍ବା ଅନ୍ୟ ଇଲେକ୍ଟ୍ରୋନିକ ସାମଗ୍ରୀ କିଣିବା ବେଳେ ଏହା ଭଲ କାମରେ ଆସେ।

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ....... ଦେଶ ଶାନ୍ତି ପାଇଁ ଗାନ୍ଧୀ ସାଇକେଲ ର୍‍ୟାଲିର ଆୟୋଜନ କରିଥିଲେ ?
୨– ୧୦ମ ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ ଅଫ୍ ମେଲବର୍ଣ୍ଣରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଭାରତୀୟ ଅଭିନେତା...... ?
୩– ମାଲାମ୍ପୁଝା ଡ୍ୟାମ୍ .......... ରାଜ୍ୟରେ ଅବସ୍ଥିତ ?
୪– ଆମ ଦେଶର ........ ରାଜ୍ୟରେ ଧର୍ମସ୍ଥାନ ଏବଂ ସାର୍ବଜନୀନ ସ୍ଥାନରେ ଲାଉଡ୍‌ସ୍ପିକର୍ ବ୍ୟବହାର ଉପରେ କଟକଣା ଲଗାଯାଇଛି ?
୫– ଅଳପ ଲୋକର ବହୁତ ଗୁରୁ ଧଣ୍ଡ ସାପ........ ?

## ଗତ ଥରର ଉତ୍ତର

୧ ତାଇୱାନ୍
୨ ମ୍ୟୁଜିୟମ୍ ଆଜ୍ କଲ୍‌ଚରାଲ୍ ହବ୍‌ସ: ଦି ଫ୍ୟୁଚର ଅଫ୍ ଟ୍ରାଡିଶନ
୩ ଆଶିଷ ରାୟ
୪ ମୋହାନା ସିଂ
୫ ହାତୀ

## ଉତ୍ତର ଦାତା



କାଜଲ ମହାନ୍ତି
ଭୁବନେଶ୍ୱର



ବିଶ୍ୱ ରଞ୍ଜନ ମହାନ୍ତି
ତାଳଚେର



ସଂକଳ୍ପ ପଣ୍ଡା
ଢେଙ୍କାନାଳ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀ ପ୍ରସିଦ୍ଧ ପେଣ୍ଟିଂ



୧– ମୋନାଲିସା........................................ ଲିଓନାର୍ଡୋ ଡା ଭିନ୍ସି
୨– ଦି ଲାଷ୍ଟ ସପର........................................ ଲିଓନାର୍ଡୋ ଡା ଭିନ୍ସି
୩– ଦି କ୍ରିଏଶନ ଅଫ୍ ଆଦାମ.................................. ମାଇକେଲଏଞ୍ଜେଲୋ
୪– ଷ୍ଟାରୀ ନାଇଟ୍........................................ ଭିନ୍‌ସେଣ୍ଟ ଭାନ୍ ଗୋଗ୍
୫– ଦି ସ୍କ୍ରିମ୍................................................ ଏଡ୍‌ଭାର୍ଡ ମଞ୍ଚ
୬– ଦି ପର୍ସିଷ୍ଟେନ୍ସ ଅଫ୍ ମେମୋରି.............................. ସାଲ୍‌ଭାଡର ଡଲି
୭– ଗର୍ଲ ୱିଥ୍ ଏ ପର୍ଲ ଇଅରିଂ................................ ଜୋହାନ୍ସ ଭରମୀର୍
୮– ଦି ନାଇଟ୍ ୱାଚ୍........................................ ରେମ୍ବ୍ରାଣ୍ଟ ଭାନ୍‌ରିନ୍
୯– ସେଲ୍ଫ ପୋଟ୍ରେଟ୍ ୱିଦାଉଟ୍ ବିଅର୍ଡ...................... ଭିନ୍‌ସେଣ୍ଟ ଭାନ୍ ଗୋଗ୍
୧୦– ଗିର୍ନିକା........................................ ପାବ୍ଲୋ ପିକାସୋ ରୀନ୍

## ପାଠକଙ୍କ ମତ

– ବାସ୍ତବରେ ଆଉଟ୍‌ଫିଟ୍ ରଙ୍ଗର ମନ ଉପରେ ପ୍ରଭାବ ପଡିଥାଏ। ଏ ପ୍ରସଙ୍ଗକୁ ନେଇ ପ୍ରକାଶିତ ବିଷୟଟି ଖୁବ୍ ମନଛୁଆଁ ହୋଇଥିଲା।

*– ରେବତୀ ଖୁଣ୍ଟିଆ, ଜଗତସିଂହପୁର*

– ଗୋଟିଏ ବିଦ୍ୟାଳୟର ବାର୍ଷିକ ପଢା ଖର୍ଚ୍ଚ ଯେ ଏତେ ଅଧିକ ହୋଇପାରେ ଟପ୍ ଟେନ୍ ସ୍ତମ୍ଭରୁ ଜାଣି ଆଶ୍ଚର୍ଯ୍ୟ ଲାଗିଲା।

*– ସୁମନ୍ ପାତ୍ର, କେନ୍ଦୁଝର*

## ୟୁ | ଥ୍ | ଆ | ଲ | ର୍ଟ

# ଡେସ୍କ ଜବ୍ କରୁଥିଲେ...





ଡେସ୍କଜବ୍‌ରେ ସାଧାରଣତଃ ଗୋଟିଏ ସ୍ଥାନରେ ଦୀର୍ଘସମୟ ବସିବା, ଟାଇପ୍ କରିବା, କମ୍ପ୍ୟୁଟରକୁ ଚାହିଁବା ଇତ୍ୟାଦି ଯୋଗୁ ମେଦ ବହୁଳତା, ଶରୀରରେ ଯନ୍ତ୍ରଣା, ପାଦ ଫୁଲିବା, ଅର୍ଶ ଭଳି ସମସ୍ୟା ଦେଖାଦେଇଥାଏ। କେବଳ ଏତିକି ନୁହେଁ ଅନେକଙ୍କଠାରେ ସବୁଠୁ ଜଟିଳ ସମସ୍ୟା ସାଜିଥାଏ ସ୍ପଣ୍ଡିଲାଇଟିସ୍। ଯାହାକି ବେକ, କାନ୍ଧ, ପିଠିରେ ଅସହ୍ୟ ଯନ୍ତ୍ରଣା ସୃଷ୍ଟି କରିଥାଏ। ଯଦି ଆପଣ ଡେସ୍କ ଜବ୍ କରୁଛନ୍ତି ଏବଂ ଏଭଳି ସମସ୍ୟା ଦେଇ ଗତି କରୁଛନ୍ତି ତେବେ ଏଣୁ ତେଣୁ ମେଡିସିନ୍ ଖାଇବା ପରିବର୍ତ୍ତେ କେତୋଟି ଘରୋଇ ଉପଚାର ଆପଣାଇଲେ ଅଧିକ ଉପକୃତ ହୋଇପାରିବେ। ଜାଣି ରଖନ୍ତୁ ଏ ସମ୍ପର୍କରେ...

**ଯୋଗ:** ଏହି ରୋଗର ସବୁଠୁ ଅବ୍ୟର୍ଥ ଉପଚାର ହେଉଛି ଯୋଗ। ପ୍ରତିଦିନ ଯୋଗ କରିବା ଦ୍ୱାରା ମେରୁଦଣ୍ଡରେ ଥିବା ଷ୍ଟିଫ୍‌ନେସ୍ କମ୍ ହୋଇଥାଏ। ବିଶେଷ କରି ଶାଲଭାସନ,ବକ୍ରାସନ, ଅର୍ଦ୍ଧଚକ୍ରାସନ, ଧନୁରାସନ, ଶବାସନ ଇତ୍ୟାଦି ବେଶ୍ ଉପକାରୀ। ତେବେ କୌଣସି ଯୋଗ ଟ୍ରେନର, ଫିଜିଓଥେରାପିଷ୍ଟଙ୍କ ପରାମର୍ଶ କ୍ରମେ ଏହାକୁ କରିବା ନିରାପଦ।

**ବସିବା ଶୈଳୀ:** ଅଫିସରେ ଭୁଲ ବସିବା ଶୈଳୀ ମଧ୍ୟ କେତେକାଂଶରେ ସ୍ପଣ୍ଡିଲାଇଟିସ୍ ପାଇଁ ଦାୟୀ। ତେଣୁ କାମ କରିବା ସମୟରେ ଏକ କମ୍ଫର୍ଟେବଲ୍ ପୋଜିସନ୍‌ରେ ବସନ୍ତୁ। ଯନ୍ତ୍ରଣା ଆରମ୍ଭ ହେବା ମାତ୍ରେ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ନ ରହି କିଛି ସମୟ ପାଇଁ ନିଜ ସିଟ୍‌ରୁ ଉଠି ଚଲାବୁଲା କରନ୍ତୁ। ଡାକି ହୋଇ ବସିବା ବଦଳରେ ଏପରି ବସନ୍ତୁ ଯେପରି ବେକ, ପିଠି, ଅଣ୍ଟା ସିଧା ରହିବ।

**ଗରମ ଏବଂ ଥଣ୍ଡା ଉପଚାର:** ଯନ୍ତ୍ରଣା ହେଉଥିବା ସ୍ଥାନରେ ଆଇସ୍ ପ୍ୟାକ୍ ଲଗାନ୍ତୁ। ନଚେତ୍ ଆପଣ ହିଟିଂ ପ୍ୟାଡ୍‌ରେ ବି ସେକି ପାରିବେ। ଉଷୁମ ପାଣିରେ ଗାଧୋଇବା ବି କିଛି ମାତ୍ରାରେ ଯନ୍ତ୍ରଣା କମାଇବାରେ ସାହାଯ୍ୟ କରିଥାଏ।

**ମସାଜ:** ସ୍ପଣ୍ଡିଲାଇଟିସ୍ ଯନ୍ତ୍ରଣା କମାଇବା ଲାଗି ମସାଜ ମଧ୍ୟ ବେଷ୍ଟ ଉପାୟ। ଯେଉଁ ସ୍ଥାନରେ ଯନ୍ତ୍ରଣା ହେଉଛି ସେଠାରେ ଧୀରେ ଧୀରେ ଚାପ ପକାଇ ମସାଜ କରିବା ଦ୍ୱାରା ଷ୍ଟିଫ୍‌ନେସ ଦୂର ହୋଇଥାଏ ଏବଂ ଯନ୍ତ୍ରଣା କମିଥାଏ। ସୋରିଷ ତେଲରେ କିଛି କୋଳା ରସୁଣ ଫୁଟାଇ ପ୍ରଭାବିତ ସ୍ଥାନରେ ମସାଜ କଲେ ଅଧିକ ଉପକୃତ ହେବେ।

**ବେକ ଏକ୍ସରସାଇଜ:** ଯେହେତୁ ସ୍ପଣ୍ଡିଲାଇଟିସ୍‌ରେ ବେକ ଅଧିକ ପ୍ରଭାବିତ ହୋଇଥାଏ ତେଣୁ ଏଥିରୁ ଉପଶମ ପାଇବା ଲାଗି ଏହାର ଏକ୍ସର ସାଇଜ୍ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ପ୍ରକାରର ନେକ୍ ଷ୍ଟ୍ରେଚ୍ ଏକ୍ସରସାଇଜ୍ ରହିଛି, ଯାହାକୁ ଠିକ୍ ଭାବେ କରିବାର ଶୈଳୀ ଏବଂ ସମୟ ଅବଧି ବିଷୟରେ ଏକ୍ସପର୍ଟଙ୍କଠାରୁ ପରାମର୍ଶ ନେବା ଆବଶ୍ୟକ।



# ଶାହିଦଙ୍କୁ ସଫଳ ଅଭିନେତାର ପରିଚୟ ଦେଲା 'କବିର ସିଂ'

**ମୁମ୍ବାଇ:** ଅଭିନେତା ଶାହିଦ କପୁରଙ୍କ ଅଭିନୀତ 'କବିର ସିଂ' ରିଲିଜର ପ୍ରଥମ ଦିନରେ ହିଁ ୨୦କୋଟି ଟଙ୍କା ଅର୍ଜନ କରିପାରିଛି। ଏହାଦ୍ୱାରା ଶାହିଦ କପୁର ନିଜ କ୍ୟାରିୟରରେ ସବୁଠୁ ବଡ଼ ସଫଳତା ଅର୍ଜନ କରିପାରିଛନ୍ତି। ଫିଲ୍ମ ନିର୍ମାତାଙ୍କ କହିବାନୁଯାୟୀ, କବିର ସିଂ ହେଉଛି ତେଲୁଗୁ ଫିଲ୍ମ 'ଅର୍ଜୁନ ରେଡ୍ଡୀ'ର ରିମେକ୍। ଶୁକ୍ରବାର ଏହା ମୁକ୍ତିଲାଭ କରିଥିବାବେଳେ ୨୦.୨୧ କୋଟି ଅର୍ଜନ କରିପାରିଛି। ସନ୍ଦୀପ ରେଡ୍ଡୀ ଭାଙ୍ଗାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଚଳିତବର୍ଷର ଅଳ୍ପ କେତେକ ବକ୍ସ ଅଫିସ ହିଟ୍ ଫିଲ୍ମ ସହ ଯୋଡ଼ି ହୋଇପାରିଛି। ବ୍ୟବସାୟିକ ବିଶ୍ଳେଷକ ତରନ୍ ଆଦର୍ଶ ଶନିବାର ଟୁଇଟ୍ କରିଛନ୍ତି, 'କବିର ସିଂ' ପ୍ରଥମ ଦିନରେ ହିଁ ହିଟ୍ ହୋଇଛି। ଏହାଦ୍ୱାରା ଶାହିଦ କପୁରଙ୍କ ସର୍ବୋତ୍ତମ କ୍ୟାରିୟର ଆରମ୍ଭ ହୋଇଛି। ଏହା ମଧ୍ୟ 'ପଦ୍ମାବତ୍'ର ପ୍ରଥମ ଦିନ ରିଲିଜର ଆୟ (୧୯କୋଟି)କୁ ଟପିଯାଇଛି। ୨୦୧୯ରେ 'ଟୋଟାଲ ଧମାଲ୍' (ଅଣଛୁଟିଦିନ ରିଲିଜ)ର ପ୍ରଥମ ଦିନର ଆୟ (୧୬.୫୦ କୋଟି)କୁ ମଧ୍ୟ ଅତିକ୍ରମ କରିଯାଇଛି। ଫିଲ୍ମ ଦେଖିବାକୁ ତରୁଣ ଦର୍ଶକଙ୍କ ମଧ୍ୟରେ ଅହେତୁକ ଆଗ୍ରହ ବୃଦ୍ଧିପାଇଥିବାରୁ ଏତେଟା ସଫଳତା ମିଳିଥିବା ଆଦର୍ଶ ପ୍ରକାଶ କରିଛନ୍ତି। ତାଙ୍କ କହିବାନୁଯାୟୀ, ଭାରତର ୩,୧୨୩ ପ୍ରେକ୍ଷାଳୟରେ ଏହା ରିଲିଜ ହୋଇଛି। ମୂଳ ଫିଲ୍ମରେ ଅଭିନେତା ବିଜୟ ଦେବେରକୋଣ୍ଡା ଏବଂ ଅଭିନେତ୍ରୀ ଶାଲିନୀ ପାଣ୍ଡେ ଅଭିନୟ କରିଥିବାବେଳେ ଏହାର ହିନ୍ଦୀ ରିମେକ୍‌ରେ ଅଭିନୟ କରିଛନ୍ତି ଶାହିଦ ଏବଂ କିୟାରା ଆଡଭାନୀ। 'କବିର ସିଂ'ରେ କବିର (ଶାହିଦ) ଜଣେ ଶେଷବର୍ଷ ମେଡିକାଲ ଛାତ୍ର। ସେ ତାଙ୍କ ଜୁନିୟର ଛାତ୍ରୀ ପ୍ରୀତି (କିୟାରା)ଙ୍କ ପ୍ରେମରେ ପଡ଼ିଯାଇଛନ୍ତି। ଉକ୍ତ ଫିଲ୍ମକୁ ମିଳିତ ଭାବେ ପ୍ରସ୍ତୁତ କରିଛନ୍ତି ଭୂଷଣ କୁମାର, ମୁରାଦ ଖେତାନି, କ୍ରିଷନ୍ କୁମାର ଏବଂ ଅଶ୍ୱିନ୍ ଭାର୍ଦେ।

# ଦୀପିକାଙ୍କୁ ପରିଚୟପତ୍ର ମାଗିଲେ ଏୟାରପୋର୍ଟ ସିକ୍ୟୁରିଟି

**ମୁମ୍ବାଇ:** ବିମାନବନ୍ଦର ପ୍ରବେଶପଥରେ ଜଣେ ନିରାପତ୍ତା କର୍ମଚାରୀ ବଲିଉଡ ଅଭିନେତ୍ରୀ ଦୀପିକା ପାଦୁକୋନ୍‌ଙ୍କୁ ପରିଚୟ ପତ୍ର ଦେଖାଇବାକୁ କହି ଧାର୍ଯ୍ୟ ବିଧି ବ୍ୟବସ୍ଥାର ଅନୁସରଣ କରିଥିବା ପ୍ରମାଣିତ ହୋଇଛି। ଏ ସମ୍ପର୍କିତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦୀପିକା ବିମାନ ବନ୍ଦରରେ ପ୍ରବେଶ କରୁଥିବା ବେଳେ ଜଣେ ନିରାପତ୍ତା କର୍ମଚାରୀ ତାଙ୍କୁ ଅଟକାଇ ପରିଚୟପତ୍ର ଦେଖାଇବାକୁ କହିଥିଲେ। ଦୀପିକା ମଧ୍ୟ କାଳବିଳମ୍ବ ନ କରି ନିଜ ବ୍ୟାଗ୍‌ରୁ ପରିଚୟପତ୍ର ବାହାର କରି ସମ୍ପୃକ୍ତ କର୍ମଚାରୀଙ୍କୁ ଦେଖାଇଥିଲେ। ଦୀପିକାଙ୍କର ଏପରି ସକାରାତ୍ମକ ଆଚରଣ ଦେଖି ଅନେକ ସୋସିଆଲ ମିଡିଆ ବ୍ୟବହାରକାରୀ ତାଙ୍କ ପାଖକୁ ଚାଲି ଆସିଥିଲେ। ଏହି ଦୃଶ୍ୟ ଦେଖି ଜଣେ ବ୍ୟକ୍ତି ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି, 'ଦୀପିକା ଆଇଡି ଦେଖାଉଥିବାର ଦୃଶ୍ୟ ପସନ୍ଦ ଲାଗିଲା।' ଆଉ ଜଣେ ସୋସିଆଲ ମିଡିଆ ବ୍ୟବହାରକାରୀ ଲେଖିଛନ୍ତି, 'ଉଭୟ ନିରାପତ୍ତା କର୍ମଚାରୀ ଏବଂ ଦୀପିକା ପାଦୁକୋନ୍ ନୀତିନିୟମ ଅନୁଯାୟୀ କାର୍ଯ୍ୟ କରିଛନ୍ତି।' ଦୀପିକା ବର୍ତ୍ତମାନ ମେଘ୍‌ନା ଗୁଲ୍‌ଜାରଙ୍କ 'ଛପକ୍' ଶୁଟିଂରେ ବ୍ୟସ୍ତ ଅଛନ୍ତି। ବାହାଘର ପରେ ପ୍ରଥମଥର ପାଇଁ ତାଙ୍କୁ ସ୍ୱାମୀ ରଣବୀର ସିଂଙ୍କ ସହିତ '୮୩' ଫିଲ୍ମରେ ଦେଖିବାକୁ ମିଳିବ।



# SUNDAY classifieds




## BRIDE WANTED

ଦୁଇଟି ସନ୍ତାନ ଥିବା 45 age widower groom ପାଇଁ bride ଆବଶ୍ୟକ। 9861136268. D-64976

ଏକ ଘରୋଇ କମ୍ପାନୀରେ କାମ କରୁଥିବା ଜଣେ 30 ବର୍ଷୀୟ ବଙ୍ଗୀୟ ବ୍ରାହ୍ମଣ ଯୁବକଙ୍କ ନିମନ୍ତେ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: 9583365361, 6372494361 D-13095

## GROOM WANTED

କେନ୍ଦ୍ରାପଡ଼ାସ୍ଥିତ 27 ବର୍ଷିୟା B.SC. କରିଥିବା ସୁନ୍ଦର ବ୍ରାହ୍ମଣ ଝିଅ ପାଇଁ ଯେକୌଣସି ଜାତିର ପୁଅ ଦରକାର। 9658674636. D- 13036

Wanted Doctor, Govt. Officer, Bank Officer groom for beautiful Brahmin girl 1991, 5'5" serving Bank Manager, Bangalore. "SUNASANSAR"- 9937512659. D-66707

48 years, 168cms graduation community organizer, Government of Jharkhand, looking for a job/business young man or issueless widower. 7377689793 D-63777

Suitable match for a Bengali girl 35 M.Pharma working in Bangalore, 8249578969. D-13094

Divorcee bride teacher 34, Engineer 39+ (caste-no-bar). Contact: 7873374269. D-66498

43 ବର୍ଷ Khandayata HDFC Bank ରେ clerk (29,000) ଝିଅ ପାଇଁ job/ business man proposal. (Caste no bar). 8895458810. D-13092

Now Matrimonial ads. only on Wednesday & Sunday
Book 1 Get 1 FREE




## SALE

ଭୁବନେଶ୍ୱର ତମାଣ୍ଡୋ ବଜାର କେନ୍ଦ୍ରୀୟ ବିହାର ନିକଟରେ Electricity, BDA Yellowzone 30ft road ଥାଇ Plot ବିକ୍ରିହେବ। 6370292040. D-66395

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

**Developed residential demarcated plot at Hanspal, Nakhara, Rudrapur, DPS, Dadhichi, Balianta and Satyabhamapur, immediate registration and construction: 7978375354.** D-13085

4Stored Building 8000sqft with parking, lift provision @ 340lakhs at Ghatikia GA Plot, Bhubaneswar. Only Genuine buyer contact owner- 8018510988. D-66489

Own plot 17500sqft. with boundary adjacent to 30ft. wide blacktop road near IIT, Bhubaneswar just 3km. from Jatni station 200 psqft. 9437580925. D-66143

Bhubaneswar Patia new Railway station ଠାରେ ସ୍ଥିତିବାନ demarcated plot sqft 500/-, 700/-. 9938501324, 7064471511. D-66706

Booking open for 2BHK flat at Jagannath Nagar, Jharpada, Bhubaneswar available for sale under construction stage 9861616986. D-62189

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66907

2BHK simplex 25,50,000/- finishing Hanspal (Bank finance available)- 7894919750, 9668194157. D-66490

Booking 2BHK simplex BJEM-(2) 1200sqft land 11,80,000/- installment available, Badagada canalroad, Saitemple plots available. 7735738102. D-13068

2BHK simplex 25,50,000/- finishing Hanspal, Gharabari plot- Atala, Rangabazar. 9556261421. D-66491

**3000 sqft near Hanspal Bigbazar under BDA, BMC yellowzone- 9040059669.** D-66495

GA freehold land 40'x60'=2400 sqft at Bharatpur with four side compound wall- 7978214375. D-66247

**2600 sft corner plot sale at SUM Hospital (CET College), Bhubaneswar. Directly contact Deepak- 9937329999.** D-66250

Book 3BHK flat at GGP colony, Rasulgarh near Palasuni Canal Road- 9439716901. D-66581

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13082

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଙ୍କାରୁ ବିକ୍ରିହେବ। 9178660666. D-66570

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617.** D-13083

Luxury 2 Bedroom flats in Visakhapatnam for just Rs.17lacs. Mega gated community with 65 amenities hurry limited offer 8897789069. D-66580

**2000 sft. plot sale at Satyanagar, Bhubaneswar, directly buyer contact Deepak- 9937329999 (Broker Excuse).** D-66249

ଚଣ୍ଡିଖୋଲ ଛକର ନିକଟସ୍ଥ NH 16 କଡ଼ରେ ଥିବା ୩ ଗୁଣ୍ଠ ଜମି ବିକ୍ରି ହେବ। ଆଗ୍ରହୀ କ୍ରେତା ଶୀଘ୍ର ଯୋଗାଯୋଗ କରନ୍ତୁ। 9437494776, 9437022376. D-64073

ଭୁବନେଶ୍ୱର ହଂସପାଳ ଅଟଳା, ରଙ୍ଗବଜାରରେ ଘରବାରି ବାଉଣ୍ଡାରୀ ପ୍ଲଟ ବିକ୍ରି ହେବ- 8093465134, 9668194157. D-66497

ପୁରୀ ବାଟମଙ୍ଗଳା ନିକଟ ସିରେଇକଣା ମୌଜାର ୨୧୦୦ ବର୍ଗଫୁଟ ସ୍ଥିତିବାନ ପ୍ଲଟ ବର୍ଗଫୁଟକୁ ୪୦୦ ଟଙ୍କା ଦରରେ ବିକ୍ରିହେବ। ଯୋଗାଯାଗ: 9937662187, 9556035367. D-13091

Plot near Uttara Chhaka 11160 sqft, Backside of Uttara Petrol Pump, Sqft.2000/- 7749833104. D-66149

Ready 2BHK/3BHK flats sales at Chandrasekharpur, Patia. 7008346486, 9937009250. D-66583




Prabhakar construction get quality house and timely delivered. 9437025258, 9437484711. D-13006

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13084

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368




300 sqft. shop for medicine, etc., A/43, near Reliance Fresh, Ruchika Market, Baramunda, Bhubaneswar. 8763246739. D-58093

3BHK independent house, 1st floor at Santha Vihar, Lingipur. 9439357429, 8114351359. D-61054

2BHK independent house for family at Bajaranga Vihar, Patia, Bhubaneswar, Ph: 9556985544, 9866123690. D-64974

2BHK first floor house near ITER Dumduma, family only. Contact: 9078024474, 9937849309. D-64975

**For godown, stockyard 24400 sqft. plot infront of Tata Motors, Pitapalli- NH, Khurda and 40,000 sqft. plot at Pitapalli bypass adjacent to Biswas College shed will be prepaid as per your requirement. Contact: 9937080060, 9437027643.** D-13048

Commercial space 1400 sqft. first and second floor each, Bapujinagar, 9861082582. D-66536

2BHK living, dining, Pujaroom newly renovated accommodation at BDA Colony, Baramunda Ruchika (Near Market) 9980400668, 8018115416. D-13090

Family accomodation at Shailashree Vihar DAV, Chandrasekharpur, Bhubaneswar- 9338089477. D-66494

Commercial space available on ground floor/ 1st floor (1000 sqft) for office/ showroom at Bapuji Nagar, Bhubaneswar. Contact: 9861390345. D-62190

Tolet 3BHK, 1500sqft. at ShreeVihar. Contact: 9437017426, 7205859421. D-66488

House 2/3 rooms at Jagannath Vihar, Road no.1, Baramunda for rent. Contact: 9958097468. D-66911

Ladies hostel at Nayapalli DAV/ PNB Bank side. 9438490107, 9937345300. D-66910




Fully refreshed/ relaxed body massage by expert therapist, Shastri nagar. 7377984773. D-66550

Rejuvenate and ayurvedic full body massage by smart therapist: 9114402304. D-66551

Full body massage with refreshment, expert therapist. 7381239385, 0674-2540855. D-66573

Experience full body massage with us (expert). Call: 7377048581, 0674- 2597822. D-66574

Herbal full body massage by smart/expert therapist. Contact: 8338067247. D-66575

Newly opening ayurvedic body massage smart therapist, Shree herbal. 7750020754. D-66576

Monalisa club full body massage with hiprofile smart lady air-condition rooms available hurry up ! 9708545108. D-13040

Ayurvedic full body massage ladies/gents experts therapist. 9114697517. D-66906

Summer special mesmerizing offer expert therapeutic refreshing massage appointment. 9668374480. D-66579

New new openly fullbody massage ladies, gents AC room- 7609923705. D-38556

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### Marriage Wish



**Ritu & Manoj**

Wishing you both 1st Wedding Anniversary

**Happy Wedding Anniversary**

D-64977

## CLASSIFIED BOOKING STATIONS

**MAA COMMUNICATION**
Plot No-A/81, Sahid Nagar, Infront of Canara Bank, BBSR. Mr. Tusarkanta Swain, Ph: 7008452524, 9437353424

**JAGANNATH STUDIO**
355, Okilbag, CTC Road, Laxmisagar, near Okilbag Enclave, BBSR. Mr. Ranjan Kumar Sahoo, Mob: 9040302855, 9438185809.

**SAI TOUR TRAVEL**
402/996, Behind Goutam Petrol Pump, BBSR. Mr. Pradeep Kumar Mohanty, Mob: 9348861961, 9040056776.

**ORISSA RESEARCH FOUNDATION & EDUCATIONAL TRUST**
Plot No-1732/A, Gobinda Prasad, Bomikhal, BBSR-10 Mr. Pradeep Kumar Patra, Mob: 8270703878

**ALFA COMMUNICATION**
B-7,Saheed Nagar, BBSR, Contact person: B.B Nayak, Ph: 2547912, 9437101739

**ORIYAPRESSMEDIA.COM**
HN-359, R.K. Complex, 1st Floor, Saheed Nagar, Bhubaneswar, Amarendra Panda, Mob: 9937983859

**NEELACHAL INFOTECH**
Hotel Jajati Complex, Master Canteen Square, BBSR, Nalin Kishore Panda, Ph:0674-2531315, 9861033004

**AKANKSHYA COMMUNICATION**
Near O.S.H.B Office Building, Kharvel Nagar, Unit-III, BBSR-1, Bimal Das., Mob: 9439968686

**SATPATHY ENTERPRISES**
270, Sachivalaya Marg,Unit-IV, BBSR, Kalicharan Satpathy, Ph- 2394630, 3254186, 9090835267

**DHARITRI STALL**
Old Bus Stand, Unit-II, BBSR, Dibakar Sathua, Mob: 9853121114

**GHUNGUR COMMUNICATION**
Palasuni, Bhubaneswar, Manoj Kumar Sahoo, Ph- 9337883640, 9938270084, 9853497164

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR, Lulu Rath, Mob: 9437030835, 2430835

**DOOR SANCHAR P.C.O**
79, In Front of Hotel Venus Inn, Bapujinagar, BBSR, Biraja prasad Mohanty, Mobile: 9437229325

**POOJA AGENCY**
Plot No-5, Bapuji Nagar, BBSR, Kamal Lochan Patra, 9437136979, 9937022211

**TRAVEL SEBA**
Plot No.-117, Bapuji Nagar, BBSR, Durga Prasad Sarangi, Phone: 09853320727, 09583098408

**S. M. ADVERTISERS**
Forest Park, BBSR, Pabitra Ku. Behera Mob: 9658693280

**ASWINI KUMAR PANDA**
Plot-969/3035, Prakruti Vihar, Dleta Square, Aswini Kumar Panda Routray, Ph : 9040020034

**SIVASHAKTI XEROX & BOOK STORE**
SBI Chhak, Mahatab Road, BBSR, Benudhar Mohapatra. Mob:9861446268, 8763174237.

**M/S. S.R. SERVICES**
228, Kedar Gouri Vihar, Bhubaneswar-14, Bishnu Pada Das, Ph: 0674-2434134, 9439353453, 9937071176.

**SWAYAMVER**
Rath Road, Mausima Square, BBSR, M.R. Pradhan, Mob: 9778877018, 8093475794, 6002233

**MAHADEV REALESTATE CONSULTANCY**
A/M-16, Phase-I, Bhimtangi, Old Town, BBSR, Prabas Ku. Sundaray, Ph:0674-2590575, 9937064680

**MAHALAXMI VARIETY STORE**
Badagada Brit Colony, J. K. Panigrahy, Mob : 9437941222

**KANAN COMPUTERS**
Samantrapur, Ramakanta Sasmal, Mob : 9437439164

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**MAA SARALA ENTERPRISES**
N-5/37, Nayapalli, BBSR, Tushar Pattnaik, 8018202611, 9937071279.

**BISHNUPRIYA COMMUNICATION**
Shop No.-5,Ground Floor, P.D Market, BBSR, Nirakar Choudhury, Mob- 9338301743, 9853533237, 0674-2563259

**STUDIO MUNNA PHOTOGRAPHY**
N-6, 311, IRC Village, Nayapali, BBSR, Chitta Ranjan Patra, Mob-9337180581, 9124380581

**EUREKA ADVERTISER**
N-6/259, IRC Village,Nayapali, BBSR, Nihar Ranjan Mohanty, Ph:0674-2360820, 9337111752

**ANITA ADVERTISERS**
S-17, BDA Market Complex, Nilakantha Nagar, near Passport Office, Nayapalli, BBSR-12, Chinmaya Choudhury, Ph: 9338991113, 9861678764, 0674-2564277

**MAA TARINI COMMUNICATION**
Plot No.-1450, IRCVillage, Infront of Travancore Bank, BBSR, Susanta Nanda. Mob- 9437211887

**TAMANNA COMMUNICATION**
Plot-2132/ 4177(B), Vivekananda Marg, BBSR-2, Babina/ Dudu Mohanty, Mob-9438092141, 9937073667

**GYANA BHANDAR**
Tamando, Bhubaneswar, Rohit Behera, Ph: 9438621987

**NET POINT**
Plot No. 516/1758, Sujata House, KIIT Square, Patia, Binit Ku. katual, Ph: 0674-2726335, 9937013246




### ଷଷ୍ଠ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତଃ ଉଗ୍ରସେନ ବାରିକ**
ହାଟମଇତାପୁର, ସିମୁଳିଆ, ବାଲେଶ୍ୱର
ଧରାବତରଣ: ୦୧।୦୧।୧୯୫୨
ସ୍ୱର୍ଗାରୋହଣ: ୨୩।୦୬।୨୦୧୪

ଚାହୁଁ ଚାହୁଁ ଛଅବର୍ଷ ବିତିଗଲାଣି। ଆଜିବି ଆପଣଙ୍କ ସ୍ମୃତି ହୃଦୟରେ ସାଇତା ରହିଛି। ଯେଉଁଠିବି ଥାଆନ୍ତୁ ପରମ ପ୍ରେମମୟ ପ୍ରଭୁ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ଅପାର କରୁଣାରୁ ଆପଣଙ୍କ ଆତ୍ମାର ସଦ୍‌ଗତି ହେଉ, ଏତିକି କାମନା।

**ଶୋକସନ୍ତପ୍ତ:**
**କମଳାକାନ୍ତ, ସୂର୍ଯ୍ୟକାନ୍ତ, ରମାକାନ୍ତ ଓ ପରିବାରବର୍ଗ।**

ଧ-୧୩୦୯୩

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

### ଶ୍ରଦ୍ଧାଞ୍ଜଳି



**ସ୍ୱ ପ୍ରମୋଦ କୁମାର ଆଚାର୍ଯ୍ୟ**

ଆର୍ବିଭାବ- ୧୫.୦୭.୧୯୫୩
ତିରୋଧାନ- ୦୪.୦୭.୨୦୧୮

ଆପଣଙ୍କର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଚରଣାବିନ୍ଦରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ- ପତ୍ନୀ, ପୁତ୍ର, ପୁତ୍ର ବଧୂ, ଝିଅ, ଏବଂ ପରିବାର ବର୍ଗ

ଧ-୬୬୫୮୨



ଇନ୍‌ଫୋସିସ୍ ଏହାର ଅଭିବୃଦ୍ଧି କୌଶଳ ରାସ୍ତାରେ ଠିକ୍ ଭାବେ ଆଗେଇ ଚାଲିଛି। ଆଗକୁ ଭଲ ଫଳାଫଳ ଦେଖିବାକୁ ମିଳିବ ବୋଲି ସେ ଆଶାବାଦୀ।
– ନନ୍ଦନ ନିଲେକାନି, ଅଧ୍ୟକ୍ଷ, ଇନ୍‌ଫୋସିସ୍



ବିଶ୍ୱରେ ନିଜର ଉପସ୍ଥିତି ଜାହିର କରିବା ଲାଗି ଜି୨ ଖୁବ୍‌ଶୀଘ୍ର ଆଇପିଓ ଆଣିବାକୁ ଯାଉଛି। କମ୍ପାନୀ ପାଣ୍ଠି ସଂଗ୍ରହ ଦୃଷ୍ଟିରୁ ଭଲ ସ୍ଥିତିରେ ରହିଛି।
– ଟିମ୍ ହାଣ୍ଡର୍ଫ, ଜି୨ ସହପ୍ରତିଷ୍ଠାତା ତଥା ପ୍ରେସିଡେଣ୍ଟ

## ସଂକ୍ଷେପରେ

### ଏଣିକି ବିଳମ୍ବିତ ହେବନି ବିମାନ ଉଡ଼ାଣ



**ନୂଆଦିଲ୍ଲୀ,୨୨-୬:** ଦେଶରେ ବିମାନ ଉଡ଼ାଣ ବିଳମ୍ବିତ ହେବା ଏକ ସାଧାରଣ ଘଟଣା। ଏଥିପାଇଁ ବିଭିନ୍ନ କାରଣ ରହିଛି। ତେବେ କେନ୍ଦ୍ର ସରକାର ଏଭଳି ଏକ ନୂଆ ବ୍ୟବସ୍ଥା ଆଣିଛନ୍ତି, ଯାହା ଦ୍ୱାରା ବିମାନ ଚଳାଚଳରେ ଆଉ ବିଳମ୍ବ ହେବ ନାହିଁ। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ଶନିବାର ବିମାନ ଯାତାୟାତ ପରିଚାଳନାର କେନ୍ଦ୍ରୀୟ ନିୟନ୍ତ୍ରଣ କେନ୍ଦ୍ର(ସି-ଏଟିଏଫ୍‌ଏମ୍)କୁ ଉଦ୍‌ଘାଟନ କରିଛନ୍ତି। ଅଧିକାଂଶ ବିମାନ ବନ୍ଦର ଏବେ କ୍ଷମତାର ବାଧତା ଭିତରେ ଛନ୍ଦି ହୋଇପଡିଛି। ସେମାନେ ନିଜ କ୍ଷମତା ଠାରୁ ଅଧିକ ଯାତ୍ରୀ ପରିଚାଳନା କରିବାକୁ ବାଧ ହେଉଛନ୍ତି। ତେବେ ନୂଆ ବ୍ୟବସ୍ଥା ଦ୍ୱାରା ବିମାନ ଉଡ଼ାଣ ବିଳମ୍ବକୁ ଅନେକାଂଶରେ ରୋକାଯାଇପାରିବ ଏବଂ ଘୋଷିତ ସମୟରେ ଏହା ଉଡ଼ିପାରିବ ବୋଲି ଆଶାକରାଯାଉଛି। ଆଜିର ବ୍ୟବସ୍ଥା ଉଦ୍‌ଘାଟନ ଦ୍ୱାରା କେନ୍ଦ୍ରୀୟ ବିମାନ ଯାତାୟାତ ପରିଚାଳନା ବ୍ୟବସ୍ଥା ଆପଣାଇବାରେ ଭାରତ ବିଶ୍ୱର ୭ମ ଦେଶ ହୋଇଛି। ଏହା ଏକ ବିଶ୍ୱସ୍ତରୀୟ ପ୍ରଣାଳୀ, ଯେଉଁଠାରେ ଏକ ବଡ଼ ସ୍କ୍ରିନ୍‌ରେ ସାରା ଦେଶର ବେସାମରିକ ବିମାନବନ୍ଦରର ଢାଞ୍ଚା ଓ ବିମାନ ଉଡ଼ାଣକୁ ଦେଖିହେବ।

### ୨୦୨୦ରେ ଏକ୍‌ଜିକ୍ୟୁଟିଭ ପଦ ଛାଡ଼ିବେ ରିଶଦ୍ ପ୍ରେମ୍‌ଜୀ

**ବେଙ୍ଗାଲୁରୁ,୨୨-୬:** ଦେଶର ଚତୁର୍ଥ ସର୍ବବୃହତ୍ ଆଉଟ୍‌ସୋର୍ସ କମ୍ପାନୀ ୱିପ୍ରୋର ଅଧ୍ୟକ୍ଷ ଭାବେ ମନୋନୀତ ହୋଇଥିବା ରିଶଦ୍ ପ୍ରେମ୍‌ଜୀ ୨୦୨୦ରେ ଏକ୍‌ଜିକ୍ୟୁଟିଭ ପଦ ଛାଡ଼ିବେ ବୋଲି କମ୍ପାନୀ ପକ୍ଷରୁ ସଙ୍କେତ ଦିଆଯାଇଛି। ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ(ସେବି)ର ନୂଆ ନିୟମ ଅନୁଯାୟୀ, ତାଲିକାଭୁକ୍ତ କମ୍ପାନୀର ଅଧ୍ୟକ୍ଷ, ଏକ୍‌ଜିକ୍ୟୁଟିଭ ପଦରେ ରହିପାରିବେ ନାହିଁ। ଚଳିତବର୍ଷ ଜୁଲାଇ ୩୦ରେ ଅଜିମ୍ ପ୍ରେମ୍‌ଜୀ ୱିପ୍ରୋ ଅଧ୍ୟକ୍ଷ ପଦରୁ ଅବସର ନେବେ। ତାଙ୍କ ସ୍ଥାନରେ ରିଶଦ୍ ତହିଁ ପରଦିନ ଏହି ପଦରେ ଅଧିଷ୍ଠିତ ହେବେ। ସୂଚନାଯୋଗ୍ୟ ଯେ, ୨୦୨୦ ଏପ୍ରିଲରୁ ତାଲିକାଭୁକ୍ତ କମ୍ପାନୀର ଅଧ୍ୟକ୍ଷ ଜଣେ ଅଣ ଏକ୍‌ଜିକ୍ୟୁଟିଭ ହିଁ ହେବେ ବୋଲି ସେବି ପକ୍ଷରୁ ନୂଆ ନିୟମ ଧାର୍ଯ୍ୟ କରାଯାଇଛି। କମ୍ପାନୀ ପକ୍ଷରୁ ପ୍ରକାଶିତ ୨୦୧୮-୧୯ର ବାର୍ଷିକ ରିପୋର୍ଟରେ କୁହାଯାଇଛି ଯେ, ଚଳିତ ବର୍ଷ ଜୁଲାଇ ୩୧ରୁ ୨୦୨୪ ଜୁଲାଇ ୩୦ ପର୍ଯ୍ୟନ୍ତ ୫ବର୍ଷ ଲାଗି ରିଶଦ୍ ପ୍ରେମ୍‌ଜୀଙ୍କୁ କମ୍ପାନୀର ଫୁଲ୍‌ଟାଇମ୍ ଡାଇରେକ୍ଟର ଭାବେ ନିଯୁକ୍ତ କରାଯିବ। ଏହା ଲାଗୁ ହେବା ପରେ ୭୪ ପ୍ରତିଶତ ଭୋଟିଂ ଅଧିକାର ରହିବା ସତ୍ତ୍ୱେ ପ୍ରମୋଟର ପରିବାରର କମ୍ପାନୀ ପରିଚାଳନାରେ କୌଣସି ଭୂମିକା ରହିବ ନାହିଁ।

# ଅର୍ଥନୀତିଜ୍ଞଙ୍କ ସହ ମୋଦିଙ୍କ ମାନସମନ୍ଥନ

**ନୂଆଦିଲ୍ଲୀ,୨୨-୬**

## ଆର୍ଥିକ ଅଭିବୃଦ୍ଧି ଚିନ୍ତା

- ୬ ବିନ୍ଦୁ ଉପରେ ଆଲୋଚନା
- ଅର୍ଥନୀତିକୁ ଗତିଶୀଳ କରିବାର ଆହ୍ୱାନ ରହିଛି
- ବଡ଼ ପଦକ୍ଷେପ ନିଆଯିବା ସମ୍ଭାବନା



ବଜେଟ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଦେଶର ପ୍ରମୁଖ ଅର୍ଥନୀତିଜ୍ଞ ଏବଂ ବିଶେଷଜ୍ଞଙ୍କ ସହିତ ଦେଶର ଆର୍ଥିକ ପରିସ୍ଥିତି ଉପରେ ମାନସ ମନ୍ଥନ କରିଥିଲେ। ଏହା ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା ଯେ, ମୋଦି ସରକାରଙ୍କ ପ୍ରଥମ କାର୍ଯ୍ୟକାଳରେ ଅର୍ଥନୀତି ହ୍ରାସ ପାଇବା ସହ ନିଯୁକ୍ତି ୪୫ ବର୍ଷର ସର୍ବନିମ୍ନ ସ୍ତରରେ ଆସି ପହଞ୍ଚିଛି। ଦେଶର ବିକାଶକୁ ଗତିଶୀଳ କରିବା ଏବଂ ଅଧିକ ନିଯୁକ୍ତି ସୃଷ୍ଟି ଲାଗି ଆର୍ଥିକ ନୀତିର ରୂପରେଖ ପ୍ରସ୍ତୁତ କରିବା ଏହି ବୈଠକର ଉଦ୍ଦେଶ୍ୟ ଥିଲା। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ ଏହି ବୈଠକରେ ଉପସ୍ଥିତ ଥିଲେ। ନୀତି ଆୟୋଗ ପକ୍ଷରୁ 'ଆର୍ଥିକ ନୀତି–ଆଗକୁ ରାସ୍ତା' ଶୀର୍ଷକରେ ଏହି ବୈଠକ ଆୟୋଜନ କରାଯାଇଥିଲା।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଜାରି ବିବୃତି ଅନୁଯାୟୀ, ବିଶେଷଜ୍ଞମାନେ ଅର୍ଥନୀତି, ରୋଜଗାର, କୃଷି, ଜଳସେଚନ, ରପ୍ତାନି,ଶିକ୍ଷା ଏବଂ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଜ ନିଜର ପରାମର୍ଶମାନ ଦେଇଥିଲେ। ନିକଟରେ ଜାରି ଜିଡିପି ତଥ୍ୟ ପ୍ରକାଶ ପାଇବା ପରେ ଦେଶକୁ ଆର୍ଥିକ ମାନ୍ଦାବସ୍ଥାରୁ ରକ୍ଷା କରିବାର ବଡ଼ ଆହ୍ୱାନ ରହିଛି। ପ୍ରକାଶିତ ଜିଡିପି ତଥ୍ୟ ଅନୁଯାୟୀ, ୨୦୧୮–୧୯ର ଚତୁର୍ଥ ତ୍ରୈମାସରେ ଦେଶର ବିକାଶ ହାର ମାତ୍ର ୫.୮% ରହିଛି, ଯାହା କି, ୫ ବର୍ଷର ସର୍ବନିମ୍ନ ସ୍ତର। ଅନ୍ୟପକ୍ଷରେ ୨୦୧୭–୧୮ରେ ବେକାରୀ ୪୫ ବର୍ଷର ସର୍ବନିମ୍ନ ସ୍ତର ୬.୧%ରେ ପହଞ୍ଚିଯାଇଛି। ସରକାରଙ୍କ ପ୍ରଥମ କାର୍ଯ୍ୟକାଳରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବେକାରୀ ସମସ୍ୟାକୁ ନେଇ ସମାଲୋଚନାର ସରବ୍ୟ ହେବାକୁ ପଡ଼ିଥିଲା। ବିରୋଧୀ ଦଳଗୁଡ଼ିକ ନିର୍ବାଚନରେ ଏହାକୁ ଏକ ବଡ଼ ପ୍ରସଙ୍ଗ କରିଥିଲେ। ଅର୍ଥମନ୍ତ୍ରୀ ସୀତାରାମନ୍ ଜୁଲାଇ ୫ରେ ମୋଦି ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଏହାପୂର୍ବରୁ ନୀତି ଆୟୋଗ ଦ୍ୱାରା ଆୟୋଜିତ ଉକ୍ତ ବୈଠକର ବେଶ୍ ଗୁରୁତ୍ୱ ରହିଛି। ଦେଶର ଆର୍ଥିକ ବିକାଶକୁ ଗତି ଦେବା ଲାଗି ଅର୍ଥନୀତିଜ୍ଞଙ୍କ ସହିତ ମନ୍ଥନରେ ସାମିଲ ହେବା ପରେ ସେ କିଛି ବଡ଼ ପଦକ୍ଷେପ ଗ୍ରହଣ କରିପାରନ୍ତି ବୋଲି ମନେ କରାଯାଉଛି। ଏହି ବୈଠକରେ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ) ରାଓ ଇନ୍ଦ୍ରଜିତ ସିଂ, ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଏବଂ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଉପସ୍ଥିତ ସମସ୍ତ ଅର୍ଥନୀତିଜ୍ଞ ଏବଂ ବିଶେଷଜ୍ଞଙ୍କୁ ସେମାନଙ୍କ ପରାମର୍ଶ ପାଇଁ ଧନ୍ୟବାଦ ଦେଇଥିଲେ ଏବଂ ସରକାର ସେମାନଙ୍କ ପରାମର୍ଶକୁ କାର୍ଯ୍ୟକାରୀ କରିବା ଲାଗି ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ରୋହନ ହିରୋରେ ୩ ନୂଆ ଯାନର ବଜାର ପ୍ରବେଶ



**ଭୁବନେଶ୍ୱର,୨୨–୬(ବ୍ୟୁରୋ)**

ହିରୋମୋଟୋକର୍ପ ପକ୍ଷରୁ ଓଡ଼ିଶା ବଜାରରେ ଶନିବାର ୩ ନୂଆ ମଡେଲର ବଜାର ପ୍ରବେଶ ହୋଇଛି। ଏହି ମଡେଲଗୁଡିକ ମଧ୍ୟରେ ହିରୋ ମାଏଷ୍ଟ୍ରୋ ଏଜ୍ ୧୨୫, ଏକ୍ସପଲ୍‌ସ ୨୦୦ଟି ଏବଂ ଏକ୍ସଟ୍ରିମ ୨୦୦ ଏସ୍ ରହିଛି। ଭୁବନେଶ୍ୱରର ରୋହନ ହିରୋ ଶୋ'ରୁମ୍‌ଠାରେ ମଡେଲଗୁଡିକୁ ଉନ୍ମୋଚନ କରାଯାଇଥିଲା। ଶୋ'ରୁମର ସ୍ୱତ୍ୱାଧିକାରୀ ରାଜୀବ ଦୁବେ ନୂଆ ଯାନଗୁଡିକୁ ବଜାର ପ୍ରବେଶ କରାଇଥିଲେ। ହିରୋ ମାଏଷ୍ଟ୍ରୋ ଏଜ୍‌ରେ ଗ୍ରାହକମାନେ ଦେଶର ପ୍ରଥମ ସ୍କୁଟର ଭାବେ ଫୁଏଲ ଇଞ୍ଜେକସନ(ଏଫ୍‌ଆଇ) ଟେକ୍ନୋଲୋଜି ପାଇ ପାରିବେ। ଏହାର ଆଇ୩ଏସ୍ କାର୍ବ ଭାରିଆଣ୍ଟର ବଜାର ଦର ୬୧,୧୦୦ଟଙ୍କା ଏବଂ ଡିସ୍କ ଭାରିଆଣ୍ଟର ବଜାର ଦର ୬୩,୯୦୦ ଟଙ୍କା ରହିଛି। ସେହିଭଳି ଏକ୍ସପଲ୍‌ସ ୨୦୦ଟି ମଡେଲର ବଜାର ଦର ୯୬,୦୦୦ ଟଙ୍କା ରହିଛି। ଏକ୍ସଟ୍ରିମ ୨୦୦ଏସ୍ ସିଟି ପରଫରମାନ୍ସକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଥିବା ବେଳେ ଏହାର ବଜାର ଦର ୯୯,୯୦୦ ଟଙ୍କା ରହିଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି।

# ହାଲୁଆ ସେରିମନି ସହ ବଜେଟ ପୁସ୍ତିକା ଛାପା ଆରମ୍ଭ

## ୧୫ ଦିନ ଅର୍ଥ ମନ୍ତ୍ରଣାଳୟରେ ବନ୍ଦୀ ରହିବେ ୧୦୦ କର୍ମଚାରୀ

**ନୂଆଦିଲ୍ଲୀ,୨୨–୬**



ଶନିବାରଠାରୁ ବଜେଟ ଛାପା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଅବସରରେ ନର୍ଥ ବ୍ଲକ୍‌ସ୍ଥିତ ଅର୍ଥ ମନ୍ତ୍ରଣାଳୟର ବେସ୍‌ମେଣ୍ଟରେ ପରମ୍ପରାଗତ ହାଲୁଆ ସେରିମନି ପାଳନ କରାଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଓ ଅର୍ଥ ମନ୍ତ୍ରଣାଳୟର ଶୀର୍ଷ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସମସ୍ତେ ହାଲୁଆ ଖାଇବା ପରେ ବଜେଟ ଛାପା କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଅନୁଷ୍ଠାନ ଆୟୋଜନ ହେବା ପରଠାରୁ ୧୦୦ ଜଣ ଶୀର୍ଷ ଅଧିକାରୀ ଓ କର୍ମଚାରୀ ଆସନ୍ତା ୧୫ ଦିନ ପର୍ଯ୍ୟନ୍ତ ଅର୍ଥ ମନ୍ତ୍ରଣାଳୟରେ ବନ୍ଦି ହୋଇରହିବେ। ସେମାନଙ୍କ ସହ ବାହ୍ୟ ସମସ୍ତ ସମ୍ପର୍କ ଛିନ୍ନ କରାଯାଇଛି। ଜୁଲାଇ ୫ରେ ଅର୍ଥମନ୍ତ୍ରୀ ସଂସଦରେ ବଜେଟ ଉପସ୍ଥାପନ କରିବା ପରେ ହିଁ ସେମାନେ ବାହାରକୁ ଆସିପାରିବେ। ଏପରିକି ସେମାନଙ୍କ ସହ ପରିବାରର ମଧ୍ୟ କୌଣସି ସମ୍ପର୍କ ରହିବ ନାହିଁ। କାରଣ ବଜେଟ ଛାପା କାର୍ଯ୍ୟ ସମ୍ପୂର୍ଣ୍ଣ ଗୋପନୀୟ କାର୍ଯ୍ୟ ହୋଇଥାଏ। ଏଥିସହିତ ଜଡ଼ିତ ଜଟିଳ ପ୍ରକ୍ରିୟାକୁ ହାଲ୍‌କା କରିବା ଉଦ୍ଦେଶ୍ୟରେ ହାଲୁଆ ସେରିମନିର ଆୟୋଜନ କରାଯାଇଥାଏ। ଏନ୍‌ଡିଏ ସରକାର ତାଙ୍କର ପ୍ରଥମ କାର୍ଯ୍ୟକାଳର ଶେଷ ହେବା ପୂର୍ବରୁ ୨୦୧୯–୨୦ର ଅନ୍ତରୀଣ ବଜେଟ ଉପସ୍ଥାପନ କରିଥିଲେ। ହାଲୁଆ ସେରିମନି ପରେ ଅର୍ଥମନ୍ତ୍ରୀ ସୀତାରାମନ୍ ଛାପାଖାନା ପରିଦର୍ଶନ କରିଥିଲେ।

# ଟାଇଟନର ଏଣ୍ଡ୍ ଅଫ୍ ସିଜନ୍ ସେଲ୍

**କଲିକତା,୨୨–୬**

ପ୍ରମୁଖ ଘଣ୍ଟା ବ୍ରାଣ୍ଡ ଟାଇଟନ ପକ୍ଷରୁ ଏଣ୍ଡ ଅଫ୍ ସିଜନ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ୨୧ ଜୁନଠାରୁ ଜୁଲାଇ ୧୪ ମଧ୍ୟରେ ଗ୍ରାହକମାନେ ୱାର୍ଲଡ ଅଫ୍ ଟାଇଟନ ଷ୍ଟୋରରୁ ଟାଇଟନର ପ୍ରଡକ୍ଟ କ୍ରୟ ଉପରେ ଆକର୍ଷଣୀୟ ଅଫର ଲାଭ କରିପାରିବେ। ଏହି ସମୟରେ ଗ୍ରାହକମାନେ ଘଣ୍ଟା ଏବଂ ଆସେସୋରିଜ ଉପରେ ପ୍ରାୟ ୪୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଟାଇଟନର ବିସ୍ତୃତ ରେଞ୍ଜ ସମେତ ଟମିହିଲଫିଗର, କେନେଥ କୋଲ୍, ଫାଷ୍ଟ୍ରାକ୍ ସନ୍‌ଗ୍ଲାସ ଉପରେ ଏହି ଅଫର ଉପଲବ୍ଧ ହେବ। ୨୦୦ରୁ ଉର୍ଦ୍ଧ୍ୱ ସହରରେ ୪୯୬ ସ୍ୱତନ୍ତ୍ର ଷ୍ଟୋରରେ ଏହି ରିହାତି ଗ୍ରାହକ ଲାଭ କରିପାରିବେ। ଏହା ଦେଶର ପ୍ରମୁଖ ଘଣ୍ଟା ରିଟେଲର ହୋଇଥିବା ବେଳେ ୩୫ଟି ଦେଶରେ ନିଜର ଉପସ୍ଥିତି ଜାହିର କରିପାରିଛି। ଏହି ଅଫର ସଦ୍ୟତମ କଲେକ୍ସନ ଉପରେ ଉପଲବ୍ଧ ହେବ ନାହିଁ ବୋଲି ଟାଇଟନ ପକ୍ଷରୁ କୁହାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତା

# ଜେଏସ୍‌ପିଏଲ୍ ଦେଲା ୩ କୋଟି ଟଙ୍କା

**ଭୁବନେଶ୍ୱର,୨୨–୬**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍‌ପିଏଲ୍) ପକ୍ଷରୁ ଫନୀ ପ୍ରଭାବିତ ଲୋକଙ୍କ ସହାୟତା ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୩ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟ ସଚିବାଳୟଠାରେ ଭେଟି ଏଥି ସଂକ୍ରାନ୍ତ ଚେକ୍ ପ୍ରଦାନ କରିଥିଲେ। ଏକ ଦାୟିତ୍ୱବାନ କର୍ପୋରେଟ ଭାବେ ଜେଏସ୍‌ପିଏଲ୍ ପ୍ରାକୃତିକ ଦୁର୍ବିପାକରେ କ୍ଷତିଗ୍ରସ୍ତ ଲୋକଙ୍କ ସହାୟତା ଲାଗି ଆଗେଇ ଆସିଛି ବୋଲି ଏହାର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି। କ୍ଷତିଗ୍ରସ୍ତ ଅଞ୍ଚଳରେ ରିଲିଫ ଏବଂ ପୁନରୁଦ୍ଧାର କାର୍ଯ୍ୟ ସହ ଜନସାଧାରଣ ଏବଂ ସରକାରଙ୍କ ସହ ରହିଛୁ ବୋଲି ଜିନ୍ଦଲ କହିଛନ୍ତି। ରାଜ୍ୟ ସରକାରଙ୍କ ଦୁର୍ବିପାକ ପରିଚାଳନାକୁ ସେ ପ୍ରସଂଶା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।




# ଓଜିବି ପକ୍ଷରୁ ୨୨.୯୦ ଲକ୍ଷ ଟଙ୍କା

**ଭୁବନେଶ୍ୱର,୨୨–୬**

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଓଡିଶା ଗ୍ରାମ୍ୟ ବ୍ୟାଙ୍କ(ଓଜିବି) ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଛି। ବାତ୍ୟା ପ୍ରଭାବିତଙ୍କ ପୁନରୁଦ୍ଧାର ଏବଂ ଥଇଥାନ ଲାଗି ବ୍ୟାଙ୍କ ପକ୍ଷରୁ ୨୨.୯୦ ଲକ୍ଷ ଟଙ୍କା ଦିଆଯାଇଛି। ଓଜିବିର ଅଧ୍ୟକ୍ଷ ବୃନ୍ଦାବନ ନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟ ସଚିବାଳୟଠାରେ ଭେଟି ଏଥି ସଂକ୍ରାନ୍ତ ଚେକ୍ ପ୍ରଦାନ କରିଛନ୍ତି।




## ବିଭିନ୍ନ ଶିଳ୍ପସଂସ୍ଥା ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ




ପୂର୍ବତଟ ରେଳପଥ ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟାଳୟ, ରେଳ ମଣ୍ଡଳ ଏବଂ ପ୍ରାନ୍ତୀୟ କାର୍ଯ୍ୟାଳୟଗୁଡିକରେ ଅନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଯାଇଛି। ଏଥିରେ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ଏବଂ ଗୁରୁ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ଯୋଗର ଉପକାରିତା ଉପରେ ମତ ରଖିଥିଲେ।




ବିଏସ୍‌ଏନ୍‌ଏଲ୍ ରାଜ୍ୟ ଟେଲିକମ୍ ସର୍କଲ କାର୍ଯ୍ୟାଳୟରେ ଯୋଗାଭ୍ୟାସ ଅବସରରେ ସିଜିଏମ୍ ଡ.ୟୁ.ଏସ୍. ପଣ୍ଡାଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ।



ନାଲ୍‌କୋ ଭୁବନେଶ୍ୱରସ୍ଥିତ ନିଗମ କାର୍ଯ୍ୟାଳୟଠାରେ ଅଧ୍ୟକ୍ଷ ତପନ କୁମାର ଚାନ୍ଦଙ୍କ ସହ କର୍ମଚାରୀମାନେ ବହୁ ସଂଖ୍ୟାରେ ସାମିଲ ହୋଇ ଯୋଗାଭ୍ୟାସ କରୁଛନ୍ତି।

# ମେମୁ ହେବ ପୂର୍ବତଟ ରେଳପଥର ପାସେଞ୍ଜର ଟ୍ରେନ

**ଭୁବନେଶ୍ୱର,୨୨–୬**

## ରେଳ ବୋର୍ଡ ସଦସ୍ୟଙ୍କ କାର୍ଯ୍ୟ ସମୀକ୍ଷା



- ରଥଯାତ୍ରା ପାଇଁ ଚାଲିବ ୧୪୯ ସ୍ୱତନ୍ତ୍ର ଟ୍ରେନ
- ମାସେ ସୁଦ୍ଧା ସରିବ ପୁରୀ ଷ୍ଟେଶନ ପୁନରୁଦ୍ଧାର କାର୍ଯ୍ୟ
- ଭୁବନେଶ୍ୱର, ପୁରୀରେ କାର୍ଯ୍ୟକ୍ଷମ ହେବ ମେକାନାଇଜଡ ଲଣ୍ଡ୍ରି
- ଶିଳ୍ପର ପରିବହନ ଚାହିଦା ପୂରଣ ଲକ୍ଷ୍ୟ

ଖୋର୍ଦ୍ଧା ରୋଡ୍‌ଠାରେ ଥିବା ମେମୁ ସେଡ୍‌ର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣକୁ ରେଲୱେ ବୋର୍ଡ ପକ୍ଷରୁ ଅନୁମୋଦନ ମିଳିଛି। ଏହା ଦ୍ୱାରା ପୂର୍ବତଟ ରେଳପଥର ସମସ୍ତ ପାସେଞ୍ଜର ଟ୍ରେନକୁ ଆଗାମୀ ୨ ବର୍ଷ ମଧ୍ୟରେ ମେମୁ ଟ୍ରେନରେ ରୂପାନ୍ତରିତ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ମେମୁ ସେଡ୍‌ର ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେଲେ ଟ୍ରେନଗୁଡିକୁ ଧୀରେ ଧୀରେ ମେମୁରେ ରୂପାନ୍ତରିତ କରିବା ସୁବିଧା ହେବ। ଟ୍ରେନ ଚଳାଚଳରେ ସମୟାନୁବର୍ତ୍ତିତା ଆଣିବା ଲାଗି ରେଲୱେ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି। ରେଲୱେ ବୋର୍ଡ ରୋଲିଙ୍ଗ ଷ୍ଟକ ସଦସ୍ୟ ରାଜେଶ ଅଗ୍ରୱାଲ ପୂର୍ବତଟ ରେଳପଥର ବିଭିନ୍ନ କାର୍ଯ୍ୟ ଶନିବାର ସମୀକ୍ଷା କରିବା ପରେ ଏହି ଘୋଷଣା କରିଛନ୍ତି। ଫନୀରେ ପ୍ରଭାବିତ ଏବଂ କ୍ଷତିଗ୍ରସ୍ତ ହୋଇଥିବା ରେଳ ଭିତ୍ତିଭୂମି, ରେଳ ସେବାକୁ ସେ ସମୀକ୍ଷା କରିଥିଲେ। ସେବା ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରିତ କରିଥିବାରୁ ପୂର୍ବତଟ ରେଳପଥକୁ ଅଗ୍ରୱାଲ ପ୍ରଶଂସା କରିଥିଲେ।

ପଣ୍ୟ ପରିବହନରେ ରେଳପଥକୁ ସର୍ବୋଚ୍ଚ ସ୍ଥାନରେ ପହଞ୍ଚାଇଥିବାରୁ ସମସ୍ତ ସଦସ୍ୟଙ୍କୁ ସେ ଶୁଭେଚ୍ଛା ଜଣାଇଛନ୍ତି। ଆଗାମୀ ୩ ମାସରେ ଭୁବନେଶ୍ୱର ଏବଂ ପୁରୀଠାରେ ମେକାନାଇଜଡ ଲଣ୍ଡ୍ରି ସ୍ଥାପନ, ଯାତ୍ରୀବାହୀ ଟ୍ରେନଗୁଡିକରେ ପାଣିର ଅଭାବ ଦୂରୀକରଣ, ଶିଳ୍ପସଂସ୍ଥାଗୁଡିକର ମାଲ ପରିବହନ ଚାହିଦା ପୂରଣ ଲାଗି ଅଧିକ ୱାଗନ ଉପଲବ୍ଧ କରାଇବାକୁ ଯୋଜନା ରହିଥିବା ସେ ବୈଠକରେ ସୂଚନା ଦେଇଛନ୍ତି। ଏହା ଦ୍ୱାରା ପାୱାର ପ୍ଲାଣ୍ଟ ଏବଂ କୋଇଲ ଉତ୍ପାଦନକାରୀ ସଂସ୍ଥାଗୁଡିକ ଲାଭବାନ ହୋଇପାରିବେ। ସେହିଭଳି ବାୟୋଟଏଲେଟ ଟ୍ରେନ ଶୌଚାଳୟଗୁଡିକରେ ବ୍ୟବହାର ହେଉଥିବା ଭେନଚୁରୀ ପ୍ରଣାଳୀକୁ ପୂର୍ବତଟ ରେଳପଥର ସବୁ ଟ୍ରେନରେ ପ୍ରଚଳନକରିବାକୁ ଲକ୍ଷ୍ୟ ରଖାଯାଇଥିବା ଜଣାପଡିଛି।

ଫନୀ ପ୍ରଭାବିତ ପୁରୀ ରେଳଷ୍ଟେଶନକୁ ଆସନ୍ତା ମାସ ସୁଦ୍ଧା ସମ୍ପୂର୍ଣ୍ଣ ପୁନରୁଦ୍ଧାର କରାଯିବାକୁ ପୂର୍ବତଟ ରେଳପଥ ପକ୍ଷରୁ ଯୋଜନା ଧାର୍ଯ୍ୟ ହୋଇଛି। ରଥଯାତ୍ରା ସମୟରେ ୧୪୯ ସ୍ୱତନ୍ତ୍ର ଟ୍ରେନ ଚଳାଚଳ ନେଇ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ପୂର୍ବତଟ ରେଳପଥରେ ସଂରକ୍ଷିତ କୋଚ୍ ସଂଖ୍ୟା ବୃଦ୍ଧି, ଅଟୋମୋବାଇଲ ଡିଲରଙ୍କ ସୁବିଧା ଲାଗି ପରିବହନ ବ୍ୟବସ୍ଥା, ମଞ୍ଚେଶ୍ୱର ରେଳଡବା କାରଖାନାରେ ଏଲ୍‌ଏଚ୍‌ବି କୋଚଗୁଡିକର ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଅଗ୍ରୱାଲ କହିଛନ୍ତି। ଫନୀ ଦ୍ୱାରା ପୂର୍ବତଟ ରେଳପଥ ୬୦୦ କୋଟି ଟଙ୍କାର କ୍ଷତି ସହିଛି। ଏହା ମଧ୍ୟରେ ଭିତ୍ତିଭୂମିରେ ୪୦୦ କୋଟି ଏବଂ ଆୟ ବାବଦରେ ୨୦୦ କୋଟି ଟଙ୍କା କ୍ଷତି ସାମିଲ ରହିଛି। ପୁନରୁଦ୍ଧାର କାର୍ଯ୍ୟ ଲାଗି ସ୍ୱତନ୍ତ୍ର ଆର୍ଥିକ ସହାୟତା ଲାଗି ରେଳପଥ ପକ୍ଷରୁ ରେଲୱେ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି।

# ସାମିଙ୍କ ହ୍ୟାଟ୍ରିକ: ଭାରତର ସଂଘର୍ଷପୂର୍ଣ୍ଣ ବିଜୟ

**ସାଉଥାମ୍ପଟନ,୨୨।୬(ପି.ଟି.)**

ଚଳିତ ବିଶ୍ୱକପ୍‌ରେ ଭାରତ ଶନିବାର ଆଫଗାନିସ୍ତାନ ବିପକ୍ଷରେ ଏକ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। ସ୍ଥାନୀୟ ରୋଜ ବାଉଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଟୁର୍ନାମେଣ୍ଟର ୨୮ତମ ମ୍ୟାଚ୍‌ରେ ଭାରତ ୧୧ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ମ୍ୟାଚ୍‌ର ଅନ୍ତିମ ଓଭରର ତୃତୀୟ, ଚତୁର୍ଥ ଓ ପଞ୍ଚମ ବଲ୍‌ରେ ଉଇକେଟ ନେଇ ଦ୍ରୁତ ବୋଲର ମହମ୍ମଦ ସାମି ହ୍ୟାଟ୍ରିକ ଅର୍ଜନ କରିବା ସହ ଭାରତର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୨୨୪ ରନ ସଂଗ୍ରହ କରିଥିଲା। ଜବାବରେ ଆଫଗାନିସ୍ତାନ ୪୯.୫ ଓଭରରେ ୨୧୩ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଛି। ଏଥିସହିତ ଭାରତ ୫ଟି ମ୍ୟାଚ୍ ଖେଳି ୪ ବିଜୟ ଓ ଗୋଟିଏ ବିନା ଫଳାଫଳ ସହ ୯ ପଏଣ୍ଟ ହାସଲ କରି ତାଲିକାର ତୃତୀୟ ସ୍ଥାନକୁ ଉଠିଛି। ଅନ୍ୟପଟେ ଆଫଗାନିସ୍ତାନ ୬ଟି ମ୍ୟାଚ୍ ଖେଳି ସବୁଥିରେ ପରାଜୟ ବରଣ କରି ପଏଣ୍ଟ ତାଲିକାରେ ଖାତା ଖୋଲି ନ ପାରି ତାଲିକାର ଅନ୍ତିମ ତଥା ଦଶମ ସ୍ଥାନରେ ରହିଛି।

୨୨୫ ରନ ଛୋଟିଆ ବିଜୟ ଲକ୍ଷ୍ୟର ପିଛା କରି ଆଫଗାନିସ୍ତାନ ଭଲ ଆରମ୍ଭ କରିଥିଲା। ବିଜୟ ହାସଲ କରିବା ପାଇଁ ଭାରତକୁ ନାକେଦମ୍ ହେବାକୁ ପଡିଥିଲା। ଦଳ ତରଫରୁ ମହମ୍ମଦ ନବୀ ୫୨, ରହମତ ଶାହ ୩୬, ଗୁଲବଦିନ ନାଇବ ୨୭, ନାଜିବୁଲ୍ଲା ଜଦ୍ରାନ ୨୧, ହଜରତୁଲ୍ଲା ଜାଜାଇ ୧୦, ରସିଦ ଖାଁ ୧୪ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ସାମି ସର୍ବାଧିକ ୪, ଯଶପ୍ରୀତ ବୁମ୍‌ରା, ଯୁଜବେନ୍ଦ୍ର ଚହଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଏହି ନିଷ୍ପତ୍ତି ବୁମେରାଂ ସାବ୍ୟସ୍ତ ହୋଇଥିଲା। ଅଶା କରାଯାଉଥିଲା ଭାରତ ବଡ଼ ସ୍କୋର ହାସଲ କରିବ। ଭାରତର ମିଡିଲଅର୍ଡର ସାଂଘାତିକ ଭାବେ ବିଫଳ ହୋଇଥିଲା। କିନ୍ତୁ ଆଫଗାନିସ୍ତାନ ସ୍ପିନରମାନେ ନିୟମିତ ଅନ୍ତରରେ ଉଇକେଟ ହାସଲ କରିବା ସହ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲେ। ଯାହା ଫଳରେ ଭାରତ ବଡ଼ ସ୍କୋର ହାସଲ କରିପାରି ନ ଥିଲା। ଭାରତ ଆରମ୍ଭରୁ ଇନ୍‌ଫର୍ମ ଓପନର ରୋହିତ ଶର୍ମାଙ୍କୁ ହରାଇଥିଲା। ମାତ୍ର ୧ ରନ କରିଥିବା ବେଳେ ରୋହିତ ମୁଜିବ ଉର ରହମାନଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାପରେ ଦ୍ୱିତୀୟ ଉଇକେଟରେ ଅନ୍ୟତମ ଓପନର ଲୋକେଶ ରାହୁଲ ଓ ଅଧିନାୟକ ବିରାଟ କୋହଲି ୫୭ ରନ ସଂଗ୍ରହ କରିଥିଲେ। ତେବେ ବେପରୁଆ ଭାବେ ମହମ୍ମଦ ନବୀଙ୍କ ବଲ୍‌କୁ ରିଭର୍ସ ସୁଇପ୍ ଖେଳି ଶର୍ଟଥାର୍ଡ ମ୍ୟାନରେ ରାହୁଲ ହଜରତୁଲ୍ଲା ଜାଜାଇଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ୪ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ବିଜୟ ଶଙ୍କର ୨୯ ରନ କରିଥିବା ବେଳେ ରହମତ ଶାହଙ୍କ ବଲ୍‌ରେ ସୁଇପ୍ କରିବାକୁ ଯାଇ



ହ୍ୟାଟ୍ରିକ୍ ଉଇକେଟ୍ ଅକ୍ତିଆର କରିଥିବା ମହମ୍ମଦ ସାମି।

ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ୬୩ ବଲରୁ ୫ ଚୌକା ସହ ୬୭ ରନ କରି କ୍ରିଜ୍‌ରେ ଜମିଆସୁଥିବା ବେଳେ କୋହଲି ନବୀଙ୍କ ବଲ୍‌ରେ ପଏଣ୍ଟ ଉପରକୁ ଖେଳିବାକୁ ଯାଇଥିଲେ। ତେବେ ଅତିରିକ୍ତ ବାଉନ୍ସ ଯୋଗୁ ସେ ପଏଣ୍ଟରେ ରହମତଙ୍କ ହାତରେ ଧରା ପଡିଥିଲେ। ତୃତୀୟ ଉଇକେଟରେ କୋହଲି ଓ ଶଙ୍କର ୫୮ ରନ ସଂଗ୍ରହ କରିଥିଲେ। କୋହଲି ଆଉଟ୍ ହେବା ପରେ ଭାରତ ମୁମେଣ୍ଟମ ବା ଗତି ହରାଇଥିଲା। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ମନ୍ଥର ବ୍ୟାଟିଂ କରି ୫୨ଟି ବଲ ଖେଳି ୩ଟି ଚୌକା ସହ ମାତ୍ର ୨୮ ରନ କରିଥିବା ବେଳେ ତାରକା ସ୍ପିନର ରସିଦ ଖାଁ ବଲ୍‌ରେ ଷ୍ଟମ୍ପ ଆଉଟ ହୋଇଥିଲେ। ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ କେଦାର ଯାଦବ ବେଶ ଲଢେଇ କରିଥିଲେ ଓ ୬୮ଟି ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୧ ଛକା ସହ ୫୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଗୁଲବଦିନ ନାଇବଙ୍କ ବଲ୍‌ରେ ବଦଳ ଖେଳାଳି ନୁର ଅଲି ଜଦ୍ରାନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ପଞ୍ଚମ ଉଇକେଟରେ ଧୋନୀ ଓ କେଦାର ୫୭ ରନ ସଂଗ୍ରହ କରିଥିଲେ। ତେବେ ଏହା ଯଥେଷ୍ଟ ହୋଇ ନ ଥିଲା। ଏହାପରେ ହାର୍ଦ୍ଦିକ ପାଣ୍ଡ୍ୟା ୭, ମହମ୍ମଦ ସାମି ୧ ରନ କରି ଆଉଟ ହୋଇଥିବା ବେଳେ କୁଲଦୀପ ଯାଦବ ଓ ଯଶପୀତ ବୁମ୍‌ରା ୧ ରନ କରି ଅପରାଜିତ ରହିଥିଲେ। ଆଫଗନିସ୍ତାନ ବୋଲରମାନେ ଦୃଷ୍ଟାନ୍ତମୂଳକ ବୋଲିଂ କରିଥିଲେ। ଭାରତୀୟ ବ୍ୟାଟ୍ସମ୍ୟାନମାନେ ୧୫୨ଟି ଡଟ୍ ବଲ୍ ଦେଇଥିଲେ। ଅର୍ଥାତ ୨୫.୨ ଓଭରରେ ଭାରତ କୌଣସି ରନ୍ ସଂଗ୍ରହ କରି ନ ଥିଲେ। ଗତ ମ୍ୟାଚ୍‌ରେ ଆଫଗାନିସ୍ତାନ ଇଂଲଣ୍ଡ ବିପକ୍ଷରେ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ ଓ ୨୫ଟି ଛକା ଦେଇଥିଲେ। ମିଡଲ ଓଭରରେ ଧୋନୀ ଷ୍ଟ୍ରାଇକ ରୋଟେଟ କରିବାରେ ବିଫଳ ହୋଇଥିଲେ। ସବୁଠାରୁ ବଡ଼ କଥା ହେଉଛି ଆଫଗାନିସ୍ତାନର ୩ଜଣ ସ୍ପିନରଙ୍କ ବିପକ୍ଷରେ ଭାରତୀୟ ବ୍ୟାଟ୍ସମ୍ୟାନ କୌଣସି ରିସ୍କ ନେବାକୁ କୁଣ୍ଠାବୋଧ କରିଥିଲେ। ଏପରିକି ଫୁଲଟସ୍ ବଲଗୁଡ଼ିକୁ ଧୋନୀ ଓ କେଦାର ଡିଫେନ୍ସ କରିଥିବା ଦେଖାଯାଇଥିଲା। ଆଶ୍ଚର୍ଯ୍ୟର କଥା ହେଉଛି ଯେ, ଏହି ମ୍ୟାଚ୍ ପୂର୍ବରୁ ଭାରତ ତାର ୩ଟି ମ୍ୟାଚ୍‌ରେ ୧୪ଟି ଉଇକେଟ ହରାଇଥିଲେ ମଧ୍ୟ ସ୍ପିନରଙ୍କୁ ଉଇକେଟ ଦେଇ ନ ଥିଲେ। ବୋଲିଂରେ ଆଫଗାନିସ୍ତାନ ତରଫରୁ ନାଇବ ଓ ନବୀ ଦୁଇଟି ଲେଖାଏ, ରହମାନ, ଅଫତାବ ଆଲମ, ରସିଦ ଓ ରହମତ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ସ୍କୋର ବୋର୍ଡ

**ଭାରତ ଇନିଂସ**

ରାହୁଲ-କ-ଜାଜାଇ-ବୋ-ନବି-୩୦
ରୋହିତ-ବୋ-ମୁଜିବ୍-୧
କୋହଲି-କ-ରହମତ-ବୋ-ନବି-୬୭
ବିଜୟ ଶଙ୍କର-ଏଲବିଡବ୍ଲ୍ୟୁ-ରହମତ-୨୯
ଧୋନୀ-ଷ୍ଟମ୍ପ-ଇକ୍ରାମ ଅଲି-ବୋ-ରସିଦ-୨୮
କେଦାର- କ-ଜାଦ୍ରାନ (ବଦଳ)-ବୋ ନାଇବ-୫୨
ହାର୍ଦ୍ଦିକ-କ-ଇକ୍ରାମ ଅଲି-ବୋ-ଅଫ୍‌ତାବ-୭
ସାମି-ବୋ-ନାଇବ-୧
କୁଲଦୀପ-ନଟଆଉଟ-୧
ଯଶପ୍ରୀତ୍-ନଟଆଉଟ-୧
ଅତିରିକ୍ତ-୭
ମୋଟ (୫୦ ଓଭର, ୮ଉଇକେଟ) ୨୨୪।
ଉଇକେଟ ପତନ: ୧/୭, ୨/୬୪, ୩/୧୨୨, ୪/୧୩୫, ୫/୧୯୨, ୬/୨୧୭, ୭/୨୨୨, ୮/୨୨୩।

ବୋଲିଂ (ଆଫଗାନିସ୍ତାନ)
ମୁଜିବୁର୍ ୧୦-୦-୨୬-୧
ଅଫତାବ ୭-୧-୫୪-୧
ଗୁଲବଦିନ ୯-୦-୫୧-୨
ମହମ୍ମଦ ନବି ୯-୦-୩୩-୨
ରସିଦ ଖାଁ ୧୦-୦-୩୮-୧
ରହମତ ୫-୦-୨୨-୧

**ଆଫଗାନିସ୍ତାନ ଇନିଂସ**

ଜାଜାଇ-ବୋ-ସାମି-୧୦
ନାଇବ୍-କ-ଶଙ୍କର-ବୋ-ହାର୍ଦ୍ଦିକ-୨୭
ରହମତ୍-କ-ଚହଲ-ବୋ-ବୁମ୍‌ରା-୩୬
ହସ୍‌ମାତୁଲ୍ଲା-କ ଆଣ୍ଡ ବୋ ବୁମ୍‌ରା-୨୧
ଅସ୍‌ଗର-ବୋ-ଚହଲ-୮
ନବି-କ-ହାର୍ଦ୍ଦିକ-ବୋ-ସାମି-୫୨
ଜାଦ୍ରାନ-କ-ଚହଲ-ବୋ-ପାଣ୍ଡ୍ୟା-୨୧
ରସିଦ-ଷ୍ଟମ୍ପ-ଧୋନୀ-ବୋ-ଚହଲ-୧୪
ଇକ୍ରାମ ଅଲି-ନଟଆଉଟ-୭
ଅଫତାବ-ବୋ-ସାମି-୦
ମୁଜିବୁର୍-ବୋ-ସାମି-୦
ଅତିରିକ୍ତ-୧୭
ମୋଟ (୪୯.୫ ଓଭର, ଅଲଆଉଟ)-୨୧୩।
ଉଇକେଟ ପତନ: ୧/୨୦, ୨/୬୪, ୩/୧୦୬, ୪/୧୦୬, ୫/୧୩୦, ୬/୧୬୬, ୭/୧୯୦, ୮/୨୧୩, ୯/୨୧୩,୧୦/୨୧୩।

ବୋଲିଂ (ଭାରତ)
ମହମ୍ମଦ ସାମି ୯.୫-୧-୪୦-୪
ଯଶପ୍ରୀତ ବୁମ୍‌ରା ୧୦-୧-୩୯-୨
ଚହଲ ୧୦-୦-୩୬-୨
ପାଣ୍ଡ୍ୟା ୧୦-୧-୫୧-୨
କୁଲଦୀପ ୧୦-୦-୩୯-୦

## ବିଶ୍ୱକପ୍‌ରେ ଭାରତଠାରୁ ହାରିବା ନୂଆ ନୁହେଁ

**ଲଣ୍ଡନ, ୨୨।୬ (ପି.ଟି.):** ରବିବାର ଖେଳାଯିବାକୁଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ତାଙ୍କ ଦଳ ପ୍ରତ୍ୟାବର୍ତ୍ତନ କରିବ ବୋଲି ପାକିସ୍ତାନ କ୍ରିକେଟ ଦଳର ଅଧିନାୟକ ସର୍ଫରାଜ ଅହମ୍ମଦ ଆଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଭାରତ ବିପକ୍ଷ ମ୍ୟାଚରେ ପରାଜୟ ତାଙ୍କ ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। କାରଣ ବିଶ୍ୱକପ୍‌ରେ ଭାରତ ନିକଟରୁ ପାକିସ୍ତାନ ହାରିବା ନୂଆ କଥା ନୁହେଁ। ତେଣୁ ଏହି ପରାଜୟକୁ ନେଇ ଆମେ ଚିନ୍ତା କରୁନାହୁଁ ଏଣିକି ଟୁର୍ନାମେଣ୍ଟର ଅବଶିଷ୍ଟ ମ୍ୟାଚ ଉପରେ ଆମର ନଜର ରହିବ। ଚଳିତ ବିଶ୍ୱକପ୍‌ରେ ପାକିସ୍ତାନ ଏପର୍ଯ୍ୟନ୍ତ ୫ଟି ମ୍ୟାଚ ଖେଳି ସାରିଥିବା ବେଳେ କେବଳ ଗୋଟିଏ ମ୍ୟାଚରେ ବିଜୟ ହାସଲ କରିପାରିଛି। ଦଳ ମାଞ୍ଚେଷ୍ଟରଠାରେ ଏହାର ଗତ ମ୍ୟାଚରେ ଭାରତ ନିକଟରୁ ୮୯ରନରେ ପରାଜିତ ହୋଇଛି। ଭାରତ ବିପକ୍ଷ ଏକ ବିଶ୍ୱକପ୍ ମ୍ୟାଚରେ ପରାଜିତ ହେଲେ ପାକିସ୍ତାନ ଦଳର ଅଧିନାୟକ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଚାପରେ ରହିଥାନ୍ତି ବୋଲି ଲୋକମାନଙ୍କ ମନରେ ଧାରଣା ଥାଏ। କିନ୍ତୁ ପ୍ରକୃତରେ ତାହା ନୁହେଁ ବୋଲି ସର୍ଫରାଜ କହିଛନ୍ତି। ଆଇସିସି ଦିନିକିଆ ବିଶ୍ୱକପ୍‌ରେ ଭାରତ ଏଥରକୁ ମିଶାଇ ୭ଥର ପାକିସ୍ତାନକୁ ହରାଇ ସାରଛି। ଅନପକ୍ଷରେ ସର୍ଫରାଜ ସ୍ୱୀକାର କରିଛନ୍ତି ଯେ, ଭାରତ ନିକଟରୁ ପରାଜୟ ପରେ ଖେଳାଳି ଏବଂ ସେମାନଙ୍କ ପରିବାରକୁ ଥଟ୍ଟା ପରିହାସ ଶୁଣିବାକୁ ମିଳିଥାଏ ଏବଂ ସୋସିଆଲ ମିଡିଆରେ ଏଣୁତେଣୁ କଥା ପ୍ରସାରିତ ହୋଇଥାଏ। ଲୋକମାନଙ୍କ ଭାବାବେଗକୁ ଆମେ ରୋକିପାରିବା ନାହିଁ। ଆମେ ଯେତେବେଳେ ମ୍ୟାଚ ଜିତୁ ସେତେବେଳେ ଏହି ଲୋକମାନେ ଆମକୁ ମୁଣ୍ଡରେ ବସାଇଥାନ୍ତି ବୋଲି ପାକିସ୍ତାନ ଅଧିନାୟକ ପ୍ରକାଶ କରିଛନ୍ତି।

## ଓ୍ୱିଲିୟମ୍‌ସନ୍‌ଙ୍କ ଶତକ

**ମାଞ୍ଚେଷ୍ଟର, ୨୨।୬:** ଶନିବାର ଆଇସିସି ବିଶ୍ୱକପ୍‌ରେ ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ହରାଇ ୨୯୧ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଅଧିନାୟକ କେନ୍ ଓ୍ୱିଲିୟମ୍‌ସନ୍ ୧୪୮ (୧୫୪ ବଲ୍, ୧୪ ଚୌକା, ୧ ଛକା) ରନ୍‌ର ଦମ୍‌ଦାର ଇନିଂସ୍ ଖେଳିଥିଲେ। ଓ୍ୱିଲିୟମ୍‌ସନ୍‌ଙ୍କ କ୍ୟାରିୟର୍‌ର ଏହା ଶ୍ରେଷ୍ଠ ଇନିଂସ୍। ଅଭିଜ୍ଞ ରସ୍ ଟେଲର ୬୯ ରନ୍ କରିଥିଲେ।

## ପାକିସ୍ତାନ-ଦକ୍ଷିଣ ଆଫ୍ରିକା ସମ୍ମାନ ଲଢ଼େଇ

**ଲଣ୍ଡନ,୨୨।୬(ପି.ଟି.)**

ଚଳିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ରେ ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ଏକପ୍ରକାର ସେମିଫାଇନାଲ ଦୌଡ଼ରୁ ବାଦ୍ ପଡିସାରିଥିଲେ ମଧ୍ୟ ରବିବାର ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସ୍ଥାନୀୟ ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଉକ୍ତ ଦୁଇ ଦଳ ସମ୍ମାନ ପାଇଁ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଏପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ୬ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୪ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ସେମିଫାଇନାଲ ଦୌଡରୁ ବାଦ୍ ପଡିସାରିଛି। ତେବେ ପାକିସ୍ତାନ ଏପର୍ଯ୍ୟନ୍ତ ୫ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୩ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ନବମ ସ୍ଥାନରେ ରହିଥିଲେ ମଧ୍ୟ ସେମିଫାଇନାଲକୁ ଉଠିବାର କ୍ଷୀଣ ଆଶା ରହିଛି। ତେବେ ଏଥିପାଇଁ ପାକିସ୍ତାନକୁ ବାକି ଥିବା ୪ଟି ମ୍ୟାଚ୍ ଜିତିବାକୁ ହେବ। କେବଳ ସେତିକି ନୁହଁ, ଅନ୍ୟ ମ୍ୟାଚ୍‌ଗୁଡିକର ଫଳାଫଳ ଉପରେ ପାକିସ୍ତାନର ଭାଗ୍ୟ ନିର୍ଭର କରିବ।

୧୯୯୨ ଚାମ୍ପିୟନ ପାକିସ୍ତାନ କେବଳ ଆୟୋଜକ ଇଂଲଣ୍ଡକୁ ହରାଇଛି। ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନ ଓ୍ୱେଷ୍ଟଇଣ୍ଡିଜଠାରୁ ୭ ଉଇକେଟରେ ପରାସ୍ତ ହୋଇଥିଲା। ଜୁନ ୧୬ରେ ଭାରତଠାରୁ ପାକିସ୍ତାନ ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଥିଲା। ସାରା ବିଶ୍ୱରେ ପାକିସ୍ତାନ ପ୍ରଶଂସକ ଏହି ପରାଜୟରେ ବେଶ୍ ନିରାଶ ହୋଇ ଅସନ୍ତୋଷ ଜାହିର କରିଥିଲେ। ଏହା ସ୍ୱାଭାବିକ କଥା। ପ୍ରଶଂସକ ନିଜ ଜାତୀୟ ଦଳ ଉପରେ ବହୁତ ଆଶା ରଖିଥାନ୍ତି। ତେଣୁ ପରାଜୟରେ ସେମାନେ ନିରାଶ ହେବାରେ କୌଣସି ଆଶ୍ଚର୍ଯ୍ୟ ହେବାର ନାହିଁ ବୋଲି ପୂର୍ବତନ ପାକିସ୍ତାନ ଅଲରାଉଣ୍ଡର ସାହିଦୀ ଆଫ୍ରିଦି ପୂର୍ବତନ ଦ୍ରୁତ ବୋଲର ସୋଏବ ଅଖତାରଙ୍କ ସହ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ କଥା ହେବା ଅବସରରେ କହିଛନ୍ତି। ବୋଲିଂରେ କେବଳ ମହମ୍ମଦ ଆମୀର ଏକା ଲଢେଇ କରିଥିଲେ। ପାକିସ୍ତାନର ବ୍ୟାଟିଂ ଓ ଫିଲ୍ଡିଂ ନୈରାଶ୍ୟଜନକ ବୋଲି ସେ କହିଛନ୍ତି। ଅଭିଜ୍ଞ ସୋଏବ ମଲିକଙ୍କ ପ୍ରଦର୍ଶନ ମଧ୍ୟ ଖରାପ ରହିଛି।

ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ମଧ୍ୟ ଭୁଲ୍‌ରୁ ଶିକ୍ଷା କରିନାହିଁ। ଦଳ ଆଶାଠାରୁ ବହୁତ କମ୍ ପ୍ରଦର୍ଶନ କରିଛି। ଗତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା କେନ୍ ଓ୍ୱିଲିୟମସନଙ୍କ ନ୍ୟୁଜିଲାଣ୍ଡ ଦଳଠାରୁ ପରାସ୍ତ ହୋଇଥିଲା। ଦମ୍‌ଦାର ବ୍ୟାଟିଂ କରି ଓ୍ୱିଲିୟମସନ ଦଳକୁ ଜିତାଇଥିଲେ। ଏବେ ଆମେ ଦକ୍ଷତା ଅନୁରୂପ ଖେଳିବାକୁ ଲକ୍ଷ୍ୟ ରଖିଛୁ ବୋଲି ଦକ୍ଷିଣ ଆଫ୍ରିକା ହେଡ୍ କୋଚ୍ ଓଟିସ ଗିବସନ କହିଛନ୍ତି।



ସର୍ଫରାଜ ଅହମ୍ମଦ ଓ ଫାଫ୍ ଡୁ ପ୍ଲେସିସ୍।

**ଆଜିର ମ୍ୟାଚ୍**

ପାକିସ୍ତାନ
ବନାମ
ଦକ୍ଷିଣ ଆଫ୍ରିକା

ସ୍ଥାନ ଲଣ୍ଡନ
ସମୟ ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଶନିବାର ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷ ମ୍ୟାଚ୍‌ରେ ୧୪୮ ରନ୍‌ର ଶତକୀୟ ଇନିଂସ୍ ଖେଳିଥିବା ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ଓ୍ୱିଲିୟମ୍‌ସନ୍।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୬ | ୫ | ୧ | ୦ | ୦ | ୧୦ | +୦.୮୪୯ |
| ନ୍ୟୁଜିଲାଣ୍ଡ | ୫ | ୪ | ୦ | ୦ | ୧ | ୯ | +୧.୫୯୧ |
| ଭାରତ | ୫ | ୪ | ୦ | ୦ | ୧ | ୯ | +୦.୮୦୯ |
| ଇଂଲଣ୍ଡ | ୬ | ୪ | ୨ | ୦ | ୦ | ୮ | +୧.୪୫୭ |
| ଶ୍ରୀଲଙ୍କା | ୬ | ୨ | ୨ | ୦ | ୨ | ୬ | -୧.୧୧୯ |
| ବାଂଲାଦେଶ | ୬ | ୨ | ୩ | ୦ | ୧ | ୫ | +୦.୧୩୮ |
| ଓ୍ୱେଷ୍ଟଇଣ୍ଡିଜ | ୫ | ୧ | ୩ | ୦ | ୧ | ୩ | +୦.୨୭୨ |
| ଦକ୍ଷିଣ ଆଫ୍ରିକା | ୬ | ୧ | ୪ | ୦ | ୧ | ୩ | -୦.୧୯୩ |
| ପାକିସ୍ତାନ | ୫ | ୧ | ୩ | ୦ | ୧ | ୩ | -୧.୯୩୩ |
| ଆଫଗାନିସ୍ତାନ | ୬ | ୦ | ୬ | ୦ | ୦ | ୦ | -୧.୭୧୨ |

## ସ୍ୱତନ୍ତ୍ର କ୍ଲବରେ ମାଲିଙ୍ଗା

**ଲିଡ୍ସ,୨୨।୬**

ଶ୍ରୀଲଙ୍କାର ଅଭିଜ୍ଞ ପେସର ଲସିଥ ମାଲିଙ୍ଗା ଏକ ସ୍ୱତନ୍ତ୍ର କ୍ଲବରେ ସ୍ଥାନ ପାଇଛନ୍ତି। ଏଠାରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସେ ୪ ଉଇକେଟ ନେଇ ବିଶ୍ୱକପ୍ ଇତିହାସରେ ୫୦ ଉଇକେଟ ପୂରଣ କରିଛନ୍ତି। ସେ ବିଶ୍ୱର ୪ର୍ଥ ଓ ଶ୍ରୀଲଙ୍କାର ଦ୍ୱିତୀୟ ବୋଲର ଭାବେ ବିଶ୍ୱକପ୍‌ରେ ୫୦ ଉଇକେଟ ଅଧିକାରୀ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ଏହି ସମ୍ମାନଜନକ ତାଲିକାରେ ଗ୍ଲେନ ମ୍ୟାକଗ୍ରାଥ (୭୧), ମୁଥିଆ ମୁରଲୀଧରନ (୬୮) ଓ ଓ୍ୱାସିମ ଆକ୍ରମ (୫୫)ଙ୍କ ଭଳି ପୂର୍ବତନ ବୋଲର ରହିଛନ୍ତି। ଉଲ୍ଲେଖଥାଉ କି, ୨୩୨ ରନ୍‌ର ପିଛା କରୁଥିବା ଇଂଲଣ୍ଡକୁ ଆରମ୍ଭରୁ ଝଟ୍‌କା ଦେଇଥିଲେ। ଜନି ବେଆରଷ୍ଟୋ (୦) ଓ ଜେମ୍ସ ଭିନ୍ସ (୧୪)ଙ୍କ ଉଇକେଟ ନେବା ପରେ କ୍ରିଜ୍‌ରେ ଜମି ସାରିଥିବା ଜୋ ରୁଟ୍ (୫୭) ଓ ଜୋସ ବଟଲର (୧୦)ଙ୍କୁ ପ୍ୟାଭିଲିଅନ ଫେରାଇ ଦେଇଥିଲେ।

## ସୁଯୋଗ ସୃଷ୍ଟି କରିଛି ଶ୍ରୀଲଙ୍କାର ବିଜୟ

**କୁମାର ସାଙ୍ଗକାରା**

ବିଶ୍ୱକପ୍‌ରେ ଶ୍ରେଷ୍ଠ ୪ଟି ଦଳର ପ୍ରଭାବ ଦେଖିବାକୁ ମିଳିଛି। ପୁଣି ବର୍ଷା ଓ ଖରାପ ପାଗ ମଧ୍ୟ ଟୁର୍ନାମେଣ୍ଟକୁ ନକାରାତ୍ମକ ଭାବେ ପ୍ରଭାବିତ କରିଛି। ତେବେ ଏତିକି ବେଳେ ଶ୍ରୀଲଙ୍କା ପୂର୍ବ ବିଫଳତାକୁ ପଛରେ ପକାଇ ଜବରଦସ୍ତ ପ୍ରଦର୍ଶନ କରି ଆୟୋଜକ ତଥା ଫେଭରାଇଟ ଇଂଲଣ୍ଡ ଦଳକୁ ହରାଇ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରିଛି। ଫଳରେ ସାରା ଟୁର୍ନାମେଣ୍ଟ ଏବେ ଖୋଲା ହୋଇଯାଇଛି ଓ ଶ୍ରୀଲଙ୍କା ସମେତ ଅନ୍ୟ ଦଳଗୁଡିକ ପାଇଁ ସୁଯୋଗ ସୃଷ୍ଟି ହୋଇଛି।

ଶୁକ୍ରବାର ହେଡିଂଲେରେ ଶ୍ରୀଲଙ୍କା ଇଂଲଣ୍ଡକୁ ହରାଇବ ବୋଲି କେହି ଆଶା କରି ନ ଥିବେ। ଇଂଲଣ୍ଡ ଦଳରେ ପ୍ରାୟ ସବୁ ଖେଳାଳି ଅଭିଜ୍ଞ ଓ ମ୍ୟାଚ୍ ଓ୍ୱିନର। ଏହି ଦଳ ବେଶ୍ ସନ୍ତୁଳିତ। ଗତ ୪ ବର୍ଷ ଧରି ଇଂଲଣ୍ଡ ପୂରା ଯୋଜନାବଦ୍ଧ ଭାବେ ଏକ ଶକ୍ତିଶାଳୀ ଦଳ ଗଢିବାର ପ୍ରକ୍ରିୟା ଆରମ୍ଭ କରିଆସିଛି। ତେଣୁ ଏଭଳି ଏକ ଦଳକୁ ହରାଇ ଶ୍ରୀଲଙ୍କା ଏକ ବିପର୍ଯ୍ୟୟ ଘଟାଇଛି କହିଲେ ଭୁଲ ହେବନାହିଁ। ଅନ୍ୟପଟେ ବିଶ୍ୱକପ୍ ଆରମ୍ଭରୁ ଶ୍ରୀଲଙ୍କା ସବୁ ଦୃଷ୍ଟିକୋଣରୁ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଛି। ଟସ୍ ଜିତିବା ଶ୍ରୀଲଙ୍କା ପାଇଁ କାମ ଦେଇଥିଲା। ଶୁଖିଲା ପିଚ୍‌ରେ ବଲ୍ ମନ୍ଥର ହୋଇଥିଲା ଓ ଟର୍ନ ମଧ୍ୟ କରିଥିଲା, ଯାହା ଶ୍ରୀଲଙ୍କା ସପକ୍ଷରେ ଯାଇଥିଲା। ୨୮୦ରନ ଲଢୁଆ ସ୍କୋର ବୋଲି ବିବେଚନା କରାଯାଉଥିବା ବେଳେ ଶ୍ରୀଲଙ୍କା ୨୩୨ ରନ କରି ମଧ୍ୟ ବିଜୟୀ ହୋଇଥିଲା। ଟୁର୍ନାମେଣ୍ଟରେ ପ୍ରଥମ ମ୍ୟାଚ୍ ଖେଳିଥିଲେ ମଧ୍ୟ ଅଭିଷ୍କା ଫର୍ନାଣ୍ଡୋ ଦମ୍‌ଦାର ବ୍ୟାଟିଂ କରିଥିଲେ। ଦିମୁଥ କରୁଣାରତ୍ନେ ଓ କୁଶାଲ ପେରେରା ସଅଳ ଆଉଟ ହୋଇଥିଲେ ମଧ୍ୟ ଅଭିଷ୍କା ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ଫର୍ନାଣ୍ଡୋ ଏକ କ୍ୱାଲିଟି ବ୍ୟାଟ୍ସମ୍ୟାନ ଭଳି ଖେଳିଥିଲେ। ମିଡଲ ଅର୍ଡର ପୁଣି ସଂଘର୍ଷ କରିଥିଲେ ମଧ୍ୟ କୁଶାଲ ମେଣ୍ଡିସ୍ ଭଲ ଖେଳିଥିଲେ। ଦଳର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବୋଲି ଆଞ୍ଜେଲୋ ମାଥ୍ୟୁସ ପ୍ରମାଣ କରିଥିଲେ। ଦମ୍‌ଦାର ଇନିଂସ ଖେଳି ସେ ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ।

ବୋଲିଂରେ ଅଭିଜ୍ଞ ଲସିଥ ମାଲିଙ୍ଗା ଆଶା ଅନୁରୂପ ପ୍ରଦର୍ଶନ କରି ସ୍ୱଳ୍ପ ରନ ବ୍ୟୟ କରିବା ସହ ମୂଲ୍ୟବାନ ଉଇକେଟମାନ ଅକ୍ତିଆର କରି ଶ୍ରୀଲଙ୍କା ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ମାଲିଙ୍ଗାଙ୍କୁ ଅନ୍ୟ ବୋଲରମାନେ ମଧ୍ୟ ସହାୟତା ପ୍ରଦାନ କରିଥିଲେ, ନ ହେଲେ ବିଜୟୀ ହେବା କଷ୍ଟକର ହୋଇଥାନ୍ତା। ଶ୍ରୀଲଙ୍କାର ବିଜୟ ପରେ ଟୁର୍ନାମେଣ୍ଟ ଖୋଲା ହୋଇଛି। ଏବେ ଶ୍ରୀଲଙ୍କା ଓ ବାଂଲାଦେଶ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଯଦି ଏହି ଦୁଇ ଦଳ ସେମାନଙ୍କର ଅନ୍ତିମ ୩ଟି ମ୍ୟାଚ୍‌ରେ ବିଜୟୀ ହୁଅନ୍ତି ତେବେ ସେମିଫାଇନାଲକୁ ଉଠିବାର ସମ୍ଭାବନା ରହିଛି।

ଭାରତ ଏକ ସନ୍ତୁଳିତ ଦଳ ହୋଇଥିଲେ ମଧ୍ୟ ତାରକା ଓପନର ଶିଖର ଧାୱନ ଇଞ୍ଜୁରି କାରଣରୁ ବିଶ୍ୱକପ୍‌ରୁ ବାଦ୍ ପଡିବା ସମସ୍ତଙ୍କୁ ନିରାଶ କରିଛି। ବୋଲିଂ, ବ୍ୟାଟିଂ ଓ ଫିଲ୍ଡିଂରେ ଭାରତର ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ହୋଇପାରିଛି। ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଦଳରେ ସାମିଲ କରାଯାଇଛି। ତେବେ ସେ ଖେଳିବେ କି ନା ଜାଣିନାହିଁ। କିନ୍ତୁ ଯଦି ସେ ଖେଳନ୍ତି ତାହେଲେ ତାଙ୍କ ଖେଳ ଦେଖିବି।

-(ଗେମ୍‌ପ୍ଲାନ)


THE ULTIMATE INVERTER BATTERY
EXIDE INVATUBULAR




**ସଂକ୍ଷେପରେ**

## ଆଡଭାନୀଙ୍କୁ ସମ୍ପୂର୍ଣ୍ଣ କ୍ୟାରିୟର ଗ୍ରାଣ୍ଡସ୍ଲାମ୍

**ନୂଆଦିଲ୍ଲୀ, ୨୨।୬ (ପି.ଟି.):** ଭାରତର ଅଗ୍ରଣୀ କ୍ୟୁଇଷ୍ଟ ପଙ୍କଜ ଆଡଭାନୀ ଶୁକ୍ରବାର ୩୫ତମ ପୁରୁଷ ଏସିଆନ ସ୍ନୁକର ଚାମ୍ପିୟନଶିପ୍ ଜିତିଛନ୍ତି। ଏଥିସହିତ ସେ ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ଶେଷ କରିଛନ୍ତି। ଆଡଭାନୀ ଏସିବିଏସ ଏସିଆନ ସ୍ନୁକର ଇଭେଣ୍ଟ-୬-ରେଡ୍ (ଶର୍ଟ ଫର୍ମାଟ) ଏବଂ ୧୫-ରେଡ୍ (ଲଙ୍ଗ୍ ଫର୍ମାଟ) ସହିତ ଉଭୟ ଫର୍ମାଟରେ ଆଇବିଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍ ଜିତିଛନ୍ତି। ଭାରତୀୟ ଖେଳାଳି ପୂର୍ବରୁ ବିଲିୟାର୍ଡ୍ସରେ ଏହି ସଫଳତା ହାସଲ କରିସାରିଛନ୍ତି। ତାଙ୍କର କେବଳ ଏହି ୧୫-ରେଡ୍ ଏସିଆନ ଟାଇଟଲର ଅଭାବ ରହିଥିଲା। ଆଡଭାନୀ ଫାଇନାଲରେ ଥନାୱାତ ତିରାପଙ୍ଗପେବୁନ୍‌ଙ୍କୁ ୬-୩ରେ ପରାସ୍ତ କରି ଏକମାତ୍ର ଖେଳାଳି ଭାବେ ଉଭୟ ଏସିଆନ ଏବଂ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ସମସ୍ତଫର୍ମାଟ ଜିତିବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

## ସେମିରେ ଫେଡ଼୍‌ରର

**ହାଲେ (ଜର୍ମାନୀ),୨୨।୬(ଏଏଫ୍‌ପି):** ରୋଜର ଫେଡ୍‌ରର ଏକ ତିନି ସେଟ୍ ବିଶିଷ୍ଟ ମ୍ୟାଚ୍‌କୁ ଜିତି ଏଠାରେ ଚାଲିଥିବା ହାଲେ ଓପନ ଏଟିପି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେ ୬-୩, ୪-୬, ୬-୪ ସେଟ୍‌ରେ ରବର୍ଟୋ ବୌତିସ୍ତା ଅଗୁତଙ୍କୁ ହରାଇ ଦେଇଛନ୍ତି। ବିଶ୍ୱର ୩ୟ ର୍ୟାଙ୍କଧାରୀ ଫେଡ୍‌ରର ୧୫ ଥର ଏହି ଟୁର୍ନାମେଣ୍ଟର ସେମିଫାଇନାଲରେ ସ୍ଥାନ ପାଇଛନ୍ତି। ଚଳିତ ଥର ସେ ୧୦ମ ଟାଇଟଲ ହାତେଇବାକୁ ଲକ୍ଷ୍ୟ ରଖିଛନ୍ତି। ସୁଇଜରଲାଣ୍ଡ କିମ୍ବଦନ୍ତୀ ଖେଳାଳି ପରବର୍ତ୍ତୀ ମ୍ୟାଚ୍‌ରେ ପିଏରେ ହୁଗୁସ ହର୍ବର୍ଟଙ୍କୁ ଭେଟିବେ। ଅନ୍ୟ ଏକ ମ୍ୟାଚ୍‌ରେ ବିଶ୍ୱର ୫ମ ର୍ୟାଙ୍କ ଆଲେକ୍ସଜାଣ୍ଡର ଜେଭରେଭ ୬-୩, ୧-୬, ୧-୭(୩/୭) ସେଟ୍‌ରେ ଡେଭିଡ ଗଫିନଙ୍କଠାରୁ ପରାସ୍ତ ହୋଇଛନ୍ତି।

# ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟରେ ଭାରତ

**ହିରୋଶିମା,୨୨।୬(ପି.ଟି.)**

ଭାରତୀୟ ମହିଳା ହକି ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ ଯୋଗ୍ୟତା ପର୍ଯ୍ୟାୟ ଫାଇନାଲ ରାଉଣ୍ଡରେ ପ୍ରବେଶ କରିବାରେ ସଫଳ ହୋଇଛି। ଶନିବାର ଏଠାରେ ଖେଳାଯାଇଥିବା ମହିଳା ଏଫ୍‌ଆଇଏଚ୍ ସିରିଜ୍ ଫାଇନାଲ୍ସର ସେମିଫାଇନାଲରେ ବିଶ୍ୱ ମାନ୍ୟତାର ୯ମ ସ୍ଥାନରେ ରହିଥିବା ଭାରତୀୟ ଦଳ ୪-୨ ଗୋଲ ବ୍ୟବଧାନରେ ନିମ୍ନ ର୍ୟାଙ୍କପ୍ରାପ୍ତ ଚିଲିକୁ ହରାଇ ଦେଇଛି। ବିଜୟୀ ଦଳ ଲାଗି ଗୁରଜିତ କୌର ଡବଲ୍ ଗୋଲ ଦେଇଥିବାବେଳେ ଅଧିନାୟିକା ରାଣୀ ରାମ୍‌ପାଲ ଓ ନବନୀତ କୌର ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲେ।

ମ୍ୟାଚ୍ ଆରମ୍ଭରୁ ଚିଲି ଦଳ ପ୍ରତିପକ୍ଷ ଭାରତକୁ ଚକ୍‌ମା ଦେବାରେ ସଫଳ ହୋଇଥିଲା। ମ୍ୟାଚ୍‌ର ୧୮ତମ ମିନିଟ୍‌ରେ ଚିଲିର କାରୋଲିନା ଗାରିକ ଏକ ଗୋଲସ୍କୋର କରି ଦଳକୁ ୧-୦ ଗୋଲରେ ଅଗ୍ରଣୀ ଦେଇଥିଲେ। କିନ୍ତୁ ଏହାର ୪ ମିନିଟ୍ ପରେ ଗୁରଜିତ କୌର (୨୨ତମ ମିନିଟ)ଙ୍କ ଗୋଲ ବଳରେ ମ୍ୟାଚ୍ ୧-୧ ବରାବର ସ୍ଥିତିକୁ ଆସିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଏହି ସ୍କୋର ଲାଇନ ସ୍ଥିର ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତ ଦଳ ଦୁଇଟି ଗୋଲ ସ୍କୋର କରିଥିଲା।



ବିଜୟ ହାସଲ ପରେ ଉଲ୍ଲସିତ ଭାରତୀୟ ମହିଳା ହକି ଦଳ।

ନବନୀତ କୌର ୩୧ତମ ଏବଂ ଗୁରଜିତ ୩୭ତମ ମିନିଟ୍‌ରେ ଦଳ ପାଇଁ ୩ୟ ତଥା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇଥିଲେ। ମାନୁଏଲା ଉରୋଜ (୪୩ତମ ମିନିଟ୍) ଚିଲି ଲାଗି ଏକ ଗୋଲ ପରିଶୋଧ କରିଥିଲେ। ଫଳରେ ୩ୟ କ୍ୱାର୍ଟର ଶେଷ ସୁଦ୍ଧା ଭାରତ ୩-୨ ଗୋଲରେ ଆଗୁଆ ରହିଥିଲା। ଏହାପରେ ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଭାରତୀୟ ଅଧିନାୟିକା ରାଣୀ (୫୭ତମ)ଙ୍କ ଗୋଲ ଦକ୍ଷିଣ ଆମେରିକୀୟ ଦଳ ଚିଲିଠାରୁ ମ୍ୟାଚ୍

**ମହିଳା ଏଫ୍‌ଆଇଏଚ୍ ହକି ସିରିଜ ଫାଇନାଲ୍ସ**

ଛଡ଼ାଇ ନେଇଥିଲା। ଏହି ବିଜୟକୁ ଦଳୀୟ ଖେଳାଳି ଲାଲରେସିଆମିଙ୍କ ବାପାଙ୍କ ଲାଗି ଉତ୍ସର୍ଗ କରିଥିବା ଅଧିନାୟିକା ରାଣୀ କହିଛନ୍ତି। ଲାଲରେସିଆମିଙ୍କ ବାପାଙ୍କ ନିକଟରେ ପରଲୋକ ଘଟିଥିଲା। ଭାରତୀୟ ଦଳ ରବିବାର ଅନୁଷ୍ଠିତ ହେବାକୁ ଥିବା ଫାଇନାଲରେ ଆୟୋଜକ ଜାପାନ ସହ ମୁକାବିଲା କରିବ। ପ୍ରତିଯୋଗିତାର ଦ୍ୱିତୀୟ ସେମିଫାଇନାଲରେ ରୁଷିଆକୁ ପେନାଲ୍ଟି ଶୁଟ୍‌ଆଉଟ୍ (୩-୧)ରେ ହରାଇ ଦେଇଛି ଜାପାନ। ଧାର୍ଯ୍ୟ ସମୟ ସୁଦ୍ଧା ଉଭୟ ଦଳ ୧-୧ ଗୋଲର ବରାବର ସ୍ଥିତିରେ ଥିଲେ।

## ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଓହରିପାରେ ଆଇଓଏ

**ନୂଆଦିଲ୍ଲୀ, ୨୨।୬:** ୨୦୨୨ରେ ବର୍ମିଂହାମଠାରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଓହରି ଯାଇପାରେ। ପ୍ରତିଯୋଗିତାର ଇଭେଣ୍ଟ ତାଲିକାରେ ଶୁଟିଂ ଓ ଆର୍ଚେରୀ (ତିରନ୍ଦାଜି) ସାମିଲ ହେଉନାହିଁ। ଏହାକୁ ବିରୋଧ କରି ଆଇଓଏ ସାଧାରଣ ସମ୍ପାଦକ ରାଜୀବ ମେହେଟ୍ଟା ଓହରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗୋଟିଏ ମାସ ମଧ୍ୟରେ ନିଷ୍ପତ୍ତି କରାଯିବ ବୋଲି ଦିଲ୍ଲୀଠାରେ ଅନୁଷ୍ଠିତ ଆଇଓଏର କାର୍ଯ୍ୟକାରୀ କମିଟି (ଇସି)ରେ ମେହେଟ୍ଟା କହିଛନ୍ତି। ଆମେ ଏହାକୁ ବହୁତ ଗୁରୁତ୍ୱ ଦେଉଛୁ। ଶୁଟିଂରେ ଆମେ ସବୁଠୁ ଅଧିକ ପଦକ ପାଉ। ଏହି କ୍ରୀଡ଼ାର ଲମ୍ବା ଇତିହାସ ରହିଛି। ଇଭେଣ୍ଟକୁ ବାଦ୍ ଦିଆଯିବା ନିଷ୍ପତ୍ତି ନିଆଯାଇ ସାରିଛି ଓ ବଦଳାଇ ହେବ ନାହିଁ। କିନ୍ତୁ ଏହାକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫେଡେରେଶନ (ସିଜିଏଫ୍)ର ସଦସ୍ୟମାନେ ସ୍ପଷ୍ଟ କରିନାହାନ୍ତି ବୋଲି ମେହେଟ୍ଟା ଲଣ୍ଡନରୁ ଫୋନ ଯୋଗେ କହିଛନ୍ତି। ସିଜିଏଫ୍ ଏକ୍ଜିକ୍ୟୁଟିଭ ବୋର୍ଡରେ ୨୦୨୨ ସଂସ୍କରଣରୁ ଶୁଟିଂ ଓ ଆର୍ଚେରୀକୁ ବାଦ୍ ଦେଇ ମହିଳା ଟି୨୦ କ୍ରିକେଟ, ପାରା ଟେବୁଲ ଟେନିସ ଓ ବିଚ୍ ଭଲିବଲ ଇଭେଣ୍ଟ ଆୟୋଜନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହାକୁ ୭୧ ସଦସ୍ୟଙ୍କ ମଧ୍ୟରୁ ୫୧ ପ୍ରତିଶତ ଅର୍ଥାତ ୩୬ ସଦସ୍ୟଙ୍କ ସମର୍ଥନ ଦରକାର, ଯାହାକି ଏବେ ଔପଚାରିକ ମାତ୍ର।

## ଫିଚର ଫର୍ମୁଲା-୩ ରେସ୍ ଜିତିଲେ ଦାରୁବାଲା

**ଲି କ୍ୟାସ୍‌ଲେଟ୍ (ଫ୍ରାନ୍ସ), ୨୨।୬ (ପି.ଟି.):** ଭାରତର ଭବିଷ୍ୟତ ଫର୍ମୁଲା-୧ ଡ୍ରାଇଭର ବୋଲି କୁହାଯାଉଥିବା ଜେହାନ ଦାରୁବାଲା ଏଫ୍‌ଆଇଏ ଫର୍ମୁଲା-୩ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ଥର ଟାଇଟଲ ବିଜୟୀ ହୋଇଛନ୍ତି। ମୁମ୍ବାଇର ଏହି ଡ୍ରାଇଭର ପ୍ରଥମ ଥର ଚାମ୍ପିୟନଶିପ୍‌ରେ ଫିଚର ରେସ୍ ଜିତିଛନ୍ତି। ଶନିବାର ସେ ଜେକ୍ ହ୍ୟୁଗ୍ସଙ୍କ ପଛକୁ ଗ୍ରୀଡ୍‌ର ଦ୍ୱିତୀୟ ସ୍ଥାନରୁ ରେସ୍ ଆରମ୍ଭ କରିଥିଲେ। ବର୍ତ୍ତମାନ ଫର୍ମୁଲା-୩ ହେଉଛି ଫର୍ମୁଲା-୧ର ସପୋର୍ଟ ସିରିଜ। ଫ୍ରେଞ୍ଚ ଗ୍ରାଁପି ରବିବାର ହେବାର କାର୍ଯ୍ୟକ୍ରମ ରହିଛି।



ଏସିଆ ରଗ୍‌ବୀ ମହିଳା ଚାମ୍ପିୟନଶିପ୍ : ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳ।

## କୋପା ଆମେରିକା: କ୍ୱାର୍ଟରରେ ଚିଲି

**ସାଲ୍‌ଭାଡର (ବ୍ରାଜିଲ), ୨୨।୬ (ଏଏଫ୍‌ପି):** ଆଲେକ୍ସିସ ସାଞ୍ଚେଜଙ୍କ ଗୋଲ ବଳରେ ଚିଲି ୨-୧ ଗୋଲରେ ଇକ୍ୱେଡରକୁ ହରାଇ ଦେଇଛି। ବିଜୟ ସହ ଚଳିତ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୂର୍ବତନ ଚାମ୍ପିୟନ ଚିଲି ପାଇଁ ମ୍ୟାଚ୍‌ର ୮ମ ମିନିଟ୍‌ରେ ଜୋସ ଫୁଏଞ୍ଜାଲିଡା ପ୍ରଥମ ଗୋଲ ଦେଇଥିଲେ। ହେଲେ ଇନ୍ନର ଭାଲେନସିଆଙ୍କ ଗୋଲ ଯୋଗୁ ଇକ୍ୱେଡର ମ୍ୟାଚ୍‌କୁ ବରାବର କରିଥିଲେ। ଏହାପରେ ୩୦ ବର୍ଷୀୟ ସାଞ୍ଚେଜ ୫୧ତମ ମିନିଟ୍‌ରେ ଗୋଲ ସ୍କୋର କରି ଦଳକୁ ୨-୧ ବ୍ୟବଧାନର ଅଗ୍ରଣୀ ଆଣି ଦେଇଥିଲେ। ଏଥିଯୋଗୁ କଲମ୍ବିଆ ଭଳି ଚିଲି ମାତ୍ର ଦୁଇଟି ମ୍ୟାଚ୍ ଖେଳି ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଗ୍ରୁପ୍ ସି'ରେ ଥିବା ଚିଲି ଦଳ ତା'ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଉରୁଗୁଏକୁ ଭେଟିବ। ଅନ୍ୟପକ୍ଷରେ ଇକ୍ୱେଡରକୁ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିବାକୁ ହେଲେ ରବିବାର ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଜାପାନକୁ ନିଶ୍ଚିତ ହରାଇବାକୁ ପଡ଼ିବ।

# ଡୋପ୍ ଟେଷ୍ଟରେ ବିଫଳ ସଞ୍ଜୀବନୀ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୨୨।୬ (ପି.ଟି.)**

ଗତବର୍ଷ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବାରୁ ଭାରତର ଲଙ୍ଗ୍ ଡିଷ୍ଟାନ୍ସ ଧାବିକା ସଞ୍ଜିବନୀ ଯାଦବଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଛି। ଗତବର୍ଷ ନଭେମ୍ବରରେ ଜାତୀୟ ଆନ୍ତଃ ରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଡୋପ୍ ଟେଷ୍ଟ ହୋଇଥିଲା। ସଞ୍ଜୀବନୀଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରୁ ନିଷିଦ୍ଧ ଦ୍ରବ୍ୟ ପ୍ରୋବେନଏସିଡ୍‌ର ମାତ୍ରା ଠାବ କରାଯାଇଥିଲା। ପ୍ରଥମେ ସ୍ଥାନୀୟ ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବରେଟୋରିରେ ତାଙ୍କ ସାମ୍ପଲର ଯେଉଁ ପରୀକ୍ଷା ହୋଇଥିଲା, ତାହା ନେଗେଟିଭ୍ ଆସିଥିଲା। ମାତ୍ର ପରେ ଏହି ସାମ୍ପଲର ଯେତେବେଳେ ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସି (ୱାଡା)ର ମଣ୍ଟ୍ରିଲସ୍ଥିତ ଲାବରେଟୋରିରେ ପରୀକ୍ଷା ହେଲା ସେଥିରେ ପଜିଟିଭ ଆସିଥିଲା। ପୂର୍ବରୁ ନ୍ୟାଶନାଲ ଡୋପ୍ ଟେଷ୍ଟିଂ ଲାବରେଟୋରି ଫଳାଫଳକୁ ଭିତ୍ତିକରି ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ସଞ୍ଜୀବନୀଙ୍କୁ ସସ୍‌ପେଣ୍ଡ କରି ନ ଥିଲା। ଯାହା ଫଳରେ ଏହି ଆଥଲେଟ ଜଣକ ଚଳିତ ବର୍ଷ ପ୍ରାରମ୍ଭରେ ଫେଡେରେଶନ କପ୍‌ରେ ଅଂଶଗ୍ରହଣ କରି ୧୦,୦୦୦ ମିଟର ରେସ୍ ଜିତିଥିଲେ। ପରେ ଏପ୍ରିଲରେ



ସଞ୍ଜୀବନୀ ଯାଦବ

ଦୋହାଠାରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ମଧ୍ୟ ସେ ଭାଗ ନେଇଥିଲେ। ସେଠାରେ ୩୨:୪୪.୯୬ ଟାଇମିଂରେ ଏକ ବ୍ରୋଞ୍ଜ ଜିତିଥିଲେ। ପରେ ଏହି ମାମଲାର ନିରପେକ୍ଷ ତଦନ୍ତ ପାଇଁ ଇଣ୍ଟରନ୍ୟାଶନାଲ ଆଥଲେଟିକ୍ସ ଫେଡେରେଶନ ଆଥଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ଗଠନ କରିଥିଲା। ଏଆଇୟୁ ବୁଧବାର ୨୨ ବର୍ଷୀୟା ସଞ୍ଜୀବନୀଙ୍କୁ ଦୋଷୀ ସାବ୍ୟସ୍ତ କରିଛି। ତେଣୁ ତାଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇଛି।

# ଭାରତକୁ ଐତିହାସିକ ବିଜୟ ଦେଲେ ଓଡ଼ିଆ ଝିଅ ସୁମିତ୍ରା

**ନୂଆଦିଲ୍ଲୀ, ୨୨।୬**

ଫିଲିପାଇନ୍ସର କଲମ୍ବାସ୍ଥିତ ସାଉଥର୍ନ ପ୍ଲେନ୍ସ ସ୍ପୋର୍ଟ୍ସ ଫିଲ୍ଡଠାରେ ଅନୁଷ୍ଠିତ ଏସିଆ ରଗ୍‌ବୀ ମହିଳା ଚାମ୍ପିୟନଶିପ୍ (ଡିଭିଜନ-୧)ପ୍ରତିଯୋଗିତାରେ ଭାରତୀୟ ଦଳ ଐତିହାସିକ ବିଜୟ ଲାଭ କରିଛି। ଶନିବାର ୩ୟ ଓ ୪ର୍ଥ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତୀୟ ଦଳ ୨୧-୧୯ ସ୍କୋରରେ ସିଙ୍ଗାପୁରକୁ ପରାସ୍ତ କରିଛି। ଏଥିସହ ଭାରତୀୟ ମହିଳା ଦଳ ଅନ୍ତର୍ଜାତୀୟ ୧୫ଏସ୍ ପ୍ରତିଯୋଗିତାରେ ଏହାର ସର୍ବପ୍ରଥମ ବିଜୟ ହାସଲ କରିବାର ସୌଭାଗ୍ୟ ଲାଭ କରିଛି। ତୃତୀୟ ସ୍ଥାନରେ ଅଭିଯାନ ଶେଷ କରିଥିବା ଭାରତ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛି। ଭାରତର ଏହି ବିଜୟରେ ଓଡ଼ିଆ ଝିଅ ଯାଜପୁରର ସୁମିତ୍ରା ନାୟକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅନ୍ତିମ କ୍ଷଣରେ ସେ ପେନାଲ୍ଟିରୁ ସ୍କୋର କରିବାରେ ସଫଳ ହୋଇଥିଲେ। ଏହି ଐତିହାସିକ ବିଜୟ ପରେ ଖୁସିରେ ଆତ୍ମହରା ହୋଇ ଭାରତୀୟ ଖେଳାଳିମାନେ କାନ୍ଦି ପକାଇଥିବାର ଦେଖିବାକୁ ମିଳିଥିଲା। ଉଲ୍ଲେଖଯୋଗ୍ୟ, ୨୬ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୭ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ମୀରାରାଣୀ ହେମ୍ବ୍ରମ, ରଜନୀ ଶବର, ଲକ୍ଷ୍ମୀପ୍ରିୟା ସାହୁ, ପାର୍ବତୀ କିସ୍କୁ, ହୁପି ମାଝି, ସୁମିତ୍ରା ନାୟକ ଓ ଶୁଭଲକ୍ଷ୍ମୀ ବାରିକ। ଗତ ଜୁନ୍ ୨ରୁ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଭାରତୀୟ ଦଳର କ୍ୟାମ୍ପ ଚାଲିଥିଲା। ଯେଉଁଥିରୁ ୨୬ଜଣ ଖେଳାଳିଙ୍କୁ ଫିଲିପାଇନ୍ସରେ ଜୁନ୍ ୧୯ରୁ ଆରମ୍ଭ ହୋଇଥିବା ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ମନୋନୀତ କରାଯାଇଥିଲା।

# କମନୱେଲଥ୍ ଟିଟି: କ୍ରୀଡ଼ା ସଚିବଙ୍କ ସ୍ଥିତି ଅନୁଧ୍ୟାନ

**କଟକ ଅଫିସ,୨୨।୬**

କମନୱେଲଥ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍‌ର ୨୦୧୯ ସଂସ୍କରଣ ଜୁଲାଇ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ କଟକର ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ହେବ। ବିଶ୍ୱ ଟେବୁଲ ଟେନିସ କ୍ରୀଡ଼ାର ମହାକୁମ୍ଭ ଭାବେ ପରିଚିତ ଏହି ଅନ୍ତର୍ଜାତୀୟସ୍ତରୀୟ ଟୁର୍ନାମେଣ୍ଟ ଓଡ଼ିଶାରେ ପ୍ରଥମଥର ନିମନ୍ତେ ଆୟୋଜନ ହେଉଛି। ଟୁର୍ନାମେଣ୍ଟରେ ବିଶ୍ୱର ୧୬ ଦେଶ ଅଂଶଗ୍ରହଣ କରିବେ। ବର୍ତ୍ତମାନ ସୁଦ୍ଧା ୧୪ଟି ଦେଶ ଭାଗ ନେବା ନେଇ ନିଶ୍ଚିତ ହୋଇଥିବାବେଳେ ଆଉ ଦୁଇଟି ଦେଶ ଖୁବଶୀଘ୍ର ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବେ। ଅନ୍ୟପକ୍ଷରେ ରାଜ୍ୟ କ୍ରୀଡ଼ା ବିଭାଗ ସଚିବ ବିଶାଲ କୁମାର ଦେବ ଶନିବାର ଇନ୍‌ଡୋର ଷ୍ଟାଡିୟମର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ମଧ୍ୟ ଉପସ୍ଥିତ ରହିଥିଲେ। ଟୁର୍ନାମେଣ୍ଟକୁ ସଫଳତାର ସହ ଆୟୋଜନ କରିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ଠିକ ଢଙ୍ଗରେ ଚାଲିଛି ବୋଲି ସଚିବ ମତ ଦେଇଥିଲେ। ସୂଚନା ଥାଉ କି, ଗତ ଜାନୁୟାରୀରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ସଫଳପୂର୍ଣ୍ଣ ଭାବେ ଆୟୋଜିତ ହୋଇଥିଲା। ଏଥିଯୋଗୁ ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନକୁ କମନୱେଲଥ ଗେମ୍ସ ପରି ଏକ ବଡ଼ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରିବାର ସୁଯୋଗ ମିଳିଥିଲା। ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଏମ.ପି. ସିଂ ଯୋଗଦେଇ ସେତେବେଳେ ଏହି ଘୋଷଣା କରିଥିଲେ।


ଇନ୍‌ଡୋର ଷ୍ଟାଡ଼ିୟମ୍ ପରିଭ୍ରମଣ ଅବସରରେ କ୍ରୀଡ଼ା ସଚିବ ବିଶାଲ ଦେବ (ଡାହାଣ), କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ (ମଝି)ଙ୍କ ସହ ଅନ୍ୟ ଅଧିକାରୀ।

ଭୁବନେଶ୍ୱରରେ ଖେଳାଳିମାନଙ୍କ ରହଣି ବ୍ୟବସ୍ଥା ହୋଇଥିବା ବେଳେ କଟକ ପାଲଟିବ ପ୍ରତିଯୋଗିତା ସ୍ଥଳ। ଜୁଲାଇ ପହିଲା ପୂର୍ବରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବ ବୋଲି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସୂଚନା ଦେଇଛନ୍ତି। ଏ ନେଇ ପ୍ରସ୍ତୁତିପର୍ବ ଏବେ ଜୋରଦାର ଚାଲିଛି ବୋଲି ସମ୍ପାଦକ

- ଜୁଲାଇ ପହିଲା ପୂର୍ବରୁ ପ୍ରସ୍ତୁତି ଶେଷ ହେବ
- ଆସିବେ ୧୬ ଦେଶର ଖେଳାଳି
- ସଚିନ ତେନ୍ଦୁଲକର ଇନଡୋର ହଲ ହେବ ଅଭ୍ୟାସ କୋର୍ଟ

କହିଛନ୍ତି। ତେବେ ସାମୁଦ୍ରିକ ଝଡ଼ ଫନୀ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମର ମରାମତି କାର୍ଯ୍ୟ ଏବେ ଯାଏଁ ସମ୍ପନ୍ନ ହୋଇନାହିଁ। ଏହାକୁ ଶେଷ କରିବାକୁ ପ୍ରାଥମିକତା ଦିଆଯାଉଛି ବୋଲି ରବୀନ୍ଦ୍ର କହିଛନ୍ତି। ବାରବାଟୀ ଷ୍ଟାଡିୟମ ପରିସରରେ ଥିବା ସଚିନ ତେନ୍ଦୁଲକର ଇନ୍‌ଡୋର ହଲକୁ ଖେଳାଳିମାନଙ୍କ ଅଭ୍ୟାସ କୋର୍ଟ ଭାବେ ବ୍ୟବହାର କରାଯିବ ବୋଲି ସେ ଏହି ଅବସରରେ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଜୁନ୍ ୨୩/୨୦୧୯ Sambalpur, Sunday, June 23 / 2019

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ମା, ନବଜାତ ଶିଶୁକନ୍ୟା ମୃତ

**କେନ୍ଦ୍ରାପଡ଼ା ଅଫିସ, ୨୨।୬:** ଦିନକ ପୂର୍ବେ ଜନ୍ମ ହୋଇଥିବା ଶିଶୁ କନ୍ୟାଙ୍କୁ ଡାକ୍ତରଖାନାରୁ ଘରକୁ ନେବା ବାଟରେ ଏକ ସଡ଼କ ଦୁର୍ଘଟଣାରେ ଉଭୟ ମା ଓ ଶିଶୁକନ୍ୟାର ମୃତ୍ୟୁ ଘଟିଛି। ଏଥିସହ ଏହି ଦୁର୍ଘଟଣାରେ ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି। ଏଭଳି ଏକ ଦୁଃଖଦ ଘଟଣା କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ୫ ନମ୍ବର (କ) ଜାତୀୟ ରାଜପଥର ଖମାରପଡା ଛକଠାରେ ଶନିବାର ଘଟିଯାଇଛି। କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ମହାକାଳପଡା ବ୍ଲକ ଅନ୍ତର୍ଗତ ତେରଗାଁର ମଦନ ମଲ୍ଲିକଙ୍କ ସ୍ତ୍ରୀ ମାନିନୀଙ୍କ ଶୁକ୍ରବାର ଏକ ଶିଶୁ କନ୍ୟାଜାତ ହୋଇଥିଲା। ଉଭୟ ମା'ବାପା ଶନିବାର ଉକ୍ତ ଶିଶୁ କନ୍ୟାକୁ ନେଇ ଏକ ଅଟୋରେ ଘରକୁ ଫେରୁଥିଲେ। ଖମାରପଡ଼ା ଛକଠାରେ ଉକ୍ତ ଅଟୋକୁ ପଛ ପଟୁ ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟ ମା'ଓ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଥିଲା। ଏହାଛଡ଼ା ଏହି ଅଟୋରେ ବସିଥିବା ମଦନଙ୍କ ସମେତ ଜଣେ ଆଶାକର୍ମୀ ଓ ଅନ୍ୟ ଦୁଇ ଆରୋହୀ ଗୁରୁତର ହୋଇଛନ୍ତି। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିଛି। ଏହି ଘଟଣା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ପ୍ୟାକ୍ସ ପରିସରରେ ଚାଷୀ ଆଖି ବୁଜିଲେ

**ବରଗଡ଼ ଅଫିସ / ବରପାଲି, ୨୨।୬ (ଡି.ଏନ.ଏ.)**

ବରଗଡ଼ର ଜିଲା ବରପାଲି ବ୍ଲକ ଅନ୍ତର୍ଗତ ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ପରିସରରେ ଶନିବାର ଜଣେ ଚାଷୀଙ୍କ ଆକସ୍ମିକ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ବର୍ଲାବାହାଲ ଗ୍ରାମର ଝରା ବଗାର(୭୦)। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବରପାଲି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଏ ନେଇ ବରପାଲି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୧୯) ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଚାଷୀ ଝରା ଶନିବାର ସକାଳେ ଏକ କୁକୁଡ଼ା ଧରି ଆଗଲପୁର ବଜାରକୁ ବିକିବାକୁ ଯାଇଥିଲେ। ସେଠାରେ ତାହା ବିକି ସାରିବା ପରେ ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତିକୁ କୃଷିଋଣ ସମ୍ପର୍କିତ କାଗଜାତ୍ ପାଇଁ ଆସିଥିଲେ। ସେଠାରେ ସେ ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ି ଯାଇଥିଲେ । ସେତେବେଳେ ଆଗଲପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କୁ ଫୋନରେ ଡକାଯାଇଥିଲା । ମାତ୍ର ପ୍ରାୟ ଅଧଘଣ୍ଟା ବିଳମ୍ବରେ ଡାକ୍ତର ସେଠାରେ ପହଞ୍ଚିଥିଲେ । ସେତେବେଳକୁ ଝରାଙ୍କ ମୃତ୍ୟୁ ହୋଇ ସାରିଥିବା ତାଙ୍କ ପୁଅ ଅର୍ଜୁନ କହିଛନ୍ତି । ସେ ଆହୁରି ଅଭିଯୋଗ କରିଛନ୍ତି, ତାଙ୍କ ବାପା ଗତ ୪ରୁ୫ଦିନ ହେଲା, କାଗଜାତ୍ ପାଇଁ ଉକ୍ତ ସମିତିକୁ ଆସୁଥିଲେ । ମାତ୍ର ବିଭିନ୍ନ ଆଳ ଦେଖାଇ ସମିତିର ଅଧିକାରୀମାନେ ତାଙ୍କୁ ସେଠାରୁ ଫେରାଇ ଦେଉଥିଲେ। ସମବାୟ ସମିତିର ଅବହେଳା ଯୋଗୁ ମାନସିକ ଚାପରେ ରହି ତାଙ୍କ ବାପାଙ୍କ ମୃତ୍ୟୁ ହୋଇଥିବା ଅର୍ଜୁନ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଆଗଲପୁର ପ୍ରାଥମିକ ସମବାୟ ସମିତିର ସମ୍ପାଦକ ଚୂଡ଼ାମଣି ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଥିଲେ, ସମିତିରେ ମୃତଚାଷୀଙ୍କ ୨୪ହଜାର ଟଙ୍କା କୃଷିଋଣ ବକେୟା ରହିଛି । ସେ କୃଷିଋଣ ପାଇଁ କାଗଜାତ୍ ନବୀକରଣ କରିବାକୁ ଆସିଥିବାବେଳେ ସମିତି ବାହାରେ ତାଙ୍କର ମୃତ୍ୟୁ ହୋଇଛି। ସେହିପରି ବରପାଲି ତହସିଲଦାର ଯୁଧିଷ୍ଠିର ମେହେରଙ୍କୁ ପଚାରିବାରୁ ସେ ଘଟଣାର ତଦନ୍ତ କରି ଫେରିଛନ୍ତି ଏବଂ ମୃତକଙ୍କ ପରିବାର ଲୋକଙ୍କୁ ଜିଲା ରେଡ଼କ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ଦିଆଯିବ ବୋଲି କହିଥିଲେ । ଚାଷୀଙ୍କ ମୃତ୍ୟୁ ପରେ ଆଗଲପୁର ପ୍ରାଥମିକ କୃଷି ସମବାୟ ସମିତି ଏବଂ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା । ସମବାୟ ସମିତିରେ ଚାଷୀଙ୍କୁ ହଇରାଣ ହରକତ ବନ୍ଦ କରିବା ଏବଂ ଆଗଲପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଡାକ୍ତର ଉପସ୍ଥିତ ରହିବାକୁ ସ୍ଥାନୀୟ ଲୋକେ ଦାବି କରିଥିଲେ । ଏହା ସହିତ ମୃତଚାଷୀଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ସହିତ ପରିବାରର ଜଣକୁ ଚାକିରି ଦେବା ପାଇଁ ଦାବି କରି ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।


ଚାଷୀମୃତ୍ୟୁ ପରେ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ବିକ୍ଷୋଭ ।

- କାଗଜାତ୍ ପାଇଁ ଧାଁ ଧପଡ଼ ହୋଇଥିଲେ
- ଚିନ୍ତାରେ ହୃଦ୍‌ଘାତଜନିତ ମୃତ୍ୟୁ ଆଶଙ୍କା
- କ୍ଷତିପୂରଣ ଦାବିକଲେ ସ୍ଥାନୀୟ ଲୋକେ




## ■ରିଜର୍ଭ ପ୍ରିମିୟର ଲିଗ୍

# ଫାଇନାଲରେ ମାନ୍‌ଭି ବ୍ଲାଷ୍ଟର

**ସୋନପୁର,୨୨।୬(ନି.ପ୍ର.)**

ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆରେ ରିଜର୍ଭ ପ୍ରିମିୟର ଲିଗ୍(ଆରପିଏଲ-୪)ରେ ଶନିବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ପବନ ହିରୋଜ୍ ଓ ମାନ୍‌ଭି ବ୍ଲାଷ୍ଟର ବିଜୟୀ ହୋଇଛନ୍ତି। ଏହି ବିଜୟ ଫଳରେ ଦ୍ୱିତୀୟ ଦଳଭାବେ ମାନ୍‌ଭି ବ୍ଲାଷ୍ଟର ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ୍ ଆଦ୍ୟାଶ୍ରୀ ଷ୍ଟ୍ରାଇକର ଓ ମାନ୍‌ଭି ବ୍ଲାଷ୍ଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଦ୍ୟାଶ୍ରୀ ଷ୍ଟ୍ରାଇକର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୦ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୩୫ରନ ସଂଗ୍ରହ କରିଥିଲା । ମାନ୍‌ଭି ବ୍ଲାଷ୍ଟର ଦଳର ପୁରୁଷୋତ୍ତମ ପାତ୍ର ୨ ରନ ଦେଇ ୩ଟି ଉଇକେଟ୍ ଅକ୍ତିଆର କରିଥିଲେ । ଜବାବରେ ମାନଭି ବ୍ଲାଷ୍ଟର ୮ ଉଇକେଟ୍‌ରେ ବିଜୟ ଲାଭ କରିଥିଲା। ପୁରୁଷୋତ୍ତମ ପାତ୍ରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

ପ୍ରଥମ ମ୍ୟାଚ୍ ପବନ ହିରୋଜ୍ ଓ ଆଦ୍ୟାଶ୍ରୀ ଷ୍ଟ୍ରାଇକର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପବନ ହିରୋଜ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୧୦ ଓଭରରେ ଦଳ ୭ ଉଇକେଟ୍ ହରାଇ ୭୭ ରନ ସଂଗ୍ରହ କରିଥିଲା। ଆକାଶ ପାତ୍ର ସର୍ବାଧିକ ୩୩ ରନ ସଂଗ୍ରହ କରିଥିଲେ। ଆଦ୍ୟାଶ୍ରୀ ଷ୍ଟ୍ରାଇକର ଦଳର ରିଆଜୁଲ ଇସ୍‌ଲାମ ୪ ରନ ଦେଇ ୩ ଉଇକେଟ୍ ଅକ୍ତିଆର କରିଥିଲେ। ୭୮ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଆଦ୍ୟାଶ୍ରୀ ଷ୍ଟ୍ରାଇକର ଦଳ ୭୨ ରନରେ ପରାଜିତ ହୋଇଥିଲା। ପବନ ହିରୋଜ୍‌ର ଆକାଶ ପାତ୍ର ୧୨ ରନ ଦେଇ ୨ଟି ଉଇକେଟ୍ ଅକ୍ତିଆର କରିଥିଲା। ଅଲରାଉଣ୍ଡର ସିକନ ସେଠୀଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍‌କୁ କୁନା ନାୟକ ଓ ଆଲୋକ ପଣ୍ଡା ପରିଚାଳନା କରିଥିଲେ। ରାଜେଶ କୁମାର ପାଣ୍ଡେ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଟୁନା ନନ୍ଦ ଓ ମନୋଜ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ରିଜର୍ଭ ଇନ୍ସପେକ୍ଟର ଅମରେନ୍ଦ୍ର ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇଥିଲେ। ଦୁର୍ଯ୍ୟୋଧନ କଲାୟତ, ଦାଶରଥୀ ସିନ୍ଧିରିଆ, କ୍ଷିରୋଦ ନାୟକ, ମଧୁସୂଦନ ସାହୁ, ନିମାଇଁ ଖଣ୍ଡଗିରି, ସୁମିତ୍ ରଥ, ଉତ୍ତମ ମହାଲିଙ୍ଗ ଓ ଜୟଦେବ ପାଢ଼ୀ ସହଯୋଗ କରିଥିଲେ। ରବିବାର ଖୁସି ଫାଇଟର ଓ ମାନ୍‌ଭି ବ୍ଲାଷ୍ଟର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।


ମାନ୍‌ଭି ବ୍ଲାଷ୍ଟର ଦଳର ଖେଳାଳି ବୃନ୍ଦ।

## ମିଳିଲାନି ଗୃହରକ୍ଷୀ ଚାକିରି

# ଏସ୍‌ପି ଅଫିସ ସମ୍ମୁଖରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ସୋନପୁର,୨୨।୬(ନି.ପ୍ର.)**

ଗୃହରକ୍ଷୀ ଚାକିରି ନ ମିଳିବାରୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ମାଣିକପୁର ଗ୍ରାମର ଗୁପ୍ତେଶ୍ୱର ହାତୀ(୩୨) ଶୁକ୍ରବାର ରାତିରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସୁବର୍ଣ୍ଣପୁର ଜିଲା ପୋଲିସ ଅଫିସ ତଥା ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଗୁପ୍ତେଶ୍ୱର ନିଜ ସ୍ତ୍ରୀ ଓ ଝିଅଙ୍କ ଉପସ୍ଥିତିରେ କୀଟନାଶକ ପିଇ ଦେଇଥିଲେ। ଏହି ସମୟରେ ଏସ୍‌ପି ଦେବୀପ୍ରସାଦ ଦାଶ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିଲେ। ସୂଚନା ପାଇ ସୋନପୁର ଥାନା ପୋଲିସ ପିସିଆର ଭ୍ୟାନ୍‌ରେ ଗୁପ୍ତେଶ୍ୱରଙ୍କୁ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସେ ଚିକିତ୍ସାଧୀନ ଥିଲେ ହେଁ ବିପଦମୁକ୍ତ ଥିବା ଡାକ୍ତର ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦୦୬ରେ ଗୁପ୍ତେଶ୍ୱର ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଥିଲେ। କୌଣସି କାରଣରୁ ୨୦୦୭ରେ ତାଙ୍କୁ ଛଟେଇ କରାଯାଇଥିଲା। ପୁନଃ ନିଯୁକ୍ତି ପାଇଁ ସେ ତତ୍କାଳୀନ ଏସ୍‌ପିଙ୍କଠାରୁ ଆରମ୍ଭ କରି ଡିଆଇଜି ଏପରି କି ପୋଲିସ ଡିଜିଙ୍କୁ ଭେଟିଥିଲେ। ଜିଲାରେ ଗୃହରକ୍ଷୀ ପଦବୀ ପାଇଁ ଚୟନ ସମୟରେ ଅଗ୍ରାଧିକାର ଦିଆଯିବ ବୋଲି ତାଙ୍କୁ ସେତେବେଳେ ମୌଖିକ ପ୍ରତିଶ୍ରୁତି ମିଳିଥିଲା। ଗୁପ୍ତେଶ୍ୱର ଦିନମଜୁରିଆ ଭାବେ କାମ କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ଗତ ଡିସେମ୍ବରରେ ଖାଲି ଥିବା ଜିଲାର ୪୫ଟି ଗୃହରକ୍ଷୀ ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଫେବୃୟାରୀରେ ଆବେଦନକାରୀଙ୍କ ଶାରୀରିକ ପରୀକ୍ଷା ଓ ସାକ୍ଷାତକାର ନିଆଯାଇଥିଲା। ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଆଶାୟୀଙ୍କୁ ନିକଟରେ ନିଯୁକ୍ତି ଦିଆଯାଇଛି । ତାଲିକାରେ ଗୁପ୍ତେଶ୍ୱରଙ୍କ ନାମ ନ ଥିବାରୁ ସେ ନିରାଶ ହୋଇ ପଡିଥିଲେ। ସେ ଯୋଗ୍ୟ ପ୍ରାର୍ଥୀ, ତାଙ୍କୁ ଅଣଦେଖା କରାଯାଇଥିବା ସେ ଅଭିଯୋଗ କରିଥିଲେ। ଏସ୍‌ପିଙ୍କୁ ମଧ୍ୟ ଏଥିପାଇଁ ସାକ୍ଷାତ୍ କରିଥିଲେ। ଶୁକ୍ରବାର ବାଇକ୍‌ରେ ନିଜ ସ୍ତ୍ରୀ ରଶ୍ମିତା ଓ ଛୋଟ ଝିଅଙ୍କୁ ଧରି ଏସ୍‌ପିଙ୍କ ଅଫିସ ପରିସରକୁ ଆସିଥିଲେ। ହାତରେ ଏକ କୀଟନାଶକ ବୋତଲ ଧରି ବୁଲୁଥିଲେ। କେହି କିଛି ବୁଝିବା ପୂର୍ବରୁ ମାନସିକ ଭାରସାମ୍ୟ ହରାଇ ସେ କୀଟନାଶକ ପିଇ ଦେଇଥିଲେ। ପୋଲିସ ଏହି ଘଟଣାକୁ ସାଧାରଣ ଭାବେ ନେଉଛି । କିନ୍ତୁ କେଉଁ ପରିସ୍ଥିତିରେ ଗୁପ୍ତେଶ୍ୱର ନିଜ ପରିବାର ଲୋକଙ୍କ ଉପସ୍ଥିତିରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ ତା'ର ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି।


ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ଗୁପ୍ତେଶ୍ୱର।




### ବିଷାକ୍ତ ଛତୁ ଖାଇ ୬ ଅସୁସ୍ଥ

**ଉମରକୋଟ, ୨୨।୬ (ଡି.ଏନ.ଏ.)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଦାସପୁର ଗ୍ରାମରେ ଶନିବାର ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୬ ଜଣ ଅସୁସ୍ଥ ହୋଇଛନ୍ତି। ଅସୁସ୍ଥଙ୍କ ମଧ୍ୟରେ ୩ ଶିଶୁ ଓ ୩ ମହିଳା ଅଛନ୍ତି। ସେମାନଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦାସପୁର ଗ୍ରାମର ସରଦାର ପରିବାର ଶନିବାର ସକାଳୁ ବାଡିରେ ହୋଇଥିବା ଛତୁ ଆଣି ତରକାରୀ କରି ଖାଇଥିଲେ। ଏହା ପରେ ଜାନକୀ ସରଦାର, ଜୟନ୍ତୀ ସରଦାର, ବିମଳା ସରଦାର, ରାହୁଳ ସରଦାର (୧୦), ଦିପା ସରଦାର(୧୧), ଖୁସି ସରଦାର (୧୩)ଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ପରିବାର ଲୋକ ସେମାନଙ୍କୁ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେମାନେ ବର୍ତ୍ତମାନ ବିପଦମୁକ୍ତ ଥିବା ଡାକ୍ତର ସୁମନ୍ତ ରାଉଳ କହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ଟିସି ନେଇଥିବା ଛାତ୍ରୀଙ୍କ ପୁନଃ ନାମଲେଖା ହେବ

ଅତାବିରା, ୨୨।୬ (ଡି.ଏନ.ଏ)- ବରଗଡ ଜିଲା ଭେଡେନ ବ୍ଲକ ଡାଲବ ପଞ୍ଚାୟତ କନ୍ଧପଡା ପ୍ରାଥମିକ ବିଦ୍ୟାଳୟରେ ଗତ ଫେବୃୟାରୀ ମାସରେ ବିନା କାରଣରେ ସ୍କୁଲର ଦୁଇ ଛାତ୍ରୀଙ୍କୁ ଟିସି ଦିଆଯାଇଥିବା ଘଟଣା ଧରିତ୍ରୀରେ ପ୍ରକାଶ ପାଇଥିଲା । ଏ ନେଇ ଶୁକ୍ରବାର ଭେଡେନ ବିଇଓ ମଛିନ୍ଦ୍ର ମଲ୍ଲିକ କନ୍ଧପଡା ପ୍ରାଥମିକ ବିଦ୍ୟାଳୟକୁ ଆସି ତଦନ୍ତ କରିଥିବା ଜଣାପଡିଛି । ତାଙ୍କ ସହିତ ଭାରପ୍ରାପ୍ତ ଆଞ୍ଚଳିକ ସାଧାନ କେନ୍ଦ୍ର ସଂଯୋଜକ ଅନ୍ତର୍ଯାମୀ ଡୋରା ଥିଲେ । ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ମଲ୍ଲିକଙ୍କୁ ପଚରାଯିବାରୁ ସେ କିଲେ, ତଦନ୍ତ ଚାଲିଛି । ଯେଉଁ ଦୁଇ ଛାତ୍ରୀଙ୍କୁ ଟିସି ଦିଆଯାଇଛି, ସ୍କୁଲରେ ସେମାନଙ୍କ ନାମ ଲେଖାଇବା ପାଇଁ ସିଆରସିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### ବିଇଓଙ୍କ ସ୍କୁଲ ପରିଦର୍ଶନ

ଅତାବିରା, ୨୨।୬ (ଡି.ଏନ.ଏ)
ଭେଡେନ ବ୍ଲକ ଅଞ୍ଚଳରେ ଥିବା ସରକାରୀ ସ୍କୁଲ ଗୁଡିକ ଗ୍ରୀଷ୍ମ ଛୁଟି ପରେ ଶୁକ୍ରବାର ଖୋଲିଥିଲା। ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବହୁତ କମ୍ ଥିଲା । ବିଭିନ୍ନ ସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ମଧାହ୍ନ ଭୋଜନ ଦିଆଯାଇ ନ ଥିଲା । ବିଶ୍ୱ ଯୋଗ ଦିବସ ବିଷୟରେ ମଧ ଛାତ୍ରୀଛାତ୍ରମାନଙ୍କୁ ଯୋଗ ଶିକ୍ଷା ଦିଆଯାଇ ନ ଥିଲା । ବିଇଓ ମଛିନ୍ଦ୍ର ମଲ୍ଲିକ ଶୁକ୍ରବାର କନ୍ଧପଡା ପ୍ରାଥମିକ ବିଦ୍ୟାଳୟ, ମହୁଲପାଲି, ଡାଲବ, ସାଲନା, ଖୁଣ୍ଟୁଲିପାଲି, ଦେଶପର୍ଥଲା, ଦେଶଭଟିଲି, ଉଦେପୁର ବାଲିଗୁଲୁଣ୍ଡା ଆଦି ସ୍କୁଲ ପରିଦର୍ଶନ କରିବାକୁ ଆସିଥିଲେ । ଯେଉଁ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ହାର କମିଥିଲା ଓ ମଧାହ୍ନ ଭୋଜନ ରନ୍ଧା ଯାଇ ନ ଥିଲା ସେ ସ୍କୁଲର ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଦିଆଯାଇଥିବା ବିଇଓ ମଲିକ କହିଛନ୍ତି ।

# ଜଳ ପାଲଟିଛି ଜହର

ଗଣ୍ଡତୁରୁମ, ୨୨।୬ (ଡି.ଏନ.ଏ)

ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତର ଟିହିକିପାଲି ଗ୍ରାମରେ ଦିନକୁ ଦିନ କିଡ୍ନୀ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଏହି ରୋଗରେ ପୀଡିତ ହୋଇ ଗ୍ରାମର ଗରୁଡ ବାରିକ (୫୦), ଦାମିନୀ ମେହେର (୬୫), ଲଳିତ ମେହେର (୫୦), ସୁଶାନ୍ତ ଅଦାବର (୪୦), ଟଙ୍କଧର ପଧାନ (୩୮) ପ୍ରମୁଖ ମୃତ୍ୟୁବରଣ କରିଛନ୍ତି। ସେହିପରି ରଙ୍କମଣି ଅଦାବର, ପିତାମ୍ବର ମେହେର, ଖୁନୁର ଧରୁଆ, ସନ୍ତୋଷ ବାରିକଙ୍କ ସମେତ ଆହୁରି ଅନେକ ଏହି ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ସ୍ଥାନରେ ଚିକିତ୍ସିତ ହେଉଛନ୍ତି । ଗ୍ରାମବାସୀଙ୍କ ବ୍ୟବହୃତ ପାନୀୟ ଜଳ ପାଇଁ ଏହି ରୋଗ ବ୍ୟାପୁଥିବା ଲୋକେ ଅଭିଯୋଗ କରିଛନ୍ତି ।

ଗତ କିଛିବର୍ଷ ତଳେ ଏହି ପଞ୍ଚାୟତର ଭାଙ୍ଗକୁଦ ଗ୍ରାମରେ ଏହି ରୋଗରେ ୯ଜଣଙ୍କ ପ୍ରାଣହାନି ଘଟିଥିଲା । ଏହି ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ଡାକ୍ତରୀ ଦଳ ଉକ୍ତ ଗାଁରେ ପହଞ୍ଚି ଜଳ ନମୁନା ସଂଗ୍ରହ କରିବା ସହିତ ଏହାର ତୁରନ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ସେହି ପ୍ରତିଶ୍ରୁତି ଆଜି ପର୍ଯ୍ୟନ୍ତ ପାଣିର ଗାର ହୋଇ ରହିଯାଇଛି । ତେବେ ଭାଙ୍ଗକୁଦ ଭଳି ଅନୁରୂପ ଅବସ୍ଥା ଟିହିକିପାଲିରେ ଦେଖା ଦେଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଭାଳେଣି ପଡିଯାଇଛି ।

ସୂଚନାଯୋଗ୍ୟ, ୩ଟି ୱାର୍ଡ ବିଶିଷ୍ଟ ଏହି ଗ୍ରାମର ଜନସଂଖ୍ୟା ପ୍ରାୟ ୧୫ ଶହ । ତନ୍ମଧ୍ୟରୁ ୮ଶହ ଉପରେ



ଜଣ୍ଡିସରେ ଆକ୍ରାନ୍ତ ପୀତାମ୍ବର ମେହେର ।



ଗ୍ରାମବାସୀ ବ୍ୟବହାର କରୁଥିବା ନଳକୂପ ।

- ଟିହିକିପାଲିରେ ବ୍ୟାପୁଛି କିଡ୍ନୀ ବେମାରୀ
- ୩ ବର୍ଷରେ ଗଲାଣି ୫ ଜୀବନ
- ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ମତଦାତା ଅଛନ୍ତି । ଏମାନଙ୍କ ପାନୀୟ ଜଳ ପାଇଁ ସରକାରୀ ହିସାବରେ ରହିଛି ୬ଟି ନଳକୂଅ । ପରିତାପର ବିଷୟ ସ୍କୁଲ ନିକଟସ୍ଥ ନଳକୂଅକୁ ବାଦ୍ ଦେଲେ ଅନ୍ୟ ନଳକୂଅର ପାଣି ପାନୀୟ ଉପଯୋଗୀ ନୁହେଁ । ଏହି ପାଣିରେ ରୋଷେଇ କଲେ ଭାତ ହଳଦିଆ ଦେଖାଯିବା ସହିତ ଡାଲି, ପନିପରିବା ଶିଝୁନାହିଁ । ଏପରିକି ଏହି ପାଣିରେ କପଡା ସଫା କଲେ ସାବୁନ କିମ୍ବା ଡିଟରଜେଣ୍ଟ ପାଉଡର୍‌ରୁ ଫେଣ ବାହାରେ ନାହିଁ । ଅନ୍ୟପକ୍ଷରେ ଗ୍ରାମରେ ଥିବା ବେସରକାରୀ ନଳକୂଅର ମଧ ଅନୁରୂପ ଅବସ୍ଥା । ଲୋକେ ବାଧ ହୋଇ ଗ୍ରାମଠାରୁ ଏକ କିଲୋମିଟର ଦୂରରେ ଥିବା ସ୍କୁଲ ନିକଟସ୍ଥ ନଳକୂଅ ଉପରେ ନିର୍ଭର କରିଥାନ୍ତି। ସବୁବେଳେ ପାଣି ଟୋପାଏ ପାଇଁ ଗରା, ମାଠିଆ ଧରି ମହିଳାମାନଙ୍କ ଲମ୍ବା ଲାଇନ ଦେଖିବାକୁ ମିଳିଥାଏ । ପୁଣି ଏତେ ଲୋକଙ୍କୁ ଗୋଟିଏ ମାତ୍ର ନଳକୂଅର ପାଣି ପର୍ଯ୍ୟାପ୍ତ ହେଉ ନ ଥିବାରୁ ଲୋକେ ବାଧ ହୋଇ ପୋଖରୀର ଦୂଷିତ ଜଳକୁ ବ୍ୟବହାର କରୁଛନ୍ତି । ସ୍ଥାନୀୟ ଗିରି ଗୋବର୍ଦ୍ଧନ ପାହାଡ ନିକଟରେ ଗଭୀର ନଳକୂଅ ଖନନ କରି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧି, ବିଧାୟକ, ମନ୍ତ୍ରୀ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିବା କୁହନ୍ତି ଗ୍ରାମର ବିଦେଶ କୁମାର ଦାଶ । କେବଳ ନିର୍ବାଚନ ସମୟରେ ରାଜନେତା ଭୋଟ ହାତେଇବା ପାଇଁ ପ୍ରତିଶ୍ରୁତି ଦେଇ ଚାଲିଯାଇଥାନ୍ତି । ପରବର୍ତ୍ତୀ ସମୟରେ ଏକଥାକୁ ଭୁଲି ଯାଉଛନ୍ତି । ତୁରନ୍ତ ଜନପ୍ରତିନିଧି ଓ ପ୍ରଶାସନ ଗ୍ରାମବାସୀଙ୍କ ଏହି ସମସ୍ୟାକୁ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ସୋହେଲା ବ୍ଲକ: ୩୭,୩୬୫ ହେକ୍ଟର ଜମିରେ ଚାଷ ଲକ୍ଷ୍ୟ

ସୋହେଲା,୨୨।୬(ଡି.ଏନ.ଏ)

ସୋହେଲା ଅଞ୍ଚଳରେ ପ୍ରାକ୍ ମୌସୁମୀ ବର୍ଷା ହୋଇଥିବାରୁ ଚାଷ କାର୍ଯ୍ୟ ପାଇଁ ଚାଷୀ ପ୍ରସ୍ତୁତିରେ ଲାଗି ପଡିଛି । କୃଷି ବିଭାଗ ପକ୍ଷରୁ ମଧ୍ୟ ଚଳିତ ବର୍ଷ ଖରିଫ ଚାଷର ଖସଡା ପ୍ରସ୍ତୁତ କରାଯାଇଛି। ଚଳିତ ବର୍ଷ ସୋହେଲା ବ୍ଲକରେ ୨୫ହଜାର ୫ଶହ ହେକ୍ଟର ଜମିରେ ଧାନ ଚାଷ (ହାଇବ୍ରିଡ ଓ ଦେଶୀ ଧାନ) ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ୧୭୦ ହେକ୍ଟର ଜମିରେ ମକା, ୪ହଜାର ୪୧୦ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ, ୩ହଜାର ହେକ୍ଟର ଜମିରେ ତୈଳ ବୀଜ ଫସଲ, ୩୬୭୩ ହେକ୍ଟର ଜମିରେ ପନିପରିବା ଚାଷ, ୫୫୦ ହେକ୍ଟର ଜମିର ମସଲା ଜାତୀୟ ଫସଲ ଓ ୩୨ ହେକ୍ଟର ଜମିରେ ଆଖୁ ଚାଷ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ମୋଟାମୋଟି ଭାବେ ସୋହେଲା ବ୍ଲକରେ ୩୭ହଜାର ୩୬୫ହେକ୍ଟର ଜମିରେ ଚାଷ କରାଯିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ସହକାରୀ କୃଷି ଅଧିକାରିଣୀ ଅଙ୍କିତା ପ୍ରିୟଦର୍ଶିନୀ ମହାପାତ୍ର ସୂଚନା ଦେଇଛନ୍ତି ।

# ରାଜପଥରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ

ଅତାବିରା, ୨୨।୬ (ଡି.ଏନ.ଏ)

ଅତାବିରା ଥାନା ଗୋଡଭଗା-ତୁରୁମ ୫୪ ନମ୍ବର ରାଜ୍ୟ ରାଜପଥର କୁଲତାଟୁକୁରା ଛକରେ ଶନିବାର ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ଗୋଡଭଗା ଫାଣ୍ଡି ଅଧିକାରୀ ସୁରେନ୍ଦ୍ର ଛତ୍ରିଆ ଓ ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋରାସାଗର ଯୋଗ ଦେଇଥିଲେ। ସେମାନେ ବାଇକ ଚାଳକମାନଙ୍କୁ ଅଟକାଇ ଟ୍ରାଫିକ ନିୟମ କାନୁନ ଉପରେ ସଚେତନ କରିଥିଲେ । ଯେଉଁ ବାଇକ ଚାଳକ ହେଲମେଟ ପିନ୍ଧି ବାଇକ ଚଳାଉଥିଲେ ସେମନଙ୍କୁ କଲମ ଦେଇ ସ୍ୱାଗତ କରାଯାଉଥିଲା । ରିଙ୍କୁ ଦୀପ, ଛନ୍ଦ କିଶୋର ଛୁରୀଆ, ରୀମା ଭଏନା, ସୁବଳୟା କୁଅଁର, ନନ୍ଦନୀ ଦୀପ, ସୁମନ ପୋଢ଼, ଶଙ୍କର ବାଦୀ ପ୍ରମୁଖ ସହଯୋଗ କରିଥିଲେ ।



ଅତାବିରା ଥାନା ଟୁକୁରା ଛକରେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଚାଲିଛି ।

# ଅଞ୍ଚଳର ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ: ସୁରେଶ ପୂଜାରୀ

ପଦ୍ମପୁର, ୨୨।୬ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡର ଲଖମରା, ସରେଇକେଲା, ଶୁକ୍ଲିପାହାଡ, ଜଗଦଲପୁର, ବଡକୁଞ୍ଜାରୀ, ଗୌଡମାଲ, ନିଲଜୀପତ୍ରା, କୁର୍ଲୁପାଲି, ଭଣ୍ଡାରପୁରୀ ଆଦି ଗ୍ରାମମାନଙ୍କରେ ନବନିର୍ବାଚିତ ବରଗଡ ଏମ୍ପି ସୁରେଶ ପୂଜାରୀଙ୍କୁ ଶନିବାର ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସେହିପରି ବରଗଡ ସଂସଦ କ୍ଷେତ୍ରର ଭୋଟରମାନେ ବିପୁଳ ସଂଖ୍ୟାରେ ଭୋଟ ଦେଇ ତାଙ୍କୁ ନିର୍ବାଚିତ କରିଥିବା ଯୋଗୁ ପୂଜାରୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ କହିଛନ୍ତି, ସମସ୍ୟା ବହୁଳ ଅଞ୍ଚଳର ସେ ହେଉଛନ୍ତି ପ୍ରତିନିଧି । ତଥାପି ଜନସାଧାରଣଙ୍କ ସହଯୋଗରେ ବିକାଶ କରିବେ । ଅଞ୍ଚଳର ଉନ୍ନତି ପାଇଁ ଆବଶ୍ୟକ ସ୍ଥଳେ ଗୋଡ ଧରି କାର୍ଯ୍ୟ ହାସଲ ପାଇଁ କୁଣ୍ଠାବୋଧ କରିବି ନାହିଁ ବୋଲି ଏମ୍ପି ପୂଜାରୀ ଲଖମରାଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କହିଛନ୍ତି । ପ୍ରଥମେ ଲଖମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ତାଙ୍କୁ ସ୍ୱାଗତ କରାଯିବା ପରେ ଏକ ଶୋଭାଯାତ୍ରାରେ ଦୁର୍ଗା ମଣ୍ଡପ ନିକଟସ୍ଥ ସଭା ମଞ୍ଚକୁ ନିଆଯାଇଥିଲା । ସେଠାରେ ପ୍ରଭାତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏମ୍ପି ପୂଜାରୀ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ପଦ୍ମପୁର ବ୍ଲକ ଅଧକ୍ଷ କୁମରମଣି ନାଏକ, ବରଗଡ ଜିଲା ପରିଷଦ ଅଧକ୍ଷା ମୁକ୍ତା ସାହୁ, ଅରୂପାନନ୍ଦ ସାହୁ, ଅଶ୍ୱିନୀ ଷଡଙ୍ଗୀ, ମଧୁସୂଦନ ଦାଶ, ସରପଞ୍ଚ ଭୀଷ୍ମଦେବ ଡନସନା, ସମିତି ସଭ୍ୟ ଝୁନା ଡନସନା, ସୁରେଶ୍ୱର ଶତପଥି ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ । ଗ୍ରାମବାସୀଙ୍କ ତରଫରୁ ରାକେଶ ଡନସନା, ପଦ୍ମଲୋଚନ ବେରିଆ, ରାଧାକାନ୍ତ ମିଶ୍ର, କେଶବ ସାହୁ, ଜଳଧର ବରିହା ପ୍ରମୁଖ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚର୍ଦାପାଲି-ଲଖମରା ଅଙ୍ଗନଦୀରେ ଏକ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଏମ୍ପିଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ ।



ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥିଙ୍କ ସହ ଅନ୍ୟମାନେ ମଞ୍ଚାସୀନ ।

# ୮ ଶ୍ରେଣୀକୁ ୩ ଶିକ୍ଷକ, ପାଠପଢ଼ା ଠପ୍

ଅତାବିରା, ୨୨।୬ (ଡି.ଏନ.ଏ)

ଭେଡେନ ବ୍ଲକ ଦେଶଭଟିଲି ନୋଡାଲ ସ୍କୁଲରେ ଶିକ୍ଷକ ଅଭାବରୁ ପାଠପଢ଼ା ଠପ୍ ହୋଇଯାଇଛି । ଏହି ସ୍କୁଲରେ ୮ଟି ଶ୍ରେଣୀକୁ ମାତ୍ର ୩ ଜଣ ଶିକ୍ଷକ ରହିଛନ୍ତି। ସ୍ଥାୟୀ ପ୍ରଧାନ ଶିକ୍ଷକ ନ ଥିବାରୁ ଜଣେ ଶିକ୍ଷକ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାୟିତ୍ୱରେ ଅଛନ୍ତି। ଗୋଟିଏ କୋଠରୀରେ ୩ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବସାଇ ପାଠପଢ଼ା ଚାଲିଛି। ପ୍ରଥମ ଶ୍ରେଣୀରୁ ୫, ଦ୍ୱିତୀୟରେ ୩, ୪ର୍ଥରେ ୨, ୫ମରେ ୬, ଷଷ୍ଠ ଶ୍ରେଣୀରେ ୧୪, ସପ୍ତମରେ ୧୧, ଅଷ୍ଟମ ଶ୍ରେଣୀ ୬ଜଣ ମୋଟ ୫୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଏହି ସ୍କୁଲରେ ୨୬ ଜଣ ଛାତ୍ରୀ ଓ ୨୯ ଜଣ ଛାତ୍ର ରହିଛନ୍ତି ଏ ବିଷୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜି. ପି ପ୍ରଧାନଙ୍କୁ ପଚରାଯିବାରୁ ସେ କହିଲେ, ସ୍କୁଲର ଜଣେ ଶିକ୍ଷକଙ୍କ ଦେହାନ୍ତ ପରେ ସେହିଦିନଠାରୁ ୩ ଜଣ ଶିକ୍ଷକରେ ପାଠପଢ଼ା ଚାଲିଛି । ମୋତେ ପ୍ରଧାନଶିକ୍ଷକ ଦାୟତ୍ୱ ଦିଆଯାଇଛି । ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକଙ୍କୁ ପଚରାଯିବାରୁ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ବିଜେପୁର ଅଞ୍ଚଳରେ ପ୍ରାକ୍ ମୌସୁମୀ ବର୍ଷା

ବିଜେପୁର, ୨୨।୬ (ଡି.ଏନ.ଏ)

ବିଜେପୁର ବ୍ଲକ ଅଞ୍ଚଳରେ ଦୁଇ ଦିନ ଧରି ପ୍ରାକ୍ ମୌସୁମୀ ବର୍ଷା ହୋଇଛି । ଗୁରୁବାର ଓ ଶୁକ୍ରବାର ରାତିସାରା ଝିପିଝିପି ବର୍ଷା ଲାଗି ରହିଥିଲା । ୨୦ରେ ୦୨ ମିମି, ୨୧ରେ ୩୦ ମିମି, ୨୨ତାରିଖରେ ୨୩ ମିମି ବର୍ଷା ହୋଇଥିବା କୃଷି ବିଭାଗ ସୂତ୍ରରୁ ଜଣାପଡିଛି । ସେହିପରି ଚାଷୀମାନେ ଚାଷ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଜମିକୁ ସଜିଲ କରି ରଖିଥିବା ଚାଷୀମାନେ ବିହନ ଧାନ କ୍ରୟ କରିବାକୁ ତତ୍ପର ହୋଇ ପଡିଛନ୍ତି । ଅଧିକ ଅମଳ ଆଶାରେ ଦେଶୀ ଅପେକ୍ଷା ଫାଉଣ୍ଡେସନ ଧାନ ବିହନ ଉପରେ ସେମାନେ ନିଘା ରଖିଥିବା ପରିଲକ୍ଷିତ ହେଉଛି । ବିଜେପୁର, ବଡବାଉଁଶେନ, ଏମ୍ଶ୍ରୀଗିଡା, ଲାଡମୁଣ୍ଡା, ସାଇପାଲି ଆଦି ୫ଟି ସମବାୟ ସମିତିରେ ମୋଟ ୧୪୦ କୁଇଣ୍ଟାଲ ଧାନ ବିହନ ଗଚ୍ଛିତ ରହିଛି । ସେହିପରି ଏହି ବ୍ଲକର ବେସରକାରୀ ଡିଲରଙ୍କ ନିକଟରେ ମୋଟ ୩୫୦ କୁଇଣ୍ଟାଲ ଧାନ ବିହନ ବିକ୍ରି ପାଇଁ ରହିଥିବା ଜଣାପଡିଛି । ଏ ନେଇ ବ୍ଲକ କୃଷି ଅଧିକାରୀ ଲକ୍ଷ୍ମୀପ୍ରସାଦ ପଟେଲଙ୍କୁ ପଚାରିବାରୁ ଏହି ବ୍ଲକର ସମସ୍ତ ବେସରକାରୀ ଡିଲର ଲାଇସେନ୍ସ ପ୍ରାପ୍ତ । ତେଣୁ ନକଲି ପ୍ରତି ଭୟ ନ ଥିବା ସେ କହିଛନ୍ତି ।

# ଉପଜିଲାପାଳଙ୍କ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ପାଇକମାଳ, ୨୨।୬ (ଡି.ଏନ.ଏ)

ବରଗଡ ଜିଲା ପାଇକମାଳ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ଶନିବାର ପରିଦର୍ଶନ କରିଥିଲେ । ସେ ଡା. ଶ୍ରୀଧର ପ୍ରଧାନ ଓ ଆୟୁଷ ଡା. ସଙ୍ଗୀତା ସାହୁ, ଫାର୍ମାସିଷ୍ଟ ଚିତ୍ତରଞ୍ଜନ ଦାସଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରି ରୋଗୀମାନଙ୍କ ସହ କଥାବାର୍ତ୍ତା ହୋଇଥିଲେ । ଏଠାରେ ବିଶ୍ରାମ ଗୃହ, ଶୌଚାଳୟର ନିତାନ୍ତ ଆବଶ୍ୟକତା ଥିବା ଜାଣିପାରି ଏହାର ବ୍ୟବସ୍ଥା ପାଇଁ ସରକାରଙ୍କୁ ଜଣାଇବେ ବୋଲି ଦରୱାନ ପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ଥିବା ପାନୀୟ ଜଳ ଯୋଗାଣ ପାଇଁ ନିର୍ମିତ ଟାଙ୍କି ଏବଂ ଜଳ ଯୋଗାଣ ୟୁନିଟ ବନ୍ଦ ଥିବାରୁ ସେ ବାବଦରେ ଡାକ୍ତର ପ୍ରଧାନଙ୍କୁ ପଚାରିଥିଲେ । ତାଙ୍କ ସହ ପାଇକମାଳ ତହସିଲଦାର ସୁଶାନ୍ତ କୁମାର ରଣା ମଧ ଉପସ୍ଥିତ ଥିଲେ ।

# କନ୍ଧପଡ଼ାରେ ହେବ ଅଙ୍ଗନୱାଡି କେନ୍ଦ୍ର

ଅତାବିରା, ୨୨।୬ (ଡି.ଏନ.ଏ)

ଭେଡେନ ବ୍ଲକ ଡାଲବ ପଞ୍ଚାୟତର କନ୍ଧପଡାରେ କନ୍ଧପଡାର ବିଭିନ୍ନ ସମସ୍ୟା ସମ୍ବଳିତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏ ନେଇ ତଦନ୍ତ ରିପୋର୍ଟ ଦେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି କ୍ରମରେ ବିଡିଓ ମୁରଲିଧର ନାୟକ, ସିଡିପିଓ ଝୁନୁରାଣୀ ପାତ୍ର, କ୍ଷେତ୍ର ପରିଦର୍ଶିକା ସୁରୀୟା ରାଜହଂସ, ଆରଡବ୍ଲୁଏସଏସ କନିଷ୍ଠ ଯନ୍ତ୍ରୀ, ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର, ଡାଲବ ସରପଞ୍ଚ ଶୈଳଶ୍ରୀ ଡନସନା ପ୍ରମୁଖ କନ୍ଧପଡାକୁ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଛନ୍ତି। କନ୍ଧପଡାରେ ୩ବର୍ଷରୁ ୬ ବର୍ଷ ପର୍ଯ୍ୟନ୍ତ ୧୫ରୁ ଅଧିକ ଶିଶୁ ପ୍ରାକ୍ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ରହିଛନ୍ତି। ତାଙ୍କ ପଡାଠାରୁ ୩ କିଲୋମିଟର ଦୂରରେ ବାଦିପାଲି ଅଙ୍ଗନୱାଡି କେନ୍ଦ୍ର ଥିବାରୁ ଶିଶୁମାନଙ୍କୁ ପାଠ ପଢ଼ାଇବା ସମ୍ଭବପର ହେଉନାହିଁ । ଏ ନେଇ ବିଡିଓ ନାୟକଙ୍କୁ ପଚରାଯିବାରୁ କନ୍ଧପଡାରେ ଏକ ଅଙ୍ଗନୱାଡି କେନ୍ଦ୍ର ଖୋଲାଯିବ । ଯେଉଁ ଗରିବ ପରିବାର ଏପର୍ଯ୍ୟନ୍ତ ଆବାସ ଗୃହରୁ ବଞ୍ଚିତ ରହିଛନ୍ତି। ସେମାନଙ୍କୁ ଆବାସ ଗୃହ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ ।

■ ପଦ୍ମପୁର ଉପଖଣ୍ଡ ରୋଗୀ କଲ୍ୟାଣ ସମିତି ବୈଠକ

# ଡାକ୍ତରଖାନା ଉନ୍ନତି, ସୁପରିଚାଳନାକୁ ଗୁରୁତ୍ୱ

ପଦ୍ମପୁର, ୨୧।୬ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟଠାରେ ରୋଗୀ କଲ୍ୟାଣ ସମିତିର ଏକ୍ଜିକ୍ୟୁଟିଭ କମିଟି ବୈଠକ ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଗୀତାପିୟୁଷ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଉପଖଣ୍ଡ ଚିକିତ୍ସାଳୟର ଉନ୍ନତି ତଥା ସୁପରିଚାଳନା ପାଇଁ ବୈଠକରେ ଗୃହୀତ ପ୍ରସ୍ତାବ ଗୁଡିକ ମଧ୍ୟରେ ଡାକ୍ତରଖାନା ପରିସରରେ ଥିବା ଡ୍ରେନର ପୁନରୁଦ୍ଧାର ଓ ମରାମତି, ଆମ୍ବୁଲାନ୍ସ ମରାମତି, ଭାଙ୍ଗିଯାଇଥିବା ଝରକା ଗୁଡିକର ମରାମତି, ଏମସିଏଚ ବିଲ୍ଡିଂର ହସ୍ତାନ୍ତର, ଆମ୍ବୁଲାନ୍ସ ଦର ନିର୍ଦ୍ଧାରଣ, ପାର୍କିଂ ଶୁଳ୍କ ନିର୍ଦ୍ଧାରଣ ତଥା ଡାକ୍ତରଖାନା ପରିଚାଳନା ପାଇଁ ଆନୁଷଙ୍ଗିକ ଜିନିଷକ୍ରୟ ଉପରେ ଆଲୋଚନା କରାଯାଇଥିଲା । ୨୦୧୯ ମାର୍ଚ୍ଚ ୧୧ ମଧ୍ୟରେ ବିଭିନ୍ନ ସୂତ୍ରରୁ ୧୬,୭୩,୯୫୦ ଟଙ୍କା ଆୟ ହୋଇଥିବା ବେଳେ ସେହି ସମୟ ସୀମା ଭିତରେ ୬,୯୨,୦୩୧ ଟଙ୍କା ବ୍ୟୟ କରାଯାଇଥିଲା। ଏତଦ୍‌ବ୍ୟତୀତ ଡାକ୍ତରଖାନା ପରିସର ପରିଷ୍କାର ପରିଚ୍ଛନ୍ନତା ତଥା ପରିମଳ ବ୍ୟବସ୍ଥା ଉପରେ ଆବଶ୍ୟକ ଧ୍ୟାନ ଦେବା ପାଇଁ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ରାଜବୋଡାସମ୍ବର ପଞ୍ଚାୟତ ସମିତି ଅଧକ୍ଷ କୁମରମଣି ନାଏକ, ଡା. କୈଳାଶ ଚନ୍ଦ୍ର ମେହେର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ରୋଗୀ କଲ୍ୟାଣ ସମିତି ସଦସ୍ୟ ଅଶୋକ ମିଶ୍ର, ଜ୍ୟୋସ୍ନାମୟୀ କର, ଚିକିତ୍ସାଳୟ ମ୍ୟାନେଜର ପ୍ରଦୀପ ସାହୁ, ସରୋଜ ଷଡଙ୍ଗୀ, ବିଜୟ କୁମାର ବହିଦାରଙ୍କ ସମେତ ଅନ୍ୟ ସଦସ୍ୟ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକ ପରେ ଉପଜିଲାପାଳ ତଥା ସମସ୍ତ ସଦସ୍ୟ ଡାକ୍ତରଖାନାର ବିଭିନ୍ନ ୱାର୍ଡ ବୁଲି ରୋଗୀମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ପରେ ଉପଜିଲାପାଳ ଦରୱାନ ଉପଖଣ୍ଡ ଚିକିତ୍ସାଳୟ ପରିସର ମଧ୍ୟରେ ନିର୍ମିତ ମାତୃ ଏବଂ ଶିଶୁ ଚିକିତ୍ସାଳୟ (ଏମସିଏଚ ବିଲ୍ଡିଂ) ପରିଦର୍ଶନ କରିଥିଲେ। ଏହି ନବନିର୍ମିତ ଚିକିତ୍ସାଳୟକୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ତୁରନ୍ତ ହସ୍ତାନ୍ତର କରିବା ପାଇଁ ସେ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।




ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ରୋଗୀ କଲ୍ୟାଣ ସମିତି ବୈଠକ ଚାଲିଛି ।

■ ଅମ୍ବାଭୋନା ବ୍ଲକ ଭୁକ୍ତା ମାର୍କେଟ ୟାର୍ଡ

# ପଡ଼ିରହିଛି ୩୧ ହଜାର କୁଇଣ୍ଟାଲ ଧାନ

ଅମ୍ବାଭୋନା, ୨୨।୬ (ଡି.ଏନ.ଏ)

ବରଗଡ ଜିଲା ସୀମାନ୍ତ ଅମ୍ବାଭୋନା ବ୍ଲକର ଭୁକ୍ତା ମାର୍କେଟ ୟାର୍ଡରେ ଚଳିତ ରବି ଋତୁରେ ଖୋଲା ଆକାଶ ତଳେ ୩୧ ହଜାର କୁଇଣ୍ଟାଲ ଧାନ ପଡି ରହିଛି । ଭୁକ୍ତା ମାର୍କେଟ ୟାର୍ଡ ଅଧୀନସ୍ଥ ଭୁକ୍ତା ସମବାୟ ସମିତିରୁ ୩୩୬ ଜଣ ପଞ୍ଜୀକୃତ ଚାଷୀଙ୍କ ୨୨ ହଜାର ୯୬୭ କୁଇଣ୍ଟାଲ ଏବଂ କଣ୍ଡପଲା ସମବାୟ ସମିତିରୁ ୩୪୭ ଜଣ ଚାଷୀଙ୍କ ୩୧ ହଜାର ୫୯୮ କୁଇଣ୍ଟାଲ ଧାନ ବିକ୍ରି ହୋଇଛି। ଅଦ୍ୟାବଧି ମାର୍କେଟ ୟାର୍ଡରେ କଣ୍ଡପଲା ପ୍ୟାକ୍ସ ଅଧୀନ ୨୭ ହଜାର ୩୯୯ କୁଇଣ୍ଟାଲ ଏବଂ ଭୁକ୍ତା ପ୍ୟାକ୍ସ ଅଧୀନ ୩,୬୫୪ କୁଇଣ୍ଟାଲ ଧାନ ଏଣ୍ଟ୍ରି ହୋଇ ବିକ୍ରି ଅପେକ୍ଷାରେ ରହିଛି । ଚଳିତ ବର୍ଷ ରବିଋତୁରେ କଣ୍ଡପଲା ପ୍ୟାକ୍ସ ଜରିଆରେ ୪୪ ହଜାର ୯୦୦ କୁଇଣ୍ଟାଲ ଧାନ ଏବଂ ଭୁକ୍ତା ପ୍ୟାକ୍ସ ଜରିଆରେ ୩୨ ହଜାର ୫୦୦ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ବ୍ୟବସାୟୀମାନଙ୍କ କବଜାରେ ଭୁକ୍ତା ମାର୍କେଟ ୟାର୍ଡ ଥିବା ନେଇ ଲାଲବାହାଦୁର ଶାସ୍ତ୍ରୀ କୃଷକ ସଙ୍ଗଠନ ଅଭିଯୋଗ କରିଛି । ପଡୋଶୀ ଛତିଶଗଡ ରାଜ୍ୟରେ ଧାନର ଅଭାବୀ ବିକ୍ରିର ଫାଇଦା ନେଇ ଅମ୍ବାଭୋନା ଧାନ ବେପାରୀ କୁଇଣ୍ଟାଲ ପିଛା ୧୩୫୦ ଟଙ୍କାରେ ଧାନ କ୍ରୟ କରୁଛନ୍ତି ଏବଂ ମାର୍କେଟ ୟାର୍ଡରେ ୧୭୫୦ ଟଙ୍କାରେ ବିକ୍ରି କରି ମାଲେମାଲ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି ।



ମଣ୍ଡିରେ ଧାନକୁ ତାରପୋଲିନ ଘୋଡାଇ ରଖାଯାଇଛି ।



ଭୁଲ୍‌ଟା ବୁଝିବା ମାତ୍ରେ ଲଜ୍ଜିତ ହୋଇଯିବା ଭଳି ସଦ୍‌ଗୁଣ ଆଉ କିଛି ନାହିଁ ।
-ଡାୟୋଜିନିସ୍



## ସଂକ୍ଷେପରେ

### ଜିଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୌଦ୍ଧ,୨୨।୬(ସ୍ୱ.ପ୍ର)
ବୌଦ୍ଧ ଜିଲାପାଳ ଶୀତାଂଶୁ କୁମାର ରାଉତଙ୍କୁ ଖୋର୍ଦ୍ଧା ଜିଲାପାଳ ଭାବେ ବଦଳି କରାଯାଇଛି । ଏଣୁ ଶନିବାର ଅପରାହ୍ନରେ ତାଙ୍କୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ଜିଲାପାଳ ଭାବେ ନିଯୁକ୍ତ ହୋଇଥିବାରୁ କର୍ମଚାରୀମାନେ ରାଉତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସଭାରେ ଉପଜିଲାପାଳ ଏନ୍‌ସି ଜ୍ୟୋତିରଞ୍ଜନ ନାଏକଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### କ୍ଷତ୍ରିୟ ବଡସୁଦ ସମାଜ ବୈଠକ

ଜହ୍ମାପଙ୍କ, ୨୨।୬ (ଡି.ଏନ.ଏ)
ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ବୁରକଟା ପ୍ରାଥମିକ ସ୍କୁଲ ପ୍ରାଙ୍ଗଣରେ ନିଖିଳ ଉତ୍କଳ କ୍ଷତ୍ରୀୟ ବଡସୁଦ ସମାଜ ମକୁନ୍ଦପୁର କେନ୍ଦ୍ରର ବାର୍ଷିକ ବୈଠକ ହିମାଂଶୁ ଶେଖର ଅମାତଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ଗଙ୍ଗାଧର ପ୍ରଧାନ ୨୦୧୮-୧୯ ବର୍ଷର ଆୟବ୍ୟୟ ବିବରଣୀ ପଠନ କରିଥିଲେ । କାର୍ଯ୍ୟକ୍ରମରେ ଉପସଭାପତି ଜୀବର୍ଦ୍ଧନ ଭୋକ୍ତା, ସହ ସମ୍ପାଦକ ଲିଙ୍ଗରାଜ ଭୋକ୍ତା, କୋଷାଧକ୍ଷ ନରେନ୍ଦ୍ର ପ୍ରଧାନ, ଉପଦେଷ୍ଟା ସଦାନନ୍ଦ ପ୍ରଧାନ, ଡମ୍ବରୁ ବେହେରା, ସଞ୍ଜୟ ଦେହୁରୀ, ଶିବ କୁମାର ଦେହୁରୀ, ବିଶିକେଶନ ଭୋକ୍ତା ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସମ୍ପାଦକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



### ରୋଗୀ କଲ୍ୟାଣ ସମିତି ବୈଠକ

ଅମ୍ବାଭୋନା, ୨୨।୬ (ଡି.ଏନ.ଏ)
ଅମ୍ବାଭୋନା ବ୍ଲକର ବାରପାହାଡ ଉପାନ୍ତ ଇଲାକାରେ ଥିବା ଲଖନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ଏକ ସାଧାରଣ ବୈଠକ ବିଡିଓ ଆଲଫ୍ରାନ୍ସ ବିଲୁଙ୍ଗଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଛି । ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦୁର୍ଗା ପ୍ରସାଦ ଦାଶ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଏହି ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ଆୟବ୍ୟୟ ଅଟକଳ ତଥା ବିଭିନ୍ନ ଉନ୍ନତିମୂଳକ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା । ଓଡିଶା ସରକାରଙ୍କ କାୟାକଳ୍ପ ଯୋଜନାରେ ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ରରେ ଲଖନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କୃତ ହୋଇଥିବା ସେ ସୂଚନା ଦେଇଥିଲେ । ଏହି ବୈଠକରେ ବ୍ଲକ ପ୍ରୋଗାମ ଅଧିକାରୀ ମହିମା ସାହୁ, ବିପିଏମ ଭରତ ଭୁଷଣ ପାତ୍ର, ପ୍ରାଥମିକ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁଦାମ ଚରଣ ପାଣିଗ୍ରାହୀ, ଫାର୍ମାସିଷ୍ଟ ରୋହିତ ସାହୁ, ଏଏନଏମ ରିଙ୍କି ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ଦେହେରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ■ ଜିଲା ମୁଖ୍ୟ ଡାକ୍ତରଖାନାରେ ବଢୁଛି ସମସ୍ୟା

# ଜିଲାପାଳ, ସିଡିଏମ୍‌ଓଙ୍କୁ ଫେରାଦ

ବରଗଡ଼ ଅଫିସ୍,୨୨।୬



ଜିଲାପାଳଙ୍କୁ ଫେରାଦ ହୋଇଥିବା ନିଷ୍ଠା ପରିବାରର ସଦସ୍ୟବୃନ୍ଦ।

■ କାର୍ଯ୍ୟକ୍ଷମ ହେଉନି ବ୍ଲଡ୍ ସେପାରେଶନ ୟୁନିଟ୍
■ ଇସିଜି, ଅଲଟ୍ରାସାଉଣ୍ଡ ପାଇଁ ରୋଗୀ ହଟହଟା
■ ୧୦ଦିନରେ ସମାଧାନ ନ ହେଲେ ଆନ୍ଦୋଳନ

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଶଯ୍ୟାଭାବ ନିତିଦିନିଆ ଘଟଣାରେ ପରିଣତ ହୋଇଥିବାବେଳେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ଖଣ୍ଡହଥାର ସାମାଜିକ ଅନୁଷ୍ଠାନ ନିଷ୍ଠା ପକ୍ଷରୁ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ) ଡା. ଏନ. କେ ପାଢ଼ୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ମଧ୍ୟ ପୃଥକ୍ ଭାବେ ସ୍ମାରକପତ୍ର ଦିଆଯାଇଛି ।

ଜିଲା ମୁଖ୍ୟ ଡାକ୍ତରଖାନାରେ କେବଳ ବରଗଡ଼ ନୁହେଁ, ଜିଲା ତଥା ଜିଲା ବାହାର ରୋଗୀମାନେ ନିର୍ଭର କରିଥାନ୍ତି। ପଡ଼ୋଶୀ ଛତିଶଗଡ଼ର ରୋଗୀମାନେ ମଧ୍ୟ ଚିକିତ୍ସା ପାଇଁ ଏଠାକୁଆସିଥାନ୍ତି । ଉତ୍ତମ ସ୍ୱାସ୍ଥ୍ୟସେବା ଆଶା ନେଇ ଏଠାକୁ ସେମାନେ ଆସୁଥିଲେ ମଧ ଡାକ୍ତରଖାନାର ବିଭିନ୍ନ ସମସ୍ୟା ଯୋଗୁ ସେମାନଙ୍କୁ ନିରାଶ ହେବାକୁ ପଡୁଛି । ଏଠାରେ ବର୍ଷେ ତଳେ ବ୍ଲଡ ସେପାରେଶନ ୟୁନିଟ୍ ଉଦଘାଟିତ ହୋଇଛି । ମାତ୍ର ଏପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହାକୁ କାର୍ଯ୍ୟକ୍ଷମ କରାଗଲେ ରକ୍ତାଭାବ ସମସ୍ୟା ଦୂର ହେବ ବୋଲି ମତପ୍ରକାଶ ପାଇଛି। ସେହିପରି ଇସିଜି, ଅଲଟ୍ରାସାଉଣ୍ଡ ବ୍ୟବସ୍ଥା ଥିଲେ ସୁଦ୍ଧା ତାହା ନ ଥିବା ଭଳି । ଏଥିପାଇଁ ନିୟୋଜିତ ଡାକ୍ତର ନିୟମିତ ଉପସ୍ଥିତ ରହୁ ନ ଥିବା ଯୋଗୁ ରୋଗୀଙ୍କୁ ଇସିଜି ଓ ଅଲଟ୍ରାସାଉଣ୍ଡ ପାଇଁ ଅନ୍ୟ ଘରୋଇ ନର୍ସିଂହୋମରେ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଅନ୍ୟପଟେ ସମ୍ପୃକ୍ତ ଡାକ୍ତର ବିଭିନ୍ନ ଘରୋଇ ଡାକ୍ତରଖାନାକୁ ଯାଉଥିବା ଅଭିଯୋଗ ହୋଇଛି ।

ଡାକ୍ତରଖାନାରେ ପାନୀୟଜଳ ସମସ୍ୟାରେ ମଧ୍ୟ ସୁଧାର ଆସି ପାରିନାହିଁ । ଡାକ୍ତରଖାନା ପରିସରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ଥିବା ପାଇଖାନା କାମ କରୁ ନାହିଁ । ଫଳରେ ରୋଗୀମାନେ ହଟହଟା ହେଉଛନ୍ତି । ରକ୍ତଭଣ୍ଡାର ଓ ରେଷ୍ଟରୁମ ମଧ୍ୟରେ ରହିଥିବା ଏସି ମଧ୍ୟ ଅଚଳ ହୋଇ ପଡ଼ିଛି। ଏହା ସହିତ ରକ୍ତଭଣ୍ଡାରରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଓ ଉପକରଣ ନାହିଁ। ଦୀର୍ଘ ଅଢ଼େଇ ବର୍ଷ ହେବ ଜିଲା ମୁଖ୍ୟ ଡାକ୍ତରଖାନାରେ ଅସ୍ଥିଶଲ୍ୟ ବିଭାଗ ଡାକ୍ତର ବିହୀନ ହୋଇପଡ଼ିଛି । ଏହାସହିତ ଦିବ୍ୟାଙ୍ଗମାନେ ପ୍ରମାଣପତ୍ର ପାଇଁ ଆସୁଥିବାବେଳେ ସେମାନଙ୍କୁ ନିରାଶରେ ଫେରିବାକୁ ପଡୁଛି । ଆସନ୍ତା ୧୦ଦିନ ମଧ୍ୟରେ ଉପରୋକ୍ତ ସମସ୍ୟାର ପ୍ରତିକାର ଦିଗରେ ପଦକ୍ଷେପ ନିଆ ନ ଗଲେ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସ୍ମାରକପତ୍ରରେ ଚେତାବନୀ ଦିଆଯାଇଛି। ନିଷ୍ଠା ପରିବାରର ସମ୍ପାଦକ ଅଶ୍ୱିନୀ ତ୍ରିପାଠୀ, ସଂଯୋଜକ ବିକାଶ ଅଗ୍ରୱାଲ, ଶୋଭନ ରଥ, ଚନ୍ଦନ କୁମାର ଗୁରୁ, ଭବାନୀ ଶଙ୍କର ଦାଶ, ମାନସ ମେହେର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ଯୁକ୍ତ ଦୁଇ କଳାରେ ବୌଦ୍ଧ କଲେଜ ଛାତ୍ରୀଛାତ୍ରଙ୍କ ସଫଳତା

# ଶାରଦା ହେଲେ କଲେଜ ଟପ୍ପର

ବୌଦ୍ଧ,୨୨।୬(ସ୍ୱ.ପ୍ର)

ଯୁକ୍ତଦୁଇ କଳା ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ବୌଦ୍ଧ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି । ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ୧୭୩ ଜଣ ଛାତ୍ରୀଛାତ୍ର ଯୁକ୍ତ ଦୁଇ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୫୩ ଜଣ(୮୯%) ସଫଳତା ଲାଭ କରିଛନ୍ତି । ସେମାନଙ୍କ ମଧ୍ୟରୁ ୭୮ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ପାଶ୍ କରିଥିବାବେଳେ ୧୯ ଜଣ ଦ୍ୱିତୀୟ ଓ ୫୬ ଜଣ ତୃତୀୟ ଶ୍ରେଣୀରେ ପାଶ୍ କରିଥିବା ଜଣାଯାଇଛି । ମହାବିଦ୍ୟାଳୟର ତିନିଜଣ ଟପ୍ପରଙ୍କ ମଧ୍ୟରେ ୬୦୦ରୁ ୪୭୮ ମାର୍କ ରଖି ଶାରଦା ପ୍ରସନ୍ନ ବୋଷ ପ୍ରଥମ ହୋଇଛନ୍ତି । ୪୭୩ ନମ୍ବର ସହ ବବୁଲ ଅମାତ ଦ୍ୱିତୀୟ ଓ ୪୭୧ ନମ୍ବର ସହ ସିଦ୍ଧାର୍ଥ ବାରିକ ତୃତୀୟ ସ୍ଥାନରେ ଅଛନ୍ତି । ଛାତ୍ରୀଛାତ୍ରଙ୍କ ସଫଳତା ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ସନ୍ତୋଷ ବ୍ୟକ୍ତ କରିଛନ୍ତି ।

## ଧାଡିରୁଆ ପ୍ରଣାଳୀ ତାଲିମ, ଧାନ ବିହନ ବଣ୍ଟନ

ବାଉଁଶୁଣୀ,୨୨।୬(ଡି.ଏନ.ଏ)

ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତ ଛେଲିବାହାଲ ଗ୍ରାମରେ ବିଜିଆରଇଆଇ ଯୋଜନା ଅନ୍ତର୍ଗତ ଧାଡିରୁଆ ଧାନଚାଷ ପାଇଁ ବିହନ ବଣ୍ଟନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । କୃଷି ଅଧିଦର୍ଶକ ଏକାଦଶୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ପଙ୍କଜିନୀ ନାଏକ ମୁଖ୍ୟଅତିଥି, ରାଜ୍ୟ ସହକାରୀ ନିର୍ଦ୍ଦେଶକ ଗୋବର୍ଦ୍ଧନ ଦେବତା, ସହକାରୀ ଉଦ୍ୟାନ ଅଧକାରୀ ଦୀପ୍ତି ସଗରିକା ସାହୁ, ଆତ୍ମାର ଡିପିଡି ରାଜେଶ ଚୌଧୁରୀ, ରାଜ୍ୟ ବିହନ ନିଗମର ଜୋନାଲ ମ୍ୟାନେଜର କମଳାକାନ୍ତ କୋଟାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରୀ ଯୋଜନାର ଲାଭ ଉଠାଇବାକୁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। କୃଷି ଅଧିଦର୍ଶକ ଜୟନ୍ତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବୈଦ୍ୟନାଥପୁର, ଜମଘାଟି, ଛେଲିବାହାଲ ଆଦି ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଧାଡିରୁଆ ଧାନଚାଷ ପ୍ରଣାଳୀ ପାଇଁ ମାଗଣା ବିହନ ବଣ୍ଟନ କରାଯାଇଥିଲା।



ଚାଷୀମାନଙ୍କୁ ମାଗଣା ବିହନ ବଣ୍ଟନ କରାଯାଉଛି ।

## ୨୪୧ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ



ବରଗଡ଼ ବିଧାୟକ ଜଣେ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି ।

ବରଗଡ଼ ଅଫିସ୍,୨୨।୬

ବରଗଡ଼ ପୌର ପରିଷଦ ଅନ୍ତର୍ଗତ ବିଜୁ ପଟ୍ଟନାୟକ ଟାଉନ ହଲରେ ଶୁକ୍ରବାର ବିଭିନ୍ନ ୱାର୍ଡ଼ର ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା । ପୌର ନିର୍ବାହୀ ଅଧିକାରୀ ସୁଶାନ୍ତ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସେ ବିଭିନ୍ନ ୱାର୍ଡ଼ର ୨୪୧ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ । ଆଗାମୀ ଦିନରେ ଅନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବ ବୋଲି ସୂଚନା ଦେବା ସହିତ ଯେଭଳି କୌଣସି ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ନ ହେବେ, ସେଥିପ୍ରତି ବିହିତ ପଦକ୍ଷେପ ନେବା ପାଇଁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପୂର୍ବତନ ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ବିଜେଡ଼ି ଟାଉନ ସଭାପତି କିଶୋର ମିଶ୍ର ଏବଂ ପୂର୍ବତନ କାଉନସିଲରମାନେ ଉପସ୍ଥିତ ଥିଲେ ।

## ଡାକବାକ୍ସ ଉପରେ କଣା

ବରଗଡ଼ ଅଫିସ୍,୨୨।୬

ବରଗଡ଼ ମୁଖ୍ୟ ଡାକଘର ଆଗରେ ରହିଥିବା ଡାକବାକ୍ସ ଭାଙ୍ଗି ଯାଇଛି। ଡାକବାକ୍ସର ଉପର ପଟ କଣା ହୋଇଯାଇଛି। ଫଳରେ ବର୍ଷା ହେଲେ ସେହି ଡାକବାକ୍ସରେ ଲୋକେ ପକାଉଥିବା ଚିଠି ଭିଜି ନଷ୍ଟ ହେବା ଆଶଙ୍କା ରହିଛି । ଡାକବାକ୍ସର ଏଭଳି ଅବସ୍ଥା ଦେଖିବା ପରେ ଲୋକେ ସେଥିରେ ଚିଠି ପକାଇବାକୁ ମଧ୍ୟ ଆଉ ଆଗ୍ରହ ପ୍ରକାଶ କରୁନାହାନ୍ତି । ମୁଖ୍ୟ ଡାକଘର ସମ୍ମୁଖରେ ଡାକବାକ୍ସର ଏଭଳି ଅବସ୍ଥା ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।




ମୁଖ୍ୟ ଡାକଘର ସମ୍ମୁଖ ଡାକବାକ୍ସର ଉପରପଟରେ କଣା ସୃଷ୍ଟି ହୋଇଛି ।

## ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା

ବରଗଡ଼ ଅଫିସ୍,୨୨।୬

ବରଗଡ଼ ସହରସ୍ଥିତ ବିଜୁ ପଟ୍ଟନାୟକ ଟାଉନ ହଲରେ ଶନିବାର ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏହାର ଶୁଭାରମ୍ଭ କରିଥିଲେ । ପୌର ନିର୍ବାହୀ ଅଧିକାରୀ ସୁଶାନ୍ତ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବରଗଡ଼ ପୌରାଞ୍ଚଳରୁ ବାହାରୁଥିବା ବର୍ଜବସ୍ତୁର ପରିଚାଳନା, ପ୍ରକ୍ରିୟାକରଣ ଉପରେ ଜିଲା ପରିମଳ ବିଶେଷଜ୍ଞମାନେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । କର୍ମଶାଳାରେ ବିଭିନ୍ନ ଏସଏଚଜି ଗ୍ରୁପ୍‌ର ସଭ୍ୟା, ପରିମଳ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ପୌର ପରିଷଦର ଗୋଷ୍ଠୀ ସଙ୍ଗଠିକା ସ୍ନିଗ୍ଧାରାଣୀ ବିଶ୍ୱାଳ, ଜୟଶ୍ରୀ ପ୍ରଧାନ, ଚିନ୍ମୟୀ ପ୍ରଧାନ, ମନୋରଞ୍ଜନ ପାଣିଗ୍ରାହୀ, ପୌର ଯନ୍ତ୍ରୀ ଅଜୟ କୁମାର ଶାହା, ସାନିଟାରୀ ଇନ୍ସପେକ୍ଟର ଶ୍ରୀନିବାସ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଗ୍ରାମ୍ୟ ସାଧନ କର୍ମୀଙ୍କ ଏକ ଦିବସୀୟ ତାଲିମ ଶିବିର




ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ ।

ସୋହେଲା,୨୨।୬(ଡି.ଏନ.ଏ)

ସୋହେଲା ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ଶନିବାର ଓଡିଶା ସାମାଜିକ ସମୀକ୍ଷା, ଉତ୍ତର ଦାୟିତ୍ୱ ଓ ସ୍ୱଚ୍ଛତା ସମିତି ତଥା ସାମାଜିକ ନିରାପତ୍ତା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଗ୍ରାମ୍ୟ ସାଧନ କର୍ମୀମାନଙ୍କ ଏକଦିବସୀୟ ବ୍ଲକସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସୋହେଲା ବ୍ଲକର ଆକାଉଣ୍ଟସ ଅଫିସର ଅଂଶୁମାନ ମହାପାତ୍ର ସଭାପତିତ୍ୱ କରିଥିଲେ । ପଦ୍ମପୁର ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ରଜନୀକାନ୍ତ ବହିଦାର, ସୋହେଲା ବ୍ଲକ ଯୋଗାଣ ନିରୀକ୍ଷକ ପ୍ରସନ୍ନ ଦେହୁରୀ, ପ୍ରେମଲାଲ ସିଆର ପ୍ରମୁଖ ଯୋଗଦେଇ ଇନ୍ଦିରା ଓ ମଧୁବାବୁ ପେନସନ ଯୋଜନା ଏବଂ ଜାତୀୟ ପରିବାର ମଙ୍ଗଳ ଯୋଜନା ବାବଦରେ ବୁଝାଇଥିଲେ । ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ଓ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ କ୍ଷେତ୍ର ପରିଦର୍ଶନ କରିବା ପରେ ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ କରି ଗ୍ରାମସଭାରେ ଉପସ୍ଥାପନ କରିବା ପାଇଁ ତାଲିମ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ପଞ୍ଚାୟତରୁ ଆସିଥିବ ଗ୍ରାମ୍ୟ ସାଧନକର୍ମୀ ଯୋଗ ଦେଇଥିଲେ । ଶେଷରେ ଡବ୍ଲୁଇଓ ଅତୀଶ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୋ ସ୍କୁଲ ଅଭିଯାନ କର୍ମଶାଳା




କର୍ମଶାଳାରେ ଶିକ୍ଷା ଅଧିକାରୀ ଓ ଶିକ୍ଷୟିତ୍ରୀ ଶିକ୍ଷକବୃନ୍ଦ ।

ବରଗଡ଼ ଅଫିସ୍,୨୨।୬

ବରଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମୋ ସ୍କୁଲ ଅଭିଯାନ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଜିଲାର ସ୍ଥିତି, ପିପିଟି ସାହାଯ୍ୟରେ ୱେବ ପୋର୍ଟାଲରେ ବିଦ୍ୟାଳୟ ତଥ୍ୟ କିଭଳି ଅପଲୋଡ୍ କରାଯିବ, ତାହା ଉପରେ ସାହୁ ବିସ୍ତୃତ ଆଲୋଚନା କରିଥିଲେ । ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ କେତେକ ପ୍ରକଳ୍ପର ପ୍ରୟୋଗାତ୍ମକ ସାଧନ ଉପରେ ପ୍ରଧାନଶିକ୍ଷକ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ସନ୍ଦେହ ମୋଚନ କରିଥିଲେ । ପରେ ମୋ ସ୍କୁଲ ଅଭିଯାନର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା । ଉକ୍ତ ସଭାରେ ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ଏମଆଇଏସ ସଂଯୋଜକ, ନୋଡ଼ାଲ ପ୍ରଧାନଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ । ଭାର୍ଗବ ଚନ୍ଦ୍ର ନାଏକ, ସଦାନନ୍ଦ ଜାଲ, ଦିଲୀପ ସାହୁ, ନିକିତା ଆଚାରୀ, ଅର୍ଜୁନ ପ୍ରଧାନ, ଦୁର୍ବାଦଳ ସେଠ ପ୍ରମୁଖ ସହଯୋଗ କରିଥିଲେ ।

# ବର୍ଷା ଆସିଲା, ସୁଧୁରିଲାନି ରାସ୍ତା ଅବସ୍ଥା

ଜାମଟିକ୍ରା, ୨୨।୬ (ଡି.ଏନ.ଏ)

ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର ଜାମଟିକ୍ରା ଗାନ୍ଧୀ ଏମ୍‌ଇ ସ୍କୁଲ ଠାରୁ ସଁହରାପଡା ପର୍ଯ୍ୟନ୍ତ ୧ କିମି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏବେ ପ୍ରାକ୍ ମୌସୁମୀ ବର୍ଷାରେ ଉକ୍ତ ରାସ୍ତା ଅବସ୍ଥା ବେହାଲ। ଫଳରେ ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ହେଉଛି । ଏହି ରାସ୍ତାରେ ବର୍ତ୍ତମାନ ଯାନବାହନ ଯିବାଆସିବା କଷ୍ଟକର ହୋଇପଡିଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଛାତ୍ରୀଛାତ୍ରମାନେ ଅଙ୍ଗନୱାଡି ଓ ପ୍ରାଥମିକ ବିଦ୍ୟାଳୟକୁ ଯାଆନ୍ତି। ଏବେ ଧାନ ଚାଷ ସମୟ ଆସି ଯାଇଥିବାରୁ ପ୍ରତ୍ୟେହ ଏହି ରାସ୍ତା ଦେଇ ଲୁହାଚକ ଲଗା ଟ୍ରାକ୍ଟର ଓ ପାୱାର ଟିଲର ଯାଆସ କରି ରାସ୍ତାଟି ଆହୁରି ଖରାପ ହୋଇଯିବ । ଆମ ଗାଁ ଆମ ବିକାଶ ଯୋଜନାରେ ବୁଗବୁଗା ପଞ୍ଚାୟତକୁ ୩୬ ଲକ୍ଷ ଟଙ୍କା ମିଳିଥିଲେ ମଧ ଜାମଟିକ୍ରା ଗାଁକୁ ଟଙ୍କାଟିଏ ଆସିନାହିଁ । ଏ ସମ୍ପର୍କରେ ବୁଗବୁଗା ସରପଞ୍ଚ ପୁଷ୍ପକାନ୍ତି ସେଠଙ୍କୁ ପଚାରିବାରୁ ଉକ୍ତ ରାସ୍ତା ମରାମତି ବ୍ୟବସ୍ଥା କରାଯିବ ବୋଲି କହିଥିଲେ ।



ଜାମଟିକ୍ରା ରାସ୍ତା ଅବସ୍ଥା ଶୋଚନୀୟ



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



■ ଲୋୟର ସୁକ୍‌ତେଲ ଡ୍ୟାମ୍‌କୁ ନେଇ ତ୍ରିପାକ୍ଷିକ ଆଲୋଚନା

# 'ଦୁଃଖ ବୁଝିଲେ ଡ୍ୟାମ୍ ହେବ'

**ବଲାଙ୍ଗୀର ଅଫିସ, ୨୨।୬**



ସୁକ୍‌ତେଲ ଡ୍ୟାମ୍ ପ୍ରସଙ୍ଗକୁ ନେଇ ବଲାଙ୍ଗୀର ସର୍କିଟ ହାଉସଠାରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ ଅଧିକାରୀ, ବୁଦ୍ଧିଜୀବୀ ଓ ବିସ୍ଥାପିତ।

■ ଜିଲା ପ୍ରଶାସନ, ବିସ୍ଥାପିତ, ବୁଦ୍ଧିଜୀବୀଙ୍କ ମଧ୍ୟରେ ବୈଠକ

■ ୨୦୧୩ ଜମି ଅଧିଗ୍ରହଣ ଆଇନ ଅନୁଯାୟୀ କ୍ଷତିପୂରଣ, ଥଇଥାନ ଦାବି

■ ଏକ୍ସଗ୍ରାସିଆ ନେଇ ସମାଧାନ ପନ୍ଥା ବାହାର କରିବାକୁ ପ୍ରୟାସ

ବିସ୍ଥାପିତ ହେବାକୁ ଥିବା ବୁଡିଅଞ୍ଚଳବାସୀଙ୍କ ଦୁଃଖ ନ ବୁଝିଲେ ଡ୍ୟାମ କରିବା ସହଜ ହେବନାହିଁ। ଯେଉଁମାନେ ନିଜର ଭିଟାମାଟି ଛାଡିବେ ସେମାନଙ୍କୁ ଉଚିତ୍ ଥଇଥାନ ଓ କ୍ଷତିପୂରଣ ମିଳିବା କଥା। ଦୀର୍ଘ ୧୮ବର୍ଷ ଭିତରେ ଲୋୟର ସୁକ୍‌ତେଲ ବୁଡିଅଞ୍ଚଳବାସୀଙ୍କୁ କେବଳ ପ୍ରତାରଣା କରାଯାଇ ଆସୁଛି । ଲୋକେ ଡ୍ୟାମ ସପକ୍ଷରେ ମତ ଦେଉଥଲେ ମଧ୍ୟ ସେମାନେ କିଭଳି ଉଚିତ୍ ଥଇଥାନ ଓ କ୍ଷତିପୂରଣ ପାଇବେ ସେ ନେଇ କିଛି ବି ପଦକ୍ଷେପ ନିଆଯାଇନାହିଁ । ବିସ୍ଥାପିତଙ୍କ ସମସ୍ୟା ସମାଧାନ କରିବାରେ ପ୍ରଶାସନ ଓ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ପ୍ରଶାସନିକ ତ୍ରୁଟି କାରଣରୁ ବିସ୍ଥାପିତ ହେବାକୁ ଥିବା ଲୋକେ ଏବେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶନିବାର ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ ବୁଡିଅଞ୍ଚଳର ପ୍ରତିନିଧିମାନେ ଏହା କହିଛନ୍ତି। ବଲାଙ୍ଗୀର ସର୍କିଟ ହାଉସଠାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପ୍ରଶାସନ, ବୁଦ୍ଧିଜୀବୀ ବର୍ଗ ଓ ଲୋୟର ସୁକ୍‌ତେଲ ବୁଡିଅଞ୍ଚଳର ପ୍ରତିନିଧି ଯୋଗ ଦେଇଥିଲେ । ଜିଲାପାଳ ଅରିନ୍ଦମ୍ ଡାକୁଆ, ସୁକ୍‌ତେଲ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାତ ରଞ୍ଜନ ରାଉତ, ଭାରପ୍ରାପ୍ତ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଲଲାଟ ଲୁହା ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ବୁଦ୍ଧିଜୀବୀ ବର୍ଗରୁ ସାମାଜିକକର୍ମୀ ଲଳିତ କୁମାର ନାୟକ, ଆଡଭୋକେଟ ଭବାନୀ ଶଙ୍କର ଶତପଥୀ, ରତନ ମହାରଣା, ନାରୀନେତ୍ରୀ ପଙ୍କଜିନୀ ପଣ୍ଡା, ଚାଷୀନେତା ଡା ସୁଧୀର ପରିଚ୍ଛା, ନାଗରିକ କମିଟି ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ସିଟିଜନ୍ ଫୋରମ୍‌ର ପ୍ରଭାକର ମିଶ୍ର, କିଶୋର କୁମାର ମିଶ୍ର, ପ୍ରଭାସ ପାଣିଗ୍ରାହୀ, ସୁକାନ୍ତ ପରିଚ୍ଛା, ବାସୁଦେବ ରଥ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବୁଡିଅଞ୍ଚଳରୁ ଅଗ୍ରଗାମୀ ସଂଘର ଉପେନ୍ଦ୍ର ସାହୁ, ନରସିଂହ ପ୍ରଧାନ, ସୁଧୀର ଖୁଆସ, ପୂର୍ଣ୍ଣଚନ୍ଦ୍ର ନାଏକ, ଚମରା ପ୍ରଧାନ, କ୍ଷମାନିଧି ଭୋଇ, ରବୀନ୍ଦ୍ର ଗଡତ୍ୟା, କୈଳାସ ପ୍ରଧାନ, ପ୍ରେମାନନ୍ଦ ସାହୁ, ବିରାଟ ପ୍ରଧାନ, ସଞ୍ଜୟ ଗଡତ୍ୟା, ଲଳିତ ଗଡତ୍ୟା ଓ ଅନ୍ୟମାନେ ଯୋଗ ଦେଇଥିଲେ । ବୈଠକରେ କିଭଳି ଡ୍ୟାମ ଶୀଘ୍ର କରାଯାଇପାରିବ ସେ ନେଇ ଆଲୋଚନା ହୋଇଥିଲା। ତେବେ ସରକାରୀ ଅଧିକାରୀ ଓ ବିସ୍ଥାପିତଙ୍କ ମଧ୍ୟରେ କିଛି ଦଲାଲ ଲାଗିଥିବାରୁ ପ୍ରକଳ୍ପ ଏଭଳି ଅବସ୍ଥାକୁ ଚାଲିଆସିଛି ବୋଲି ଚାଷୀନେତା ପରିଚ୍ଛା କହିଥିଲେ। ବୁଡିଅଞ୍ଚଳର ମୂଳବାସିନ୍ଦା କ୍ଷତିପୂରଣ ଓ ଥଇଥାନ ଟଙ୍କା ପାଉ ନ ଥିବାବେଳେ ବାହାରୁ ଆସି ସେଠାରେ ଜମି କିଣିଥିବା ଲୋକେ କ୍ଷତିପୂରଣ ଟଙ୍କା ପାଉଛନ୍ତି ବୋଲି ସେ କହିଥିଲେ । ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ଏହି ଅଞ୍ଚଳର ଜମି ହରାଇବାକୁ ଥିବା ଚାଷୀଙ୍କୁ ପ୍ରଥମେ ଥଇଥାନ କରିବାକୁ ସେ କହିଥିଲେ । ନାରୀନେତ୍ର ପଣ୍ଡା ବିସ୍ଥାପିତ ଅଞ୍ଚଳର ଗରିବ ଲୋକଙ୍କୁ କୌଣସି ସରକାରୀ ଅଧିକାରୀ କିମ୍ବା ଦଲାଲ ଶୋଷଣ କଲେ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଆଡଭୋକେଟ ଶତପଥୀ ୨୦୧୮ ମସିହାର ଆରପିଡିଏସି ବୈଠକର କଥା କହି ଏକ୍ସଗ୍ରାସିଆ ଟଙ୍କା ନେଇ ଲୋକେ କିଭଳି ବିସ୍ଥାପିତ ହେବେ ସେ ଉପରେ କହିଥିଲେ। ବିସ୍ଥାପିତ ପ୍ରତିନିଧି ଉପେନ୍ଦ୍ର ସାହୁ ଲୋକଙ୍କୁ ଉଚିତ୍ କ୍ଷତିପୂରଣ ନ ଦେଇ ପ୍ରକଳ୍ପ ଆଦୌ କରାଯାଇପାରିବ ନାହିଁ ବୋଲି କହିଥିଲେ। ଏହାସହିତ ବୁଡିଅଞ୍ଚଳରେ ଗୁଣ୍ଡା ଲଗାଇ ଭୟଭୀତ ନ କରିବାକୁ କହିଥିଲେ । ରବୀନ୍ଦ୍ର ଗଡତ୍ୟା ୨୦୧୩ ଭୂମି ଅଧିଗ୍ରହଣ ଆଇନ ଅନୁଯାୟୀ କିଭଳି ଲୋକେ କ୍ଷତିପୂରଣ ପାଇବେ ସେ ଉପରେ କହିଥିଲେ । ନରସିଂହ ପ୍ରଧାନ ପ୍ରଶାସନିକ ତ୍ରୁଟି ପାଇଁ ବିସ୍ଥାପିତ ଲୋକେ କିଭଳି ଜମି ଦେଇ କମ୍ ଟଙ୍କା ପାଇଛନ୍ତି ଓ ଶୋଷଣର ଶିକାର ହୋଇଛନ୍ତି କହିଥିଲେ। ଚମରା ପ୍ରଧାନ ବୁଡିଅଞ୍ଚଳର ଚାଷୀ ନିଜର ୧୦ ଏକର ଜମି କ୍ଷତିପୂରଣ ଟଙ୍କାରେ ଅନ୍ୟ ସ୍ଥାନରେ ୧ ଏକର ଜମି ମଧ୍ୟ କିଣିବାକୁ ସକ୍ଷମ ହେଉ ନ ଥିବାରୁ ଏହା କିଭଳି କ୍ଷତିପୂରଣ ନୀତି ବୋଲି ପ୍ରଶ୍ନ କରିଥିଲେ। ପ୍ରେମାନନ୍ଦ ସାହୁ ବିସ୍ଥାପିତ ହେବାକୁ ଥିବା ଲୋକଙ୍କୁ ନାଲିଆଖି ଦେଖାଇବା ଠିକ୍ ନୁହେଁ ବୋଲି କହିଥିଲେ । ସଞ୍ଜୟ ଗଡତ୍ୟା ୨୦୧୩ ଭୂମି ଅଧିଗ୍ରହଣ ଆଇନ କାର୍ଯ୍ୟକାରୀ ନ ହେଲେ ଡ୍ୟାମ ହେବା ସମ୍ଭବ ନୁହେଁ ବୋଲି କହିଥିଲେ। ଯେଉଁ ବ୍ୟକ୍ତିମାନେ ଏ ପର୍ଯ୍ୟନ୍ତ ଜମି ଓ ଘରଡିହ ହସ୍ତାନ୍ତର କରିଛନ୍ତି ସେମାନେ କିଭଳି ଉଚିତ୍ କ୍ଷତିପୂରଣ ଓ ଥଇଥାନ ନ ହୋଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି କହିଥିଲେ। ସଭାରେ ସଂଯୋଜନା କରୁଥିବା ଲଳିତ ନାୟକ ତାଙ୍କ ବକ୍ତବ୍ୟରେ ଏହି ବୈଠକରେ ଅନେକ ଦିଗରୁ ଆଲୋଚନା ହୋଇଥିବା ସୂଚନା ଦେଇ ବୁଡିଅଞ୍ଚଳର ଲୋକେ କିଭଳି ଉଚିତ୍ ଏକ୍ସଗ୍ରାସିଆ ଟଙ୍କା ପାଇବେ ଓ ଡ୍ୟାମ ଶୀଘ୍ର ହେବ ସେ ନେଇ ପଦକ୍ଷେପ ନିଆଯିବ। ସରକାରୀ ଅଧିକାରୀ ଓ ବିସ୍ଥାପିତଙ୍କ ମଧ୍ୟରେ କୌଣସି ଦଲାଲଙ୍କୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କହିଥିଲେ । ଜିଲାପାଳ ଡାକୁଆ ଆଗାମୀ ବୈଠକ ୨୯ ତାରିଖରେ କରାଯିବ ବୋଲି ସୂଚନା ଦେଇଥିଲେ।

# ଶୋଭାଯାତ୍ରାକୁ ନେଇ ବାଦବିବାଦ, ଟଣାଓଟରା

**ଲୋଇସିଂହା,୨୨।୬(ଡି.ଏନ.ଏ.)**

ପାଟଣାଗଡ ବିଧାୟକ ସରୋଜ ମେହେରଙ୍କ ବିରୋଧରେ ପୋଲିସ ଲଗାଇଥିବା ମିଛ ଏଟ୍ରୋସିଟି ଆକ୍ଟ ପ୍ରତ୍ୟାହାର ଦାବିରେ ଓବିସି ମଞ୍ଚ ପକ୍ଷରୁ ଶୁକ୍ରବାର ଥାନା ଘେରାଉ କରାଯାଇଥିଲା। ଏହି ଘେରାଉରେ ଆଦିବାସୀ ଯୁବ ବାହିନୀ ସଂଗଠନ ନ ଥିଲା। ହେଲେ ସଙ୍ଗଠନ ନାଁରେ ଏକ ବ୍ୟାନର ଦେଖିବାକୁ ମିଳିଥିଲା। ଏହାକୁ ନେଇ ଲୋଇସିଂହା ଓ ଆଗଲପୁର ଆଦିବାସୀ ସଂଘ ଆପତ୍ତି ଉଠାଇ ପ୍ରତିକ୍ରିୟା ପ୍ରକାଶ କରିଛି। ଶନିବାର ସନ୍ଧ୍ୟାରେ ଲୋଇସିଂହାସ୍ଥିତ ଆଦିବାସୀ ଭବନଠାରେ ସଂଘ ଏକ ଖବରଦାତା ସମ୍ମିଳନୀରେ ପ୍ରତିକ୍ରିୟା ପ୍ରକାଶ କରିଛି। ଗଣ୍ଡୱାନା ଗଣ୍ଡ ମହାସଭାର ସଭାପତି ଶ୍ୟାମସୁନ୍ଦର ଭୋଇ, ଆଗଲପୁର ବ୍ଲକ ସଭାପତି ବଳଦେବ ଭୋଇ, ଭୁବନେଶ୍ୱର ଧରୁଆ ପ୍ରମୁଖ ସୂଚନା ଦେଇଥିଲେ ଯେ, ଶୁକ୍ରବାର ପାଟଣାଗଡ ଥାନା ଘେରାଉ ପ୍ରାୟୋଜିତ ଥିଲା। ପାଟଣାଗଡରେ ବିଜେଡିର ଦଳୀୟ କର୍ମୀ ବୈଠକ ଥିଲା। ଏଥିରେ ବିଧାୟକ ସରୋଜ ମେହେରଙ୍କ ସମର୍ଥକ ଉପସ୍ଥିତ ଥିଲେ। ବିଧାୟକଙ୍କ ସମର୍ଥକମାନେ ପାଟଣାଗଡ ଥାନାକୁ ରାଲିରେ ଯାଇଥିଲେ । ସେଠାରେ ଆଦିବାସୀ ସମାଜ, ଆଦିବାସୀ ସଂଘ ବିରୋଧରେ ସ୍ଲୋଗାନ ଦେଇଥିଲେ। ଆଦିବାସୀ ହରିଜନ ଶ୍ରେଣୀର ଲୋକେ ଓବିସି ବର୍ଗଙ୍କ କାର୍ଯ୍ୟକ୍ରମରେ କ'ଣ ସାମିଲ ହୋଇପାରିବେ ବୋଲି ଏଥିରେ ପ୍ରଶ୍ନ କରାଯାଇଛି। ତେବେ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ କରିବା ସହ ତାଙ୍କୁ ଗିରଫ କରା ନ ଗଲେ ୨୬ ତାରିଖ ବିଧାନସଭା ଘେରାଉ କରାଯିବ ବୋଲି ଏହି ସମ୍ମିଳନୀରେ କୁହାଯାଇଛି। ଖବରଦାତା ସମ୍ମିଳନୀରେ କାହ୍ନୁଚରଣ ପଧାନ, ଶଙ୍କର ସହାଣୀ, ଲାଲମନ ନାଗ, ଭାଗୀରଥି ଭୋଇ, ଦେବରାଜ ମିର୍ଦ୍ଧା ଓ ଅନ୍ୟମାନେ ଉପସ୍ଥିତ ଥିଲେ।




ପାଟଣାଗଡ଼ ଥାନା ଘେରାଉ କରାଯାଇଛି।

■ ଜେଇଙ୍କୁ ବିଧାୟକ ବସ୍ ଉଠ୍ କରାଇବା ଘଟଣା

# ଥାନା ଘେରାଉ, ଆଟ୍ରୋସିଟି ମାମଲା ପ୍ରତ୍ୟାହାର ଦାବି

**ପାଟଣାଗଡ,୨୨।୬(ଡି.ଏନ.ଏ.)**

ଚଳିତ ମାସ ୫ ତାରିଖ ଗମ୍ଭାରୀ ଗ୍ରାମଠାରେ ନିମ୍ନମାନର ରାସ୍ତାକାମକୁ ନେଇ ପାଟଣାଗଡ ବିଧାୟକ ସରୋଜ ମେହେର ପୂର୍ତ୍ତ ବିଭାଗ ଜେଇ ଜୟକାନ୍ତ ଶବରଙ୍କୁ ଉଠ୍ ବସ୍ କରିଥିଲେ। ଏହି ଘଟଣା ପରେ ବିଧାୟକଙ୍କ ନାମରେ ଆଟ୍ରୋସିଟି ମାମଲା ରୁଜୁ ହୋଇଛି। ଜିଲା ଆଦିବାସୀ କଲ୍ୟାଣ ସଂଘ ତରଫରୁ ବିଧାୟକଙ୍କ ଗିରଫ ଦାବି ଜୋର ଧରିଛି। ଅପରପକ୍ଷେ ପାଟଣାଗଡ ଓବିସି ମଞ୍ଚ ତରଫରୁ ବିଧାୟକଙ୍କ ଉପରୁ ଏଟ୍ରୋସିଟି ମାମଲା ପ୍ରତ୍ୟାହାର ପାଇଁ ପାଟଣାଗଡ ଥାନା ଘେରାଉ କରାଯାଇଛି। ଓବିସି ମଞ୍ଚର କର୍ମକର୍ତ୍ତା ସ୍ଥାନୀୟ ଭୋଳାନାଥ କଲ୍ୟାଣ ମଣ୍ଡପରୁ ଶୋଭାଯାତ୍ରାରେ ବାହାରି ପାଟଣାଗଡ ଥାନାରେ ପହଞ୍ଚି ଥିଲେ। ସେଠାରେ ଥାନା ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବଲାଙ୍ଗୀର ଅତିରିକ୍ତ ଏସ୍‌ପି ସୁବାଷ ଜମାଦାରଙ୍କ ସହିତ ଆଲୋଚନା କରିଥିଲେ। ଏହାର ନିରପେକ୍ଷ ତଦନ୍ତ କରାଯାଉ ବୋଲି ସେମାନେ ଦାବି କରିଥିଲେ। ତେବେ ଯାହା ସତ ତାହା ଅନୁସନ୍ଧାନ କରି ଦୋଷୀଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ଜମାଦାର ଏମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଓବିସି ମଞ୍ଚ ସଂଯୋଜକ ପ୍ରକାଶ ଭୋଇ, ଜତି ପଧାନ, ଗୋପ ମେହେର, ଦିଲୀପ ମେହେର, ଲକ୍ଷେଘର ଗଣ୍ଡା ସମାଜର ସଭ୍ୟ, ଯୁବ ଆଦିବାସୀ ସଂଘର ସଭ୍ୟ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



ପାଟଣାଗଡ଼ ଓକିଲ ସଂଘ କର୍ମକର୍ତ୍ତା କାର୍ଯ୍ୟବନ୍ଦ ଆନ୍ଦୋଳନରେ ବସି ରହିଛନ୍ତି।

■ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଦାବି

# ପାଟଣାଗଡ ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

**ପାଟଣାଗଡ,୨୨।୬(ଡି.ଏନ.ଏ.)**

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ କରାଯାଉ। ଏହି ଦାବି ନେଇ ୩୦ ତାରିଖ ପର୍ଯ୍ୟନ୍ତ ପାଟଣାଗଡ ଓକିଲ ସଂଘ ତରଫରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ବିଗତ ୯ ମାସ ଧରି ସିଜ ୱାର୍କ କରାଯାଇଥିଲେ ସୁଦ୍ଧା ସରକାରଙ୍କ ଉଦାସୀନତା ଯୋଗୁ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇ ପାରିନାହିଁ। ୩୦ ତାରିଖ ସୁଦ୍ଧା ଯଦି ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ବିଧାନସଭା ଓ ହାଇକୋର୍ଟ ଘେରାଉ କରାଯିବ ବୋଲି ଓକିଲମାନେ ମତ ଦେଇଛନ୍ତି। ପାଟଣାଗଡ କୋର୍ଟ ପରିସରରେ ଥିବା ଉପଜିଲାପାଳ, ତହସିଲଦାରଙ୍କ କାର୍ଯ୍ୟାଳୟକୁ ମଧ୍ୟ ୩୦ ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ଏମାନେ କହିଛନ୍ତି। ଓକିଲ ସଂଘ ସଭାପତି ବିପିନ ବିହାରି ପାଣିଗ୍ରାହୀ, ସମ୍ପାଦକ ସୁବାଷ ଆଚାର୍ଯ୍ୟ, ଦର୍ପରଞ୍ଜନ ପଟ୍ଟନାୟକ, ଆନନ୍ଦ ଠାକୁର, ସନ୍ତୋଷ ପାଣିଗ୍ରାହୀ, ବ୍ୟାସଦେବ ପୁରୋହିତ, ଚିନ୍ତାମଣି ରାଉତ, ଅଂଶୁମାନ ଦାସ, ସୁରେଶ ଜୈନ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି।

# ମହମ୍ମଦ ମୁରତୁଜା ଖାନ୍ ରାଜ୍ୟରେ ଶ୍ରେଷ୍ଠ ରେଡକ୍ରସ୍ ଜୁନିୟର

**ବଲାଙ୍ଗୀର ଅଫିସ, ୨୨।୬**

ବଲାଙ୍ଗୀର ଜିଲା ପୃଥ୍ୱୀରାଜ ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ମହମ୍ମଦ ମୁରତୁଜା ଖାନ୍‌ଙ୍କୁ ରାଜ୍ୟର ଶ୍ରେଷ୍ଠ ରେଡକ୍ରସ ଜୁନିୟର ଭାବେ ପୁରସ୍କୃତ କରାଯାଇଛି। ଭୁବନେଶ୍ୱରସ୍ଥିତ ରାଜଭବନଠାରେ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ତାଙ୍କୁ ପୁରସ୍କାର ରାଶି ସ୍ୱରୂପ ୩ ହଜାର ଟଙ୍କାର ଚେକ୍, ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ତାଙ୍କ ସହ ବିଦ୍ୟାଳୟ ପରାମର୍ଶଦାତା ତଥା ସାଧନକର୍ମୀ ବିକାଶ ରଞ୍ଜନ ସାହୁ ସମାରୋହରେ ଯୋଗ ଦେଇଥିଲେ । ଜୁନିୟର ମହମ୍ମଦ ମୁରତୁଜା ଖାନ୍ ବଲାଙ୍ଗୀର ରାଧାରାଣୀପଡା ବାସିନ୍ଦା ମହମ୍ମଦ ଅଜିମ୍ ଖାନ ଓ ୟସମିନ୍ ପରବିନ୍‌ଙ୍କ ପୁଅ । ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ଜିଲା ଜୁନିୟର ରେଡକ୍ରସ ସମ୍ପାଦକ ଜ୍ୟୋତି ପ୍ରସାଦ ପରିଡ଼ା, ଜିଲା ଜୁନିୟର ରେଡକ୍ରସ ସଙ୍ଗଠକ ସୁବାସ ଚନ୍ଦ୍ର ପଟେଲ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷା କର୍ମଚାରୀ, ଜିଲାର ସମସ୍ତ ପରାମର୍ଶଦାତା ତଥା ସାଧନ କର୍ମୀ ଖାନ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



## ସେଲ୍‌ଫି କର୍ଣ୍ଣର



ଅମର



ଦେବରାଜ



ସୁଧାମୟ



ଜିଲୁ



ରଞ୍ଜନ



ଲିପନ

**ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ



## ସଂକ୍ଷେପରେ



### ଯୁକ୍ତ ୨ ବାଣିଜ୍ୟରେ ରିଙ୍କି ରାଏ ରାଜ୍ୟରେ ଦ୍ୱିତୀୟ

**ଭବାନୀପାଟଣା,୨୨।୬ (ଡି.ଏନ୍.ଏ.)-** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ଅନୁଷ୍ଠିତ ଯୁକ୍ତ ୨କଳା ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। କଳାହାଣ୍ଡି ଜିଲା କେସିଙ୍ଗା ମହାବିଦ୍ୟାଳୟର ଛାତ୍ରୀ ରିଙ୍କି ରାଏ ବାଣିଜ୍ୟରେ ୬୦୦ ମାର୍କରୁ ୫୬୭ ନମ୍ବର ରଖି ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏନେଇ କେସିଙ୍ଗା ସହିତ କଳାହାଣ୍ଡି ଜିଲାର ଛାତ୍ରୀଛାତ୍ର ମଧରେ ଖୁସିର ଲହରି ଖେଳିଯାଇଛି। କେସିଙ୍ଗାର ରାମସ୍ୟାସି ରାଏ ଓ ଶାନ୍ତି ରାଏଙ୍କର ଚତୁର୍ଥ କନ୍ୟା ରିଙ୍କି ନିଜର ଏହି ସଫଳତା ପାଇଁ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ବର୍ତ୍ତମାନ ସେ ବାଣିଜ୍ୟରେ ସ୍ନାତକ କରିବା ପାଇଁ ଇଚ୍ଛା ରଖିଛନ୍ତି। ସ୍ନାତକ ପରେ କ୍ୟାରିୟର ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି।

### ସୋହେଲ ବ୍ଲକ: ୩୭,୩୬୫ ହେକ୍ଟର ଜମିରେ ଚାଷ ଲକ୍ଷ୍ୟ

**ସୋହେଲା,୨୨।୬ (ଡି.ଏନ.ଏ)-** ସୋହେଲା ଅଞ୍ଚଳରେ ପ୍ରାକ୍ ମୌସୁମୀ ବର୍ଷା ହୋଇଥିବାରୁ ଚାଷ କାର୍ଯ୍ୟ ପାଇଁ ଚାଷୀ ପ୍ରସ୍ତୁତିରେ ଲାଗି ପଡିଛି । କୃଷି ବିଭାଗ ପକ୍ଷରୁ ମଧ୍ୟ ଚଳିତ ବର୍ଷ ଖରିଫ ଚାଷର ଖସଡା ପ୍ରସ୍ତୁତ କରାଯାଇଛି । ଚଳିତ ବର୍ଷ ସୋହେଲା ବ୍ଲକରେ ୨୫ହଜାର ୫ଶହ ହେକ୍ଟର ଜମିରେ ଧାନ ଚାଷ (ହାଇବ୍ରିଡ ଓ ଦେଶୀ ଧାନ) ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି ୧୭୦ ହେକ୍ଟର ଜମିରେ ମକା, ୪ହଜାର ୪୧୦ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ, ୩ହଜାର ହେକ୍ଟର ଜମିରେ ତୈଳ ବୀଜ ଫସଲ, ୩୬୭୩ ହେକ୍ଟର ଜମିରେ ପନିପରିବା ଚାଷ, ୫୫୦ ହେକ୍ଟର ଜମିର ମସଲା ଜାତୀୟ ଫସଲ ଓ ୩୨ ହେକ୍ଟର ଜମିରେ ଆଖୁ ଚାଷ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ମୋଟାମୋଟି ଭାବେ ସୋହେଲା ବ୍ଲକରେ ୩୭ହଜାର ୩୬୫ହେକ୍ଟର ଜମିରେ ଚାଷ କରାଯିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ସହକାରୀ କୃଷି ଅଧିକାରିଣୀ ଅଙ୍କିତା ପ୍ରିୟଦର୍ଶିନୀ ମହାପାତ୍ର ସୂଚନା ଦେଇଛନ୍ତି ।

# ଏସ୍ଏଚ୍ଜି ପକ୍ଷରୁ ୧.୮୦ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ

**କଳାହାଣ୍ଡି ଜିଲା**
- ଏସ୍ଏଚ୍ଜି ପ୍ରଥମ ଥର ପାଇଁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ
- ୨ ଲକ୍ଷ ୩୦ ହଜାର ୨୯୫ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ
- ଏସ୍ଏଚ୍ଜି ମହିଳାଙ୍କ ଆଶାତୀତ ସଫଳତା

**ଭବାନୀପାଟଣା,୨୨।୬ (ଡି.ଏନ୍.ଏ.)** ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମହିଳା ସଶକ୍ତୀକରଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏନେଇ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। ତେବେ ଏହି ଯୋଜନା ବିଭିନ୍ନ ସ୍ଥାନରେ ଫେଲ୍ ମାରୁଥିବା ବେଳେ କଳାହାଣ୍ଡି ଜିଲାରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ପ୍ରଥମ ଥର ପାଇଁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇ ସଫଳ ହୋଇଛନ୍ତି। ଗତ ୨୦ ତାରିଖ ସୁଦ୍ଧା କଳାହାଣ୍ଡି ଜିଲାର ମହିଳା ଏସଏଚ୍ଜିମାନେ ଜିଲାର ୧୭ଟି ମଣ୍ଡିରୁ ୧ ଲକ୍ଷ ୮୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରିଛନ୍ତି।

ଚଳିତ ବର୍ଷ କଳାହାଣ୍ଡିରେ ୧୦ଟି ବ୍ଲକରେ ୧୭ଟି ମଣ୍ଡିରେ ୧୭ଟି ମହିଳା ଏସଏଚ୍ଜିଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇ ମଣ୍ଡିରୁ ଧାନ ଉଠାଇବା ପାଇଁ ନିଯୁକ୍ତ କରାଯାଇଥିଲା। ୧୭ଟି ମଣ୍ଡିରେ ଚାଷୀଙ୍କଠାରୁ ୨ ଲକ୍ଷ ୩୦ ହଜାର ୨୯୫ କୁଇଣ୍ଟାଲ ଧାନ ସଂଗ୍ରହ କରିବା ନିମନ୍ତେ ଟାର୍ଗେଟ ଦିଆଯାଇଥିଲା। ଭବାନୀପାଟଣା, ଗୋଲାମୁଣ୍ଡା ଓ ଜୟପାଟଣାରେ ଗୋଟିଏ ଲେଖାଏଁ ମଣ୍ଡି, ଜୁନାଗଡ଼ରେ ୬ଟି ମଣ୍ଡି, କୋକସରା ଓ ନର୍ଲାରେ ୨ଟି ମଣ୍ଡି, କଲମପୁର, କର୍ଲାମୁଣ୍ଡା, ମ.ରାମପୁର ବ୍ଲକରେ ଗୋଟିଏ ଲେଖାଏ ମଣ୍ଡିକୁ ମିଶାଇ ସମୁଦାୟ ୧୭ଟି ମଣ୍ଡିରୁ ମହିଳାମାନେ ଧାନ ଉଠାଇଥିଲେ। ଏଥିରେ ଆଶାତୀତ ସଫଳତା ଅର୍ଜନ କରିଛନ୍ତି। ଚଳିତ ରବି ଋତୁରେ ୧୯ ହଜାର ୨୧୮ ଜଣ ଚାଷୀଙ୍କଠାରୁ ୧୮ ଲକ୍ଷ ୨ ହଜାର ୯୮୦ କୁଇଣ୍ଟାଲ ଧାନ ସଂଗୃହୀତ ହୋଇଛି। ସେଥିମଧ୍ୟରୁ ମହିଳା ଏସ୍ଏଚ୍ଜିମାନେ ୧ ଲକ୍ଷ ୮୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରି ରେକର୍ଡ କରିଛନ୍ତି। ରବି ଧାନ ପାଇଁ ସରକାରଙ୍କ ପକ୍ଷରୁ କଳାହାଣ୍ଡି ଜିଲାରୁ ୨୦୫୬୫୨.୮ ମେଟ୍ରିକ ଟନ୍ ଧାନ କ୍ରୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ୨୦ ତାରିଖ ସୁଦ୍ଧା ୨୦୭୫୦୩ ମେଟ୍ରିକ ଟନ୍ ଧାନ କ୍ରୟ ପାଇଁ ଚାଷୀଙ୍କୁ ଟୋକନ୍ ଦିଆଯାଇଛି। ମୋଟ ୬୧ଟି ମିଲର ଧାନ ଉଠାଣ କାର୍ଯ୍ୟରେ ନିୟୋଜିତ ଥିବା ଜିଲା ଯୋଗାଣ ବିଭାଗ ଅଧିକାରୀ ଶିବ ପ୍ରସାଦ ଦୋରା ପ୍ରକାଶ କରିଛନ୍ତି।

# ଏକଦିବସୀୟ ତାଲିମ ଶିବିର

**ସୋହେଲା,୨୨।୬ (ଡି.ଏନ.ଏ)** ସୋହେଲା ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ଶନିବାର ଓଡିଶା ସାମାଜିକ ସମୀକ୍ଷା, ଉତ୍ତର ଦାୟିତ୍ୱ ଓ ସ୍ୱଚ୍ଛତା ସମିତି ତଥା ସାମାଜିକ ନିରାପତ୍ତା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଗ୍ରାମ୍ୟ ସାଧନ କର୍ମୀମାନଙ୍କ ଏକଦିବସୀୟ ବ୍ଲକସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସୋହେଲା ବ୍ଲକର ଆକାଉଣ୍ଟସ ଅଫିସର ଅଂଶୁମାନ ମହାପାତ୍ର ସଭାପତିତ୍ୱ କରିଥିଲେ । ପଦ୍ମପୁର ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ରଜନୀକାନ୍ତ ବହିଦାର, ସୋହେଲା ବ୍ଲକ ଯୋଗାଣ ନିରୀକ୍ଷକ ପ୍ରସନ୍ନ ଦେହୁରୀ, ପ୍ରେମଲାଲ ସିଆର ପ୍ରମୁଖ ଯୋଗଦେଇ ଇନ୍ଦିରା ଓ ମଧୁବାବୁ ପେନସନ ଯୋଜନା ଏବଂ ଜାତୀୟ ପରିବାର ମଙ୍ଗଳ ଯୋଜନା ବାବଦରେ ବୁଝାଇଥିଲେ। ଏହି ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ଓ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ କ୍ଷେତ୍ର ପରିଦର୍ଶନ କରିବା ପରେ ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରି ଗ୍ରାମସଭାରେ ଉପସ୍ଥାପନ କରିବା ପାଇଁ ତାଲିମ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ପଞ୍ଚାୟତରୁ ଆସିଥିବ ଗ୍ରାମ୍ୟ ସାଧନକର୍ମୀ ଯୋଗ ଦେଇଥିଲେ । ଶେଷରେ ଡବ୍ଲୁଇଓ ଅତୀଶ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମ୍ବଗଛରୁ ପଡ଼ି ଯୁବକ ମୃତ

**ଖଡିଆଳ, ୨୨।୬ (ଡି.ଏନ.ଏ.)** ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅଧୀନ ଚିନ୍ଦାଗୁଡା ଗ୍ରାମରେ ଆମ୍ବଗଛରୁ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଅକାଲୁ ରଣା। ଶୁକ୍ରବାର ସନ୍ଧ୍ୟାରେ ଅକାଲୁ ଗାଁ ନିକଟସ୍ଥ ଏକ ଆମ୍ବ ବଗିଚାକୁ ଯାଇଥିଲେ। ସେ ଏକ ଗଛରେ ଚଢି ଆମ୍ବ ତୋଳୁଥିବା ବେଳେ ତଳେ ପଡିଯାଇଥିଲା। ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଖଡିଆଳ ମିଶନ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଖଡିଆଳ ଥାନା ଆଇଆଇସି କୈଳାଶ ସେଠୀ କହିଛନ୍ତି। ଏନେଇ ଖଡିଆଳ ଥାନାରେ ଏକ ମାମଲା ରୁଜୁ ହୋଇଛି।

# ବାଇକ୍‌ରୁ ପଡ଼ି ୨ଭାଇ ଗୁରୁତର

**ଜୁନାଗଡ,୨୨।୬ (ଡି.ଏନ୍.ଏ.)** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଚିଲକପୁର ବୁଲାଣିଠାରେ ଶନିବାର ଏକ ବାଇକ୍ ଦୁର୍ଘଟଣାରେ ୨ଭାଇ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଦାସିଗାଁ ଗ୍ରାମର ଅପିଲ ରଣା(୪୦) ଓ ଶ୍ରୀକାନ୍ତ ରଣା(୩୬)। ମିଳିଥିବା ସୂଚନା ମୁତାବକ, ଜୁନାଗଡ଼ରୁ ୨ଭାଇ ଏକ ବାଇକ୍‌ରେ ଯୋଗେ ଗାଁକୁ ଯାଉଥିଲେ। ହେଲେ ଚିଲକପୁର ବୁଲାଣି ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସେମାନେ ରାସ୍ତାରେ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିଲଗୁଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାକୁ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ସେମାନେ ଚିକିତ୍ସିତ ହେଉଥିବା ଜଣାପଡିଛି।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଯୋଗ ଦିବସ

**ଭବାନୀପାଟଣା,୨୨।୬ (ଡି.ଏନ୍.ଏ.)** କଳାହାଣ୍ଡି ଜିଲା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗ ଗୁରୁ ଅଶୋକ ମୁଣ୍ଡ ଉପସ୍ଥିତ ରହି ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ସଂଘ ସଭାପତି ବିଜୟ କୁମାର ହୋତା ଯୋଗାଭ୍ୟାସ କରି ନୀରୋଗ ରହିବାକୁ ବରିଷ୍ଠ ନାଗରିକମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପସଭାପତି ମଳୟ କୁମାର ମୁଣ୍ଡ, ସମ୍ପାଦକ ଭାଗୀରଥି ଭୋଇ, ଯୁଗ୍ମ ସମ୍ପାଦକ ଭାରତ ଭୂଷଣ ଚଲାଣ, କୋଷାଧ୍ୟକ୍ଷ ସନ୍ତୋଷ ପ୍ରସାଦ ଦାସ, ଯୁଗ୍ମ କୋଷାଧ୍ୟକ୍ଷ ସୁବାସ ଚନ୍ଦ୍ର ପଣ୍ଡା, ସୁନୀଲ ବେହେରା, ସାନ୍ତନୁ ମୁଣ୍ଡ ପ୍ରମୁଖ ଯୋଗ ଦେଇ ଶିବିର ପରିଚାଳନା କରିଥିଲେ।



ସମୀକ୍ଷା ବୈଠକରେ ମଞ୍ଚାସୀନ ବିଧାୟକଙ୍କ ସହ ଅନ୍ୟ କର୍ମଚାରୀମାନେ।

# ବିଧାୟକଙ୍କ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା

**କେସିଙ୍ଗା,୨୨।୬ (ଡି.ଏନ.ଏ.)** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ୯ଟି ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ଏକ ସମୀକ୍ଷା ବୈଠକ ଶନିବାର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବିଧାୟକ ଭୂପିନ୍ଦର ସିଂ ବୈଠକରେ ଯୋଗଦେଇ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଏହାର ସମୀକ୍ଷା କରିଥିଲେ। ଅନ୍ୟପକ୍ଷେ ଆବଶ୍ୟକୀୟ ସ୍ୱର୍ଣ୍ଣା ଧାନ ବିହନ ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏନେଇ ବିଧାୟକ ସିଂ କ୍ଷୋଭ ପ୍ରକାଶ କରି ତୁରନ୍ତ ଚାଷୀଙ୍କୁ ବିହନ ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ୯ଟି ପଞ୍ଚାୟତରେ ହେଉଥିବା ରାସ୍ତା ନିର୍ମାଣ, ବିଜୁ କେବିକେ ଯୋଜନା, ଚତୁର୍ଦ୍ଦଶ କେନ୍ଦ୍ର ଅର୍ଥ କମିଶନରୁ ପ୍ରତ୍ୟେକ ପଞ୍ଚାୟତରେ ଚାଲିଥିବା ପୋଖରୀର ପୁନରୁଦ୍ଧାର, ଜଳସେଚନ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ଜାଣି ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ଉନ୍ନତିମୂଳକ ପ୍ରକଳ୍ପ କାର୍ଯ୍ୟ ଶେଷ କରି ସମସ୍ୟାର ସମାଧାନ କରିବାକୁ ବିଧାୟକ ସିଂ ଅଧିକାରୀମାନଙ୍କୁ କହିଥିଲେ। କେସିଙ୍ଗା ବିଡିଓ ଭୀମସେନ ଶବରଙ୍କ ପକ୍ଷରୁ ବୈଠକ ପରିଚାଳିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବେହେରାଙ୍କ ସହ ସମିତି ସଭ୍ୟାସଭ୍ୟ, ସରପଞ୍ଚ, ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ପଲିଥିନ୍, ପ୍ଲାଷ୍ଟିକ୍ ବର୍ଜନ ସଚେତନତା ଶୋଭାଯାତ୍ରା

**ଭବାନୀପାଟଣା,୨୨।୬ (ଡି.ଏନ୍.ଏ.)** ଭବାନୀପାଟଣା ପୌର ପରିଷଦ ପକ୍ଷରୁ ସହରକୁ ପଲିଥିନ୍, ପ୍ଲାଷ୍ଟିକ୍ ମୁକ୍ତ କରିବା, ନେଇ ଏକ ସଚେତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବାନୀପାଟଣା ପୌରାଞ୍ଚଳର ମହିଳା ସ୍ୱୟଂସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ସଭ୍ୟାଙ୍କ ସହ ପୌର ପରିଷଦ କର୍ମଚାରୀ ସାମିଲ ହୋଇ ସହର ପରିକ୍ରମା କରିଥିଲେ। ଏହି ଅବସରରେ ଜନସାଧାରଣଙ୍କୁ ଲିଫ୍‌ଲେଟ୍ ବାଣ୍ଟି ସଚେତନ କରାଯାଇଥିଲା। ଏପରି କି ମୋବାଇଲ ଫୋନରେ ସ୍ୱଚ୍ଛତା ଆପ୍ ଡାଉନ୍‌ଲୋଡ କରି ସହରର ପରିମଳ ସମ୍ପର୍କିତ ଅଭିଯୋଗ କରିବାକୁ କୁହାଯାଇଥିଲା। ଏପରି କି ୧୯୬୯ ଟୋଲ ଫ୍ରି ନମ୍ବରକୁ ଡାଏଲ କରି ସ୍ୱଚ୍ଛ ସର୍ବେକ୍ଷଣ ୨୦୧୯ରେ ସାମିଲ ହେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଓ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନୀୟମ ୨୦୧୬ ଅନୁଯାୟୀ ସମସ୍ତ ପଲିଥିନ୍ ବ୍ୟାଗ୍ ଓ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ଉପରେ ରବିବାରଠାରୁ (ତା.୮.୬.୨୦୧୯) କଟକଣା ଜାରି କରାଯାଇଛି ବୋଲି ଭବାନୀପାଟଣା ପୌରସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର ପ୍ରକାଶ କରିଛନ୍ତି। ଏନେଇ ଭବାନୀପାଟଣା ପୌରପାଳିକା ଅନ୍ତର୍ଗତ ସମସ୍ତ ଜନସାଧାରଣ, ବ୍ୟବସାୟ ପ୍ରତିଷ୍ଠାନ, ହୋଟେଲ ମାଲିକ ଓ ଉଠାଦୋକାନୀମାନଙ୍କ ଅବଗତି ନିମନ୍ତେ ଡାକବାଜି ଯନ୍ତ୍ର ଯୋଗେ ଜଣାଇ ଦିଆଯାଇଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ମିଶ୍ର ପ୍ରକାଶ କରିଛନ୍ତି। ଏପରି କି ଭବାନୀପାଟଣା ପୌରପରିଷଦ ପକ୍ଷରୁ ପଲିଥିନ୍ ବ୍ୟାଗ୍ ଜବତ୍ କରିବା ପାଇଁ ଏକ ସ୍କ୍ୱାର୍ଡ ଗଠନ କରାଯାଇଛି।

ଆଇନ ଅମାନ କରୁଥିବା ବ୍ୟକ୍ତିଙ୍କଠାରୁ ଜରିମାନା ଆକାରରେ ୧ ହଜାର ଟଙ୍କାରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯିବ ବୋଲି ନିର୍ବାହୀ ଅଧିକାରୀ ମିଶ୍ର ପ୍ରକାଶ କରିଛନ୍ତି। ଶୋଭାଯାତ୍ରାରେ ଇ.ସମୀର କୁମାର ଠାକୁର, ଚିନ୍ମୟ ସାହୁ, ଗୀତାଶ୍ରୀ ଦାଶ, ପ୍ରଦୀପ କୁମାର ମିଶ୍ର, ସୋମ୍ୟ ରଞ୍ଜନ ନାଏକ, ମଦନ ମୋହନ ରାଉତ୍, ଆଶିଷ ପଣ୍ଡା, ମନୀଷା ବେହେରାଙ୍କ ସମେତ ପୌରସଂସ୍ଥାର ବହୁ କର୍ମଚାରୀ ଓ ବିଭିନ୍ନ ଏସ୍ଏଚ୍ଜି ଦଳର ମହିଳାମାନେ ଯୋଗଦେଇଥିଲେ।



ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

# ଟିକ ହରିଜନଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

**ଭବାନୀପାଟଣା/କଲମପୁର, ୨୨।୬ (ଡି.ଏନ୍.ଏ.)** କଳାହାଣ୍ଡି ଜିଲା କଲମପୁର ବ୍ଲକ ପଣ୍ଡିଗାଁ ପଞ୍ଚାୟତ ଅଧୀନ ପାତ୍ରବସା ଗାଁର ଟିକ ହରିଜନ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ସର୍ବସ୍ୱାନ୍ତ ହୋଇପଡିଥିବା ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର କଲମପୁର ବ୍ଲକ ପ୍ରଶାସନିକ କର୍ମଚାରୀମାନେ ଟିକଙ୍କ ଘରେ ପହଞ୍ଚି ଘଟଣା ସଂକ୍ରାନ୍ତରେ ପଚାରି ବୁଝିବା ସହ ସମସ୍ତ ତଥ୍ୟ ସଂଗ୍ରହ କରି ବିଡିଓଙ୍କୁ ଅବଗତ କରାଇ ଥିଲେ। ଏନେଇ ବିଡିଓ ଟିକଙ୍କୁ ବ୍ଲକ କାର୍ଯ୍ୟାଳୟକୁ ଡକାଇଥିଲେ। ଗୁରୁବାର ଟିକ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓ ହେମ ସାଗର ଭୋଇଙ୍କୁ ସାକ୍ଷାତ କରି ଏକ ଦରଖାସ୍ତ ଦେଇଥିଲେ। ବିଡିଓ ଦରଖାସ୍ତ ଗ୍ରହଣ କରି ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦେବାକୁ କହିଥିଲେ। ଏ ସମ୍ପର୍କରେ କଲମପୁର ବିଡିଓ ଭୋଇଙ୍କୁ ପଚାରିବାରୁ ଟିକଙ୍କ ଦରଖାସ୍ତ ଜିଲାପାଳଙ୍କ ପାଖକୁ ପଠାଇ ଦିଆଯାଇଛି। ଖୁବ ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ସୂଚନା ଯୋଗ୍ୟ, ଟିକ ବିପିଏଲ୍ କାର୍ଡଧାରୀ ହୋଇ ମଧ ଘର ଖଣ୍ଡିଏ ପାଇ ନାହାନ୍ତି। ଏକ କୋଠରିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ବହୁ କଷ୍ଟରେ ରହୁଛନ୍ତି। ଏପରିକି ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଉପାର୍ଜିତ ଟଙ୍କା ଖର୍ଚ୍ଚ କରି ସର୍ବସ୍ୱାନ୍ତ ହୋଇପଡିଛନ୍ତି।

# କଳାହାଣ୍ଡି ଭତରା ସମାଜର ବୈଠକ

**କୋକସରା,୨୨।୬ (ଡି.ଏନ୍.ଏ.)** କୋକସରା ବ୍ଲକ ବରାଡ଼ଙ୍ଗା ପଞ୍ଚାୟତ ସିଉନି ଭୈରବ ମନ୍ଦିରରେ କଳାହାଣ୍ଡି ଜିଲା ଭତରା ସମାଜର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଲାଞ୍ଜିଗଡ଼ ବିଧାୟକ ପ୍ରଦିପ ଦିଶାରୀ ଏବଂ ଧର୍ମଗଡ଼ ବିଧାୟକ ମୌଷଧି ବାଗଙ୍କୁ ସମାଜ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭତରା ସମାଜ ଜିଲା ସଭାପତି ନୀଳକଣ୍ଠ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମାଜର ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ। ବୈଠକରେ ସମାଜର ସାମୁହିକ ବିକାଶ ନେଇ ବକ୍ତାମାନେ ଦୁଇ ବିଧାୟକଙ୍କ ସହଯୋଗ କାମନା କରଥିଲେ। ଏହି ଅବସରରେ ସିଉନିଠାରେ ଆମ ଗାଁ ଆମ ବିକାଶ ପାଣ୍ଠିରୁ ନିର୍ମାଣ ହୋଇଥିବା ନବନିର୍ମିତ କମ୍ୟୁନିଟି ହଲକୁ ଦୁଇ ବିଧାୟକ ଉଦ୍‌ଘାଟନ କରିଥିଲେ। ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷ ବଳଦେବ ପୂଝାରୀ, ଶିକ୍ଷାବିତ ତଥା ସାହିତ୍ୟିକ ବନମାଳି ମାଝି, ଭତରା ସମାଜ ଜିଲା ସମ୍ପାଦକ ସୁଶାନ୍ତ କୁମାର ମାଝି, ପ୍ରଫୁଲ୍ଲ ମାଝି, କୈଳାଶ ଚନ୍ଦ୍ର ମାଝି, ଆଦିବାସି ଯୁବନେତା ରୁଦ୍ରରାଜ ମାଝି, ନରେନ୍ଦ୍ର ଧଙ୍ଗଡ଼ାମାଝି, ହିମାଞ୍ଚଳ ପୂଝାରୀ, ଲକ୍ଷ୍ମଣ ଝୋଲାବରିଆ ପ୍ରମୁଖ ଉପସ୍ଥିତ ଥିଲେ। ଗୋପିଚାନ୍ଦ ନାଏକ ଧନ୍ୟବାଦ ଜ୍ଞାପନ କରିଥିଲେ।



ବୈଠକରେ ଉପସ୍ଥିତ ଦୁଇ ବିଧାୟକଙ୍କ ସହ ଭତରା ସମାଜର କର୍ମକର୍ତ୍ତା।

## ୨୬ ନମ୍ବର ଜାତୀୟ ରାଜପଥ ପାଲଟିଛି ମରଣଯନ୍ତା

# ୫ ବର୍ଷରେ ୫୮୦ ଜଣଙ୍କ ମୃତ୍ୟୁ

**ଅସୁରକ୍ଷିତ ଧନ ଜୀବନ**
- ଟ୍ରାଫିକ ନିୟମ ଉଲ୍ଲଂଘନ ଦୁର୍ଘଟଣାର ପ୍ରମୁଖ କାରଣ

**ଭବାନୀପାଟଣା,୨୨।୬ (ସ୍ୱ.ପ୍ର.)** କଳାହାଣ୍ଡି ଜିଲା ୨୬ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ବେପରୁଆ ଗାଡି ଚାଳନା ଯୋଗୁ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଛି। ଗତ ୫ବର୍ଷରେ ୨୬ନମ୍ବର ରାଜପଥରେ ୫୮୦ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି, ଯାହାକି ଜିଲାବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଜିଲାରେ ଗତ ୫ ବର୍ଷରେ ୧୩୯୫ଟି ଦୁର୍ଘଟଣା ଘଟିଥିବା ବେଳେ ୫୮୦ଜଣଙ୍କ ମୃତ୍ୟୁ ହୋଇଥିବା ପରିସଂଖ୍ୟନ ଲୋକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି।

ସୂଚନାଯୋଗ୍ୟ, କଳାହାଣ୍ଡି ଜିଲାରେ ୨୦୧୪ରେ ୨୫୩ଟି ଦୁର୍ଘଟଣା ଘଟିଥିଲା। ଏଥିରେ ୧୪୦ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫୩ଜଣ ଗୁରୁତର ଆହତ ଓ ୨୬୨ଜଣ ଆହତ ହୋଇଛନ୍ତି। ସେହିପରି ୨୦୧୫ରେ ୩୦୬ଟି ଦୁର୍ଘଟଣାରେ ୧୭୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୭୦ଜଣ ଗୁରୁତର ଆହତ ଓ ୨୩୯ଜଣ ଆହତ ହୋଇଛନ୍ତି। ୨୦୧୬ରେ ୨୭୨ଟି ଦୁର୍ଘଟଣାରେ ୧୨୬ଜଣଙ୍କ ମୃତ୍ୟୁ, ୧୫୦ଜଣ ଗୁରୁତର ଓ ୧୮୯ଜଣ ଆହତ ହୋଇଛନ୍ତି । ୨୦୧୭ରେ ୩୨୩ଟି ଦୁର୍ଘଟଣାରେ ୧୨୮ଜଣ ମୃତ, ୧୭୬ଜଣ ଗୁରୁତର ଓ ୧୩୮ଜଣ ଆହତ ହୋଇଛନ୍ତି। ୨୦୧୮ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ୧୦୧ଟି ଦୁର୍ଘଟଣା ଘଟିଥିବା ବେଳେ ୩୩ଜଣଙ୍କ ମୃତ୍ୟୁ, ୫୭ଜଣ ଗୁରୁତର ଓ ୩୪ଜଣ ଆହତ ହୋଇଛନ୍ତି। ବେସରକାରୀ ଭାବେ ଏହି ଦୁର୍ଘଟଣା ଅଧିକ ଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

କଳାହାଣ୍ଡି ଜିଲାରେ ୨୬ ନମ୍ବର ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା, ଟ୍ରାଫିକ ନିୟମର ଉଲ୍ଲଘଂନ, ସଚେତନତା ଅଭାବ ଓ ନିରାପର୍ତ୍ତା ଅବଲମ୍ବନ ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବହୁ ସ୍ଥାନରେ ଏବେ ଦୁର୍ଘଟଣା ଜୋନ ପାଲଟିଛି। କଳାହାଣ୍ଡି ଜିଲାର କେସିଙ୍ଗା ନିକଟ ଜୋଲକୋ, ଜାରିଙ୍ଗରୁ ଜୁନାଗଡ଼, ସନ୍ନ୍ୟାସୀକୁଣ୍ଡାମାଲରୁ ଘୋଲିଜିବା, ବଣ୍ଡାକୁଟ୍ରା ହାଲେର ଜୋରପୋଲ, ଚିର୍ଚିଗୁଡାଛକରୁ ନକଟିଗୁଡ଼ା, ବଲଦିଆମାଲ ଛକ, କର୍ଲାଗୁଡାରୁ ଖଏରମାଲ, ଛତିକୁଡାରୁ ପିଡବ୍ଲୁଡିବଙ୍ଗଳା, ପାଷ୍ଟିକୁଡି ରୋଡ ଜଙ୍କସନ, ମୋଟେର ଛକ ଆଦି ସ୍ଥାନକୁ ଅତି ସମ୍ବେଦନଶୀଳ ଦୁର୍ଘଟଣା ଜୋନ ଭାବେ ଘୋଷଣା କରାଯାଇଛି। ଏପରିକି ଅନ୍ୟ ବହୁ ସ୍ଥାନ ବର୍ତ୍ତମାନ ଦୁର୍ଘଟଣାର ବଳୟ ମଧରେ ରହିଛି। ସହରର ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ପୋଲିସର ଠୋସ ରଣନୀତି ନ ଥିବା ଯୋଗୁ ବହୁ ସମୟରେ ଗାଡିଚାଳକମାନେ ମଦ୍ୟପାନ କରି ଗାଡି ଚଳାଉଛନ୍ତି। ଏପରି କି ବାଇକ୍‌ରେ ୨ରୁ ଅଧିକ ଆରୋହୀ ବସିବା, ଦ୍ରୁତ ଗତିରେ ଗାଡି ଚଳେଇବା, ମୋବାଇଲ କାନରେ ଦେଇ ଗାଡି ଚଳେଇବା, ବିନା ଫିଟନେସ ଓ ଲାଇସେନ୍ସରେ ଗାଡି ଚଲାଇବା ଉପରେ ନିୟନ୍ତ୍ରଣ ରହି ପାରୁନାହିଁ। ଉଭୟ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ଲୋକ ଦେଖାଣିଆ ଯାଞ୍ଚ କରାଯାଉଥିବା ଏହାର ପ୍ରମୁଖ କାରଣ ବୋଲି ଚର୍ଚ୍ଚା ହେଉଛି। କଳାହାଣ୍ଡି ଜିଲାର ଭବାନୀପାଟଣା, କେସିଙ୍ଗା, ଜୁନାଗଡ଼ ପ୍ରମୁଖ ସହରରେ ରାସ୍ତା ଜବରଦଖଲ ଯୋଗୁ ଦୁର୍ଘଟଣା ବଢିବାରେ ଲାଗିଛି। ଜିଲାର କେସିଙ୍ଗା, ଜୁନାଗଡ଼ ଓ ଭବାନୀପାଟଣା ସହରରେ ଟ୍ରାଫିକ ବ୍ୟବସ୍ଥା କଡାକଡି କରାଯାଉ ନ ଥିବାରୁ ଏହି ୩ ସହର ଦୁର୍ଘଟଣା ଜୋନ ପାଲଟିଛି। ଏପରି କି ଉକ୍ତ ସହରରେ ବାଇପାସ୍ ରାସ୍ତା ନ ଥିବା ଯୋଗୁ ଜାତୀୟ ରାଜପଥରେ ଦୁର୍ଘଟଣା ବୃଦ୍ଧି ପାଇବା ଅନ୍ୟ ଏକ କାରଣ ହୋଇଛି। ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ଚେକ୍ ଅନ୍ ରେସ, ଦ୍ରୁତ ଗାଡି ଚାଳନା ପାଇଁ ଲେଜର ଗନ୍, ମଦ୍ୟପ ଗାଡି ଚାଳକଙ୍କ ପାଇଁ ବ୍ରେଥ ଆନାଲାଇଜ ବ୍ୟବସ୍ଥା ସହ ହେଲ୍‌ମେଟର ବ୍ୟବହାର ଓ ବେପୁରିଆ ଗାଡି ଚାଳନା ଉପରେ ତୀକ୍ଷ୍ଣ ନଜର ରଖାଯାଇ ଟ୍ରାଫିକ ବ୍ୟବସ୍ଥାକୁ ଅଧିକ କଡାକଡି କରା ଗଲେ ଜାତୀୟ ରାଜପଥରେ ଦୁର୍ଘଟଣା ରୋକାଯାଇପାରିବ ବୋଲି ଜନସାଧାରଣ ମତ ପ୍ରକାଶ କରିଛନ୍ତି। ଏଥିପ୍ରତି ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଓ ଆରକ୍ଷୀ ଅଧୀକ୍ଷକ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।



ଦୁର୍ବଳ ଲୋକ ପ୍ରତିଶୋଧ ନିଅନ୍ତି, ଦୃଢ଼ମନା ଲୋକ କ୍ଷମା କରିଦିଅନ୍ତି ଏବଂ ବୁଦ୍ଧିମାନ ବ୍ୟକ୍ତି ଅଣଦେଖା କରିଦିଅନ୍ତି।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ବିଜେପୁର ଅଞ୍ଚଳରେ ପ୍ରାକ୍ ମୌସୁମୀ ବର୍ଷା

ବିଜେପୁର, ୨୨।୬ (ଡି.ଏନ.ଏ)- ବିଜେପୁର ବ୍ଲକ ଅଞ୍ଚଳରେ ଦୁଇ ଦିନ ଧରି ପ୍ରାକ୍ ମୌସୁମୀ ବର୍ଷା ହୋଇଛି । ଗୁରୁବାର ଓ ଶୁକ୍ରବାର ରାତିସାରା ଝିପିଝିପି ବର୍ଷା ଲାଗି ରହିଥିଲା । ୨୦ରେ ୦୨ ମିମି, ୨୧ରେ ୩୦ ମିମି, ୨୨ତାରିଖରେ ୨୩ ମିମି ବର୍ଷା ହୋଇଥିବା କୃଷି ବିଭାଗ ସୂତ୍ରରୁ ଜଣାପଡିଛି । ସେହିପରି ଚାଷୀମାନେ ଚାଷ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଜମିକୁ ସଜିଲ କରି ରଖିଥିବା ଚାଷୀମାନେ ବିହନ ଧାନ କ୍ରୟ କରିବାକୁ ତତ୍ପର ହୋଇ ପଡିଛନ୍ତି । ଅଧିକ ଅମଳ ଆଶାରେ ଦେଶୀ ଅପେକ୍ଷା ଫାଉଣ୍ଡେସନ ଧାନ ବିହନ ଉପରେ ସେମାନେ ନିଘା ରଖିଥିବା ପରିଲକ୍ଷିତ ହେଉଛି । ବିଜେପୁର, ବଡବାଉଁଶେନ, ଏମ୍‌ଶ୍ରୀଗିଡା, ଲାଡମୁଣ୍ଡା, ସାଇପାଲି ଆଦି ୫ଟି ସମବାୟ ସମିତିରେ ମୋଟ ୧୪୦ କୁଇଣ୍ଟାଲ ଧାନ ବିହନ ଗଚ୍ଛିତ ରହିଛି । ସେହିପରି ଏହି ବ୍ଲକର ବେସରକାରୀ ଡିଲରଙ୍କ ନିକଟରେ ମୋଟ ୩୫୦ କୁଇଣ୍ଟାଲ ଧାନ ବିହନ ବିକ୍ରି ପାଇଁ ରହିଥିବା ଜଣାପଡିଛି । ଏ ନେଇ ବ୍ଲକ କୃଷି ଅଧିକାରୀ ଲକ୍ଷ୍ମୀପ୍ରସାଦ ପଟେଲଙ୍କୁ ପଚାରିବାରୁ ଏହି ବ୍ଲକର ସମସ୍ତ ବେସରକାରୀ ଡିଲର ଲାଇସେନ୍ସ ପ୍ରାପ୍ତ। ତେଣୁ ନକଲି ପ୍ରତି ଭୟ ନ ଥିବା ସେ କହିଛନ୍ତି ।

### ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

# ୩ଦିନ ପରେ ପହଞ୍ଚିଲା ପ୍ରଶାସନ

ନୂଆପଡ଼ା ଅଫିସ,୨୨।୬



ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣାସ୍ଥଳରେ ଅଧିକାରୀମାନେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

- ୩ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ
- ଧାରଣା ଜାରି ରଖିଲେ ଗ୍ରାମବାସୀ

ନୂଆପଡା ସଦର ବ୍ଲକ ସାରାବଙ୍ଗ ପଞ୍ଚାୟତର ସଦର ଗାଁରେ ବିଭିନ୍ନ ଯୋଜନାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଗ୍ରାମବାସୀ ଧାରଣାରେ ବସିଛନ୍ତି। ଶନିବାର ଧାରଣା ତୃତୀୟ ଦିନରେ ପହଞ୍ଚିଛି। ଏହିଦିନ ପ୍ରଶାସନ ଧାରଣାସ୍ଥଳରେ ପହଞ୍ଚିଥିଲା । ବିଡିଓ ସୁନୀଲ କୁମାର କେର୍କେଟାଙ୍କ ନେତୃତ୍ୱରେ ଆସିଥିବା କମିଟି ସମସ୍ତ ଅଭିଯୋଗ ଉପରେ ବିଚାର କରି ଆସନ୍ତା ୩ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟାନୁଷ୍ଠାନ ନହେବା ଯାଏଁ ସେମାନେ ଧାରଣାରୁ ହଟିବେ ନାହିଁ ବୋଲି କହିଛନ୍ତି।

ଶନିବାର ପୂର୍ବାହ୍ନ ୧୧ଟାବେଳେ ବିଡିଓ କେର୍କେଟା, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଧରମବନ୍ଧା ସମିତି ସଭ୍ୟା ଘୁନେଶ୍ୱରୀ ଦଣ୍ଡସେନା ପ୍ରମୁଖ ସାରାବଙ୍ଗ ପଞ୍ଚାୟତ ସମ୍ମୁଖରେ ଚାଲିଥିବା ଧାରଣାସ୍ଥଳରେ ପହଞ୍ଚିଥିଲେ। ଧାରଣାରେ ବସିଥିବା ୱାର୍ଡ ମେମ୍ବରଙ୍କ ସମେତ ଗ୍ରାମବାସୀ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ଅଧିକାରୀମାନଙ୍କ ସମ୍ମୁଖରେ ଗୋଟି ଗୋଟି କରି ଅଭିଯୋଗ ଉପସ୍ଥାପନା କରିଥିଲେ। ବିଶେଷ କରି ଏମଜିଏନଆରଇଜିଏସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଅନିୟମିତତା ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ପଞ୍ଚାୟତରେ ଅନ୍ୟାନ୍ୟ ଗାଁ ଅପେକ୍ଷା ସାରାବଙ୍ଗ ଗାଁ ପ୍ରତି ଉପେକ୍ଷା କରାଯାଉଥିବା ନେଇ ୱାର୍ଡ ସଭ୍ୟାସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ସବୁ ତଥ୍ୟ ସଂଗ୍ରହ ପରେ ଅଧ୍ୟକ୍ଷା ସାହୁ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବେ ବୋଲି କହିଥିଲେ । ଅପରପକ୍ଷେ ବିଡିଓ କେର୍କେଟା ସମସ୍ତ କାଗଜାତ ଯାଞ୍ଚ ପରେ ଆଗାମୀ ୩ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ। ତେବେ କାର୍ଯ୍ୟାନୁଷ୍ଠାନ ନ ହେବାଯାଏଁ ଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ ଅଡି ବସିଥିଲେ।

ସୂଚନାଯୋଗ୍ୟ ଯେ ସାରାବଙ୍ଗ ଗ୍ରାମ କମିଟି ସଭାପତି ପ୍ରକାଶ କୁମାର ଦୀକ୍ଷିତଙ୍କ ନେତୃତ୍ୱରେ ୫ଟି ୱାର୍ଡର ସଭ୍ୟାସଭ୍ୟ, ବିଭିନ୍ନ କ୍ଲବର କର୍ମକର୍ତ୍ତା ଧାରଣାରେ ସାମିଲ ହୋଇଛନ୍ତି। ଏମଜିଏନଆରଇଜିଏସରେ ନିୟମକୁ ଉଲ୍ଲଙ୍ଘନ କରି କାମ କରାଯାଇଥିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ବ୍ୟକ୍ତିଙ୍କୁ ବାଦ୍ ଦେଇ ଥିଲାବାଲାଙ୍କୁ ଘର ଯୋଗାଇବା, ପାନୀୟ ଜଳର ବ୍ୟବସ୍ଥା ନକରିବା ଆଦି ଦାବିନେଇ ଏହି ମାସର ପହିଲାରେ ବ୍ଲକ ତଥା ଜିଲା କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଡାକଯୋଗେ ଜଣାଇଥିଲେ । ହେଲେ ତିନି ସପ୍ତାହ ଅତିକ୍ରାନ୍ତ ପରେ ମଧ୍ୟ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ ନ କରିବାରୁ ଗ୍ରାମବାସୀ ଧାରଣା ଦେଇଛନ୍ତି। ଆନ୍ଦୋଳନର ତିନିଦିନ ବିତିଥିଲେ ବି କୌଣସିପ୍ରି ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳକୁ ନଆସିବାରୁ ଶନିବାର ସେମାନେ ରାସ୍ତାରୋକୋ କରିବାକୁ ଚେତାବନୀ ଦେଇଥିଲେ । ଏହା ପରେ ପ୍ରଶାସନ ଶନିବାର ଆନ୍ଦୋଳନକାରୀଙ୍କୁ ଭେଟିବାକୁ ଆସିଥିଲେ।

## ଅଞ୍ଚଳର ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ: ସୁରେଶ ପୂଜାରୀ

ପଦ୍ମପୁର, ୨୨।୬ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡର ଲଖମରା, ସରେଇକେଲା, ଶୁକ୍ଲିପାହାଡ, ଜଗଦଲପୁର, ବଡକୁଞ୍ଚାରୀ, ଗୌଡମାଲ, ନିଲଜୀପତ୍ରା, କୁର୍ଲୁପାଲି, ଭଣ୍ଡାରପୁରୀ ଆଦି ଗ୍ରାମମାନଙ୍କରେ ନବନିର୍ବାଚିତ ବରଗଡ ଏମ୍‌ପି ସୁରେଶ ପୂଜାରୀଙ୍କୁ ଶନିବାର ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି । ସେହିପରି ବରଗଡ ସଂସଦ କ୍ଷେତ୍ରର ଭୋଟରମାନେ ବିପୁଳ ସଂଖ୍ୟାରେ ଭୋଟ ଦେଇ ତାଙ୍କୁ ନିର୍ବାଚିତ କରିଥିବା ଯୋଗୁ ପୂଜାରୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେ କହିଛନ୍ତି, ସମସ୍ୟା ବହୁଳ ଅଞ୍ଚଳର ସେ ହେଉଛନ୍ତି ପ୍ରତିନିଧି । ତଥାପି ଜନସାଧାରଣଙ୍କ ସହଯୋଗରେ ବିକାଶ କରିବେ । ଅଞ୍ଚଳର ଉନ୍ନତି ପାଇଁ ଆବଶ୍ୟକ ସ୍ଥଳେ ଗୋଡ ଧରି କାର୍ଯ୍ୟ ହାସଲ ପାଇଁ କୁଣ୍ଠାବୋଧ କରିବି ନାହିଁ ବୋଲି ଏମ୍‌ପି ପୂଜାରୀ ଲଖମରାଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କହିଛନ୍ତି । ପ୍ରଥମେ ଲଖମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ତାଙ୍କୁ ସ୍ୱାଗତ କରାଯିବା ପରେ ଏକ ଶୋଭାଯାତ୍ରାରେ ଦୁର୍ଗା ମଣ୍ଡପ ନିକଟସ୍ଥ ସଭା ମଞ୍ଚକୁ ନିଆଯାଇଥିଲା । ସେଠାରେ ପ୍ରଭାତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏମ୍‌ପି ପୂଜାରୀ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ପଦ୍ମପୁର ବ୍ଲକ ଅଧ୍ୟକ୍ଷ କୁମରମଣି ନାଏକ, ବରଗଡ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଅରୂପାନନ୍ଦ ସାହୁ, ଅଶ୍ୱିନୀ ଷଡଙ୍ଗୀ, ମଧୁସୂଦନ ଦାଶ, ସରପଞ୍ଚ ଭୀଷ୍ମଦେବ ଡନସନା, ସମିତି ସଭ୍ୟ ଝୁନା ଡନସନା, ସୁରେଶ୍ୱର ଶତପଥି ପ୍ରମୁଖ ମଞ୍ଚାସୀନ ଅତିଥି ଥିଲେ । ଗ୍ରାମବାସୀଙ୍କ ତରଫରୁ ରାକେଶ ଡନସନା, ପଦ୍ମଲୋଚନ ବେରିଆ, ରାଧାକାନ୍ତ ମିଶ୍ର, କେଶବ ସାହୁ, ଜଳଧର ବରିହା ପ୍ରମୁଖ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଚର୍ଦାପାଲି-ଲଖମରା ଅଙ୍ଗନଦୀରେ ଏକ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଏମ୍‌ପିଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ ।



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

## ମୋ ସ୍କୁଲ ଅଭିଯାନ ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା

ବରଗଡ଼ ଅଫିସ୍,୨୨।୬

ବରଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମୋ ସ୍କୁଲ ଅଭିଯାନ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମଶାଳାରେ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଜିଲାର ସ୍ଥିତି, ପିପିଟି ସାହାଯ୍ୟରେ ୱେବ ପୋର୍ଟାଲରେ ବିଦ୍ୟାଳୟ ତଥ୍ୟ କିଭଳି ଅପଲୋଡ୍ କରାଯିବ, ତାହା ଉପରେ ସାହୁ ବିସ୍ତୃତ ଆଲୋଚନା କରିଥିଲେ । ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ କୁମାର ଚୋପଦାର ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ କେତେକ ପ୍ରକଳ୍ପର ପ୍ରୟୋଗାତ୍ମକ ସାଧନ ଉପରେ ପ୍ରଧାନଶିକ୍ଷକ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ସନ୍ଦେହ ମୋଚନ କରିଥିଲେ । ପରେ ମୋ ସ୍କୁଲ ଅଭିଯାନର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା । ଉକ୍ତ ସଭାରେ ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ଏମଆଇଏସ ସଂଯୋଜକ, ନୋଡ଼ାଲ ପ୍ରଧାନଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ । ଭାର୍ଗବ ଚନ୍ଦ୍ର ନାଏକ, ସଦାନନ୍ଦ ଜାଲ, ଦିଲୀପ ସାହୁ, ନିକିତା ଆଚାରୀ, ଅର୍ଜୁନ ପ୍ରଧାନ, ଦୁର୍ବାଦଳ ସେଠ ପ୍ରମୁଖ ସହଯୋଗ କରିଥିଲେ ।




କର୍ମଶାଳାରେ ଶିକ୍ଷା ଅଧିକାରୀ ଓ ଶିକ୍ଷୟିତ୍ରୀ ଶିକ୍ଷକବୃନ୍ଦ ।

## ନୂଆପଡ଼ା ଶ୍ରେଷ୍ଠ ଜୁନିୟର ରେଡକ୍ରସ ଜିଲା ପୁରସ୍କୃତ

ନୂଆପଡା ଅଫିସ,୨୨।୬



ନୂଆପଡ଼ାରେ ଅଧିକାରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

- ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହେଲେ ଅଧିକାରୀ
- ନୂଆପଡ଼ାରେ ସ୍ୱାଗତ ସମ୍ବର୍ଦ୍ଧନା

ରେଡ୍‌କ୍ରସ୍ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ନୂଆପଡ଼ା ଜିଲା ଶ୍ରେଷ୍ଠ ଜୁନିୟର ରେଡକ୍ରସ ଜିଲା ଭାବେ ପୁରସ୍କୃତ ହୋଇଛି। ଭୁବନେଶ୍ୱରଠାରେ ଆୟୋଜିତ ବିଶ୍ୱ ରେଡକ୍ରସ ଦିବସ ପାଳନ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ରାଜ୍ୟ ସଚିବ ଭାରତୀୟ ରେଡକ୍ରସ ସଂସ୍ଥା ମେଜର ଡ. କଳ୍ପନା ଦାସ ନୂଆପଡ଼ା ଜିଲାକୁ ପୁରସ୍କୃତ କରିଥିଲା। ଜିଲା ପକ୍ଷରୁ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ଶାରୀରିକ ଶିକ୍ଷା ସଂଯୋଜକ ମହେଶ ଦଣ୍ଡସେନା ଏବଂ ସାଧନ କର୍ମୀ ପ୍ରଶାନ୍ତ ପ୍ରଧାନୀ ପ୍ରମୁଖ ଯୋଗଦେଇ ପୁରସ୍କାର ଗ୍ରହଣ କରିଥିଲେ।

ନୂଆପଡ଼ା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକ ଶିକ୍ଷା ଅଧିକାରୀ ଡ.ରେଶମଲାଲ ନାଏକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଅଧିକାରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ, କିଶୋର କୁମାର ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀ ଏହାର ଶ୍ରେୟ ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷକ, ଜିଲା ରେଡକ୍ରସ କାଉନସିଲରମାନଙ୍କୁ ଦେଇଥିଲେ। ୨୦୧୮-୧୯ରେ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ର୍‍ୟାଲିକୁ ସଫଳ ଭାବେ ଆୟୋଜନ କରିଥିବା ମହୁଲପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେଶ କୁମାର ତିୱାରୀଙ୍କୁ ଧନ୍ୟବାଦ ଦେଇଥିଲେ। ଆଗକୁ ମଧ ଜିଲା ପାଇଁ ଉତ୍ସର୍ଗୀକୃତ ଭାବେ କାମ କରିବାକୁ ହେବ ବୋଲି ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧିକାରୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ଶେଷରେ ତୋର୍ଗା ହାଇସ୍କୁଲର ପ୍ରଧାନ ଶିକ୍ଷକ କିଶୋର କୁମାର ପରିଡା ଧନ୍ୟବାଦ ଜ୍ଞାପନ କରିଥିଲେ।

### ମଧ୍ୟାହ୍ନଭୋଜନ ଚାଉଳ ଯୋଗାଣ

# ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା

ସିନାପାଲି/କୋମନା, ୨୨।୬ (ଡି.ଏନ.ଏ.)

- ସରକାରୀ ନୀତିନିୟମକୁ ଉଲ୍ଲଂଘନ ଅଭିଯୋଗ
- ସକମ୍ ସଲ୍‌ଭେନ୍ସି ଦାଖଲ କରିଥିବା ଆବେଦନକୁ ଖାରଜ କରାଗଲାନି

ନୂଆପଡା ଜିଲାର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ ଯୋଗାଣ ହେଉଛି । ହେଲେ ଏଥିପାଇଁ ମଗାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଏମ୍‌ଡିଏମ୍ ନୋଡାଲ ଅଫିସର ତଥା ଜିଲା ଶିକ୍ଷା ଅଧିକାରୀଙ୍କ ଟେଣ୍ଡର କଲ୍ ନୋଟିସ (ପତ୍ରାଙ୍କ ସଂଖ୍ୟା ୧୩୬୪/ ତା୧୨।୨।୧୯ରିଖ ) ଅନୁସାରେ ଜିଲାର ଆଗ୍ରହୀ ବ୍ୟକ୍ତି ବା ସଂସ୍ଥାଙ୍କଠାରୁ ବିଭିନ୍ନ ସର୍ତ୍ତମୂଳକ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଟେଣ୍ଡର ଆବେଦନ ପାଇଁ ଫେବୃୟାରୀ ୨୬ ତାରିଖ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା । ଏଥିରେ ଉଭୟ ଟେକନିକାଲ ଓ ଫାଇନାନ୍‌ସିଆଲ ବିଡ ଆବେଦନ ପାଇଁ ବ୍ୟବସ୍ଥା ଥିଲା । ଜିଲା ପ୍ରଶାସନର ପ୍ରକାଶିତ ଟେଣ୍ଡର ନୋଟିସ ଅନୁସାରେ ପ୍ରଥମେ ଟେକନିକାଲ ବିଡ ଖୋଲାଯାଇ ଯାଞ୍ଚ ହେବ ଏବଂ ଅସମ୍ପୂର୍ଣ୍ଣ ଆବେଦନ କିମ୍ବା ଆବଶ୍ୟକ କାଗଜପତ୍ର ନ ଥିବା ଆବେଦନକୁ ଖାରଜ କରାଯିବ। ପ୍ରକାଶିତ ନୋଟିସ ଅନୁସାରେ ୧୩ ନମ୍ବର ଧାରା ୯ ଅନୁସାରେ ଆବେଦକ ଆବେଦନ ଫର୍ମ ସହିତ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ଅତିକମ୍‌ରେ ୪୦ଲକ୍ଷ ଟଙ୍କାର ସଲ୍‌ଭେନ୍ସି ଦାଖଲ କରିବେ । ନଚେତ୍ ଦରଖାସ୍ତକୁ ଗ୍ରହଣ କରା ନ ଯାଇ ଖାରଜ କରାଯିବ । ପ୍ରଶାସନ ତରଫରୁ ଟେଣ୍ଡର ଆହ୍ୱାନ ପରେ ଜିଲାର ତିନିଜଣ ଆଗ୍ରହୀ ବ୍ୟକ୍ତି ଓ ସଂସ୍ଥା ଆବେଦନ କରିଥିବା ଜଣାପଡିଛି । ପ୍ରକାଶିତ ନୋଟିସ ଅନୁସାରେ ଗତ ଫେବୃୟାରୀ ୨୭ ତାରିଖ ଟେକନିକାଲ ବିଡ ଖୋଲାଯାଇଥିଲା । ବିଡ୍ ଖୋଲାଗଲା ପରେ ଆବେଦନକାରୀଙ୍କ ମଧ୍ୟରୁ ଜଣେ ଆବେଦନକାରୀଙ୍କ ସଲ୍‌ଭେନ୍ସିରେ ଅନିୟମିତତା ଥିବା ଦର୍ଶାଇ ତାଙ୍କ ଆବେଦନକୁ ଖାରଜ କରାଯାଇଥିଲା । କିନ୍ତୁ ଅନ୍ୟ ଆବେଦନକାରୀ ମଧ୍ୟ ଆବେଦନ ଫର୍ମ ସହିତ ମାତ୍ର ୩୦ ଲକ୍ଷର ସଲ୍‌ଭେନ୍ସି ଦାଖଲ କରିଥିଲେ । ନିୟମ ଅନୁଯାୟୀ ଆବେଦକ ୪୦ ଲକ୍ଷର ସଲ୍‌ଭେନ୍ସି ଦାଖଲ କରିବା କଥା, ହେଲେ ତାହା ନ କରି ମଧ୍ୟ କମ୍ ପରିମାଣର ସଲ୍‌ଭେନ୍ସି ଦାଖଲ କରିଥିବା ଆବେଦକଙ୍କ ଆବେଦନକୁ ଖାରଜ କରା ନ ଯାଇ ଟେଣ୍ଡର ପାଇଁ ବିଚାରକୁ ନିଆଯାଇଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଗତ ଆର୍ଥିକ ବର୍ଷରେ ନିର୍ଦ୍ଧାରିତ ଦରଠାରୁ ଅତି କମ୍ ଦରରେ ଏମଡିଏମ ଚାଉଳ ବଣ୍ଟନ ପାଇଁ ଠିକାଦାର ଚୟନ କରାଯାଇଥିବା ବେଳେ ବର୍ଷ ସାରା ଯୋଗାଣରେ ଅନିୟମିତତା ଦେଖାଦେଇଥିଲା । ମାସ ମାସ ଧରି ବିଦ୍ୟାଳୟମାନଙ୍କରେ ଏହି ଧାରାରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଚାଲିଥିଲା । ୫୦ କେଜିଆ ବ୍ୟାଗରେ ୫ରୁ ୧୦ କିଗ୍ରା ପର୍ଯ୍ୟନ୍ତ ଚାଉଳ କମ୍ ଥିବା ଅଭିଯୋଗ ହୋଇଥିଲା । କମ୍‌ଦରରେ ଟେଣ୍ଡର ଦିଆଯାଉଥିବା ଯୋଗୁ ବସ୍ତାରେ କମ୍ ଚାଉଳ ଯୋଗାଣ ହେଉଛି ବୋଲି କେତେକ ବୁଦ୍ଧିଜୀବୀ ମତବ୍ୟକ୍ତ କରିଥିଲେ। ଏଥିପାଇଁ ଏକ ନର୍ଦ୍ଧାରିତ ଦରରୁ କମ୍ ଦରରେ ଏମଡିଏମ ବଣ୍ଟନକୁ ପ୍ରୋତ୍ସାହିତ ନ କରିବା ପାଇଁ ସାଧାରଣରେ ଦାବି ହୋଇଆସୁଛି । ହେଲେ ପ୍ରଶାସନ ଏ ବିଷୟରେ ଚିନ୍ତା ନ କରି ଗତବର୍ଷ ଟେଣ୍ଡର ନେଇଥିବା ଜଣେ ଠିକାଦାରଙ୍କୁ ପୁନର୍ବାର ଥଇଥାନ କରିବା ପାଇଁ ମସୁଧା କରୁଥିବା ଅଭିଯୋଗ ହେଉଛି । ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀ ତଥା ଏମଡିଏମ ନୋଡାଲ ଅଫିସର ଲକ୍ଷ୍ମଣ ଭୋଇଙ୍କୁ ପଚାରିବାରୁ ସେ ଏକାକୀ କୌଣସି ନିଷ୍ପତ୍ତି ନିଅନ୍ତି ନାହିଁ । ଏକ କମିଟି ମାଧ୍ୟମରେ ସବୁ ନିଷ୍ପତ୍ତି ନିଆଯାଏ । ଯାହା ବି ନିଷ୍ପତ୍ତି ହେବ ଟେଣ୍ଡର କମିଟି ହିଁ ନେବ ବୋଲି ସେ ପ୍ରକାଶ କରିଥିଲେ । ଅନ୍ୟପକ୍ଷେ ଏ ବିଷୟକୁ ନେଇ ଏକ ଆବେଦନକାରୀ ସଂସ୍ଥା କୋର୍ଟର ଆଶ୍ରୟ ନେବା ପାଇଁ ମସୁଧା କରୁଥିବା ସୂଚନା ମିଳିଛି । ଏପରି ହେଲେ ଏମଡିଏମ ପରିଚାଳନାରେ ବ୍ୟାପକ ଅସୁବିଧା ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ।

## ଯୁବଶକ୍ତି ରାଷ୍ଟ୍ରକୁ ପ୍ରଗତି ଆଡ଼କୁ ଟାଣିନେଇଥାଏ

ନୂଆପଡା ଅଫିସ, ୨୨।୬

ଯୁବକମାନେ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ବକାଶର ବାହକ । ଯୁବକମାନେ ଜାଗ୍ରତ ହେଲେ ସମାଜର ପ୍ରତ୍ୟେକ କ୍ଷେତ୍ରରେ ବ୍ୟାପକ ସଚେତନତା ଆସିଥାଏ । ଯୁବ ଶକ୍ତି ହିଁ ରାଷ୍ଟ୍ରକୁ ପ୍ରଗତି ଆଡକୁ ଟାଣିନେଇଥାଏ ବୋଲି ନୂଆପଡାଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଯୁବ ସମ୍ମିଳନୀରେ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ପୂର୍ବାହ୍ନ ୧୧ଟାରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାଯୁବ ସଂଯୋଜକ ଆଶିଷ ଠାକୁର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ଢୋଲକିଆ ମୁଖ୍ୟ ଅତିଥିଭାବେ ଯୋxଗଦେଇଥିଲେ। ଉପଜିଲାପାଳ ତରଣୀସେନ ନାଏକ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ପି.କେ.ଭି. ପଟ୍ଟନାୟକ, ପୂର୍ବତନ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ବି.ବି. ଜଗତ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବିଭିନ୍ନ ସରକାରୀ ଯୋଜନା ଉପରେ ସଚେତନତା ଆଣିବାକୁ ଯୁବକମାନେ ଆଗଭର ହୋଇ ଆସିବା ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଜିଲାରେ ବିଭିନ୍ନ କ୍ଷେତ୍ରରେ ଉତ୍ସର୍ଗୀକୃତ ସେବା କରିଥିବା ସଂଗଠନଗୁଡିକୁ ପୁରସ୍କୃତ କରାଯାଇଥିଲା । ଏହିକ୍ରମରେ ସ୍ୱଚ୍ଛଭାରତ ସମର ଇଣ୍ଟରଶିପ ୨୦୧୮ ପୁରସ୍କାରରେ ବାଦିର ପଞ୍ଚସଖା ଯୁବକ ସଂଘର ପରିକ୍ଷୀତ ସତ୍‌ନାମୀଙ୍କୁ ପ୍ରଥମ ପୁରସ୍କାର ଭାବେ ୩୦ହଜାର ଟଙ୍କା, ଗୋଇଜୋରର ମା' ବଞ୍ଜାରୀର ଜଗତରାମ ନିଆଲଙ୍କୁ ଦ୍ୱିତୀୟ ପୁରସ୍କାର ଭାବେ ୨୦ହଜାର, ଗୋତମାର ଆକ୍ଟିଭ ଇଣ୍ଡିଆନ ଯୁଥ କ୍ଲବର ଗଜେନ୍ଦ୍ର ବାରିକଙ୍କୁ ତୃତୀୟ ପୁରସ୍କାର ଭାବେ ୧୦ହଜାର ଟଙ୍କା ସହ ପ୍ରମାଣପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ନେହେରୁ ଯୁବକେନ୍ଦ୍ରର ମୁକେଶ ଦଣ୍ଡସେନା, ବିଶ୍ୱଜିତ ପାଣଗ୍ରାହୀ, ଶକ୍ତିମୟୀ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଯୁବ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

**ନେହେରୁ ଯୁବ କେନ୍ଦ୍ରର ଯୁବ ସମ୍ମିଳନୀ**




ଜିଲାସ୍ତରୀୟ ଯୁବ ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



**ସଂକ୍ଷେପରେ**

## ସୋନପୁର ମହିଳା, ରାଜ୍ କଲେଜ୍‌ରେ ଯୁକ୍ତ ୨ ପରୀକ୍ଷାଫଳ

**ସୋନପୁର,୨୨।୬(ନି.ପ୍ର.):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚଏସଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ଓ ବାଣିଜ୍ୟ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି । ସୋନପୁର ବିଜୁ ପଟ୍ଟନାୟକ ମହିଳା କଲେଜରେ ଯୁକ୍ତ ୨ କଳାର ପାସ୍ ହାର ୯୧.୯୦% ରହିଛି । ମୋଟ ୧୭୩ ଜଣ ଛାତ୍ରୀ ରେଗୁଲାର ଭାବେ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୧୫୯ ଜଣ ପାସ୍ କରିଛନ୍ତି । ୪୫ ଜଣ ଛାତ୍ରୀ ପ୍ରଥମ ଶ୍ରେଣୀରେ, ୩୬ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୭୮ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି । ସେହିପରି ସୋନପୁର ରାଜ କଲେଜରେ ଯୁକ୍ତ ୨ କଳାରେ ୭୭ ଜଣ ପ୍ରଥମ ଶ୍ରେଣୀରେ, ୫୮ ଜଣ ଦ୍ୱିତୀୟ ଶ୍ରେଣୀରେ, ୧୧୧ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯୁକ୍ତ ୨ ବାଣିଜ୍ୟରେ ୭ ଜଣ ପ୍ରଥମ ଶ୍ରେଣୀରେ ୩ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୧୦ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି ।

## କୃଷକ ଉପଦେଷ୍ଟା କମିଟିର ବୈଠକ

**ଅମରପାଲି, ୨୨।୬ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କୃଷକ ଉପଦେଷ୍ଟା କମିଟିର ୧୨ତମ ବୈଠକ କମିଟି ଅଧକ୍ଷା ବନିତା ପଧାନଙ୍କ ପୌରୋହିତ୍ୟରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। କୃଷି ବିଭାଗୀୟ ଅଧିକାରୀ ଓ ବ୍ଲକ କୃଷକ ଉପଦେଷ୍ଟା କମିଟି ସଭ୍ୟଙ୍କ ମଧ୍ୟରେ ଉଚିତ ସମନ୍ୱୟ ରହିଲେ କୃଷିଜୀବୀ ଓ କୃଷି ଏବଂ ଆନୁଷଙ୍ଗିକ କୃଷିର ବିକାଶ ହୋଇପାରିବ ବୋଲି କମିଟିର ସଭ୍ୟ କିଶୋର ହୋତା ମତପ୍ରକାଶ କରିଥିଲେ। ଅଧିବେଶନରେ ସର୍ବସମ୍ମତିକ୍ରମେ ୨୦ୟୁନିଟ ମିଠା ମକା ଚାଷ, ୧୦ୟୁନିଟ ବନରାଜ କୁକୁଡା ଚାଷ, ୨୦ୟୁନିଟ ଆଜୋଲା କ୍ଷେତ୍ର ପରିଦର୍ଶନ ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ବିଟିଟି ସଭ୍ୟ ଡା. ସୁବ୍ରତ କୁମାର ପୁରୋହିତ, ବିଟିଟି କନଭେନର କାଳିନ୍ଦୀ ପରିଡା ପ୍ରମୁଖ କୃଷି ଓ ଆନୁସଙ୍ଗିକ କୃଷି ସମ୍ପର୍କିତ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଆତ୍ମା ତରଫରୁ ନିଆଯାଇଥିବା କ୍ଷେତ୍ର ପ୍ରଦର୍ଶନ, ତାଲିମ କାର୍ଯ୍ୟକ୍ରମ ସମ୍ବନ୍ଧରେ ଦାମୋଦର ହୋତା, ପ୍ରହଲ୍ଲାଦ ହୋତା, ଶ୍ରୀକାନ୍ତ କର୍ମୀ, ଶାନ୍ତିଲତା ପାତ୍ର, ଯୁଗିନ୍ଦ୍ର ମିର୍ଦ୍ଧା ପ୍ରମୁଖ ଆଲୋଚନା କରିଥିଲେ। ଏଟିଏମ ମିନକେତନ ମହାକୁର ସଭା ପରିଚାଳନା କରିଥିଲେ ।

## ପାଇପ ପାଣି ନ ଦେଲେ ଆନ୍ଦୋଳନ ଚେତାବନୀ

**କଣ୍ଟାବାଞ୍ଜି,୨୨।୬(ଡି.ଏନ.ଏ.):** କଣ୍ଟାବାଞ୍ଜି ଏନଏସିର ୧୨, ୧୩ ଓ ୧୪ ନମ୍ବର ୱାର୍ଡରେ ପାଇପ ପାଣି ଯଥା ଶୀଘ୍ର ଯୋଗାଇବା ପାଇଁ ବିଜେଡି ନେତା ଅଜୟ ଦାସ ଦାବି କରିଛନ୍ତି। ଦୀର୍ଘ ଦିନ ହେଲା ଏହି ୩ଟି ୱାର୍ଡରେ ପାଇପ ବିଛା ଯାଇଛି। ହେଲେ ପାଇପ ପାଣି ଯୋଗାଇ ଦିଆଯାଉ ନାହିଁ। ଏଣୁ ଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ଯନ୍ତ୍ରୀ ପି.କେ. ମହାକୁରଙ୍କ ସହ ସେ ଆଲୋଚନା କରିଛନ୍ତି। ବିଳମ୍ବ ହେଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି।

■ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

# ରିଂରୋଡ଼ କାର୍ଯ୍ୟର ମନ୍ଥରତା ନେଇ ଅସନ୍ତୋଷ

**ସୋନପୁର,୨୨।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ର ଶନିବାର ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାର ବିଡିଓ ଓ ଇଞ୍ଜିନିୟରମାନେ ଯୋଗ ଦେଇଥିଲେ। ଜମି ଅଧିଗ୍ରହଣ ସମସ୍ୟା ଯୋଗୁଁ କେତେକ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁ ନଥିବା ସମୀକ୍ଷାରୁ ଜଣାପଡିଥିଲା। ସୁବର୍ଣ୍ଣପୁର ରିଂରୋଡର ତୃତୀୟ ପର୍ଯ୍ୟାୟ କାମର ମନ୍ଥରତା ନେଇ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ରିଂ ରୋଡର ମହାନଦୀ ବ୍ରିଜ୍‌ରୁ ୧୫୦୦ ମିଟର ରାସ୍ତା ପିଚୁ ପାଇଁ ୩ କୋଟି ୩ ଲକ୍ଷ ୯୭ ହଜାର ଟଙ୍କାର ଟେଣ୍ଡର ହୋଇଛି। ଜାନୁୟାରୀ ମାସରୁ ଠିକାଦାର ପୂର୍ତ୍ତ ବିଭାଗ ସହିତ ଚୁକ୍ତିନାମା କରିଛନ୍ତି। କିନ୍ତୁ କାମ କରୁନାହାନ୍ତି। ସେହିପରି ୮ କୋଟି ୩ ଲକ୍ଷ ଟଙ୍କା ବ୍ୟୟରେ ତେଲନଦୀ ବ୍ରିଜ୍‌ରୁ ୨୪୦୦ ମିଟର ରାସ୍ତା ପିଚୁ ହେବ। ଟେଣ୍ଡର ପ୍ରକ୍ରିୟା ପରେ ଠିକାଦାର ଚୁକ୍ତିନାମା କରିଛନ୍ତି। ହେଲେ କାମ ଆରମ୍ଭ ହେଉନି । ସହରର ଲାଇଫଲାଇନ କୁହାଯାଉଥିବା ଏହି କାର୍ଯ୍ୟର ମନ୍ଥରତାକୁ ଆଦୌ ବରଦାସ୍ତ କରାଯିବନି। ସମ୍ପୃକ୍ତ ୨ ଠିକାଦାରଙ୍କୁ କୈଫିୟତ ମାଗିବାକୁ ଜିଲାପାଳ ମିଶ୍ର ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ପଡିଲେ ଇଏମଡି ବ୍ୟାଜ୍ୟାପ୍ତି ସହ ପୁନଃ ଟେଣ୍ଡର ଆହ୍ୱାନ ପାଇଁ ପଦକ୍ଷେପ ନେବାକୁ କହିଥିଲେ। ସେହିପରି ରିଂ ରୋଡର ମିସିଂ ଲିଙ୍କ କୁମ୍ଭାରପଡାରୁ ଦଶମତିଘାଟ ୩୯୩ ମିଟର ଲମ୍ବ ରାସ୍ତା ପୋର୍ଟାଲ ଫ୍ରେମ୍ ବ୍ରିଜ୍ ହେବ। ନଦୀପାର୍ଶ୍ୱରେ କଂକ୍ରିଟ୍ ରିଟେନିଂ ୱାଲ ନିର୍ମାଣ କରାଯିବ। ଏଥିପାଇଁ ୫୮ କୋଟି ଟଙ୍କାର ବ୍ୟୟ ଅଟକଳ ମଞ୍ଜୁର ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଥିଲେ ମଧ୍ୟ କୌଣସି ଠିକାଦାର ଟେଣ୍ଡର ପକାଇ ନଥିବା ଜଣାପଡିଛି।

ପ୍ରକାଶ ଯେ, ମହାନଦୀ ଓ ତେଲନଦୀର ବନ୍ୟା ଦାଉରୁ ରକ୍ଷା ଓ ଟ୍ରାଫିକ୍ ସମସ୍ୟାର ସମାଧାନ ଲକ୍ଷ୍ୟରେ ୨୦୧୧ ମସିହାରୁ ରିଂ ରୋଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପୂର୍ବରୁ ସରକାରୀ ଅନୁଦାନ ନଥିବାରୁ କାମ ବନ୍ଦ ଥିଲା। ଏବେ ଅନୁଦାନ ଥାଇ କାମ ହୋଇପାରୁନି । ସେହିପରି ପୂର୍ତ୍ତ ବିଭାଗ ପକ୍ଷରୁ ମହାନଦୀ ବ୍ରିଜ୍‌ରୁ କୁଞ୍ଜ ଛକ ପର୍ଯ୍ୟନ୍ତ ୩.୨୬୦ କିମି ଡିଭାଇଡର ସହିତ ୪ଥାକିଆ ରାସ୍ତା ୬ କୋଟି ୭୯ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବ। ଠିକାଦାରଙ୍କ ଚୁକ୍ତିନାମା ଅନୁଯାୟୀ ୨୦୧୯ ଅଗଷ୍ଟ ୧୨ ତାରିଖ ସୁଦ୍ଧା

■ଠିକାଦାରଙ୍କୁ ଜାରି ହେବ କାରଣ ଦର୍ଶାଅ ନୋଟିସ୍

■ଆବଶ୍ୟକ ପଡିଲେ ପୁନଃ ଟେଣ୍ଡର ଆହ୍ୱାନ କରାଯିବ

ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବା କଥା। କିନ୍ତୁ ଜବରଦଖଲ ଉଚ୍ଛେଦ, ବେସରକାରୀ ଜମି ଅଧିଗ୍ରହଣ ଓ ରାସ୍ତାପାର୍ଶ୍ୱ ଗଛକଟା ଯାଇ ନଥିବାରୁ ଏଯାଏଁ ପ୍ରକଳ୍ପର ଇଞ୍ଚେ କାମ ଆରମ୍ଭ ହୋଇ ପାରିନି। ସରକାରୀ ଜମିକୁ ଅଧିଗ୍ରହଣ କରି ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସୋନପୁର ବ୍ଲକର ଅଙ୍ଗ କେନାଲ ସମ୍ପ୍ରସାରଣ କାର୍ଯ୍ୟ ମଧ୍ୟ ଧିମେଇ ଚାଲିଛି । ସୋନପୁର ଓ ରୁଗୁଡିପାଲି ଡିଷ୍ଟ୍ରିବ୍ୟୁଟାରୀ କାମ ପାଇଁ ତେଲ ଜଳସେଚନ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। ସରକାରୀ, ବେସରକାରୀ ଓ ଜଙ୍ଗଲ ଜମି ଅଧିଗ୍ରହଣରେ ବିଳମ୍ବ କାରଣରୁ ଏବେ କେନାଲ ଖୋଳା କାମ ବନ୍ଦ ରହିଛି। ଏଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କ୍ଷୁଦ୍ର ଜଳସେଚନ ବିଭାଗର ଉଲୁଣ୍ଡା ବ୍ଲକର କୁଥିଜୋର ପ୍ରକଳ୍ପ, ବୀରମହାରାଜପୁର ବ୍ଲକର ସାହାଜଲତା ଓ କୁଶଦାଦର ଜଳସେଚନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ଜମି ଅଧିଗ୍ରହଣ ସାରି କେନାଲ ଖୋଳା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବୈଠକରେ ଗୁରୁତ୍ୱ ଦିଆଯାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ ବିଳମ୍ବ ସମ୍ପର୍କରେ ଆଲୋଚନା ହୋଇଥିଲା। ତେଲନଦୀର ବୈଦ୍ୟନାଥ ବ୍ରିଜ୍ ଓ ବ୍ରାହ୍ମଣୀ ବ୍ରିଜ୍ ସହିତ, ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ରାସ୍ତା କାର୍ଯ୍ୟ ସମ୍ପର୍କରେ ସମୀକ୍ଷା ହୋଇଥିଲା । ଉଠା ଜଳସେଚନ, ବୃହତ ଉଠା ଜଳସେଚନ ବିଭାଗ, ତେଲ ଜଳସେଚନ ବିଭାଗ, ୱେସ୍କୋ ଓ ପଞ୍ଚାୟତିରାଜ ବିଭାଗର କାର୍ଯ୍ୟର ସମୀକ୍ଷା ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ସତ୍ୟବ୍ରତ ବେହେରା, ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରଫୁଲ୍ଲ କୁମାର ଦାଶ, ଇଂ. ହିମାଂଶୁ ଲେଙ୍କା, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ବିପିନ ବିହାରୀ ଦାଶ, ତରଭା ବିଡିଓ ନିହାର ରଞ୍ଜନ କହଁର, ସୋନପୁର ବିଡିଓ ଆର. କେ. ପଟେଲ, ଉଠା ଜଳସେଚନ ବିଭାଗର ଇଂ. ଭାଗିରଥି ମହାନ୍ତ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଦୁଶାସନ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।



ନିଜ ଷ୍ଟଲ ପାଇବା ପାଇଁ ଷ୍ଟଲ ଆଗରେ ତ୍ରିଲୋଚନ ମେହେର ନିଜ ପୁଅଙ୍କ ସହ ଧାରଣା ଦେଇଛନ୍ତି ।

## ବିଜୁ ଗ୍ରାମୀଣ ବଜାର ଷ୍ଟଲ ପାଇବା ପାଇଁ ଧାରଣା

**ଅମରପାଲି, ୨୨।୬ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ କେନ୍ଦୁପାଲି ଗ୍ରାମର ତ୍ରିଲୋଚନ ମେହେର ନାମକ ଜଣେ ବ୍ୟକ୍ତି ନିଜ ଷ୍ଟଲ (ଦୋକାନ ଗୃହ) ପାଇବା ପାଇଁ ଶନିବାର ସେହି ଷ୍ଟଲ ଆଗରେ ଧାରଣାରେ ବସିଥିଲେ। ଦୀର୍ଘ ଦିନ ହେଲା ସ୍ଥାନୀୟ ପଞ୍ଚାୟତ ସମିତିରୁ ବିଜୁ ଗ୍ରାମୀଣ ବଜାରରୁ ଷ୍ଟଲ ନଂ. ୧୪କୁ ପାଇଥିଲେ। ସେହି ଷ୍ଟଲରେ ଏକ ଦୋକାନ କରି ପରିବାର ଚଳାଉଥିଲେ। ଆଜକୁ ପ୍ରାୟ ୩ବର୍ଷ ପୂର୍ବେ ଏକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଶଯ୍ୟାଶାୟୀ ହୋଇଥିଲେ। ଫଳରେ ସେ ଆଉ ଦୋକାନ ଖୋଲିବା ସମ୍ଭବ ହୋଇ ନ ଥିଲା । ତାଙ୍କର ଚିକିତ୍ସା ସହିତ ଘରଖର୍ଚ୍ଚ ପାଇଁ ଟଙ୍କାର ଆବଶ୍ୟକତା ହେବାରୁ ସେ ଉକ୍ତ ଷ୍ଟଲକୁ ଟାଙ୍ଗରପାଲି ଗ୍ରାମର ଲିଙ୍ଗ ମେହେର ନାମକ ଜନୈକ ବ୍ୟକ୍ତିଙ୍କୁ ମାସିକ ୨ ହଜାର ଟଙ୍କା ଆକାରରେ ଭଡାରେ ଦେଇଥିଲେ। ଆଜିକୁ ପ୍ରାୟ ୪ମାସ ହେବ ତ୍ରିଲୋଚନଙ୍କ ପୁଅ ବଳରାମ ମେହେର ନିଜେ ଦୋକାନ ଖୋଲିବାକୁ ଲିଙ୍ଗଙ୍କୁ କହିଥିଲେ। ମାତ୍ର ଲିଙ୍ଗ ଦୋକାନ ଛାଡିବାକୁ ନାରାଜ। ବାରମ୍ବାର କହିଲା ପରେ ମଧ ସେ ଦୋକାନ ନଛାଡିବାରୁ ଶନିବାର ତ୍ରିଲୋଚନ ତାଙ୍କୁ ପୁଅ ଓ ସ୍ତ୍ରୀ ସହିତ ଦୋକାନ ଆଗରେ ଧାରଣା ଦେଇଥିଲେ। ଅପରାହ୍ନରେ ପୋଲିସ ଆସି ତାଙ୍କୁ ଆଶ୍ୱାସନା ଦେଇ ଉଠାଇଥିବା ଜଣାପଡିଛି ।



ଲକ୍ଷ୍ମୀ ପାଇକଙ୍କୁ ପ୍ରାଥମିକ ଚିକିତ୍ସା କରିବା ସହ ଔଷଧ ଦେଇଛନ୍ତି ବିଭାଗୀୟ ଅଧିକାରୀ।

## ଲକ୍ଷ୍ମୀଙ୍କ ପାଖରେ ପହଞ୍ଚିଲା ସ୍ୱାସ୍ଥ୍ୟ ବିଭାଗ

**ଲୋଇସିଂହା,୨୨।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢ଼ୀପଦର ପଞ୍ଚାୟତ ନେଗିପାଲି ଗାଁର ଅସହାୟ ବୃଦ୍ଧା ଲକ୍ଷ୍ମୀ ପାଇକ (୭୦)ଙ୍କ ସମ୍ପର୍କରେ ଶନିବାର ଧରିତ୍ରୀରେ 'କଲବଲ ହେଇ ବିତୁଛେ ଲକ୍ଷ୍ମୀଙ୍କର ଜୀବନ' ଶୀର୍ଷକ ଖବର ପ୍ରକାଶ ପାଇଥିଲା । ଏହାପରେ ପ୍ରଶାସନ ତତ୍ପରତା ଦେଖାଇଛି। ଲୋଇସିଂହା ବିଡିଓ ରାମଚନ୍ଦ୍ର ଖାଡିଆ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏ ସମ୍ପର୍କରେ ଅବଗତ କରିଥିଲେ। ବିଡିଓଙ୍କଠାରୁ ସୂଚନା ପାଇ ଡାକ୍ତର ଯଶୋବନ୍ତ ପାଢୀ ଟିମ୍ ସହ ନେଗିପାଲି ଯାଇ ଲକ୍ଷ୍ମୀଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବାକୁ ଉଦ୍ୟମ କରିଥିଲେ। ହେଲେ ଡାକ୍ତରଖାନରେ ଦେଖାରଖା କରିବା ପାଇଁ ତାଙ୍କର କେହି ସମ୍ପର୍କୀୟ ନ ଥିବାରୁ ଆଣା ଯାଇ ପାରିନାହିଁ। ଲକ୍ଷ୍ମୀଙ୍କୁ ପ୍ରାଥମିକ ଚିକିତ୍ସା କରିବା ସହ ଔଷଧ ଦେଇ ଏହି ଟିମ୍ ଫେରିଛି। ତେବେ ତାଙ୍କର ଅନେକ ସ୍ୱାସ୍ଥ୍ୟ ପରୀକ୍ଷାର ଆବଶ୍ୟକ ରହିଛି। ସ୍ଥାନୀୟ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନଜର ରଖିବାକୁ କୁହାଯାଇଛି । ଆବ୍ୟକ ପଡିଲେ ତାଙ୍କୁ ଜିଲା ମୁଖ୍ୟାଳୟକୁ ଅଣାଯିବ ବୋଲି ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ସ୍ମିତା ଶତପଥୀ କହିଛନ୍ତି। ସୂଚନାଯୋଗ୍ୟ, ଏହି ଖବର ପ୍ରକାଶ ପାଇବା ପରେ ବ୍ଲକ କିମ୍ବା ପଞ୍ଚାୟତ ଅଫିସରୁ କିନ୍ତୁ କୌଣସି ଅଧିକାରୀ ଲକ୍ଷ୍ମୀଙ୍କ ଘରକୁ ଯାଇ ନାହାନ୍ତି।

## ଶିଶୁ ମନ୍ଦିରରେ ଯୋଗ ଦିବସ

**ପାଟଣାଗଡ,୨୨।୬(ଡି.ଏନ.ଏ.)**

ପାଟଣାଗଡ ସରସ୍ୱତୀ ଶିଶୁ ମନ୍ଦିରରେ ଆଜି ଆ'ର୍ଜାତିକ ଯୋଗ ଦିବସ ଅବସରରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗ ଶିକ୍ଷକ ପ୍ରଦିପ ସିଂ ବାବୁଙ୍କ ମାର୍ଗଦର୍ଶନରେ ବିଦ୍ୟାଳୟର ୯୦୦ ଛାତ୍ରୀଛାତ୍ର ଏକତ୍ର ହୋଇ ଯୋଗାଭ୍ୟାସ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଓଁକାରନାଥ ମେହେର ଏବଂ ଭଜନାନନ୍ଦ ସେଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚକ୍ରଧର ପାଣିଗ୍ରାହୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ।

**କଣ୍ଟାବାଞ୍ଜି,(ଡି.ଏନ.ଏ.):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ, ଗୁରୁମାଁ, ଗୁରୁଜୀ, ପରିଚାଳନା ସମିତିର ସଭ୍ୟାସଭ୍ୟଙ୍କ ସହିତ ସଭାପତି ରାମଚନ୍ଦ୍ର ସାହୁ, ସଂପାଦକ ବ୍ରଜଶ୍ୟାମ ଗୁରୁ, ସଦସ୍ୟ ସୁଧୀର ବେହେରା, ଯୋଗ ପ୍ରଶିକ୍ଷକ ନରୋତ୍ତମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଛି । ଅନ୍ୟମାନଙ୍କ ମଧ୍ୟରେ ଅରୁଣ ଅଗ୍ରୱାଲ, କାହ୍ନୁଚରଣ ମିଶ୍ର, ପୂର୍ବତନ ସଂପାଦକ ଦୁଃଖିଶ୍ୟାମ ରାଏ ପ୍ରମୁଖ ଉପସ୍ଥିତ ରହି ଯୋଗ କରିଥିଲେ। ସେହିପରି ଚଟୁଅନକା ପଞ୍ଚାୟତର ମାଝିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ ବିଶ୍ୱ ଯୋଗ ଦିବସ ପାଳିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

■ ବଲାଙ୍ଗୀରରେ ଦୁଇଦିନିଆ ବନୌଷଧି କର୍ମଶାଳା

## 'ବନୌଷଧିର ମହତ୍ତ୍ୱ ବୁଝିଲେ ଜୀବନ ହେବ ନୀରୋଗ'

**ବଲାଙ୍ଗୀର ଅଫିସ, ୨୨।୬**

ବଲାଙ୍ଗୀର ବନଖଣ୍ଡ ତରଫରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଦୁଇଦିନିଆ ଜିଲାସ୍ତରୀୟ ହର୍ବାଲ କର୍ମଶାଳା ଓ କ୍ରେତା-ବିକ୍ରେତା ମିଳନ କାର୍ଯ୍ୟକ୍ରମ ଶନିବାର ଉଦ୍ଘାଟିତ ହୋଇଛି । ଜିଲା ମୁଖ୍ୟ ବନଖଣ୍ଡ ଅଧିକାରୀ ସମୀର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ପାର୍ବତୀ ବନୌଷଧିର ପୁଷ୍ପାଞ୍ଜଳି ଗୁରୁ, ଅତିଥି ଭାବେ ଗନ୍ଧମାର୍ଦ୍ଦନ ବନୌଷଧି ସଂଘ ସମ୍ପାଦକ ପ୍ରକୃତିବନ୍ଧୁ ବିଭୂତି ଭୂଷଣ ମୁଣ୍ଡ, କବି ସନ୍ଦୀପ କୁମାର କୁଅଁର, ଏସିଏଫ୍ ବାବାଜୀ ଚରଣ ରାଉଳ, ରେଞ୍ଜ ଅଧିକାରୀ ବିଜୟ କୁମାର ଖୁଣ୍ଟିଆ ମଞ୍ଚାସୀନ ଥିଲେ । ବନୌଷଧିର ଆବଶ୍ୟକତା ଓ ଜିଲାରେ ଏହାରସ୍ଥିତ ସମ୍ପର୍କରେ ଆଲୋଚନା ହୋଇଥିଲା। ମୁଖ୍ୟଅତିଥି ଗୁରୁ ତାଙ୍କ ବକ୍ତବ୍ୟରେ ଆୟୁର୍ବେଦର ବ୍ୟବହାର ଦ୍ୱାରା ଆମେ କିଭଳି ରୋଗମୁକ୍ତ ଜୀବନଯାପନ କରିପାରିବା କହିଥିଲେ । ଉଦ୍ଘାଟନୀ ସଭାକୁ ବୈଦ୍ୟ ଝସକେତନ ଗୁରୁ ପରିଚାଳନା କରିଥିଲେ। ଏହି ଅବସରରେ ଡିଏଫ୍ଓ ଶତପଥୀଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ଅନୁଷ୍ଠିତ କର୍ମଶାଳାରେ ବୈଦ୍ୟ ଭକ୍ତବନ୍ଧୁ ବିଶ୍ୱାଳ, ବିଭୁତି ଭୂଷଣ ମୁଣ୍ଡ, ବୈଦ୍ୟ ଶାନ୍ତନୁ କୁମାର ବୁଧିଆ, ଝସକେତନ ଗୁରୁ, ପବିତ୍ର ଶବର ବିସ୍ତୃତ ଆଲୋଚନା କରିଥିଲେ। ବନୌଷଧି ଚିହ୍ନଟ, ଜଙ୍ଗଲରେ ବନୌଷଧି ସଂଗ୍ରହରେ ସତର୍କତା, ଏହାର ଔଷଧ ପ୍ରସ୍ତୁତି ଓ କ୍ରୟ ବିକ୍ରୟ ଉପରେ ଆଲୋଚନା ହୋଇଥିଲା। ଏହି କର୍ମଶାଳରେ ଜିଲାର ବହୁ ବୈଦ୍ୟ ଅଂଶଗ୍ରହଣ କରି ମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ବନଖଣ୍ଡର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।



ଜିଲାସ୍ତରୀୟ ହର୍ବାଲ କର୍ମଶାଳାର ଉଦଘାଟନୀ ସଭାରେ ଡିଏଫ୍ଓ ସମୀର ଶତପଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ବର୍ଜ୍ୟବସ୍ତୁ ପରିଚାଳନା ତାଲିମ ଶିବିର

**କଣ୍ଟାବାଞ୍ଜି,୨୨।୬(ଡି.ଏନ.ଏ.):** କଣ୍ଟାବାଞ୍ଜି ଏନଏସି ଦ୍ୱାରା ସ୍ଥାନୀୟ କଲ୍ୟାଣ ମଣ୍ଡପରେ ବର୍ଜ୍ୟବସ୍ତୁ ପରିଚାଳନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ ଶିବିରରେ ସହରର ବିଭିନ୍ନ ସ୍ୱଂୟ ସହାୟକ ଗୋଷ୍ଠୀ, ସାମାଜିକ ଅନୁଷ୍ଠାନ, ବୁଦ୍ଧିଜୀବୀ ଓ ଏନଏସିର ସମସ୍ତ କର୍ମଚାରୀ ଏହି ତାଲିମ ଶିବିରରେ ସାମିଲ ହୋଇଥିଲେ। ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରିୟା ମିଶ୍ର ଏଥିରେ ଅଧକ୍ଷତା କରିଥିଲେ। ବିଧାୟକ ସନ୍ତୋଷ ସିଂ ସାଲୁଜା, ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକ, ଡୁଡା ଟିମ୍ ଲିଡର ପ୍ରବିର ଖୁଣ୍ଟିଆ, ସାନିଟେସନ ଏକ୍ସପର୍ଟ ସ୍ୱରୂପ ପଣ୍ଡା, ସିଏଲଟିସି ପ୍ରଫେସନାଲ ଅଶୋକ ପଣ୍ଡା, ଡିପିଏମୟୁ ଜ୍ଞାନରଞ୍ଜନ ସାହୁ, ଇଂ. ଅଶୋକ କୁମାର ପଟ୍ଟନାୟକ ମଞ୍ଚାସୀନ ଥିଲେ । ସହରର ବର୍ଜ୍ୟବସ୍ତୁକୁ ଠିକ୍ ରୂପେ ନିୟନ୍ତ୍ରଣ କରାଗଲେ ହିଁ ସହର ସରସ ସୁନ୍ଦର ହୋଇ ପାରିବ । କାର୍ଯ୍ୟାଳୟର କର୍ମଚାରୀଙ୍କୁ ନଗରବାସୀ ସଂପୂର୍ଣ୍ଣ ସହଯୋଗ କଲେ ହିଁ ଏହା ସମ୍ଭବ ବୋଲି ନିର୍ବାହୀ ଅଧିକାରୀ ଏବଂ ବିଧାୟକ ସାଲୁଜା ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମଟିକୁ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏବଂ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ନୋଡାଲ ଅଫିସର ଚନ୍ଦ୍ରଶେଖର ଭୋଇ ସଂପୂର୍ଣ୍ଣ ସହଯୋଗ କରିଥିଲେ ।

**ଫଟୋରେ ଖବର**



ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ବୁଢୀବାହାଲ ଗାଁରେ ରଥଯାତ୍ରା ପାଇଁ ରଥ ନିର୍ମାଣ ଚାଲିଛି।

■ କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ବିଚାର ମନ୍ଥନ ସମ୍ମିଳନୀ

# ସମ୍ପ୍ରସାରିତ, କ୍ରିୟାଶୀଳ ହେବ କୋସଲ ଆନ୍ଦୋଳନ

**ବଲାଙ୍ଗୀର ଅଫିସ, ୨୨।୬**

କୋସଲ ରାଜ୍ୟ ସମନ୍ୱୟ ସମିତି ଲୋକସଭା ମଣ୍ଡଳୀ ଜୋନ ପକ୍ଷରୁ ଶନିବାର ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ବିଚାର ମନ୍ଥନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ବଲାଙ୍ଗୀର, ଟିଟିଲାଗଡ ଓ ସୁବର୍ଣ୍ଣପୁର ସାଙ୍ଗଠନିକ ଜିଲାର ବହୁ ନେତୃସ୍ଥାନୀୟ ସଙ୍ଗଠକ ଯୋଗଦେଇ ଆଗାମୀ ଦିନରେ କୋସଲ ଆନ୍ଦୋଳନକୁ ସମ୍ପ୍ରସାରିତ ଓ କ୍ରିୟାଶୀଳ କରିବା ପାଇଁ ମତ ପ୍ରକାଶ କରିଥିଲେ । ସମନ୍ୱୟ ସମିତି କେନ୍ଦ୍ରୀୟ ସଭାପତି ମଣ୍ଡଳୀ ସଦସ୍ୟ ପୂର୍ବତନ ମନ୍ତ୍ରୀ କାର୍ତ୍ତିକ ପ୍ରସାଦ ତରିଆ, ବଲାଙ୍ଗୀର ଜିଲା ସଭାପତି ବିକ୍ରମାନନ୍ଦ ବହିଦାର, ଆଦିବାସୀ ନେତା ବ୍ରଜକିଶୋର ସିଂଭୋଇ ସଭା ପରିଚାଳନା କରିଥିଲେ । ସମନ୍ୱୟ ସମିତି କେନ୍ଦ୍ରୀୟ ଉପାଧକ୍ଷ ମନୋରଞ୍ଜନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟଅତିଥି ଭାବେ ଯୋଗଦେଇ ସମନ୍ୱୟ ସମିତି ଅଧକ୍ଷ ପ୍ରମୋଦ କୁମାର ମିଶ୍ର କୋସଲ ଆନ୍ଦୋଳନକୁ ଗତାନୁଗତିକ ଧାରାରେ ନ ନେଇ ନୂଆ ରଣକୌଶଳରେ ପରିଚାଳନା କରିବାକୁ କହିଥିଲେ । ୨୦୨୨ ସୁଦ୍ଧା କୋସଲ ଆନ୍ଦୋଳନକୁ ବ୍ୟାପକ କରିବାକୁ ଜୋର ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ନେତା ନିରଞ୍ଜନ ବିଶି, ସୋନପୁର ଜିଲାର କିଶୋର ହୋତା, ଗୋପଭୂଷଣ ନାଥ, ଶରତ କୁମାର ହୋତା, ଶ୍ୟାମ ସୁନ୍ଦର ଭୋଇ, ଭରତ ପୃଷ୍ଟି, ଧୀରେନ୍ଦ୍ର ନାରାୟଣ ସିଂଦେଓ, ରବି ମିଶ୍ର, ରିଲୁ ରଥ, ବିନୋଦ କାଲସାଏ, ପ୍ରସନ୍ନ ନେଗୀ, ସବ୍ୟସାଚୀ ପୂଝାରୀ, ଶଙ୍କର ପାଣିଗ୍ରାହୀ, ପ୍ରୀତମ ଠାକୁର, ପ୍ରାଣଶଙ୍କର ରାଉତ, ହିତାଂଶୁ ସାହୁ, ଆଶ୍ରୟ ମହାନନ୍ଦ, ଲାଲମୋହନ ନାଗ ଆଲୋଚନା ଅଂଶଗ୍ରହଣ କରିଥିଲେ । ସମ୍ମିଳନୀରେ ଆଗାମୀ ଜୁଲାଇ ମାସରେ ସମନ୍ୱୟ ସମିତିର ଏକ ଜୋନସ୍ତରୀୟ ସାଧାରଣ ସମ୍ମିଳନୀ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା । କେନ୍ଦ୍ରୀୟ ସଂଗଠନ ପକ୍ଷରୁ ଖୁବ୍ ଶୀଘ୍ର ଏକ ପ୍ରତିନିଧି ମଣ୍ଡଳୀ ଦିଲ୍ଲୀ ଯାଇ ସରକାରଙ୍କ ସହ ଆଲୋଚନା କରିବା ଓ କୋସଲାଞ୍ଚଳର ସାଂସଦମାନଙ୍କୁ କୋସଲ ଆନ୍ଦୋଳନକୁ ସମର୍ଥନ କରିବା ପାଇଁ ଆଗ୍ରହ କରାଯିବା ସକାଶେ ପ୍ରସ୍ତାବ ଆଗତ ହୋଇଥିଲା । ଏହି ସମ୍ମିଳନୀରେ ଜୋନର ସାଂଗଠନିକ ପରିଚାଳନା ପାଇଁ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଥିଲା। ଜୋନର ସଂଯୋଜକ ଭାବେ ଶରତ କୁମାର ହୋତା ଓ ଯୁଗ୍ମ ସଂଯୋଜକ ଭାବେ କିଶୋର ହୋତା (ସୋନପୁର), ବିକାଶ ଚନ୍ଦ୍ର ପାଢୀ (ଟିଟିଲାଗଡ) ଓ ରବି ଶଙ୍କର ମିଶ୍ର (ବଲାଙ୍ଗୀର)ଙ୍କୁ ମନୋନୀତ କରାଯାଇଥିଲା। ଯୁବ ସଂଗଠନକୁ ସଞ୍ଚାଳନ କରିବା ପାଇଁ ବିନୋଦ କାଲସାଏଙ୍କୁ ବଲାଙ୍ଗୀର ଜୋନ ସଂଯୋଜକ ଭାବେ ଓ ଯୁବନେତା ଆଶ୍ରୟ ମହାନନ୍ଦ ଓ ପ୍ରୀତମ ଠାକୁରଙ୍କୁ ଯୁଗ୍ମ ସଂଯୋଜକ ଭାବେ ମନୋନୀତ କରାଯାଇଥିଲା।




କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଅନୁଷ୍ଠିତ ବିଚାର ମନ୍ଥନ ସମ୍ମିଳନୀରେ ମଞ୍ଚାସୀନ ଅତିଥି ।